# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ଏଲଓସିରୁ ତଳକୁ ବୁନ୍ଦାଏ ପାଣି ଯିବନି | ୬



ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୭ Vol. 22 No-47 18 MAY 2025 SUNDAY, BHUBANESWAR ରବିବାର, ୧୮ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସେନାକୁ ଜରୁରି ଅସ୍ତ୍ରଶସ୍ତ୍ର କ୍ରୟ କ୍ଷମତା

ନୂଆଦିଲ୍ଲୀ, ୧୭।୫: ଜାମ୍ମୁକାଶ୍ମୀରର ପହଲଗାମ ଆତଙ୍କୀ ଆକ୍ରମଣ ପରେ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସେନାକୁ ଜରୁରି ଅସ୍ତ୍ରଶସ୍ତ୍ର କ୍ରୟ କ୍ଷମତା ପ୍ରଦାନ କରାଯାଇଛି। ଏହି ଅସ୍ତ୍ରଶସ୍ତ୍ର କ୍ରୟପାଇଁ ୪୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ଜଣାପଡ଼ିଛି। ଏଥିରେ ସେନା ସର୍ଭେଲାନ୍ସ ଡ୍ରୋନଠାରୁ ଆରମ୍ଭ କରି ଯୁଦ୍ଧାସ୍ତ୍ର, ତୋପ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବାର ଯୋଜନା ରହିଛି।

### ୨୦ ମାଓବାଦୀ ଗିରଫ

ହାଇଦ୍ରାବାଦ, ୧୭।୫: ତେଲଙ୍ଗାନାର ମୁଲୁଗି ଜିଲ୍ଲାରେ ୨୦ ମାଓବାଦୀଙ୍କୁ ସୁରକ୍ଷାକର୍ମୀ ଗିରଫ କରିଛନ୍ତି। ସେମାନେ ବଡ଼ଧରଣର ହିଂସାପାଇଁ ଯୋଜନା କରୁଥିଲେ। ଗିରଫ ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିସି ଏବଂ ଅନ୍ୟ ୫ଜଣ ଏସିଏମ୍ ସଦସ୍ୟ ବୋଲି ସୂଚନା ଦିଆଯାଇଛି। ସେମାନଙ୍କଠାରୁ ୧୨ ବନ୍ଧୁକ, ୧୬ ଗୁଳି ଓ ଦୁଇଟି ଗ୍ରେନେଡ ଜବତ କରାଯାଇଛି।


### ୫୫ ଦିନରେ ଯୌନ ନିର୍ଯାତନା ମାମଲା ରାୟ

ଝାରସୁଗୁଡ଼ା, ୧୭।୫ (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳରେ ଘଟିଥିବା ଏକ ଯୌନ ନିର୍ଯାତନା ମାମଲାର ରାୟ ୫୫ଦିନ ମଧ୍ୟରେ ପ୍ରକାଶ ପାଇଛି। ଏହି ଘଟଣାରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷୀକୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲା ରୁଜୁ ହେବାର ୫୫ଦିନ ମଧ୍ୟରେ ରାୟ ପ୍ରକାଶ ପାଇଥିବାରୁ ବିଭିନ୍ନ ମହଲରେ ଅଦାଲତର କାର୍ଯ୍ୟଧାରାକୁ ପ୍ରଶଂସା କରାଯାଇଛି।

ସେନ୍‌ସେକ୍ସ: ୮୨,୩୩୦.୫୯
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

### ୧୭।୫।୨୦୨୫ ର ମତାମତ

ପାକିସ୍ତାନକୁ ତୁର୍କୀ ସହାୟତା ଦେଇଥିବାରୁ ସବୁ ସ୍ତରରେ ତାକୁ ବ୍ୟାନ୍ ଉଚିତ ନୁହେଁ କି ?




### ଆଜିର ପ୍ରସଙ୍ଗ

ଲାଞ୍ଚୁଆ ଅଧିକାରୀମାନଙ୍କୁ ସେମାନଙ୍କ ପଦବୀରୁ ତୁରନ୍ତ ବହିଷ୍କାର କରାଯିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ସତ ମାନିଲା ପାକିସ୍ତାନ

# ଭାରତ ଦେଇଛି ଶକ୍ତ ପ୍ରହାର




ଅସ୍ତ୍ରବିରତିର ୬ଦିନ ପରେ ସ୍ୱୀକାରୋକ୍ତି

ନୁର୍‌ଖାନ ଏୟାରବେସ୍‌ରେ ପ୍ରଚଣ୍ଡ ଆକ୍ରମଣ

ପାକିସ୍ତାନର ବ୍ୟାପକ କ୍ଷତି, ଛାରଖାର

ନୂଆଦିଲ୍ଲୀ, ୧୭।୫: ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତିର ୬ଦିନ ପରେ ସତ ମାନିଛି ପାକିସ୍ତାନ। ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହ୍‌ବାଜ ସରିଫ କହିଛନ୍ତି ଯେ ଅପରେସନ ସିନ୍ଦୂରରେ ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ଘଟିଛି। ଅପରେସନ ସିନ୍ଦୂରର ୧୦ଦିନ ଓ ଅସ୍ତ୍ରବିରତିର ୬ଦିନ ପରେ ସେହ୍‌ବାଜ ଏହି ସତକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ପାକିସ୍ତାନର ନୁରଖାନ ଏୟାରବେସ ଉପରେ ଭାରତ ପକ୍ଷରୁ ପ୍ରଚଣ୍ଡ ଆକ୍ରମଣ କରାଯାଇଥିଲା। ପୂର୍ବରୁ ସତ ମାନିବାକୁ ନାରାଜ ଥିବା ପାକିସ୍ତାନ ମିଛରେ ନିଜ ଦେଶର ବିଜୟ ହୋଇଛି ବୋଲି କହି ଖୁସି ମନାଉଥିବାବେଳେ ନିଜେ ପ୍ରଧାନମନ୍ତ୍ରୀ ସେହ୍‌ବାଜ ପାକ୍ ସେନାଙ୍କ ସାହସିକତାକୁ ନେଇ ଏକ ବହି ଲେଖିବେ ବୋଲି ଘୋଷଣା କରିଥିଲେ। ହେଲେ ପାକିସ୍ତାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେହ୍‌ବାଜ ନିଜେ କହିଛନ୍ତି ଯେ ଗତ ୧୦ତାରିଖ ରାତି ୨.୩୦ରେ ପାକ୍ ସେନାମୁଖ୍ୟ ଅସୀମ ମୁନିର ଫୋନ୍ କରି ଭାରତର ମିସାଇଲ ଆକ୍ରମଣ ସଂପର୍କରେ ମୋତେ ସୂଚନା ଦେଇଥିଲେ। ମୁନିର କହିଥିଲେ ଯେ ଭାରତୀୟ ସେନା ପାକିସ୍ତାନର ନୁରଖାନ ଏୟାରବେସ ଓ ଅନ୍ୟ କେତେକ ଅଞ୍ଚଳରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଏଭଳି ବୟାନରୁ ସ୍ପଷ୍ଟ ହୋଇଛି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା ପାକିସ୍ତାନ ଉପରେ ଜୋରଦାର ଆକ୍ରମଣ କରିଥିଲା। ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ପାକିସ୍ତାନ ପାକ୍ ଏୟାରବେସ୍ ଉପରେ ଭାରତର ଆକ୍ରମଣକୁ • ପୃଷ୍ଠା ୫ ଦେଖନ୍ତୁ

### ପାକିସ୍ତାନ ଭୟଭୀତ: ଶାହ




ଗାନ୍ଧୀନଗର, ୧୭।୫: ଅପରେସନ ସିନ୍ଦୂର ପରେ ପାକିସ୍ତାନ ସଂପୂର୍ଣ୍ଣ ଭୟଭୀତ ହୋଇପଡ଼ିଛି। ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନକୁ ଟାର୍ଗେଟ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆମେ ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦୀ ସଂଗଠନ ଜୈଶ ଓ ଲସ୍କରର ମୁଖ୍ୟାଳୟକୁ ଧ୍ୱଂସ କରିବାରେ ସମର୍ଥ ହୋଇପାରିଛୁ। ପାକିସ୍ତାନର ୧୦୦ କିମି ଭିତରେ ପଶି ଆକ୍ରମଣ କରିଛୁ। ପାକିସ୍ତାନ ଆମ ସେନାର ସାହସ ଓ ପରାକ୍ରମ ଦେଖି ଭୟଭୀତ ହୋଇପଡ଼ିଛି। ୨୦୧୪ ପୂର୍ବରୁ ଦେଶରେ ଆତଙ୍କୀ କାର୍ଯ୍ୟକଳାପ ଚାଲୁ ରହିଥିଲେ ମଧ୍ୟ ସେତେବେଳର ସରକାର କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନଥିଲେ। କିନ୍ତୁ ଆମେ ଏହାର କଡ଼ା ଜବାବ ଦେଉଛୁ। ପାକିସ୍ତାନ ପରମାଣୁ ଅସ୍ତ୍ରର ବ୍ୟବହାର ନେଇ ଯେଉଁ ଧମକ ଦେଉଛି ତାହାକୁ ଆମେ ଖାତିର କରୁନାହୁଁ ବୋଲି ଶାହ ଦୃଢ଼ୋକ୍ତି ବାଢ଼ିଥିଲେ। ଶାହ କହିଥିଲେ ଯେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସେନାମୁଖ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ବଙ୍କରରେ ଲୁଚିବାକୁ ବାଧ୍ୟ ହୋଇଥିଲେ। ଆମ ସେନା ଇଟାର ଜବାବ ପଥରରେ ଦେଇଛନ୍ତି। ସେନା ଯୋଗୁ ଆମର ମଥା ଆଜି ଉଚ୍ଚା ହୋଇଛି। ଆମ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ମଜବୁତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ବିକଶିତ କରିବା କ୍ଷେତ୍ରରେ କୌଣସି ଅବହେଳା କରିନାହାନ୍ତି। ଦେଶକୁ ସୁରକ୍ଷିତ ରଖିବା କାର୍ଯ୍ୟ ପ୍ରଧାନମନ୍ତ୍ରୀ କରିଛନ୍ତି। ପୂର୍ବରୁ ବହୁ ଆତଙ୍କବାଦୀମାନେ ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିଲେ। କିନ୍ତୁ ସେତେବେଳର ସରକାର ପଦକ୍ଷେପ ନ ନେଇ ଚୁପ୍‌ଚାପ୍ ବସିଥିଲେ।



ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁରଠାରେ ଆୟୋଜିତ ଅପରେସନ ସିନ୍ଦୂର ତ୍ରିରଙ୍ଗା ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

## ନୂଆ ଭାରିଆଣ୍ଟକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା

# ମାରାତ୍ମକ ନୁହେଁ, ସତର୍କ ରୁହ



ଭୁବନେଶ୍ୱର, ୧୭।୫ (ଭାସ୍କର ନ୍ୟୁଜ): କରୋନାର ନୂଆ ଭାରିଆଣ୍ଟ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ସେମାନେ କହିଛନ୍ତି, ଏବେ ଦକ୍ଷିଣ-ପୂର୍ବ ଏସିଆରେ କରୋନାର ନୂଆ ଭାରିଆଣ୍ଟ ସଂକ୍ରମଣ ବ୍ୟାପକ ହେବାରେ ଲାଗିଛି। ବିଶେଷକରି ହଂକଂ, ସିଙ୍ଗାପୁର, ଥାଇଲାଣ୍ଡ ଭଳି ଦେଶରେ ଦ୍ରୁତଗତିରେ ସଂକ୍ରମଣ ବଢ଼ୁଥିବା ଦେଖିବାକୁ ମିଳୁଛି। ତେବେ ଏହି ନୂଆ ଭାରିଆଣ୍ଟ ହେଉଛି ଏଲଏଫ-୭ ଓ ଏନବି ୧.୮। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ଏହି ନୂଆ ଭାରିଆଣ୍ଟର • ପୃଷ୍ଠା ୫ ଦେଖନ୍ତୁ

## ଇସ୍ରୋ ପକ୍ଷରୁ କାଉଣ୍ଟଡାଉନ୍ ଆରମ୍ଭ

# ଆଜି ଲଞ୍ଚ୍ ହେବ ଇଓଏସ୍-୯ ମିଶନ୍



ଶ୍ରୀହରିକୋଟା, ୧୭।୫: ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ପକ୍ଷରୁ ପିଏସ୍‌ଏଲଭି-୬୧/ ଇଓଏସ୍-୯ ମିଶନ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି। ଆସନ୍ତା ୧୮ ତାରିଖ ଅର୍ଥାତ୍ ରବିବାର ସକାଳ ୫.୫୯ରେ ସତୀଶଧାୱନ ମହାକାଶ କେନ୍ଦ୍ର ଶ୍ରୀହରିକୋଟାରୁ ଏହା ଲଞ୍ଚ ହେବ। ଏହା ଇସ୍ରୋର ୧୦୧ତମ ଉତ୍କ୍ଷେପଣ। ପିଏସଏଲଭି-ସି-୬୧ ମିଶନ ଇଓଏସ୍-୯କୁ ଉପଗ୍ରହକୁ ନେଇଯିବ। ଏହା ଏକ ଉନ୍ନତ ରାଡାର ଇମେଜିଂ ଉପଗ୍ରହ। ଏହାର ଓଜନ ୧୭୧୦ କିଲୋଗ୍ରାମ। ସି-ବ୍ୟାଣ୍ଡ୍ ସିନ୍ଥେଟିକ୍ ଅପର୍ଚର ରାଡାର ଏହାକୁ ଦିନରାତି ଯେକୌଣସି ପାଣିପାଗରେ ହାଇ ରିଜ୍ୟୁଲେସନ ଚିତ୍ର ନେବାରେ ସାହାଯ୍ୟ କରିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି, ଜଙ୍ଗଲ ଉପରେ ନଜର, ବିପର୍ଯ୍ୟୟ ପ୍ରବନ୍ଧନ, ସହରୀ ଯୋଜନା ଓ ରାଷ୍ଟ୍ରୀୟ ସୁରକ୍ଷାଭଳି କ୍ଷେତ୍ରରେ ସାହାଯ୍ୟ କରିବା । ଖାସ୍‌କରି ପହଲଗାମ ଭଳି ଆତଙ୍କବାଦୀ କାଣ୍ଡ, ଜାମ୍ମୁକାଶ୍ମୀରରେ ଆତଙ୍କୀ ଆକ୍ରମଣ ଉପରେ ମଧ୍ୟ ଏହା ନଜର ରଖିପାରିବ। ସମ୍ବେଦନଶୀଳ ସୀମା ଓ ତଟୀୟ କ୍ଷେତ୍ରରେ ସୁରକ୍ଷାକୁ ଅଧିକ ବୃଦ୍ଧିପାଇଁ ଏହି ଉପଗ୍ରହକୁ ତୁରନ୍ତ ଲଞ୍ଚ କରିବା ପାଇଁ ଯୋଜନା କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଗୁପ୍ତଚର ଉପଗ୍ରହ ବେଙ୍ଗାଲୁରୁରେ ଥିବା ଇସ୍ରୋର ୟୁଆର ରାଓ ଉପଗ୍ରହ କେନ୍ଦ୍ରଦ୍ୱାରା ଡିଜାଇନ କରାଯାଇଛି। ଇଓଏସ-୯ ଭାରତର ମହାକାଶରେ ଥିବା ୫୭ରୁ ଅଧିକ ଉପଗ୍ରହ ସହ କାର୍ଯ୍ୟ କରିବ। ଏହାମଧ୍ୟରେ କକ୍ଷପଥରେ ଥିବା • ପୃଷ୍ଠା ୫ ଦେଖନ୍ତୁ

## ରାଷ୍ଟ୍ରପତିଙ୍କ ଆପତ୍ତି ପରେ

# ବଦଳିବ କି ସୁପ୍ରିମକୋର୍ଟଙ୍କ ରାୟ !





ନୂଆଦିଲ୍ଲୀ, ୧୭।୫: ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଧେୟକ ଉପରେ ନିଷ୍ପତ୍ତି ନେବାପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ନିର୍ଦ୍ଧାରିତ ସମୟସୀମା ଦେଶର ସର୍ବୋଚ୍ଚ ଅଦାଲତ ସ୍ଥିର କରିପାରିବେ କି? ଏ ନେଇ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୩(୧) ଅନୁଯାୟୀ ସୁପ୍ରିମକୋର୍ଟଙ୍କଠାରୁ ପରାମର୍ଶ ଲୋଡ଼ିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗତ ଏପ୍ରିଲ ୮ ତାରିଖରେ ସର୍ବୋଚ୍ଚ ଅଦାଲତ ଏହି ଐତିହାସିକ ରାୟ ପ୍ରକାଶ କରି କହିଥିଲେ ଯେ ରାଜ୍ୟପାଳଙ୍କ ଦ୍ୱାରା ପଠାଯାଇଥିବା ବିଧେୟକ ଉପରେ ତିନିମାସ ମଧ୍ୟରେ ରାଷ୍ଟ୍ରପତି ନିଷ୍ପତ୍ତି ନେବେ। ଯଦି ଧାର୍ଯ୍ୟ ସମୟରୁ ବିଳମ୍ବ ହୁଏ ତେବେ ସଂପୃକ୍ତ ରାଜ୍ୟକୁ କାରଣ ଦର୍ଶାଇବେ ବୋଲି ସୁପ୍ରିମକୋର୍ଟ ରାୟରେ କହିଥିଲେ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୩(୧)ରେ ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟଙ୍କ ପରାମର୍ଶ ନେଇପାରିବେ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ମାନିବାକୁ ରାଷ୍ଟ୍ରପତି ବାଧ୍ୟ ନୁହନ୍ତି। ହେଲେ ଏହାର ସାମ୍ବିଧାନିକ ମହତ୍ୱ ଅଧିକ ରହିଛି। ସୁପ୍ରିମକୋର୍ଟ ଏହି ପରାମର୍ଶକୁ ଧାରା ୧୪୫(୩) ଆଧାରରେ ୫ଜଣିଆ ଖଣ୍ଡପୀଠଦ୍ୱାରା ଦେଇଥାନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ନେଇ ରାଷ୍ଟ୍ରପତି ଗତ ୧୩ ତାରିଖରେ ସର୍ବୋଚ୍ଚ ଅଦାଲତଙ୍କୁ ୧୪ଟି ଆଇନଗତ ପ୍ରଶ୍ନ କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଦୁଇଥର ରାଷ୍ଟ୍ରପତିଙ୍କ ପ୍ରଶ୍ନ ଉପରେ ଜବାବ ଦେବାକୁ ମନା କରିଥିଲେ। ୧୯୯୩ରେ ରାମ ଜନ୍ମଭୂମି-ବାବ୍ରୀ ମସଜିଦ ବିବାଦରେ ମନ୍ଦିରର ପୂର୍ବସ୍ଥିତିକୁ ନେଇ ରାୟ ମାଗିଥିଲେ, ଯାହାକୁ ସୁପ୍ରିମକୋର୍ଟ ଧାର୍ମିକ ଓ ସାମ୍ବିଧାନିକ ମୂଲ୍ୟର ବିପରୀତ ବୋଲି କହି ଖାରଜ କରି ଦେଇଥିଲେ। ଏହା ପୂର୍ବରୁ ରାଷ୍ଟ୍ରପତି ୧୯୮୨ରେ ପାକିସ୍ତାନରୁ ଆସିଥିବା ପ୍ରବାସୀଙ୍କ ପୁନର୍ବାସ ସମ୍ବନ୍ଧୀୟ ଆଇନ ଉପରେ ରାୟ ମାଗିଥିଲେ। ମାତ୍ର ପରେ ଏହି ଆଇନ ପାରିତ ହୋଇଥିଲା ଓ କୋର୍ଟରେ ମଧ୍ୟ ମାମଲା ଦାଏର ହୋଇଥିଲା। ଯାହାଫଳରେ ରାୟ ଅପ୍ରାସଙ୍ଗିକ ହୋଇଯାଇଥିଲା। ସୁପ୍ରିମକୋର୍ଟ ପ୍ରଥମରୁ ସ୍ପଷ୍ଟକରି ସାରିଛନ୍ତି ଯେ ଅନୁଚ୍ଛେଦ ୧୪୩କୁ ବ୍ୟବହାର ପୂର୍ବରୁ ଦିଆଯାଇଥିବା ନିର୍ଣ୍ଣୟକୁ ସମୀକ୍ଷା କିମ୍ବା ବଦଳାଇ ହେବ ନାହିଁ। ୧୯୯୧ ମସିହାରେ କାବେରୀ ଜଳବିବାଦରେ କୋର୍ଟ କହିଥିଲେ ଯେ ରାୟ ଶୁଣିବା ପରେ ସମାନ ମାମଲାରେ ରାଷ୍ଟ୍ରପତିଙ୍କୁ ରାୟ ମାଗିବା ନ୍ୟାୟପାଳିକାର ଗରିମା ବିରୋଧୀ। ଯଦି ସରକାର ଚାହିଁବେ ଏହା ଉପରେ ପୁନର୍ବିଚାର ଯାଚିକା ଆବେଦନ କରିପାରିବେ। ଯାହା ନ୍ୟାୟିକ ପ୍ରକ୍ରିୟା ଏକ ଅଂଶ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ



ଓଏଏସ ପାଠୁଁ ବଡ଼ ଏକ ପାଠ
ପଢାଇଲେ ଆମ ଗୁରୁଜୀ,
ବିଡ଼ିଓ ହେଲେ ବି ହିସାବରେ ରୁହ
କରନାହିଁ ମନ ମରଜି ।
ହେଇଯାଅ ସବୁ ଦରଜୀ,
ଯେତେ ଯହିଁ ଅଛି ଛିଡ଼ାମିରା, ଫଟା
ସଜାଡ଼ ହେଇକି ଫଉଜି !!

## ପାଣିପାଗ ବିଭାଗର ସୂଚନା

# ୪ ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ଜାରି



ଭୁବନେଶ୍ୱର, ୧୭।୫ (ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଯୋଗୁ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ବହିଛି। କନ୍ଧମାଳ, ଗଜପତି, ଗଞ୍ଜାମ ଓ ରାୟଗଡ଼ାରେ ଗତ କିଛିଦିନ ହେବ କାଳବୈଶାଖୀର ପ୍ରଭାବ ଜାରି ରହିଛି। ସେହିପରି ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳରେ ମଧ୍ୟ କାଳବୈଶାଖୀ ତାଣ୍ଡବ ରଚିଛି। ଶନିବାର ରାଜଧାନୀ ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀ ଯୋଗୁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। • ପୃଷ୍ଠା ୫ ଦେଖନ୍ତୁ

## ବିଶ୍ୱସ୍ତରରେ ପାକିସ୍ତାନକୁ ଘେରିବ ଭାରତ

# ଗଠନ ହେଲା ୭ଟି ସର୍ବଦଳୀୟ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୧୭।୫: ଏଣିକି ଖାଲି ଦୁଇ ଦେଶ ଭିତରେ ନୁହେଁ ପୂରା ବିଶ୍ୱ ସ୍ତରରେ ପାକିସ୍ତାନକୁ ଘେରିବ ଭାରତ। ଆରମ୍ଭ ହେଲା ପାକିସ୍ତାନ ଉପରେ ପୁନଶ୍ଚ କୂଟନୈତିକ ପ୍ରହାର କରିବାର ପ୍ରକ୍ରିୟା । ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ବାର୍ତ୍ତା ନେଇ ସାରା ବିଶ୍ୱ ବୁଲିବେ ଭାରତର ସାଂସଦ । ଆତଙ୍କବାଦ ବିରୋଧୀ ବାର୍ତ୍ତା ବାଣ୍ଟିବା ନେଇ ଗଠନ ହେଲା ସର୍ବଦଳୀୟ ପ୍ରତିନିଧି ଦଳ । ବିଶ୍ୱ ସମୁଦାୟ ଆଗରେ ପାକିସ୍ତାନର ଅସଲ ମୁଖା ଖୋଲିବାକୁ ଗଠନ ହେଲା ଦଳ । ଏହି ଦଳର ସଦସ୍ୟମାନେ ପାକିସ୍ତାନର ଆତଙ୍କୀ ପ୍ରୀତି ସହ ଅପରେସନ ସିନ୍ଦୂର ବାବଦରେ ବିଶ୍ୱର ବଡ ବଡ ଦେଶକୁ ଗସ୍ତ କରି ବଖାଣିବେ । ତେବେ ବିଦେଶ ଗସ୍ତ ପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଗଠନ ହୋଇଛି । ପ୍ରତି ଦଳର ନେତୃତ୍ୱ ନେବେ ୭ ଜଣ ବରିଷ୍ଠ ସାଂସଦ । ତେବେ କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ କୁମାର ଝା, ଡିଏମକେର କାନିମୋଝି କରଣାନିଧି, ଏନସିପିର ସୁପ୍ରିୟା ସୋଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରତି ଦଳର ନେତୃତ୍ୱ ନେବା ନେବେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଦେଶ ଗସ୍ତକୁ ସଂଯୋଜନା କରୁଥିବା ବେଳେ ଏଥିରେ ସବୁ ଦଳର ସାଂସଦଙ୍କୁ ସାମିଲ କରାଯାଇଛି । ଆମେରିକା, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, କତାର, ୟୁଏଇ ଭଳି ସହଯୋଗୀ ରାଷ୍ଟ୍ରକୁ ଗସ୍ତ କରିବେ । ମେ' ୨୨ ତାରିଖରୁ ଏହି ଗସ୍ତ ଆରମ୍ଭ ହେବାର ସୂଚନା ରହିଛି । ତେବେ କିରଣ ରିଜିଜୁ ନିଜ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି- ଆତଙ୍କବାଦ ବିରୋଧରେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଭାରତ ଏକାଠି ଠିଆ ହୋଇଛି। ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାର ବାର୍ତ୍ତା ବହନ କରି ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଖୁବ୍ ଶୀଘ୍ର ପ୍ରମୁଖ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। ଏହି ଏକତା ରାଜନୀତିର ଉପରେ ଏବଂ ଭିନ୍ନତାର ଉପରେ ବୋଲି • ପୃଷ୍ଠା ୫ ଦେଖନ୍ତୁ

## ଗୁପ୍ତଚର ବୃତ୍ତି ଅଭିଯୋଗ

# ମହିଳା ୟୁଟ୍ୟୁବର ଗିରଫ



ହିସାର, ୧୭।୫: ପାକିସ୍ତାନ ପାଇଁ ଗୁପ୍ତଚର ବୃତ୍ତି ଅଭିଯୋଗରେ ହରିଆଣାର ମହିଳା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଛି। ତାଙ୍କ ସହ ପଞ୍ଜାବ ଓ ହରିଆଣାର ମାରେଲ କୋଟଲାରୁ ମୋଟ ୬ଜଣ ଗୁପ୍ତଚରଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଜ୍ୟୋତି ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ଦାନିସ ନାମକ ଜଣେ ଅଧିକାରୀଙ୍କ ସଂପର୍କରେ ରହିଥିଲେ ଏବଂ ଜ୍ୟୋତି ଦେଉଥିବା ତଥ୍ୟକୁ ସେ ପାକିସ୍ତାନକୁ ପଠାଉଥିଲେ। ଜ୍ୟୋତି ମାଲହୋତ୍ରା ନିଜର ଟ୍ରାଭେଲ ଚାନେଲ ଚଳାନ୍ତି ଓ ସେ ମଧ୍ୟ ପାକିସ୍ତାନ ଯାଇଥିବା ପୋଲିସ ସୂଚନା ଦେଇଛି। ତେବେ ଜ୍ୟୋତିଙ୍କ ପାକିସ୍ତାନ ଗସ୍ତ ସମୟରେ ସେଠାରେ ସେ ଅନେକ ଗୁପ୍ତ ସୂଚନା ସେୟାର କରିଥିଲେ ବୋଲି ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଜ୍ୟୋତିଙ୍କୁ ପଚରାଉଚୁରା ସମୟରେ ସେ କହିଥିଲେ ଯେ ତାଙ୍କର ଟ୍ରାଭେଲ ୱିଥ୍ ଜୋ ନାମକ ୟୁଟ୍ୟୁବରେ ଏକ ଚାନେଲ ଅଛି। • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
# ରାଜ୍ୟ ଖବର



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): ଆତଙ୍କବାଦୀ ବିରୋଧୀ ଅଭିଯାନ ଅପରେସନ୍ ସିନ୍ଦୂରର ସଫଳତା ପରେ ଶୁକ୍ରବାର କେନ୍ଦ୍ରାପଡାରେ ଭାରତୀୟ ବୀର ଯବାନମାନଙ୍କ ସାହସିକ ପଦକ୍ଷେପକୁ ସମ୍ମାନ ଜଣାଇ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାକୁ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଏବଂ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସକାଳ ୯ଟାରେ ନୂଆ ବସ୍‌ଷ୍ଟାଣ୍ଡ ପାଖରୁ ଏହି ଶୋଭାଯାତ୍ରା ବାହାରି ବାଲାବାବା ମଠ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ପ୍ରଶାସନିକ ଅଧିକାରୀ, ଅବସରପ୍ରାପ୍ତ ସୈନିକ ସଂଘ, ପୋଲିସ କର୍ମଚାରୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ସାଧାରଣ ଜନତା ଓ ଛାତ୍ରଛାତ୍ରୀମାନେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରଂ ଧ୍ୱନି ସହିତ ଦେଶ ଭକ୍ତି ଗୀତର ତାଳେ ତାଳେ ସହର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ଭୁବନମୋହନ ଜେନା, ଲଳିତ ବେହେରା, ସୁରେଶ ଚନ୍ଦ୍ର ସାହୁ, ସୁନାକର ବେହେରା, ସଂଖ୍ୟାଲଘୁ ନେତା ମହମ୍ମଦ ସଲିମ୍ ଖାନ୍, ଦୁର୍ଯ୍ୟୋଧନ ସାହୁ, ବିଜେପି ନେତା ସୟଦ୍ ଫର୍ମାନ୍ ଅଲ୍ଲୀ(ବାସା), ଶଶାଙ୍କ ସେଠୀ, ଅଭିମନ୍ୟୁ ଗୋଚ୍ଛାୟତ, କାଶୀନାଥ ରାଉତରାୟ, ଉପିନ ରାଉତ, ଗଗନବିହାରୀ ସାହୁ, ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।



## ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଣାସ (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ନୂତନ ଶିକ୍ଷା ଅଧିକାରୀ ଭାବରେ ଯୋଗ ଦେଇଥିବା ରାମଚନ୍ଦ୍ର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତ ବଡାସ ଗ୍ରାମର ମା' ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ କଣାସ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଣାସ ବ୍ଲକ ଶିକ୍ଷା ସମନ୍ୱୟ କମିଟିର ସଭାପତି ପ୍ରହଲ୍ଲାଦ ମାନସିଂହ ଅଧକ୍ଷତା କରିଥିଲେ । କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ଶ୍ରୀ ବେହେରାଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ ,ଶିକ୍ଷକନେତା ପ୍ରତାପ କେଶରୀ ରାୟ ,ପ୍ରତାପ କେଶରୀ ଛୋଟରାୟ,ସୁଶାନ୍ତ ନରେନ୍ଦ୍ର, ପ୍ରଶାନ୍ତ ସୁନ୍ଦରାୟ,ସିଆରସିସି ମମତା ସାହୁ, ସର୍ବେଶ୍ୱର ଦାସ , ଶିକ୍ଷାବିତ ଗୋବର୍ଦ୍ଧନ ବେହେରା, ଭାଗିରଥୀ ମହାପାତ୍ର ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ତେଜିଲା ସରକାରୀ ମାଛହାଟ ଦାବି

## ପୌରପରିଷଦ ପକ୍ଷରୁ ଟେଣ୍ଡର ଆହ୍ୱାନ; ସ୍ଥାନ ନିରୂପଣ ନେଇ ଅଟକିଛି ପ୍ରକଳ୍ପ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ସହର ଉତ୍ତର ବାଲେଶ୍ୱରର ବ୍ୟବସାୟୀକ ପେଣ୍ଠସ୍ଥଳି ହୋଇଥିବାରୁ ଏବଂ ପଶ୍ଚିମବଙ୍ଗକୁ ଲାଗି ରହିଥିବାରୁ ଦୈନିକ ବଜାର ଓ ସାପ୍ତାହିକ ହାଟରେ ପ୍ରବଳ ଭିଡ ପରିଲକ୍ଷିତ ହୁଏ । ଏହାର ଦୈନିକ ବଜାର ଓ ସାପ୍ତାହିକ ହାଟ ଏକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ନିୟନ୍ତ୍ରିତ ବଜାର କମିଟି ଏହାର ପରିଚାଳନା କରିଆସୁଛି । କିନ୍ତୁ ମାଛହାଟ ନେଇ ଦ୍ୱନ୍ଦ ବଢିଚାଲିଛି । ଅନ୍ୟପକ୍ଷରେ ସୁସ୍ଥ ପରିବେଶ ଲାଗି ମାଛହାଟ ପ୍ରତିଷ୍ଠା ପୂର୍ବରୁ ସ୍ଥାନ ନିରୂପଣ ଓ ଟେଣ୍ଡର ହୋଇସାରିଥିବାବେଳେ ଏଥିଲାଗି ସୁବିଚାର କରିବାଲାଗି ଅନ୍ୟଏକ ଗୋଷ୍ଠୀ ଜିଲ୍ଲାପ୍ରଶାସନ ନିକଟରେ ଦାବି ରଖିଛନ୍ତି । ଜଳେଶ୍ୱର ଦୈନିକ ବଜାରରୁ କରୋନା ସମୟରେ ମାଛହାଟକୁ ସ୍ଥାନାନ୍ତର କରାଯାଇଥିଲା। ସେହିଦିନରୁ ମାଛହାଟ ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ରାସ୍ତାର ନିକଟବର୍ତ୍ତୀ ବଡବଜାର ପୋଲର ଅନତିଦୂରରେ ହୋଇଆସୁଛି । କିନ୍ତୁ ସେଠାରେ ମାଛ ଜଳ ନିଷ୍କାସନ ଠିକ୍ ଭାବେ ହେଉନଥିବା, ପିଣ୍ଡି ନଥିବା, ସଂକୀର୍ଣ୍ଣସ୍ଥାନ ହୋଇଥିବାରୁ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇଥାଏ। ନିକଟରେ ପୌରପରିଷଦ ପକ୍ଷରୁ ସେଠାରେ ୯୦ଲକ୍ଷ ଟଙ୍କା ବ୍ୟୟରେ ଏକ ଦୈନିକ ମାଛହାଟ ପିଣ୍ଡି ନିର୍ମାଣ ଲାଗି ପୌରପରିଷଦ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । କିନ୍ତୁ ଏହି ସ୍ଥାନଟି ପୂର୍ତ୍ତବିଭାଗ ଅଧିନରେ ରହିଥିବା ବେଳେ ସଂକୀର୍ଣ୍ଣସ୍ଥାନ ଯୋଗୁଁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ଦାବି ହୋଇଛି। ଫଳରେ ଉପଜିଲ୍ଲାପାଳ ପ୍ରଥମେଶ ରାଜସିକ୍ରେ ଗତ ୨୩.୪.୨୫ରିଖରେ ଏ ସଂପର୍କରେ କେତେକ ସ୍ଥାନ ବୁଲି ଦେଖିଛନ୍ତି । ପ୍ରସ୍ତାବିତ ସ୍ଥାନ ବ୍ୟତିତ ପୌରାଞ୍ଚଳର ପଞ୍ଚୁଘଣ୍ଟା ଖାତା ନଂ ୪୧୮ ଖସଡା ନଂ ୧୦୯୪୧୫ ଡିସିମିଲି ପତିତ ସ୍ଥାନ ଓ ପଂଚୁଘଣ୍ଟା ଗାଁର ଖାତା ନଂ ୨୩୯ ଖସଡା ନଂ ୭୩୨ ଓ ୭୩୩ ମୋଟ ୩୪ ଡିସିମିଲି ଶ୍ମଶାନ କିସମ ସ୍ଥାନ ସହିତ ଅନୁକୂଳ ମନ୍ଦିର ଅନତୀ ଦୂରରେ ଅନ୍ୟଏକ ସ୍ଥାନ ଦେଖି ଫେରିଛନ୍ତି । ପ୍ରକାଶଯୋଗ୍ୟ ପଂଚୁଘଣ୍ଟାର ଶ୍ମଶାନ କିସମ ସ୍ଥାନରେ ଦୀର୍ଘବର୍ଷ ଧରି ଶବଦାହ କରାଯାଉ ନଥିବା ଓ ନିକଟସ୍ଥ ଅଂଚଳ ଲୋକେ ସୁବର୍ଣ୍ଣରେଖା ନଦୀକୂଳରେ ଅତୀତର ସାଂସଦ ଖାରବେଳ ସ୍ୱାଇଁଙ୍କ ହାତପାଣ୍ଠିରେ ନିର୍ମିତ ଶ୍ମଶାନରେ ଶବଦାହ କରାଯାଇ ଆସୁଛି ବୋଲି କାଉନ୍‌ସିଲର ଚନ୍ଦନ ଦାସ, ସାମାଜିକ କର୍ମୀ ସୁବ୍ରତ ବେରା, ଭରତ ଧଳ, ଚନ୍ଦ୍ର ସେଖର ବେରା, ସଂଗ୍ରାମ କେଶରୀ ଦତ୍ତ, ରତନ ରାୟ, ରାମଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପକ୍ଷରେ ଜଳେଶ୍ୱରରେ ମାଛହାଟ ପିଣ୍ଡି ଅତିଶୀଘ୍ର ପ୍ରତିଷ୍ଠା କରିବାଲାଗି ବିଶିଷ୍ଟ ବ୍ୟକ୍ତି, ନେତୃସ୍ଥାନୀୟ ବ୍ୟକ୍ତି, ଶିକ୍ଷିତ ଓ ଶିକ୍ଷାବିତ୍ ଦାବି କରିଛନ୍ତି ।

## ବିଦ୍ୟାଳୟକୁ ଆସୁନାହାନ୍ତି ସରକାରୀ ଶିକ୍ଷକ

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ସରକାରୀ ଚାକିରିରେ ଥିବା ଶିକ୍ଷକମାନେ ଟ୍ୟୁସନ କରୁଥିବା ଅଭିଯୋଗ ବିଡିଓ, ତହସିଲଦାର ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ହେବା ପରେ କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ ଟ୍ୟୁସନ ହେଉଥିବା ସ୍ଥାନମାନଙ୍କୁ ଯାଇ ଦେଖନ୍ତିତ ୫ ଜଣ ସରକାରୀ ବିଦ୍ୟାଳୟରେ ଚାକିରି କରିଥିବା ଶିକ୍ଷକ ଟ୍ୟୁସନରେ ଲିପ୍ତ ଅଛନ୍ତି । ତେବେ ଏମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ପରାମର୍ଶ ଦେବା ସହ ଅନେକ ସରକାରୀ ଶିକ୍ଷକ କଣାସ ବ୍ଲକରେ ଟ୍ୟୁସନ କରୁଥିବା ଜାଣିବାକୁ ପାଇଥିଲେ । ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଶ୍ରୀ ସେଠୀ ପତ୍ର ମାଧ୍ୟମରେ ଜଣାଇବା ସହିତ ତଦନ୍ତ କରି ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ରାଜ୍ୟ ସରକାର ବିଦ୍ୟାଳୟଗୁଡିକୁ ଛୁଟି କରିଦେଇଥିବାବେଳେ ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅନେକ ଶିକ୍ଷକ ବିଦ୍ୟାଳୟକୁ ନଯାଇ ଟ୍ୟୁସନରେ ମାତିଛନ୍ତି।

## ମଣିନାଥପୁର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ଯୁବନାଟ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ନାଟ୍ୟ ମହୋତ୍ସବ ଶୁକ୍ରବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ପୁରୋହିତ ଅଶୋକ ପଣ୍ଡା ମଞ୍ଚପୂଜା କରିଥିଲେ। ସମାଜସେବୀ ଉମାକାନ୍ତ ବେଉରିଆ ମଞ୍ଚ ଉଦ୍‌ଘାଟନ କରିଥିଲେ। ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ଅନାଦି ଚରଣ ସାହୁ ମୁଖ୍ୟ ଅତିଥି, ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ଭଞ୍ଜ ମୁଖ୍ୟବକ୍ତା, ନାଟ୍ୟ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ନାୟକ, ସମାଜସେବୀ ବ୍ରଜକିଶୋର ମଲ୍ଲିକ, ଅରବିନ୍ଦ ନାୟକ, ଗୋବିନ୍ଦ ଦତ୍ତ ଓ ଭୋଳାନାଥ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟ୍ୟ ମହୋତ୍ସବ ଗ୍ରାମ୍ୟ ସଂସ୍କୃତିର ପ୍ରମୁଖ ଅଙ୍ଗ ଭାବେ ବିବେଚିତ ହୋଇ ଗ୍ରାମ୍ୟ ଜୀବନକୁ ସରସ ଓ ସୁନ୍ଦର କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ଭଞ୍ଜଙ୍କ ନିର୍ଦ୍ଦେଶନାରେ ବୁଧବାର ରାତ୍ରରେ 'କେତେ ଦୁଃଖ ଦେବୁ କହ ଦଇବ' ଓ ଗୁରୁବାର ରାତ୍ରରେ 'ଲୁହରେ ଲେଖୁଛି ନୂଆ କାହାଣୀ' ପରିବେଷଣ କରାଯାଇଥିଲା। ଗ୍ରାମ୍ୟ କଳାକାର ନଟବର ପଣ୍ଡା, ନରେନ୍ଦ୍ର ବେଉରିଆ, ଲଳିତ ବେଉରିଆ, ଦୀପକ ଦାସ, ଲିପୁ ଦାସ, ରାକେଶ ଦାସ, ସୁଶାନ୍ତ ବେହେରା, ଲମ୍ବୋଦର ସେଠୀ, ରଘୁନାଥ ବେଉରିଆ, ଶରତ ସେଠୀ, ତପନ ସାମଲ, ଭଞ୍ଜକିଶୋର ମଲ୍ଲିକ, ଚଣ୍ଡ,



କୁନି, ଅଲେଖ, ପପୁଙ୍କ ସମେତ ମହିଳା କଳାକାର ଚୁମୁକି, କବିତା, ମାମା, କଣ୍ଢେଇ ପ୍ରମୁଖ ନିଖୁଣ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ନାଟ୍ୟ ପରିଷଦ ପରିଚାଳକ ଅଜୟ ମହାଳିକ, ସହ ପରିଚାଳକ ନରେନ୍ଦ୍ର ଦାସ, ସନ୍ତୋଷ ସେଠୀ, କୋରିଓଗ୍ରାଫର ମନ୍ମଥ ଦାସ, ସଭାପତି ପ୍ରତାପ ଚନ୍ଦ୍ର ବେଉରିଆ, ବିବେକାନ୍ଦ ମଲ୍ଲିକ, ସୁଧାଂଶୁ ବେଉରିଆ, ବନ୍ଦନ ନାୟକ, ହିମାଂଶୁ ବେଉରିଆ, ନେତା ବେଉରିଆ, ଭୀମ ସ୍ୱାଇଁ ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ।

## ବଜ୍ରପାତରେ ୨ ବାଳକ ମୃତ

ଧର୍ମଶାଳା(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ଅଧିନସ୍ଥ ଗୁରୁସାହିରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ୨ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଆଜି ଅପରାହ୍ନରେ ଲଗାତର ଭାବେ ଘଡ଼ଘଡ଼ି ସହ ବଜ୍ରପାତ ଏକ ଘଣ୍ଟା ଯାଏ ଲାଗି ରହିଥିଲା । ଫଳରେ ଗାଁ ଘର ନିକଟରେ ଅର୍ଜୁନ୍ ହେମ୍ବ୍ରମ୍‌ଙ୍କ ପୁଅ ତାରେ ହେମ୍ବ୍ରମ୍(୧୪) ଓ ପାଣ୍ଡେ ଚାତରଙ୍କ ପୁଅ ଟୁକୁଲ୍ ଚାତର୍ (୧୨) ଛିଡ଼ା ହୋଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ । ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ । ମାତ୍ର ଡ଼ାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ।

## ଶ୍ରମବିଭାଗର ଦୁଇ ବରିଷ୍ଠ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବ୍ୟାସନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯାଜପୁରରୋଡସ୍ଥିତ ଯୁଗ୍ମଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ଜଣ ଦକ୍ଷ ତଥା କର୍ମତତ୍ପର ସହକାରୀଶ୍ରମ ଅଧିକାରୀ (ଏ.ଏଲ.ଓ) ସିତ୍‌କୁମାର ଦେଓ ଏବଂ ସୁନନ୍ଦା ବିଶ୍ୱାଲଙ୍କ ବଦଳି ପରିପ୍ରେକ୍ଷୀରେ ପ୍ରଭାଗୀୟ ଆୟୁକ୍ତ (ଡି.ଏଲ.ସି)ଙ୍କ ପ୍ରକୋଷ୍ଠରେ ବୁଧବାର ପୂର୍ବାହ୍ନରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ତଥା ଶ୍ରମିକନେତା ଦୁଷ୍ମନ୍ତ କୁମାରରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମବିଭାଗର ଯୁଗ୍ମ ଆୟୁକ୍ତ (ଜେ.ଏଲ.ସି) ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଆୟୁକ୍ତ (ଡି.ଏଲ.ସି) ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲ୍ଲାଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବଦଳି ହୋଇଥିବା ୨ ଅଧିକାରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ 'ସିଟୁ'ର ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଶ୍ରମିକନେତା ପରମାନନ୍ଦ ସେଠୀ, ଅରୁଣ କୁମାର ଦାସ, ହେମନ୍ତ ରଥ, ବିଦ୍ୟାଧର ଜେନା, 'ଉଦୟବଟ'ର ସାଧାରଣ ପରିଚାଳକ ଅନୂପ କୁମାର ଦାସ, ସାମ୍ବାଦିକ ତଥା ଯୁବ ସମାଜସେବୀ ଶୁଭାଶିଷ ଦାସ ମହାପାତ୍ର (ପପ), ଅଭିମନ୍ୟୁ ବିଶ୍ୱାଳ, ଦୁଷ୍ମନ୍ତ ମଳିକ ପ୍ରମୁଖ ଯୋଗ ଦେଇ ୨ ଜଣ ଅଭିଜ୍ଞ ତଥା କର୍ମତତ୍ପର ଅଧିକାରୀଙ୍କର ଏଠାରୁ ଅନ୍ୟତ୍ର ବଦଳିହେବା ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ଅଭିହିତ କରିଥିଲେ।

# ଶିବପ୍ରସାଦ ପୁଣି ବ୍ଲକ ବିଜେଡି ସଭାପତି



ଭାପୁର (ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ପକ୍ଷରୁ ନୟାଗଡ ଜିଲ୍ଲା ଭାପୁର ବ୍ଲକର ସଭାପତି ରୂପେ ପୁଣି ଥରେ ଶିବ ପ୍ରସାଦ ଷଡ଼ଙ୍ଗୀଙ୍କ ନାମ ଘୋଷଣା କରାଯାଇଛି । ଉଲ୍ଲେଖଯୋଗ୍ୟ, ସେ ଭାପୁର ବ୍ଲକର ପୂର୍ବତନ ଅଧକ୍ଷ ରହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଆଉ ଥରେ ବ୍ଲକ ସଭାପତି ରୂପେ ଚୟନ କରିଥିବାରୁ ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ ଏବଂ ଉପାଧକ୍ଷ ବେଣୁଧର ପ୍ରଧାନଙ୍କୁ ଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ୍ ଜ୍ଞାପନ କରିବା ସହିତ ଆଗାମୀ ଦିନରେ ଭାପୁର ବ୍ଲକରେ ତୃଣମୂଳ ସ୍ତରରୁ ସଂଗଠନ ଦୃଢ଼ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ର କାର୍ଯ୍ୟକାରୀତା ନେଇ ସଚେତନତା ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ଏନ୍‌ଏସି ସଭାଗୃହ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ)ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରୀତା ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । କରଞ୍ଜିଆ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ପପି ପୃଷ୍ଟି ଉପସ୍ଥିତ ଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ଦ୍ୱିତୀୟ ପର୍ଯ୍ୟାୟର ନିର୍ଦ୍ଦେଶାବଳି ଓ ଯୋଗ୍ୟତାର ମାନଦଣ୍ଡ ଉପରେ ଉପସ୍ଥିତ ଜନସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟାଙ୍କୁ ଅବଗତ କରାଯାଇଥିଲା ।ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଦ୍ୱିତୀୟ ପର୍ଯ୍ୟାୟରେ ନିଜସ୍ୱ ଜମି ପଟ୍ଟା ଥିବା ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପୂର୍ବ ପର୍ଯ୍ୟାୟ ତୁଳନାରେ ଅଧିକ ୫୦ ହଜାର ଟଙ୍କା ଅର୍ଥାତ ଗୃହ ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ । ଯେଉଁମାନେ ଏହି ଯୋଜନାରେ ଗୃହ ନିର୍ମାଣ କରିବାକୁ ଚାହାଁନ୍ତି ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ମାଧ୍ୟମରେ ଅନଲାଇନ ଆବେଦନ କରିପାରିବେ । ଆବେଦନ ନିମନ୍ତେ ଆବେଦନକାରୀଙ୍କ ବାର୍ଷିକ ଆୟ ୩ ଲକ୍ଷ ମଧ୍ୟରେ ହୋଇଥିବ, ଭାରତରେ କୌଣସି ସ୍ଥାନରେ ଆବେଦନକାରୀ ବା ତାଙ୍କ ପରିବାର ସଦସ୍ୟଙ୍କ ପକ୍କା ଘର ନଥିବ, ବିଗତ ୨୦ ବର୍ଷ ମଧ୍ୟରେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବେ ଆବାସ ଯୋଜନା ନିମନ୍ତେ ଆବେଦନ କରିବାକୁ ଆବେଦନକାରୀ ଏବଂ ପରିବାର ସଦସ୍ୟଙ୍କ ଆଧାର ପରିଚୟ ପତ୍ର,



ଆବେଦନକାରୀଙ୍କ ଆଧାର ଲିଙ୍କ ଥିବା ମୋବାଇଲ ନମ୍ବର ଓ ଫୋନ ନମ୍ବର ଯୁକ୍ତ ବ୍ୟାଙ୍କ ଖାତା, ଜମି ପ୍ରମାଣପତ୍ର ( ହିତାଧିକାରୀଙ୍କ ଦ୍ୱାରା ଗୃହ ନିର୍ମାଣ ନିମନ୍ତେ ) ଚଳିତ ପର୍ଯ୍ୟାୟରେ ଭୂମିହୀନ ବ୍ୟକ୍ତି ମଧ୍ୟ ଭାଗିଦାରୀରେ ସୁଲଭ ବାସଗୃହରେ ଆବେଦନ କରିପାରିବେ । ଏଥି ନିମନ୍ତେ ଆବେଦନ କରିବାକୁ ଆବେଦନକାରୀ ଏବଂ ପରିବାର ସଦସ୍ୟଙ୍କ ଆଧାର ପରିଚୟ ପତ୍ର, ଆବେଦନକାରୀଙ୍କ ଆଧାର ଲିଙ୍କ ଥିବା ମୋବାଇଲ ନମ୍ବର ଓ ଫୋନ ନମ୍ବର ଯୁକ୍ତ ବ୍ୟାଙ୍କ ଖାତା, ଇନକମ ସାର୍ଟିଫିକେଟ ର ଆବଶ୍ୟକତା ପଡିବ ଓ ଆବେଦନକାରୀ ମହିଳା ଓ ସ୍ୱତନ୍ତ୍ର ବର୍ଗ ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯିବ ବୋଲି ବୈଠକ ସିଏଲଟିସି ଶେଷଦେବ ପଲେଇ ଉପସ୍ଥିତ ଜନସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟାଙ୍କୁ ସୂଚନା ପ୍ରଦାନ କରିଥିଲେ ।

# ଅଚଳ ପଡ଼ିଛି ପାଣିଟାଙ୍କି, ପାନୀୟଜଳ ପାଇଁ ଲୋକେ ହନ୍ତସନ୍ତ



ଯୋଡ଼ା (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ ୮ ବାଦଲ ହାଟିଂର ନଳକୂପ, ପାଣିଟାଙ୍କି ଦୀର୍ଘଦିନରୁ ବନ୍ଦ ପଡ଼ିଛି। ଏହି ପାଣିଟାଙ୍କି ଉପରେ ପୌର ପରିଷଦର ଅସ୍ଥାୟୀ ପରିବା ମାର୍କେଟ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଟ୍ୟାକ୍ସି ଷ୍ଟାଣ୍ଡର ଗାଡ଼ିଚାଳକ ମାନେ ନିର୍ଭରଶୀଳ ।ପାଣିଟାଙ୍କି ବନ୍ଦ କାରଣରୁ ଉଠା ଦୋକାନୀ, ସ୍ଥାୟୀ ଦୋକାନୀ, ପଥଚାରୀ ମାନେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସହରର ନିକଟବର୍ତ୍ତୀ ଗ୍ରାମରୁ ଆସୁଥିବା ଚାଷୀମାନେ ନିରାଟ ଖରାରେ ବସି ପରିବା ବିକ୍ରି କରୁଛନ୍ତି। ଟୋପାଏ ପିଇବା ପାଣି ପାଇଁ ଛଟପଟ ହେଉଛନ୍ତି। ଏହି ବିଷୟରେ ଯୋଡ଼ା ପୌରପାଳିକା ଅବଗତ ଥାଇ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବାରେ ପଛଘୁଞ୍ଚା ଦେଉଛି କାହିଁକି ? ରାଜ୍ୟ ସରକାର ପିଇବା ପାଣି ପାଇଁ କେହିବି ଜଣେ ଶୋଷରେ ନରହିବେ ବୋଲି ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏହାର ବିଡମ୍ବନା କେମିତି ବୋଲି ସାଧାରଣରେ ଆଲୋଚନା ହେଉଛି।

## ସରକାରୀ ଜାଗାରେ ଡ୍ରଗ ଲାଇସେନ୍ସ ଅଭିଯୋଗ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକରେ ଥିବା ଦୁଇ ଶହରୁ ଉର୍ଦ୍ଧ୍ୱ ଦୋକାନ ସରକାରଙ୍କ ନିୟମକୁ ଖୋଲା ଉଲଘଂନ କରି ଚଞ୍ଚକତା କରି ସରକାରୀ ଜାଗାରେ ପାଇଛନ୍ତି ଡ୍ରଗ ଲାଇସେନ୍ସ। ଅଭିଯୋଗ ପରେ ଏବେ ଖୋଲୁଛି ଗୁମର। ନିଆଳି ବ୍ଲକ ରେ ୩ ଶହରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ଥିଲାବେଳେ କାଁ ଭାଁ କେତୋଟି ଦୋକାନ ନିଜସ୍ୱ ଘରୋଇ ଜାଗାରେ କରିଥିବା ବେଳେ ଦୁଇ ଶହରୁ ଉର୍ଦ୍ଧ୍ୱ ଔଷଧ ଦୋକାନ ସରକାରୀ ଜାଗାରେ କରି କିଭଳି ଭାବରେ ଲାଇସେନ୍ସ ପାଇଛନ୍ତି। ଏ ନେଇ ଆଜି ଜିଲ୍ଲା ଡ୍ରଗ ଅଧିକାରୀଙ୍କ ନିକଟରେ ନିଆଳି ଅଞ୍ଚଳର ଅନେକ ଔଷଧ ଦୋକାନୀ ପ୍ରତିବାଦ କରିଛନ୍ତି ।ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ଜାଗାରେ କିଭଳି ଭାବରେ ଲାଇସେନ୍ସ ପ୍ରଦାନ କରାଗଲା। ପ୍ରତ୍ୟେକ ମାସରେ ଏହାକୁ ତଦାରଖବେଳେ ଜିଲ୍ଲା ଡ୍ରଗ୍ସ ଅଧିକାରୀ ଓ ଅନ୍ୟ କର୍ମଚାରୀ ମାନେ ସରକାରୀ ଜାଗାରେ ହୋଇଥିବା ଜାଣି ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏ ନେଇ ଜିଲ୍ଲା ଡ୍ରଗ୍ସ ଅଧିକାରୀ ହରପ୍ରିୟା ମଲ୍ଲିକଙ୍କୁ ଫୋନ କରିଥିଲେ ବି ସେ ଫୋନ ଉଠାଇ ନଥିଲେ, ଏଣୁ ତାଙ୍କ ମତାମତ ମିଳିପାରିନାହିଁ।

## ଅଂଶୁଘାତରେ ଜଣକର ମୃତ୍ୟୁ ଅଭିଯୋଗ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଗତ କିଛିଦିନ ଧରି ଜଳେଶ୍ୱର ଅଂଚଳରେ ପ୍ରବଳ ରୌଦ୍ରତାପ ପରିଲକ୍ଷିତ ହେଉଛି । ଦିନ ୧୦ଟା ସମୟକୁ ରାସ୍ତା, ଘାଟ, ହାଟ ଶୂନଶାନ ହୋଇ ପଡୁଛି । କିନ୍ତୁ ଅଂଶୁଘାତରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ସଂଜ୍ଞାହୀନ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ରାଇବଣିଆର ଶ୍ୟାମନଗର ପଂଚାୟତର ସରାଳିବସା ଗାଁର ଖେଳା ହାଁସଦା ସ୍ତ୍ରୀ ଫୁଲ ହାଁସଦା (୪୫) ଅଗ୍ରୱାଲା ଛକଠାରେ ଚିନାବାଦାମ ଜମିରେ ଅମଳ କରୁଥିବା ବେଳେ ମଧ୍ୟାହ୍ନରେ ଅସୁସ୍ଥ ଓ ସଂଜ୍ଞାହିନ ହୋଇପଡିଥିଲେ । ତାଙ୍କୁ ଆଜି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ବେଳେ ତାର ମୃତ୍ୟୁ ଘଟିଛି ବୋଲି ଗୋଷ୍ଠିସ୍ୱାସ୍ଥ୍ୟ ଅଧିକାରୀ ଡା. ଭୀଷ୍ମପରିଡାଙ୍କ ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ଏହା ଏକ ଅଂଶୁଘାତ ଜନିତ ମୃତ୍ୟୁବୋଲି ପରିବାର ଲୋକେ ତଥା ସରପଂଚ ଗିରିଜା ସାସମଲ, ସମାଜସେବୀ ମନୋଜ ସାସମଲ, ସନ୍ତୋଷ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି । ଏହା ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବାରୁ ବୀମା ଜନୀତ ଓ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ସେହିପରି ବରଡିହା ପଂଚାୟତର ବାସନ୍ତି ବିନ୍ଧାଣୀ ନିକଟସ୍ଥ କୁକୁଡା ଫାର୍ମରେ ମଧ୍ୟାହ୍ନରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ହାତୀଗଡ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଜଳେଶ୍ୱରରୁ ୩୫ କିମି. ଓ ବାଲେଶ୍ୱରରୁ ୮୦କିମି ଦୂର ରାଇବଣିଆର ପାହାଡିଆ ଅଂଚଳ ହୋଇଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ରଖାଯିବାକୁ ଦାବି ହୋଇଛି ।

## ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ନୂଆବଜାର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମକୃଷ୍ଣ ମାଟରନିଟି ନର୍ସିଂହୋମ ପରିସରରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତ୍ୟରେ ଆସନ୍ତା ୨୦ ତାରିଖ ସକାଳ ୯ ଘଟିକା ସମୟରେ ନର୍ସିଂ ହୋମ ପରିସରରେ ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି ।ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଜିଲ୍ଲାର ରକ୍ତ ସଂଗ୍ରହ ହାର ଆଶାନୁରୂପ ହେଉ ନ ଥିବାରୁ ଜିଲ୍ଲାର ସାଢ଼େ ଆଠ ଶହରୁ ଅଧିକ ଥାଲାସେମିଆ ରୋଗୀଙ୍କର ରକ୍ତର ଚାହିଦା ମେଣ୍ଟାଇବା ପାଇଁ ଜିଲ୍ଲା ରକ୍ତଦାତା ସଂଘ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ନର୍ସିଂ ହୋମ, ଡିଗ୍ରୀ ମହାବିଦ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ସଙ୍ଗଠିତ କରି ଜିଲ୍ଲାର ରକ୍ତର ଚାହିଦାକୁ ପୂରଣ କରିବା ସହିତ ଥାଲାସେମିଆ ରୋଗୀମାନଙ୍କର ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ସଙ୍ଗଠନର ସଭାପତି କମଳ ଚକ୍ରବର୍ତ୍ତୀ ଓ ସାଧାରଣ ସମ୍ପାଦକ ଡଃ ହୃଷୀକେଶ ସାହୁ ନିବେଦନ କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ରାମକୃଷ୍ଣ ମାଟରନିଟି ନର୍ସିଂ ହୋମରେ ଆସନ୍ତା ୨୦ ତାରିଖ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ଏକ ରକ୍ତଦାନ ଶିବିର ସଙ୍ଗଠିତ ହେବ। ଉକ୍ତ ପ୍ରସ୍ତୁତି ବୈଠକରେ ନର୍ସିଂ ହୋମର ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ରାଉତ, ପରିଚାଳକ ଶିବ ନାରାୟଣ ଗିରି, ଶଙ୍କଦୀପ ଶାହା, ରାଜୁ ବେରା, ସପନ କୁମାର ଗିରି, ସନ୍ତୋଷ କୁମାର ପାତ୍ର, ମନ୍ଦିତା ମହାନ୍ତି, ଦିପ୍ତୀ ଆଚାର୍ଯ୍ୟ, ପ୍ରତିମା ଦାସ, ଉପାସନା ସାହୁ, ସସ୍ମିତା ଦଳାଇ, ଶୁଭଶ୍ରୀ ଦାସ, ସବିତା ଜେନା, ଦେବସ୍ମିତା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସୀତା ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ପ୍ରଥମ ସଂକ୍ରାନ୍ତି ବୈଠକ



କଣ୍ଟାପଡା (ଭାସ୍କର ନ୍ୟୁଜ୍)କଣ୍ଟାପଡା ପଞ୍ଚାୟତରେ ବିଜେପିର ପ୍ରଥମ ସଂକ୍ରାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବିମଲ୍ଲିକ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର କିଭଳି ସଠିକ ଭାବରେ କାର୍ଯ୍ୟ କରାଯିବ ସେ ନେଇ କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର କୁମାର ସ୍ୱାଇଁ ବିଧାୟକ ଛବିମଲ୍ଲିକଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଆଗ ଧାଡିର କର୍ମୀ, ପୁନଆନନ୍ଦ ବେହେରା, ଅଶୋକ ସାମନ୍ତରାୟ, ସୁଦାମ ମୁଦୁଲି, ଯାମିନୀକାନ୍ତ ଦାସ, ମନୋଜ ସିଂ, ଶତୃଘ୍ନ ସ୍ୱାଇଁ, ସୌଭାଗ୍ୟ ଦାସ, ଦାଶରଥି ଭୋଇ, ସଂଗ୍ରାମ ସିଂ, କିଶୋର ରାଉତରାୟ, ଏହି ବୈଠକରେ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

## ମହାନ ବିପ୍ଳବୀ ଧରଣୀଧରଙ୍କ ତିରୋଧାନ ଦିବସ ପାଳିତ

ଆଳି(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ) (୧୮୬୪-୧୯୪୪) ଙ୍କର ୮୧ ତମ ତିରୋଧାନ ଦିବସ ଆଳି ପ୍ରଶାସନ, କେନ୍ଦୁଝର ପ୍ରଶାସନ, ଆଳି ନାଗରିକ ମଞ୍ଚ, ଭୂୟାଁ ସାଂସ୍କୃତିକ ସଂଗଠନ କେଉଁଝର ଓ ଭୂୟାଁ ମହା ସମାଜ ଓଡିଶା କେଉଁଝର, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ଭୁବନେଶ୍ୱର ସହଯୋଗରେ ଅନୁଷ୍ଠିତ ହୋଇଛି । ସେ ଓଡ଼ିଶାର ଜଣେ ସୁନାମଧନ୍ୟ ବିପ୍ଳବୀ ଥିଲେ । ୧୮୬୪ ମସିହାରେ କେଉଁଝର ଜିଲ୍ଲା କୁସୁମିତା ଗ୍ରାମର ଏକ ଗରିବ ପରିବାରରେ ଜନ୍ମ ନେଇଥିଲେ। ସେ ଆଳିର ଆରାଧ୍ୟ ବରାହଜୀଉଙ୍କ ମନ୍ଦିରକୁ ଲାଗିଥିବା ପୁଷ୍କରିଣୀ ପାଖରେ ରହିଆସୁଥିଲେ। ୧୯୪୪ ମସିହା ଏହି ଦିନରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଆଳି ଦେମାଳ ସ୍ଥିତ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟ ନିକଟରେ ସମାଧି ଦିଆଯାଇଥିଲା । କିନ୍ତୁ ଦୀର୍ଘଦିନ ସେହି ସମାଧି ସ୍ଥଳ କାହାର ନଜରକୁ ନଆସିବା ଫଳରେ ତାହା ଗଛଲତା ଆଢୁଆଳରେ ରହିଯାଇଥିଲା । ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମା ଓ ଧରଣୀଧର ଭୂୟାଁଙ୍କ ବଂଶଜ ଉଦ୍ୟମରେ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଆଜି ଯାଏ ପ୍ରଶାସନ ନଜରକୁ ଆସିପାରିନାହିଁ। ଆଜିର ଏହି



କାର୍ଯ୍ୟକ୍ରମରେ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, କେନ୍ଦୁଝର ଜିଲ୍ଲା ସାଂସ୍କୃତିକ ଅଧିକାରୀ ରମେଶ ଚନ୍ଦ୍ର ନାଏକ, ରୁଷିକାନ୍ତ ମହାନ୍ତି, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ଭୁବନେଶ୍ୱର ଉପ ସଭାପତି ବିଶି କେଶନ ନାଏକ, ମାନସୀ ନାଏକ, ନୀଳମଣି ମାଝୀ, ପଦ୍ମ ଲୋଚନ ନାଏକ, ସନ୍ତୋଷ କୁମାର ନାଏକ, ଜଗଦୀଶ ନାଏକ, ଉମାମଣି ନାଏକ ତଥା ଭୂୟାଁ ସାଂସ୍କୃତିକ ସଂଗଠନ କେଉଁଝର କାର୍ଯ୍ୟକାରୀ ସଭାପତି ଭାସ୍କର ଅମାତ, ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ତଥା ଅନ୍ୟାନ ସଭ୍ୟସଭା ସହ ତାଙ୍କ ଜନ୍ମସ୍ଥାନ କୁସୁମିତରୁ ଶହ ଶହ ସଂଖ୍ୟାରେ ଧରଣୀପ୍ରେମୀ ଯୋଗଦେଇଥିଲେ ।

# ଝୋଟ ଉତ୍ପାଦନ ପାଇଁ ଖନନ ହେବ କୃତ୍ରିମ ପୋଖରୀ

**ଉପକୃତ ହେବେ ନଳିତା ଚାଷୀ**

ତିହିଡି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ତଳଗୋପବିନ୍ଧା ପଞ୍ଚାୟତ ତଳଗୋପ ବିଲମଳିକ ଗ୍ରାମରେ ନଳିତା ପଚେଇବା ପାଇଁ ଏକ କୃତ୍ରିମ ପୋଖରୀ ଖନନ ହେବ । ଏନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଥିବା ଜଣାପଡିଛି । ପୋଖରୀ ଖନନ ହେଲେ ନଳିତା ଚାଷୀ ଉପକୃତ ହେବା ସହିତ ଉତ୍ସାହିତ ହେବେ । ପୂର୍ବପରି ଏବେ ଆଉ ଗ୍ରାମାଞ୍ଚଳରେ ପୋଖରୀ , ଗାଡିଆ ଦେଖିବାକୁ ମିଳୁନି । ପୋଖରୀ ଗାଡ଼ିଆକୁ ପୋତି କିଏ ଜମିରେ ପରିଣତ କଲାଣିତ କିଏ ଗୃହ ନିର୍ମାଣ କଲାଣି ।ଆଉ କେତେକ ସ୍ଥାନରେ ପୋଖରୀ ଗାଡିଆ ଦଳଭର୍ତ୍ତି ହୋଇ ଅବ୍ୟବହୃତ ଅବସ୍ଥାରେ ରହିଛି। ସେମିତି ନଈ ନାଳ ମଧ୍ୟ ଶୁଖିଲା ପଡ଼ିଲାଣି। ଯାହାଫଳରେ ଗଡ଼ିଆ, ପୋଖରୀ, ନଈ, ନାଳ ମେଣ୍ଟାଉଥିବା କାମ ହୋଇ ପାରୁନି । ବିଶେଷ ଭାବେ ନଳିତା ଚାଷୀ ମାନେ ପୂର୍ବରୁ ଗାଡିଆ, ପୋଖରୀ, ନଈ ଓ ନାଳରେ ନଳିତାକୁ ପଚାଇ ଝୋଟ ଉତ୍ପାଦନ କରୁଥିଲେ । ଏବେ ନଳିତା ପଚେଇବା ପାଇଁ ସୁବିଧା ନ ଥିବାରୁ ନଳିତା ଚାଷୀ ହତୋତ୍ସାହ ହୋଇପଡୁଛନ୍ତି । ଏପରି ଅବସ୍ଥା ସମୟରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ସରପଞ୍ଚ ସଞ୍ଜୀବ ବେହେରାଙ୍କ ସହଯୋଗରେ ବ୍ଲକରେ ପ୍ରଥମକରି ନଳିତା ପଚେଇବାକୁ ଏକ କୃତ୍ରିମ ପୋଖରୀ ଖନନ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠେଇଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇଛି ।ଏଥିପାଇଁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ତଳଗୋପବିନ୍ଧା ପଞ୍ଚାୟତ ଅଧିନ ତଳଗୋପ ବିଲମଳିକ ସାହିଗ୍ରାମରେ ଏକ ସରକାରୀ ଜମି ଦେଇଛନ୍ତି ।ସେହି ଜମିଉପରେ ୪୫ ଫୁଟ ଲମ୍ବ ,୩୫ ଫୁଟ ଓସାର ଓ ୫ଫୁଟ ୫ଇଞ୍ଚ ଗଭୀରରେ ପୋଖରୀ ଖନନ ହେବ । ପୋଖରୀର ତଳଭାଗ କଂକ୍ରିଟ ହେବ। ଚାଷୀମାନେ ଏହି ପୋଖରୀରେ ନଳିତା ପଚେଇ ଝୋଟ କରିପାରିବେ। ପୋଖରୀରେ ନଳିତା ପଚେଇବା କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ଅନୁସୂଚିତ ଜାତିବର୍ଗର ଲୋକ ମାନଙ୍କୁ ନେଇ ଏକ ୫ ଜଣିଆ କମିଟି ଗଠନ କରାଯାଇଛି ।କେଉଁ ଚାଷୀ କେତେଦିନ ଆଉ କେଉଁ ଚାଷୀ ପରେ କେଉଁ ଚାଷୀ ନଳିତା ପଚେଇବ ଏସବୁର ଦାୟିତ୍ୱ କମିଟି ବୁଝିବ ବୋଲି ଜଣାପଡିଛି। ତେବେ ପ୍ରସ୍ତାବଟି ଯେତେ ଶୀଘ୍ର ଅନୁମୋଦନ ଲାଭ କରିବ ସେତେ ଶୀଘ୍ର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ନଳିତା ଚାଷୀମାନଙ୍କ ମହଲରେ ଆଲୋଚନା ହେଉଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ନିଜର ନାବାଳିକା ଝିଅକୁ ଅସଦାଚରଣ ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ ଏଣ୍ଡ୍ ସେସନ୍ ଜଜ୍ ଫାଷ୍ଟ ଟ୍ରାକ୍ କୋର୍ଟ (୨) ପିଡିତାର ବାପକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତ । ଏଭଳି ଜଘଣ୍ୟ ଅପରାଧ ପାଇଁ କୋର୍ଟ ଆସାମୀକୁ ୩୦ ହଜାର ଟଙ୍କାର ମଧ୍ୟ ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୪ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଦଣ୍ଡାଦେଶ ପାଇଥିବା ଆସାମୀ ହେଉଛି ଲାଲ୍‌ବାଗ୍ ଥାନା ଅଧିନସ୍ଥ ଖଟ୍‌ବିନ୍ ସାହିର ଆସ୍‌ପାକ୍ୟୁ ଅହମ୍ମଦ୍ ଖାନ୍ । ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଏମ୍.ଏମ୍.ବେଗ୍ ପରିଚାଳନା କରୁଥିଲେ । ୨୦୨୦ ମସିହା ଅକ୍ଟୋବର ୨ ତାରିଖରେ ଘଟଣା ଘଟିଥିଲା । ଆସାମୀ ଜଣକ ତାର ନାବାଳିକା ଝିଅ ସହିତ ଅସଦାଚରଣ କରିଥିଲା । ଏ ସମ୍ପର୍କରେ ପିଡିତା କଟକର ମହିଳା ଥାନାରେ ଏତଲା ରୁଜୁ କରିଥିଲା । ତେବେ ଏତଲା ରୁଜୁ ପୂର୍ବରୁ ମଧ୍ୟ ଆସାମୀ ଜଣକ ବାରମ୍ବାର ପିଡିତା ସହ ଅସଦାଚରଣ କରି ଆସୁଥିଲା ।



## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

# ଜନତା ମଇଦାନରେ ୧୧ରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଜୁନ ମାସରେ ନୂଆ ସରକାର ଗଠନ ହେବାର ଏକ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏହି ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା, ବିଭିନ୍ନ ବିଭାଗରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟର ବିକାଶର ଧାରାକୁ ଆଗକୁ ନେବା ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ ଆଗାମୀ ଜୁନ୍ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସଂପର୍କରେ ପ୍ରଶାସନିକ ସ୍ତରରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସହିତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏ ସଂପର୍କରେ ଗତ ୨୫ ଅପ୍ରେଲରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକର ନିଷ୍ପତି ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଗୃହ ବିଭାଗ ତରଫରୁ ଆହୂତ ଏହି ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖୁଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଫଳପ୍ରସ୍ତୁ ପଦକ୍ଷେପ, ପ୍ରଣୀତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ଏବଂ ବହୁବିଧ କଲ୍ୟାଣକାରୀ ଯୋଜନାରେ ସଂପର୍କରେ ଜନସଚେତନତା ସୃଷ୍ଟି ଉପରେ ଏହି କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ସାଧାରଣ ସଭା ଏବଂ ବିକାଶ ମେଳା ପ୍ରଦର୍ଶନୀ ଜୁନ୍ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଜିଲ୍ଲାସ୍ତରରେ ତିନି ଦିନିଆ ସଭା ଓ କାର୍ଯ୍ୟକ୍ରମ ଏବଂ ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହଯୋଗରେ ୫ ଦିନ ଧରି ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜନତା ମଇଦାନ ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂର୍ତ୍ତ ବିଭାଗ, ଓଡିଶା ଖଣି ନିଗମ(ଓଏମସି) ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସଂପର୍କ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା, ଗଣଶିକ୍ଷା, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ହସ୍ତତନ୍ତ ଓ ବୟନ ଶିଳ୍ପ, ଆଦି ସଂପୃକ୍ତ ବିଭିନ୍ନ ବିଭାଗକୁ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ସହଯୋଗ ପାଇଁ ପରାମର୍ଶ ଦିଆଯାଇଛି । ପ୍ରତି କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ଲକସ୍ତରରେ ସୂଚନା, ଶିକ୍ଷା ଓ ଯୋଗଯୋଗ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ ।

## ରାଷ୍ଟ୍ର ନିର୍ମାଣରେ ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ର ନିର୍ମାଣରେ ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ ବୋଲି ରାଜ୍ୟପାଳ ଡ଼.ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ ଓଡିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓୟୁଏଟି ପ୍ରେକ୍ଷାଳୟରେ ଆୟୋଜିତ ସେମିନାରକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏନ୍‌ସିସି ଏକ ସକ୍ରିୟ ଯୁବ ଆନ୍ଦୋଳନ ଭାବରେ ଉଭା ହୋଇଛି, ଯାହା ଶୃଙ୍ଖଳା, ଚରିତ୍ର ଗଠନ ଏବଂ ନିଃସ୍ୱାର୍ଥପର ସେବା ମାଧ୍ୟମରେ ଦାୟିତ୍ୱବାନ ନାଗରିକ ଏବଂ ଦେଶର ଭବିଷ୍ୟତକୁ ଗଠନ କରୁଛି । ଦେଶ ଗଠନରେ 'ଏନ୍‌ସିସି ଏକ ଶକ୍ତି ଗୁଣାଙ୍କ' ଶୀର୍ଷକ ବିଷୟ ବସ୍ତୁ ରଖାଯାଇ ସେମିନାର ଆୟୋଜନ କରାଯାଇଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଏହା ଜାତୀୟ ସୁରକ୍ଷା, ସାମାଜିକ ଏବଂ ସାଂସ୍କୃତିକ ଅବଦାନ, ଯୁବ ବିକାଶ, ଡିଜିଟାଲ ଉପକରଣ ବ୍ୟବହାର ଉପରେ ଅଧିକ ପର୍ଯ୍ୟବେସିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏନ୍‌ସିସି କିପରି ଅଧିକ ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ଯୋଗଦାନ ଦିଏ ସେ ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ । ମହିଳା ସଶକ୍ତିକରଣ, ଜନଜାତି, ଗ୍ରାମୀଣ ଓ ସହରାଞ୍ଚଳର ଯୁବକମାନଙ୍କୁ ସାମିଲ କରି ରାଜ୍ୟର ସମାବେଶୀ ବିକାଶ ଲକ୍ଷ୍ୟ ସାଧିତ କରିବା ପାଇଁ ଏନ୍‌ସିସିର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏନ୍‌ସିସି ଅଧିକାରୀ ଓ କ୍ୟାଡେଟମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ଶକ୍ତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ସେମାନଙ୍କର ପ୍ରତିବଦ୍ଧତା ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ସେମିନାର ଓଡ଼ିଶାରେ ଏନ୍‌ସିସି ଆନ୍ଦୋଳନକୁ ଅଧିକ ସୁଦୂରପ୍ରସାରୀ କରିବ ଏବଂ ଜାତୀୟ ପ୍ରଗତିରେ ଏକ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଥିଲେ । ଏନ୍‌ସିସି ଓଡ଼ିଶାର ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ଏନ୍‌ସିସି ଏବଂ ସେନାର ବରିଷ୍ଠ ଅଧିକାରୀ ଉଦଘାଟନୀ ସମାରୋହରେ ଉପସ୍ଥିତ ଥିଲେ ।

## ବିସ୍କୁଟ୍ କାରଖାନାରେ ଭୟାବହ ଅଗ୍ନିକାଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ନୂତନ ଶିଳ୍ପାଞ୍ଚଳ ଫେଜ-୩ ସ୍ଥିତ ହେଲଥ ବିସ୍କୁଟ କାରଖାନାର ଉପର ମହଲାରେ ଶନିବାର ପୂର୍ବାହ୍ନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଛି । ଏଥିରେ କାରଖାନାର ବହୁ ସାମଗ୍ରୀ ଜଳି ପୋଡି ଛାରଖାର ହୋଇ ଯାଇଛି । ଖବର ପାଇ ଜଗତପୁର ଥାନା ପୋଲିସ ଓ ୩ ଦମକଳ ଗାଡି ଘଟଣା ସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ କରିଥିଲା । ଜଗତପୁର ନୂତନ ଶିଳ୍ପାଂଚଳସ୍ଥିତ ଓଡିଶା କନ୍‌ଫେକ୍‌ସନାରି ପ୍ରା ଲିଃ ହେଲ୍ଥ ବିସ୍କୁଟ ଓ ପାଉଁରୁଟି କାରଖାନାର ଉପର ମହଲାରେ ସର୍ଟ ସର୍କିଟ ଯୋଗୁ ହଠାତ୍ ଉତ୍ପାଦନ ଗୃହରେ ନିଆଁ ଲାଗି ଯାଇଥିଲା । ପୂର୍ବାହ୍ନ ସମୟରେ କାରଖାନା ଶ୍ରମିକ ଓ କର୍ମଚାରୀ କାରଖାନା ଫାଟକ ପାଖରେ ପହଞ୍ଚି ଦେଖନ୍ତି ତ ଉପର ମହଲାରେ ନିଆଁ ଲାଗି ଯାଇଛି । ଖବର ପାଇ ଶ୍ରମିକ ଓ କର୍ମଚାରୀ ତୁରନ୍ତ ନିଆଁ ଲିଭାଇବା ପାଇଁ ଲାଗି ପଡିଲେ । ଏହି ଅଗ୍ନିକାଣ୍ଡରେ ମେସିନ, ଉତ୍ପାଦିତ ବିସ୍କୁଟ ଓ ପାଉଁରୁଟି, କଞ୍ଚାମାଲ, ପ୍ୟାକିଂ ସାମଗ୍ରୀ, ବିଦ୍ୟୁତ୍ ଉପକରଣ ଓ ଉତ୍ପାଦନ ସ୍ଥଳର ଗୃହ ଗୁଡିକ ଜଳି ପୋଡିଯାଇଛି । ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ପରେ ବିସ୍କୁଟ କାରଖାନାର ତଳ ମହଲା ସାଙ୍ଗକୁ ଚତୁଃପାର୍ଶ୍ୱରେ ଥିବା କାରଖାନା ଗୁଡିକ ଏକ ବଡ଼ଧରଣର ଦୁର୍ଦ୍ଦଶାରୁ ରକ୍ଷା ପାଇଯାଇଛନ୍ତି ।

## ସାଧାରଣ ଲୋକଙ୍କ ପାଇଁ ଆଇନ ସଚେତନତା କର୍ମଶାଳା

କଟକ(ଭାସ୍କର ନ୍ୟୁଜ୍): କଟକ ମିଡ଼ଟାଉନ ରୋଟାରୀ କ୍ଲବ ଆନୁକୂଲ୍ୟରେ ସଭାପତି ତଥା ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ଼କ୍ଟର ଆଶୁତୋଷ ଦେବତାଙ୍କ ଅଧକ୍ଷତାରେ ସାଧାରଣ ବ୍ୟକ୍ତିଙ୍କ ପାଇଁ ଆଇନ ସଚେତନତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ବି. କର ଯୋଗଦେଇ ଆଇନ ପ୍ରଣୟନର ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭୂତି ଭୂଷଣ ରାଉତ, ଶୈଳେନ୍ଦ୍ର ନାରାୟଣ ଠାକୁର, ଅରୁଣ କୁମାର ଦାଶ, ରମେଶ ଚନ୍ଦ୍ର ସିଂ, ଶୁଭ୍ରାଂଶୁ ସାମନ୍ତରାୟ, ଶଶାଙ୍କ ମହାପାତ୍ର, ରଘୁନାଥ ଭୁତ, କାହ୍ନୁ ଚରଣ ଦାସ, ସମ୍ବିତ କର, ଡ଼ଃ ରଜନୀକାନ୍ତ ଶତପଥି, ଦୁଷ୍ମନ୍ତ ବିଶ୍ୱାଳ, ବେଣୀମାଧବ ତ୍ରିପାଠୀ, ଚୌଧୁରୀ ରାମ ମୋହନ ରାଓ, ଉଦୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ଆର୍ଟ ଅଫ୍ ଗିଭିଂ

## 'ପଡ଼ୋଶୀଙ୍କୁ ସହଯୋଗ ସମସ୍ତଙ୍କର ଧ୍ୟେୟ ହେଉ'




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): 'ଆର୍ଟ ଅଫ୍ ଗିଭିଂ' ଏକ ଲୋକପ୍ରିୟ ସାମାଜିକ ଆନ୍ଦୋଳନରେ ପରିଣତ ହେବା ସଙ୍ଗେସଙ୍ଗେ ସେବା, ତ୍ୟାଗ, ପରୋପକାର ଓ ଭାଇଚାରା ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ପଡ଼ୋଶୀଙ୍କ ପ୍ରତି ସହଯୋଗ ଓ ଭାଇଚାରା ସମସ୍ତଙ୍କର ଧ୍ୟେୟ ହେଉ ବୋଲି ସେମାନେ କହିଛନ୍ତି । 'ସଂସ୍କୃତି ଓ ସଂସ୍କୃତି' ଏବଂ ସଚେତନ ନାଗରିକ ଫୋରମ୍ ପକ୍ଷରୁ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ 'ଆର୍ଟ ଅଫ୍ ଗିଭିଂ'ର ଦ୍ୱାଦଶ ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସମାନ୍ତଙ୍କ ଦ୍ୱାରା ବାରବର୍ଷ ପୂର୍ବେ ପରିକଳ୍ପିତ ଏହି ଆନ୍ତର୍ଜାତୀୟ ସେବାମୂଳକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମହାବୋଧି ସୋସାଇଟି, ଓଡ଼ିଶାର ସମ୍ପାଦକ ଡ.ସୌରେନ୍ଦ୍ର ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, କଳାନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାଶ, ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଚିତ୍ତରଞ୍ଜନ ପାଣି, ଯୁବ ସଙ୍ଗଠକ ଡ. ତନ୍ମୟ ସ୍ୱାଇଁ, ଶିକ୍ଷାବିତ ଡ. ମିନାକ୍ଷୀ ଦାସ ଓ କୈଳାସ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ ହାଲି 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଉଦୀୟମାନ ଭାଓଲେନ୍ ବାଦକ ରାକେଶ ବିଶ୍ୱାଳ ଭାଓଲେନ୍ ମାଧ୍ୟମରେ ସଙ୍ଗୀତର ସ୍ୱର ବାଦନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ବିଶ୍ୱାଳ, ମଞ୍ଜୁ ସିଂହ ଓ ପ୍ରଶାନ୍ତ ପାଇକରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସନ୍ଧ୍ୟାରେ ବୁଦ୍ଧମନ୍ଦିରରେ ଏକ ମନୋଜ୍ଞ ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା । ସମାଜସେବୀ ଜଗନ୍ନାଥ ପ୍ରଧାନ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ । ଜଣାଶୁଣା କଣ୍ଠଶିଳ୍ପୀ ଜିଜ୍ଞାସାଙ୍କ ସଂଯୋଜନାରେ ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମରେ ହରିଶ, ପ୍ରୀତି, ସରୋଜ, ଅନସୂୟା, ସୁଜାତା, ବିଶ୍ୱନାଥ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୁଲସନ୍ ଉପସ୍ଥାପନ କରିଥିଲେ ।

## ଲାଗିବ ୬ କୋଟି ଟଙ୍କାର ତାଳ ଗଛ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ରାଜ୍ୟରେ ତାଳ ଗଛ ଲଗାଯିବ । ଏନେଇ ପଦକ୍ଷେପ ନିଆଯାଇଛି । ପୂର୍ବ ବର୍ଷ ୨୦ ଲକ୍ଷ ଗଛ ଲଗାଯାଇ ଟାର୍ଗେଟ୍‌କୁ ପୂରଣ କରାଯାଇଛି । ଚଳିତ ବର୍ଷ ୫ରୁ ୬ କୋଟି ଟଙ୍କାର ତାଳ ଗଛ ଲଗାଇବାକୁ ନିଷ୍ପତି ହୋଇଛି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି ।

## ବିଏମ୍‌ସିର ଅଭିଯୋଗ ଶୁଣାଣି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ଦକ୍ଷିଣ-ପଶ୍ଚିମ ଜୋନ ଅନ୍ତର୍ଗତ ୪୯ ନମ୍ବର ୱାର୍ଡର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଳଥିଆ କମ୍ୟୁନିଟ୍ ସେଂଟରଠାରେ ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସ୍ଥାନୀୟ କର୍ପୋରେଟର, ବିଏମ୍ ସିର ଦକ୍ଷିଣ-ପଶ୍ଚିମ ଜୋନର ଜୋନାଲ କମିଶନର, ସମସ୍ତ ଉପବିଭାଗୀୟ ଅଧିକାରୀ, ସଂପୃକ୍ତ ୱାର୍ଡ ଅଫିସର, କନିଷ୍ଠ ଯନ୍ତ୍ରୀ, କମ୍ୟୁନିଟ୍ ଅର୍ଗାନାଇଜର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ ସାଥୀ, ଆଦି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୱାର୍ଡର ସମସ୍ତ ସାହି, ବସ୍ତି, ଆବସିକ ସଂଗଠନର କର୍ମକର୍ତା, ବରିଷ୍ଠ ନାଗରିକ, ଏସ୍‌ଏଚଜିର ସଦସ୍ୟା, ସାଧାରଣ ନାଗରିକ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ । ବିଭିନ୍ନ ସ୍ଥାନରେ ଡ୍ରେନ ସଫେଇ, ଡ୍ରେନ ଉପରେ ସ୍ଲାବ, ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ସ୍ୱେରେଜ୍ ପାଣି ଲିକ୍, ଜବରଦଖଲ ଉଚ୍ଛେଦ ଆଦି ସଂପର୍କରେ ସ୍ଥାନୀୟ ଲୋକେ ଦୃଷ୍ଟି ଆକର୍ଷଣ କରିଥିଲେ । ମେୟର ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସଙ୍ଗେ ସଙ୍ଗେ ଉପବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ସମୁଦାୟ ୨୪ ଗୋଟି ଅଭିଯୋଗ ଶୁଣାଣି କରାଯାଇଛି ।

## ଶ୍ରମମନ୍ତ୍ରୀଙ୍କ ନାବାର୍ଡ ଅଫିସ ଗସ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୟାପଲି ନାବାର୍ଡ ଅଫିସକୁ ଶନିବାର ଅଚାନକ ଗସ୍ତ କରିଛନ୍ତି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସାଧାରଣ ଶ୍ରମିକ ଲୋକଙ୍କ ସହ ଆଲୋଚନା କରିଥିଲେ । ଜବ କାର୍ଡ, ଲେବର କାର୍ଡରୁ ନେଇ ଲୋକମାନଙ୍କ ପାଖେ କଣ କଣ ସମସ୍ୟା ରହିଛି ସେ ଉପରେ ଆଲୋଚନା କରିଥିଲେ ।

## ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ରକ୍ତଚାପ ଦିବସରେ ସଚେତନ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆହ୍ୱାନ କରିଛନ୍ତି । ସନ୍ତୁଳିତ ଖାଦ୍ୟ ସେବନ, ନିୟମିତ ବ୍ୟାୟାମ ଏବଂ ରକ୍ତଚାପ ପରୀକ୍ଷା ଦ୍ୱାରା ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ହାଇପରଟେନସନ ବା ଉଚ୍ଚ ରକ୍ତଚାପ ଆଜି ବିଶ୍ୱରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହେଇଛି । ଆଜିର ଏହି 'ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ' ଅବସରରେ ଆସନ୍ତୁ ସନ୍ତୁଳିତ ଖାଦ୍ୟ ସେବନ, ନିୟମିତ ବ୍ୟାୟାମ ଏବଂ ରକ୍ତଚାପ ପରୀକ୍ଷା ଦ୍ୱାରା ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଚେଷ୍ଟା କରିବା । ନିଜେ ସଚେତନ ହେବା ସହ ସମାଜରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ।

## ବିପୁଳ ପରିମାଣର ମଦ ଜବତ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ଚଢାଉ କରିଛି । ଚଢାଉ ବେଳେ ବିପୁଳ ପରିମାଣର ଚୋରା ମଦ ଜବତ ହୋଇଛି । ଲକ୍ଷ୍ମୀସାଗର ହଳଦି ପଡିଆ ଅଞ୍ଚଳରୁ କାର ସହ ମଦ ଜବତ ହୋଇଛି । ବାଲିପାଟଣା ଓ ଭରତପୁର ଅଞ୍ଚଳରୁ ମଧ୍ୟ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଚୋରା ମଦ ବିକ୍ରୀ ଅଭିଯୋଗରେ ପାଞ୍ଚ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

### ବିଏସ୍‌ସିଏଲ୍‌ର ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ

## 'ଭୁବନେଶ୍ୱର ସ୍ମାର୍ଟ ସିଟି ଅନ୍ୟ ସହର ପାଇଁ ନମୂନା ହେବ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ସଂପତି ପରିଚାଳନା ପାଇଁ ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ ଶନିବାର ଖାରବେଳଭବନ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୩୧ ମାର୍ଚ୍ଚ ୨୦୨୫ ରେ ସ୍ମାର୍ଟ ସିଟି ମିଶନର ଔପଚାରିକ ଭାବେ ଅବଧି ସରିବାପରେ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଭୁବନେଶ୍ୱରରେ ସୃଷ୍ଟି ହୋଇଥିବା ବ୍ୟାପକ ସମ୍ପତିର ପରିଚାଳନା, ରକ୍ଷାଣାବେକ୍ଷଣ ଓ ଉତମ ବ୍ୟବହାର ଉପରେ ଅଲୋଚନା କରାଯାଇଥିଲା । ବୈଠକରେ ସଦସ୍ୟମାନେ ଦୀର୍ଘକାଳୀନ ସଂପତି ପରିଚାଳନା ରଣନୀତି ବିଷୟରେ ଅଲୋଚନା କରିଥିଲେ । ସଦସ୍ୟମାନେ କହିଥିଲେ ଯେ ସ୍ମାର୍ଟ ସିଟି ମିଶନ ସହରାଞ୍ଚଳ ବିକାଶରେ ନୂତନ ଓ ସମାବେଶୀ ମଡେଲ ମାଧ୍ୟମରେ ସଫଳତା ଆଣିଛି, କିନ୍ତୁ ମିଶନ ପରବର୍ତୀ ଅବଧିରେ ସଂପତିଗୁଡ଼ିକୁ ସଂରକ୍ଷଣ, ବ୍ୟବହାର ଓ ଆୟ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଭିତିକ ଉଦ୍ୟମ ଆବଶ୍ୟକ । ଏହି ପରିପ୍ରେକ୍ଷିରେ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଓଡ଼ିଶାର ଅନ୍ୟ ସହରମାନଙ୍କ ପାଇଁ ଏକ ମଡେଲ ହେବ । ବୈଠକରେ ଆଲୋଚିତ ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ବହୁ-ସ୍ତରୀୟ ଗାଡି ରଖିବା ସ୍ଥାନ, ରାସ୍ତା ପରିଦୃଶ୍ୟ, ଓ ପବ୍ଲିକ ପ୍ଲାଜା ପରି ସାଧାରଣ ସଂପତିରୁ ଆଦାୟ ହେଉଥିବା ଟିକସ ବଣ୍ଟନ ନୀତି, ବହୁ-ସ୍ତରୀୟ ପାର୍କିଂରେ ବିଜ୍ଞାପନ ଅଧିକାର ଓ ବ୍ୟବହୃତ ନହୋଇଥିବା ସମ୍ପତିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରି ଆୟ ବୃଦ୍ଧି କରିବା ପ୍ରସ୍ତାବ ଆଦି ରହିଥିଲା । ଏଥି ସହିତ ପୂର୍ବରୁ ବ୍ୟୟ ହୋଇଥିବା ମୂଳ ଧନ ଖର୍ଚ୍ଚ ପାଇଁ ପ୍ରତିପୂରଣ ଓ ବର୍ତମାନ ଚାଲୁଥିବା ଖର୍ଚ୍ଚ ପାଇଁ ସମ୍ବଳ ଉପାୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ବର୍ତମାନ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ରକ୍ଷଣା ବେକ୍ଷଣ ଓ ବୈଦ୍ୟୁତିକ ଖର୍ଚ୍ଚ ପାଇଁ ସମ୍ପୂର୍ଣ୍ଣ ଭାର ଉଠାଉଛି, କାରଣ ଅଧିକାଂଶ ପ୍ରକଳ୍ପର ପରିଚାଳନା ଅବଧି ସମାପ୍ତ ହୋଇଛି । ଏହି ସ୍ଥିତି ଏକ ଗୁରୁତର ଆର୍ଥିକ ଚାପ ସୃଷ୍ଟି କରିଛି ଓ ସଂପତି ପରିଚାଳନା ପାଇଁ ତୁରନ୍ତ ଯୋଜନା ଓ ସହଯୋଗ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି । ଉକ୍ତ ବୈଠକରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ, ନନ୍ଦନକାନନର ନିର୍ଦ୍ଦେଶକ ମନୋଜ ଭି. ନାୟର, ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଧରଣୀଧର ନନ୍ଦ, ୱାଟକୋ ପରିଚାଳନା ନିର୍ଦ୍ଦେଶକ ଗୁରୁଚରଣ ଦାସ, ଭୁବନେଶ୍ୱର ସ୍ମାର୍ଟସିଟିର ପରିଚାଳନା ନିର୍ଦ୍ଦେଶକ ପୁରନ୍ଦର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ଓଡ଼ିଶା
ଭାସ୍କର
ଦୃଷ୍ଟିପାତ



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



# କଲାତ୍‌ରୁ ଗ୍ୱାଦର୍ - ବେଲୁଚିସ୍ତାନ୍‌ର କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଭାରତର ବାଣିଜ୍ୟିକ ଏବଂ ଭୂରାଜନୈତିକ ସମ୍ପର୍କ ସହିତ ସାମରିକ ଏବଂ ଶକ୍ତିସୁରକ୍ଷା ପାଇଁ ପାକିସ୍ତାନର ଗ୍ୱାଦର୍ ବନ୍ଦରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆରବସାଗର ତଟରେ ଅବସ୍ଥିତ ଏହି ବନ୍ଦର ମଧ୍ୟପ୍ରାଚ୍ୟ ଏବଂ ପୂର୍ବ ୟୁରୋପୀୟ ଦେଶମାନଙ୍କ ସହିତ ସମ୍ପର୍କର ମୁଖ୍ୟପଥ। ଭାରତର ସ୍ୱାର୍ଥ ଦୁଇ କଳହପ୍ରିୟ ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ଚୀନ୍ ଦ୍ୱାରା ବାଧାପ୍ରାପ୍ତ। ପ୍ରଥମ ଦେଶ ଏହାର ମାଲିକ ଏବଂ ଦ୍ୱିତୀୟଟି ଏହାକୁ ବିକଶିତ କରିବାକୁ ଲିଜ୍ ସୂତ୍ରରେ ନେଇ ପ୍ରକୃତ ମାଲିକ ହୋଇଛି। ପାକିସ୍ତାନର ସ୍ୱାଧୀନତାକାମୀ ବେଲୁଚିସ୍ତାନ ପ୍ରଦେଶ ଏବଂ ସେଠାରେ ଅବସ୍ଥିତ ଗ୍ୱାଦର୍ ବନ୍ଦରର ଇତିହାସ ଶଠତା, ନିର୍ଯାତନା, ସଂହାର ଏବଂ ବିଶ୍ୱାସଘାତକତାର ଘଟଣାବଳୀର ସମାହାର।

୯୦୦୦ ବର୍ଷ ପୂର୍ବେ ବର୍ତ୍ତମାନର ବେଲୁଚିସ୍ତାନ୍ ସିନ୍ଧୁ ସଭ୍ୟତାର ଅଂଶ ଥିଲା। ଏଠାରେ ଥିଲା ମେହେରଗଡ଼ ନାମରେ ସହର। ସହର ସଂପୂର୍ଣ୍ଣ ଭାବେ ଧ୍ୱଂସ ହେବା ପୂର୍ବରୁ ଲୋକମାନେ ସିନ୍ଧୁପ୍ରଦେଶ ଚାଲିଗଲେ। ପରେ ଏଠାରେ ହିନ୍ଦୁ ରାଜ୍ୟ ସ୍ଥାପିତ ହୋଇଥିଲା। ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ହିଙ୍ଗୁଳାଙ୍କର ପ୍ରସିଦ୍ଧ ହିଂଲାଜ ଯାତ୍ରା ଆଜି ବି ପ୍ରଚଳିତ। ହିଙ୍ଗୋଲୀ ନଦୀ କୂଳର ଏହି ସ୍ଥାନରେ ଦେବୀ ସତୀଙ୍କର ମସ୍ତକ ପଡ଼ିଥିବାର ବିଶ୍ୱାସ କରାଯାଏ। ଏହାପରେ ଏଠାରେ ବୌଦ୍ଧଧର୍ମ ପ୍ରସାର ଲାଭ କରିଥିଲା। ଶେଷରେ ସପ୍ତମ ଶତାବ୍ଦୀରେ ଏଠାରେ ଇସଲାମ୍ ଧର୍ମର ପ୍ରବେଶ ଘଟିଲା। କଲାତ୍, ଖରାନ୍, ଲାସ୍‌ବେଲା ଏବଂ ମ୍ୟାକ୍ରାନ୍‌କୁ ନେଇ ଗଠିତ ବେଲୁଚିସ୍ତାନ୍ ପାକିସ୍ତାନର ୪୪ ଭାଗ ସହିତ ସବୁଠାରୁ ବଡ଼ ପ୍ରଦେଶ। ଆରବସାଗରର ମାଛ ଏବଂ ପ୍ରାକୃତିକ ତୈଳ ତଥା ସହିତ ଏହାର ମାଟି ତଳେ ୟୁରାନିୟମ, ସୁନା, ତମ୍ବା ଅବ ଲୁହାର ବଡ଼ବଡ଼ ଖଣି ଏଠାରେ ରହିଛି। ଏହାର ଭୂମିତଳେ ପ୍ରାକୃତିକ ବାଷ୍ପ ଏବଂ ତୈଳ ଭରି ରହିଛି। ହିସାବ ଦେଖାଇ ଏଠାରେ ଥିବା ସୁନଖଣିରେ ୪୦ କୋଟି ଟନ୍ ସୁନା ମହଜୁଦ ଅଛି ଯାହାର ମୂଲ୍ୟ ଦୁଇ ଟ୍ରିଲିଅନ ଡଲାର। ବିଶେଷଜ୍ଞଙ୍କ ମତରେ ବେଲୁଚିସ୍ତାନ୍‌ର ମାଟି ତଳେ ୫୯୦ କୋଟି ଟନ୍ ଖଣିଜ ପଦାର୍ଥ ମହଜୁଦ ଅଛି। ଅମାପ ଖଣିଜ ସଂପଦ ସହିତ ଏଠାରେ ଅବସ୍ଥିତ ମରୁଭୂମି ଚୋଲିସ୍ତାନ୍ ଠାରେ ପାକିସ୍ତାନ ପରମାଣୁ ଚଗାଇ-୨ ପରୀକ୍ଷଣ କରିଥିଲା। ତଥାପି ଏଠାର ଅଧିବାସୀ ନିର୍ଯାତିତ ଏବଂ ଅବହେଳିତ।

୧୭୮୩ ମସିହା। ବେଲୁଚିସ୍ତାନର ସବୁଠାରୁ ବଡ଼ ରାଜ୍ୟ କଲାତ୍‌ରେ ଶାସନ କରୁଥିଲେ ମୀର ନାସିର୍ ଖାଁ। କଲାତ୍‌ର ଉପରାଜ୍ୟ ମକ୍ରାନ୍ ଜାଗିରର ଜଗିରଦାର ଦାଦ୍ କରିମ୍ ମୀରୱାରିଙ୍କ ସହିତ ସେତେବେଳର ଶକ୍ତିଶାଳୀ ଦେଶ ଓମାନ୍‌ର ରାଜକୁମାର ସୟଦ୍ ସୁଲତାନ୍ ଦେଖା କରିବାକୁ ଆସିଲେ। ଓମାନ୍‌ର ରାଜକୁମାରଙ୍କୁ ଦେଖି ନାସିର ଖାଁ ଚକିତ ହୋଇ ଯାଇଥିଲେ। ଓମାନ୍‌ରେ ଗୃହଯୁଦ୍ଧ ଚାଲିଥିବାରୁ ସେ କଲାତ୍‌ରୁ ସୈନ୍ୟ ସାହାଯ୍ୟ ଚାହୁଁଥିଲେ। ନାସିର ଖାଁ ଅନ୍ୟ ଦେଶର ଆଭ୍ୟନ୍ତରୀଣ କନ୍ଦଳରେ ଜଡିତ ହେବାକୁ ଚାହୁଁ ନଥିଲେ। ତେଣୁ ସେ ସୈନ୍ୟ ସହାୟତା ଦେଇ ନଥିଲେ। କିନ୍ତୁ ଓମାନ୍ ପରି ଦେଶ ତାଙ୍କ ପାଖକୁ ସାହାଯ୍ୟ ପାଇଁ ଆସିଥିବାରୁ ସେ ତାଙ୍କୁ ଏପରି ଉପହାର ଦେଇଥିଲେ ଯାହା ପରୋକ୍ଷରେ ଓମାନର ଭବିଷ୍ୟତ ଗଢ଼ି ଦେଇଥିଲା। ତାହା ଥିଲା ବେଲୁଚିସ୍ତାନରେ ଅବସ୍ଥିତ ଗ୍ୱାଦର୍ ବନ୍ଦର। ତିନିପଟେ ସମୁଦ୍ରବେଷ୍ଟିତ ଓମାନ୍‌ର ବହିର୍ବାଣିଜ୍ୟ ପାଇଁ ଏହାର ଗୁରୁତ୍ୱ ଯଥେଷ୍ଟ ଥିଲା। ବନ୍ଦର ଦେବା ବେଳେ ନାସିର୍ ଖାଁ ରାଜକୁମାର ସୟଦ ଓମାନ୍‌ର ସମ୍ରାଟ ହେବା ପରେ ବନ୍ଦରକୁ ଫେରାଇ ଦେବାର ସର୍ତ୍ତ ରଖିଥିଲେ। ଓମାନ୍ ରାଜକୁମାର ନିଜ ଦେଶକୁ ଫେରି ବିଦ୍ରୋହ ଦମନ କରି ସମ୍ରାଟ ହେଲେ ସତ କିନ୍ତୁ ଗ୍ୱାଦର୍ ଫେରେଇଲେନି। ବରଂ ସେଠାରେ ନିଜର ଜଣେ ସେନାପତିଙ୍କୁ ନିଯୁକ୍ତ କରିଦେଲେ।

**ମୁଦ୍ରା କାହାଣୀ**

ନାସିର୍ ଖାଁ ବନ୍ଦର ଫେରିଆସବ ବିଶ୍ୱାସ ରଖି ନିଜ ଜ୍ୱାଇଁ ଲାସ୍ ବେଲାର ରାଜା ପ୍ରଥମ ମୀର ଖାନ୍‌ଙ୍କୁ ଯୌତୁକ ହିସାବରେ ଦେଇଦେଲେ। କିଛିଦିନ ପରେ ଯେତେବେଳେ ମୀର ଖାନ୍ ଗ୍ୱାଦର୍ ଗଲେ, ଓମାନ୍ ରାଜା ସେଠାରୁ ତାଙ୍କୁ ତଡ଼ି ଦେଇଥିଲେ। ଗ୍ୱାଦର୍ ଫେରି ପାଇବା ପାଇଁ ସେ ନିଜ ଶ୍ୱଶୁରଙ୍କ ସାହାଯ୍ୟ ମାଗିଲେ। କିନ୍ତୁ ନାସିର ଖାଁଙ୍କର ଅଳ୍ପଦିନରେ ମୃତ୍ୟୁ ଘଟିଲା। ମୀର୍ ଖାଁ ନିଜେ ସୈନ୍ୟ ନେଇ ଗ୍ୱାଦର୍ ଦଖଲ କରିବାକୁ ଗଲେ। କିନ୍ତୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଓମାନ୍ ରାଜା ଲାସ୍ ବେଲା ଉପରେ ଆକ୍ରମଣ କଲେ। ଲାସ୍ ବେଲାକୁ ସୁରକ୍ଷା ଦେବା ପାଇଁ କଲାତ୍ ଆସିଲା। ନିଜର ପରାଜୟ ଆଶଙ୍କାରେ ଓମାନ୍‌ର ରାଜା ଇଂରେଜ ସରକାରଙ୍କର ଶରଣ ପଶିଲେ। ଇଂରେଜ ସରକାର ସାହାଯ୍ୟ ବଦଳରେ ଗ୍ୱାଦର୍ ବନ୍ଦର ବ୍ୟବହାରର ସ୍ୱାଧୀନତା ଚାହିଁଲେ। ଓମାନ୍ ଯୁଦ୍ଧ ଜିତିଲା, ଇଂରେଜ ବନ୍ଦର ବ୍ୟବହାର କଲେ।

ହାତୁଡ଼ି ଆକାରର ଗ୍ୱାଦର୍ ଗୋଟିଏ ଛୋଟ ଗାଁ ଥିଲା। ହିନ୍ଦୁ ଏବଂ ବେଲୁଚ୍ ଅଧ୍ୟୁଷିତ ଗ୍ୱାଦର୍‌ର ଲୋକ ମୁଖ୍ୟତଃ ସମୁଦ୍ରରୁ ମାଛ ଧରି ପେଟ ପୋଷୁଥିଲେ। କିନ୍ତୁ ଭୌଗୋଳିକ ଅବସ୍ଥିତି ଯୋଗୁ ଗ୍ୱାଦର୍ ସାମରିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ଥିଲା। ଆରବ ସାଗରତଟସ୍ଥ ଅନେକଦେଶରୁ ତୈଳ ପରିବହନର ଏହା କେନ୍ଦ୍ରସ୍ଥଳ ଥିଲା। ମଧ୍ୟ ଏସିଆ, ମଧ୍ୟ ପ୍ରାଚ୍ୟ, ଭାରତ ମହାସାଗର ଏବଂ ଦକ୍ଷିଣ ଏସିଆକୁ ସଂଯୋଗ କରୁଥିବାରୁ ଅନ୍ତର୍ଜାତୀୟ ବ୍ୟାପାର ପାଇଁ ଏହାର ପ୍ରାଧାନ୍ୟ ରହିଥିଲା। ଏସବୁ କାରଣରୁ ଓମାନ୍ ଦୁଇଶହ ବର୍ଷ ଧରି ଗ୍ୱାଦର୍‌କୁ ନିଜ ଅକ୍ତିଆରରେ ରଖିଥିଲା।

୧୯୪୭ ମସିହାରେ ଭାରତର କିଛି ରାଜ୍ୟ ଏବଂ ଗ୍ୱାଦର୍‌ର ଚାରିପାଖର ଥିବା ରାଜ୍ୟଗୁଡ଼ିକର ମିଶ୍ରଣରେ ପାକିସ୍ତାନ ସୃଷ୍ଟି ହେଲା। ୧୯୫୪ ମସିହାରେ ପାକିସ୍ତାନ ସେ ଅଞ୍ଚଳର ଭୂତତ୍ତ୍ୱ ସର୍ବେକ୍ଷଣ କରେଇଲା। ନିଜର ସୀମା ସୁରକ୍ଷା ଏବଂ ଦେଶରେ ଚୋରାଚାଲାଣକୁ ରୋକିବା ପାଇଁ ଗ୍ୱାଦର୍‌କୁ ଅକ୍ତିଆର କରିବା ପାକିସ୍ତାନ ପାଇଁ ନିହାତି ଆବଶ୍ୟକ ଥିଲା। ତେଣୁ ୧୯୫୮ ମସିହାରେ ପାକିସ୍ତାନ ଓମାନ୍ ଠାରୁ ତିନି ନିୟୁତ ପାଉଣ୍ଡ ମୂଲ୍ୟରେ ଗ୍ୱାଦର୍ କିଣିଲା। ବନ୍ଦର ବିକାଶ ପାଇଁ ଚୀନ୍ ସହିତ କଥାବାର୍ତ୍ତା କଲା। ୨୦୦୪ ମସିହାରେ ଚୀନ୍ ଭାରତ ମହାସାଗରରେ ନିଜର ନୌଶକ୍ତି ଜାହିର କରିବା ପାଇଁ ଗ୍ରହଣ କରିଥିବା ‘ମୁକ୍ତର ହାର’ ନୀତି ଆଧାରରେ ଶ୍ରୀଲଙ୍କାର ହମ୍ବନ୍‌ତୋଟା, ମାଳଦ୍ୱୀପର ଫିଧୁ ଫିନୋଲୁ, ବଙ୍ଗଳାଦେଶର ଚିଉଗାଁ, ମ୍ୟାମାର୍‌ର କ୍ୟୋକ୍‌ପ୍ୟୁ ଏବଂ ପାକିସ୍ତାନର ଗ୍ୱାଦର୍ ବନ୍ଦର ଲିଜ୍ ସୂତ୍ରରେ ନେଲା।

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାରିରାଜ୍ୟ ଭିତରୁ କଲାତ୍ ଶକ୍ତିଶାଳୀ ଥିଲା। ଇଂରେଜ ଆସିଥିଲେ ମଧ୍ୟ ଏହାକୁ ଅଧିକାର କରିପାରି ନଥିଲେ। ଏହା ଏକ ବ୍ରିଟିଶ୍ ପ୍ରୋଟେକ୍ଟେଡ୍ ରାଜ୍ୟ ଥିଲା। ବିଂଶ ଶତାବ୍ଦୀରେ କଲାତ୍, ମ୍ୟାକ୍ରନ୍, ଲାସ୍‌ବେଲା ଏବଂ ଖରାନ୍‌କୁ ନେଇ ୧୯୪୭ ମସିହା ୧୨ ତାରିଖ ଅର୍ଥାତ ଭାରତ ସ୍ୱାଧୀନ ହେବାର ତିନିଦିନ ପୂର୍ବରୁ ବେଲୁଚିସ୍ତାନ୍ ସ୍ୱାଧୀନତା ଘୋଷଣା କଲା। ମୀର୍ ଅହମ୍ମଦ ଖାଁ ଦେଶର ମୁଖ୍ୟ ଭାବେ ଘୋଷିତ ହେଲେ। ଉଚ୍ଚ ସଦନ ଦାର୍ - ଉଲ୍ - ଉମ୍ରା ଏବଂ ନିମ୍ନ ସଦନ ଦାର୍ - ଉଲ୍ - ଆବାମ୍‌କୁ ନେଇ ଦେଶର ସଂସଦ ଗଠିତ ହେଲା। କିନ୍ତୁ ତା’ର ଏହି ସ୍ୱାଧୀନତା ବେଶୀ ଦିନ ରହି ନଥିଲା। ବେଲୁଚିସ୍ତାନ୍ ଅନ୍ତର୍ଜାତୀୟସ୍ତରର ବିଷୟ ସମ୍ଭାଳି ପାରିବନି ବୋଲି ବ୍ରିଟେନ୍ ଘୋଷଣା କଲା। ଏଥିରେ ବିଚଳିତ ହୋଇ ବେଲୁଚିସ୍ତାନ୍‌ର ଶାସକ ଜିନ୍ନାଙ୍କ ପାଖରେ ପହଞ୍ଚିଲେ। ଜିନ୍ନା ସେତେବେଳେ ପାକିସ୍ତାନର ନିର୍ମାତା ସହିତ ଜଣେ ବଡ଼ ଓକିଲ ଭାବରେ ପରିଚିତ ଥିଲେ। ଜିନ୍ନା ସାହାଯ୍ୟ କରିବା ପରିବର୍ତ୍ତେ ବେଲୁଚିସ୍ତାନ୍‌କୁ ପାକିସ୍ତାନରେ ମିଶିଯିବା ପାଇଁ କହିଲେ। ବେଲୁଚିସ୍ତାନ୍ ଚାରି ଭିନ୍ନଭିନ୍ନ ଆଦିବାସୀ ବାସ କରୁଥିବା ରାଜ୍ୟର ସମାହାର ଥିଲା। ସମସ୍ତେ ବିରୋଧ କଲେ। ଯୁଦ୍ଧ ସ୍ଥିର ହେଲା।

ବେଲୁଚିସ୍ତାନ୍ ପାଖରେ ଅସ୍ତ୍ର ନଥିଲା। ଦେଶ ଇଂଲଣ୍ଡର ସାହାଯ୍ୟ ମାଗିଲା। ଏହାକୁ ଇଂଲଣ୍ଡ ପ୍ରତ୍ୟାଖ୍ୟାନ କରିଥିଲା। ଏକଥା ଜିନ୍ନା ଜାଣିଲେ, କଲାତ୍‌କୁ ଛାଡ଼ି ଅନ୍ୟ ତିନିଦେଶକୁ ସ୍ୱାଧୀନ ଘୋଷଣା କରିଦେଲେ। ଏହାର ମୁଖିଆମାନେ ଦେଶର ଶାସକ ହେବା ଲୋଭରେ ଜିନ୍ନାଙ୍କ ପ୍ରସ୍ତାବରେ ରାଜି ହୋଇଗଲେ। କଲାତ୍ ଏକୁଟିଆ ହୋଇଗଲା ଏବଂ ଭାରତରେ ମିଶିବାକୁ ଚାହିଁଲା। ନେହେରୁ ଏହାକୁ ମନା କରିଦେଲେ। ଫଳରେ ୧୯୪୮ ମସିହା ମାର୍ଚ୍ଚ ମାସ ୨୬ ତାରିଖରେ ପାକିସ୍ତାନ କଲାତ୍ ଅଧିକାର କଲା। ବାରମ୍ବାର ବେଲୁଚ୍ ବିଦ୍ରୋହ କଲେ। କାଶ୍ମୀର ଓ ପୂର୍ବ ପାକିସ୍ତାନରେ ବ୍ୟସ୍ତ ପାକିସ୍ତାନ ଶାସନ ବେଲୁଚିସ୍ତାନ୍ ଦାୟିତ୍ୱ ସେନା ଉପରେ ଛାଡିଦେଲା। ପଞ୍ଜାବୀ-ପ୍ରଭାବିତ ସେନା ବେଲୁଚ୍‌ଙ୍କୁ ଅକଥନୀୟ ନିର୍ଯାତନା ଦେଲେ। ୧୯୭୦ ମସିହାରେ କିଛି ଛାତ୍ର ବେଲୁଚ୍ ମୁକ୍ତି ବାହିନୀ (ବିଏଲ୍‌ଏ) ଗଠନ କଲେ। ସୋଭିଏତ୍ ରୁଷରେ ପ୍ରଶିକ୍ଷଣ ପାଇ ଆସିଥିବା ଅନେକ ବେଲୁଚ ସଂଗ୍ରାମ ପାଇଁ ପ୍ରସ୍ତୁତ ଥିଲେ। ପାକିସ୍ତାନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଲୋକଙ୍କୁ ଚୁପଚାପ୍ ମାରି ଦିଆ ଯାଉଛି। ଚୀନ୍ - ପାକିସ୍ତାନ ଅର୍ଥନୈତିକ ଅର୍ଗଳୀ ଯୋଜନାରେ ଚୀନ୍ ମଧ୍ୟ ବେଲୁଚ୍‌ଙ୍କ ଉପରେ ଅତ୍ୟାଚାର କରୁଛି। ପାକିସ୍ତାନ ଚୀନ୍‌ର ଆର୍ଥିକ ସହାୟତାର ଚାପରେ ସ୍ଥାନୀୟ ବେଲୁଚ୍‌ଙ୍କୁ ମାଛ ମାରିବା ଉପରେ ପ୍ରତିବନ୍ଧ ଲଗାଇ ଦେଲା। ଚୀନ୍ ଗ୍ୱାଦର୍ ବନ୍ଦରର ବିକାଶ ଖୁବ୍ ଦ୍ରୁତଗତିରେ କଲା। ସ୍ଥାନୀୟଲୋକ ଏହା ଦ୍ୱାରା କାମ ଓ ଅର୍ଥନୈତିକ ଲାଭ ପାଇବାର ଆଶା ରଖିଥିଲେ। ହେଲେ ଚୀନ୍ ନିଜଦେଶରୁ ଲୋକ ଆଣି ବିକାଶ କାମ କଲା। ପୂର୍ବରୁ ପାକିସ୍ତାନ ବଳ ପ୍ରୟୋଗ କରି କଲାତ୍ ହାସଲ କରିଥିବାରୁ ବେଲୁଚ୍ ଅସନ୍ତୋଷ ଏବଂ କ୍ରୋଧରେ ଥିଲେ। ଗ୍ୱାଦାର୍ ବନ୍ଦରରର ବିକାଶ ପାକିସ୍ତାନର ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଅନେକ ସଂଗଠନ ତିଆରି ହୋଇଥିଲେ। ଆଜି ବି ବେଲୁଚ୍‌ଙ୍କ ଉପରେ ପାକିସ୍ତାନୀ ଅତ୍ୟାଚାର ଚାଲିଛି। ସ୍ୱାଧୀନରାଷ୍ଟ୍ରରେ ପରିଣତ ହେବା ପାଇଁ ବେଲୁଚିସ୍ତାନ୍ ଭାରତର ସାହାଯ୍ୟକୁ ଅପେକ୍ଷା କରି ରହିଛି।

# ଦୁର୍ନୀତିର କାୟା



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଇନ ଯେତିକି ଯେତିକି କଠୋର ହେଉଛି, ଦୁର୍ନୀତି ସେତିକି ସେତିକି କାୟାବିସ୍ତାର କରିଚାଲିଛି। ଏହାର ସତ୍ୟତାକୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ୨୦୨୪ରେ ପ୍ରକାଶିତ ରିପୋର୍ଟ ପ୍ରତିପାଦନ କରିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ୧୮୦ ରାଷ୍ଟ୍ରରେ ଦୁର୍ନୀତି ନେଇ ପ୍ରସ୍ତୁତ ରିପୋର୍ଟ-୨୦୨୪ରେ କରେପସନ ପରସେପସନ ଇଣ୍ଡେକ୍ସ(ସିପିଆଇ)ରେ ଭାରତର ର୍‍ୟାଙ୍କ ୯୬ ରହିଛି। ୨୦୨୨ରେ ଭାରତ ୮୫ ର୍‍ୟାଙ୍କରେ ଥିବାବେଳେ କରେପସନ ସ୍କୋର ଥିଲା ୪୦। ୨୦୨୪ରେ ଏହି ସ୍କୋର ୩୮କୁ ହ୍ରାସ ପାଇଛି। ଟ୍ରାନ୍ସପରେନ୍ସି ତା’ର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ସରକାରୀ କାର୍ଯ୍ୟାଳୟରେ କାମ ହାସଲ ପାଇଁ ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ଭାରତୀୟ ଉତ୍କୋଚକୁ ଏକ ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି କିମ୍ବା କାମ ବଦଳରେ ସେମାନଙ୍କ ଠାରୁ ଲାଞ୍ଚ ଦେବା ପାଇଁ ଦାବି କରାଯାଇଥାଏ। ଲାଞ୍ଚ ନଦେଲେ ଫାଇଲ ଘୁଞ୍ଚେ ନାହିଁ କି, କାମ ହୁଏନାହିଁ, ଏଭଳି ମତ ଦେଇଛନ୍ତି ୪୦ପ୍ରତିଶତ ଭାରତୀୟ ଦୁର୍ନୀତି ନେଇ ଦେଶରେ ରାଜନୈତିକ ସ୍ତରରେ ସର୍ବଦା କୋଳାହଳ, ନେତାମାନଙ୍କର ତୁମ୍ବିତୋଫାନ ଭାଷଣ ଲାଗି ରହି ରହିଥିଲେ ମଧ୍ୟ ଏହା ସଂକ୍ରାମକ ରୋଗ ଭଳି ମାଡି ଚାଲିଛି। ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର କଡା ଚେତାବନୀ ଦେଇଥିଲେ ମଧ୍ୟ ତା’ର ପ୍ରଭାବ ପଡୁନାହିଁ। କିନ୍ତୁ ଦୁର୍ନୀତି ପାଇଁ ଭାରତରେ ଶାସନ କ୍ଷମତା ପରିବର୍ତ୍ତନ ଘଟିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର। ଏବେ ଦୁର୍ନୀତି ଗ୍ରସ୍ତଙ୍କ ବିରୁଦ୍ଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ସଂସ୍ଥା ଏବଂ ରାଜ୍ୟସ୍ତରରେ କ୍ରାଇମବ୍ରାଞ୍ଚ ଚଢାଉ ଜାରି ରଖିଛି। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ଜବତ ଆୟବର୍ହିଃଭୂତ ସମ୍ପତିର ପରିମାଣ ମଧ୍ୟ ବଢିବାରେ ଲାଗିଛି। ତେବେ ପ୍ରତିପକ୍ଷ ତଥା ବିରୋଧୀ ଦଳ ନେତାଙ୍କୁ ଜବତ କରିବା ତଥା ରାଜନୈତିକ ଫାଇଦା ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି। ଏହା ନିଃସନ୍ଦେହ ଯେ, ଦେଶରେ ଲାଞ୍ଚ କାରବାର, ସରକାରୀ ଅର୍ଥ ହେରେଫେର, ଆତ୍ମସାତ ଯୋଗୁଁ ଦୁର୍ନୀତିର ଚେର ମାଡି ଚାଲିଛି। ଆହୁରି ମଧ୍ୟ ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା ହୋଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୬୪ପ୍ରତିଶତ ଭାରତୀୟ ଭାବନ୍ତି ଯେ, ରାଜନୈତିକ ନେତା ବ୍ୟାପକ ମାତ୍ରାରେ ଦୁର୍ନୀତିରେ ସମ୍ପୃକ୍ତ। ବୋଧହୁଏ ଏଥିରେ ବିସ୍ମିତ ହେବାର କିଛି କାରଣ ନାହିଁ। ଏହା ସତ୍ୟ ଯେ, ଦୁର୍ନୀତି କେବଳ ଭାରତରେ ସୀମିତ ରହିନାହିଁ। ଏହା ବିଶ୍ୱର ଦୁଇତୃତୀୟାଂଶ ରାଷ୍ଟ୍ରକୁ ଗ୍ରାସ କରିଛି ବୋଲି ୨୦୨୪ ସିପିଆଇ ରିପୋର୍ଟରେ କୁହାଯାଇଛି। ଦୁର୍ନୀତି ଏପରି ମାତ୍ରାରେ କାୟାବିସ୍ତାର କରିଛି ଯେ, ଯେତେ କଠୋର ଆଇନ ପ୍ରଣୟନ ହେଲେ ବି ଦୁର୍ନୀତିଗ୍ରସ୍ତଙ୍କ ଫାନ୍ଦିଫକର ନିକଟରେ ଆଇନ ଫିକା ପଡିଯାଇଛି ବୋଲି କୁହାଯାଇପାରେ। ଆମ ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବହୁ ଆଇନ ରହିଛି। ମାତ୍ର ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଛି। ନିକଟରେ ଭିଜିଲାନ୍ସର ଚଢାଉ ଏହି ସଂକେତ ପ୍ରଦାନ କରୁଛି। ଦୁର୍ନୀତିଗ୍ରସ୍ତଙ୍କ ଆୟ ସମ୍ପତି ଜବତ ଆଖି ଖୋସି କରିଦେଇଛି। ନିକଟରେ କେତେକ ଇଞ୍ଜିନିୟର, ବହୁସଂସ୍ଥାର ପରିଚାଳକ ଘର ଓ କାର୍ଯ୍ୟାଳୟ ଉପରେ ଭିଜିଲାନ୍ସ ଚଢାଉ କରି କେବଳ କୋଟି କୋଟି ଟଙ୍କାର ବେନାମୀ ସମ୍ପତି ନୁହେଁ, ନଗଦ କୋଟି କୋଟି ଟଙ୍କା, ସୁନାଗହଣା ଜବତ ଘଟଣାରେ ଜନସାଧାରଣଙ୍କୁ ତାଜୁବ କରିଦେଇଛି। ଗୋଟିଏ ପଟେ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଥିବାବେଳେ ସେହି ଅନୁପାତରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହେଉନାହିଁ। ଆଇନର ଗଳାବାଟରେ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛି। ପ୍ରତି ୧୦ଜଣରେ ମାତ୍ର ୩ପ୍ରତିଶତ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଉଥିବା କୁହାଯାଏ। କେବଳ ଏତିକି ନୁହେଁ, ବିଚାର ପ୍ରକ୍ରିୟାରେ ମନ୍ଥରତା ଆଉ ଏକ କାରଣ ବୋଲି କୁହାଯାଇପାରେ। ଏହା ନିଃସନ୍ଦେହ ଯେ, ଦୁର୍ନୀତି ବିରୁଦ୍ଧରେ ନିଜେ ସଚେତନ ନହେବା ପର୍ଯ୍ୟନ୍ତ, ଏହା କମିବ ନାହିଁ କି ଏହାକୁ ନିରାକରଣ କରାଯାଇପାରିବ ନାହିଁ।

# ଶ୍ରେଷ୍ଠ ହେବାକୁ ଇଚ୍ଛା



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ପ୍ରଥମ ସ୍ଥାନ ହାସଲ ପ୍ରତିଯୋଗିତାରେ ମାନସିକ ଅବସାଦ ଏବଂ ହତାଶା ହେତୁ ଛାତ୍ରମାନେ ଆତ୍ମହତ୍ୟା କରିବା ଏକ ଗମ୍ଭୀର ସମସ୍ୟା। ଏହା ଦୁର୍ଭାଗ୍ୟଜନକ ଯେ ଆମର ଛାତ୍ର ପ୍ରତିଭା ଉଚ୍ଚ ଆଶା, ଟପ୍ପର ସଂସ୍କୃତିର ଚାପ ଏବଂ ଶିକ୍ଷା ବ୍ୟବସ୍ଥାରେ ଅସଙ୍ଗତି ହେତୁ ଆତ୍ମହତ୍ୟାର ଶିକାର ହେଉଛନ୍ତି। ଛାତ୍ରମାନଙ୍କର ଦୁଃଖଦ ମୃତ୍ୟୁ ପ୍ରତିଯୋଗିତା ମୂଳକ ଶିକ୍ଷା ବ୍ୟବସ୍ଥାରେ ପ୍ରଶ୍ନ ଉଠାଇ ଆମକୁ ବିଚଳିତ କରୁଛି। ନିଶ୍ଚିତ ଭାବରେ, ଟପ୍ପର ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ନୀତିଗତ ନିଷ୍ପତ୍ତିର ଅଭାବ ଛାତ୍ରମାନଙ୍କ ପାଇଁ ଘାତକ ପ୍ରମାଣିତ ହେଉଛି। ଏହା ଦୁଃଖଦ ଯେ ସ୍ୱପ୍ନ ପୂରଣ ପାଇଁ କୋଟା ଯାଇଥିବା ଚଉଦ ଜଣ ଛାତ୍ର ଏହି ବର୍ଷ ଆତ୍ମହତ୍ୟା କରିଛନ୍ତି। ବିଡ଼ମ୍ବନା ହେଉଛି ବାରମ୍ବାର ଚେତାବନୀ ସତ୍ତ୍ୱେ, କୋଚିଂ ଇନଷ୍ଟିଚ୍ୟୁଟ୍‌ର ଚାପ, ଉଚ୍ଚ ଷ୍ଟେକ୍ ପରୀକ୍ଷା, କଡା ପ୍ରତିଯୋଗିତା, ତ୍ରୁଟିପୂର୍ଣ୍ଣ କୋଚିଂ ଅଭ୍ୟାସ ଏବଂ ନିଶ୍ଚିତ ସଫଳତାର ଦାବି ବନ୍ଦ ହୋଇନାହିଁ। ଏହି କାରଣରୁ ସମ୍ପ୍ରତି କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (CCPA) ଭ୍ରମକ ବିଜ୍ଞାପନ ଏବଂ ବ୍ୟବସାୟ ପାଇଁ ଅନେକ କୋଚିଂ ପ୍ରତିଷ୍ଠାନକୁ ନୋଟିସ୍ ଜାରି କରିଛି। ପ୍ରକୃତରେ, ଅନେକ କୋଚିଂ ପ୍ରତିଷ୍ଠାନ ଭୂମିଗତ ବାସ୍ତବତାର ବିପରୀତ, ଶୀର୍ଷ ସ୍ଥାନ ପାଇବା ଏବଂ ଚୟନ ଗ୍ୟାରେଣ୍ଟି ଦେବାର ଖାଲି ଏବଂ ପ୍ରଲୋଭନକାରୀ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ନିଃସନ୍ଦେହରେ, ଏପରି ଫମ୍ପା ଦାବିଗୁଡ଼ିକ ପ୍ରାୟତଃ ଦୁର୍ବଳ ଛାତ୍ର ଏବଂ ଚିନ୍ତିତ ଅଭିଭାବକମାନଙ୍କ ପାଇଁ ଏକ ଘାତକ ଚକ୍ରବ୍ୟୂହ ପାଲଟିଯାଏ। ଛାତ୍ରଛାତ୍ରୀମାନଙ୍କୁ ଅନାବଶ୍ୟକ ପ୍ରତିଯୋଗିତା ପାଇଁ ବାଧ କରିବା ଏବଂ ମାର୍କ ମାଧ୍ୟମରେ ମେରିଟ୍‌କୁ ରାଙ୍କିଂ ସହିତ ଯୋଡ଼ିବା ଦ୍ୱାରା ଦୀର୍ଘକାଳୀନ ଭାବରେ ନିରାଶାର ଘୂର୍ଣ୍ଣିଝଡ଼ରେ ଛାତ୍ରଛାତ୍ରୀମାନଙ୍କୁ ଫସାଇ ଥାଏ। ପ୍ରକୃତରେ, ସରକାରଙ୍କୁ ଏପରି ଏକ ଇକୋସିଷ୍ଟମ ବିକଶିତ କରିବା ଉଚିତ୍ ଯାହା ବିଭିନ୍ନ କ୍ଷେତ୍ରରେ ଆଗ୍ରହୀ ଯୁବକମାନଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଆତ୍ମହତ୍ୟା ଶବ୍ଦ ହେଉଛି ଜୀବନରୁ ପଳାୟନର ଭୟଙ୍କର ସତ୍ୟ, ଯାହା ହୃଦୟକୁ ଥରାଇ, ଭୟ ସୃଷ୍ଟି କରେ, ଯନ୍ତ୍ରଣା ଦିଏ। ଛାତ୍ରଙ୍କ ଆତ୍ମହତ୍ୟା ନୂଆ କଥା ନୁହେଁ। ରେକର୍ଡ ଦର୍ଶାଉଛି ଯେ ଗତ ଦଶନ୍ଧିରେ, କେବଳ କୋଚିଂ ପ୍ରତିଷ୍ଠାନରେ ନୁହେଁ, IIT ଭଳି ପ୍ରତିଷ୍ଠାନରେ ମଧ୍ୟ ୫୨ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି।

ଏହି ସଂଖ୍ୟା ଏତେ କମ୍ ନୁହେଁ ଯେ ଏପରି ମାମଲାଗୁଡ଼ିକୁ ବ୍ୟତିକ୍ରମ ଭାବରେ ବିଚାର କରି ଅଣଦେଖା କରାଯାଇପାରିବ। ନିଶ୍ଚିତ ଭାବରେ, ଏପରି ପ୍ରତ୍ୟେକ କ୍ଷେତ୍ରରେ ଡିପ୍ରେସନର ଅନେକ କାରଣ ରହିଛି। ଶିକ୍ଷାଗତ ଚାପ ଯୋଗୁଁ ଛାତ୍ରମାନଙ୍କ ମଧ୍ୟରେ ଆତ୍ମହତ୍ୟାର ମାରାତ୍ମକ ପ୍ରବୃତ୍ତିରେ ଦ୍ରୁତ ବୃଦ୍ଧି ଆମ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଚିନ୍ତାର କାରଣ ହେବା ଉଚିତ୍। ବିକାଶର ଲମ୍ବା ଦାବି କରୁଥିବା ସରକାର କେବେ ଏ ବିଷୟରେ ଚିନ୍ତା କରିଛନ୍ତି କି? ଏହା ଆଶ୍ଚର୍ଯ୍ୟଜନକ ଯେ ସନ୍ତୁଳିତ ଜୀବନଶୈଳୀ ଏବଂ ଅହିଂସା ପାଇଁ ଜଣାଶୁଣା ଦେଶରେ, ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଂସାର ବୃଦ୍ଧି ଏବଂ ଛାତ୍ରମାନଙ୍କର ଆତ୍ମହତ୍ୟା କରିବାର ପ୍ରବୃତ୍ତି ଅନେକ ପ୍ରଶ୍ନ ଉଠାଉଛି। ଏଥିପାଇଁ କ’ଣ କୌଣସି ଅର୍ଥପୂର୍ଣ୍ଣ ପଦକ୍ଷେପ ନିଆଯିବ? କୋଚିଂ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର କାର୍ଯ୍ୟଶୈଳୀ ଏବଂ ପରିବେଶରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ଆବଶ୍ୟକ ଯାହା ଦ୍ୱାରା ଛାତ୍ରମାନଙ୍କ ଉପରେ ବଢୁଥିବା ଚାପକୁ ଦୂର କରାଯାଇପାରିବ। ବର୍ତ୍ତମାନ, ଏହି ପ୍ରତିଷ୍ଠାନଗୁଡ଼ିକରେ ଏପରି ଏକ ବ୍ୟବସ୍ଥା ବିକଶିତ ହେବା ମଧ୍ୟ ଆବଶ୍ୟକ ଯାହା ନିରାଶ ଏବଂ ହତାଶ ଛାତ୍ରଛାତ୍ରୀଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିପାରିବ ଏବଂ ସେମାନଙ୍କ ମଧ୍ୟରେ ଆଶା ସୃଷ୍ଟି କରିପାରିବ। ଆଜି ନିଯୁକ୍ତି ସୁଯୋଗ ପ୍ରାୟ ଶେଷ ହୋଇଗଲାଣି। ସ୍ନାତକ ସମାପ୍ତ କରିଥିବା ଛାତ୍ର ଯେକୌଣସି କାର୍ଯ୍ୟାଳୟରେ ନିଜ ପାଇଁ ସମ୍ଭାବନା ଖୋଜେ, କିନ୍ତୁ ଚାକିରି ପାଏ ନାହିଁ। ବେକାରୀ ଡିପ୍ରେସନକୁ ନେଇଯାଏ ଏବଂ ଡିପ୍ରେସନ ଆତ୍ମହତ୍ୟାରେ ସାନ୍ତ୍ୱନା ପାଏ। କୋଚିଂ ପ୍ରତିଷ୍ଠାନ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଡିପ୍ରେସନ ପ୍ରଚଳିତ ଏବଂ ଯଦି ଛାତ୍ରଛାତ୍ରୀମାନେ ଏଥିପାଇଁ ଆତ୍ମହତ୍ୟା କରନ୍ତି, ତେବେ ଏହା ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବଂ କୋଚିଂ ପ୍ରତିଷ୍ଠାନଗୁଡ଼ିକର ମୁହଁରେ ଏକ କଳଙ୍କ। ଏହା ବିଶ୍ୱାସ କରାଯାଏ ଯେ ଦେଶର ଉଜ୍ଜ୍ୱଳ ପ୍ରତିଭାମାନେ କୋଚିଂ ପ୍ରତିଷ୍ଠାନଗୁଡ଼ିକୁ ଯାଆନ୍ତି, ଯେଉଁଠାରେ ଆତ୍ମହତ୍ୟାର ନିରନ୍ତର ଖବର ଆମକୁ କହୁଛି ଯେ କୋଚିଂ ପ୍ରତିଷ୍ଠାନରେ ସବୁକିଛି ଠିକ୍ ନାହିଁ। କୋଚିଂ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର କାର୍ଯ୍ୟଶୈଳୀ ଏବଂ ପରିବେଶରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ଆବଶ୍ୟକ। ଯେତେବେଳେ ‘ଆମେ ନମ୍ବର ୱାନ’ ହେବାର ଦୌଡ଼ର ମନୋଭାବ ଛାତ୍ରଛାତ୍ରୀଙ୍କ ମନରେ ପ୍ରାଧାନ୍ୟ ବିସ୍ତାର କରେ ଏବଂ ଛାତ୍ରଛାତ୍ରୀମାନେ ଏହାକୁ ହାସଲ କରିବା ପାଇଁ ସମ୍ବଳ, କ୍ଷମତା, ଦକ୍ଷତା ଏବଂ ପରିସ୍ଥିତି ସଂଗ୍ରହ କରିପାରନ୍ତି ନାହିଁ, ସେତେବେଳେ ସେମାନେ ହତାଶ, ଚାପଗ୍ରସ୍ତ ହୋଇ ଆତ୍ମହତ୍ୟାକୁ ଏକମାତ୍ର ସମାଧାନ ଭାବରେ ଦେଖନ୍ତି।

# ଜୀବନର ଉଦୟ-ଅସ୍ତର ଖେଳ



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପ୍ରତିଦିନ ପୂର୍ବ ଦିଗରୁ ସୂର୍ଯ୍ୟଙ୍କର ଉଦୟ ହୋଇଥାଏ ଏବଂ ଧୀରେ ଧୀରେ ଦିନର ଅବସାନ ହୋଇଥାଏ। ଅର୍ଥାତ୍ ସନ୍ଧ୍ୟା କାଳରେ ସୂର୍ଯ୍ୟ ପଶ୍ଚିମ ଦିଗକୁ ଯାଇକରି ଅସ୍ତ ହୋଇ ଯାଆନ୍ତି। ଯୁଗ ଯୁଗରୁ ଏହି କ୍ରମ ଅନବରତ ଚାଲି ଆସୁଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନି। ଏହି କ୍ରମକୁ କୁହନ୍ତି କି ଗୋଟିଏ ଦିନ ସମାପ୍ତ ହେଇଗଲା। କ୍ୟାଲେଣ୍ଡରର ଗୋଟିଏ ଦିନ ବିତିଗଲା। ମନୁଷ୍ୟକୁ ଏହା ମାନିକରି ଚାଲିବାକୁ ଦରକାର କି ତା’ର ଆୟୁ ଗୋଟିଏ ଗୋଟିଏ ଦିନ କରିକି କମ୍ ହୋଇ ଯାଉଛି। ସେଥିପାଇଁ ଯେଉଁ କାର୍ଯ୍ୟ ସେ ଭାବିଛି, ତାକୁ ଶୀଘ୍ର ପୁରା କରିବା ଜରୁରି। ଏମିତି ନହେଉ କି ଜୀବନର ଅନ୍ତିମ ସମୟରେ ତାକୁ ପ୍ରାୟଶ୍ଚିତ କରିବାର ଅବସର ନମିଳିପାରେ। ଦିନରେ କରୁଥିବା କାର୍ଯ୍ୟ ଉପରେ ଚିନ୍ତା କରିବା ଆବଶ୍ୟକ। ଯଦି ଶୁଭ କାର୍ଯ୍ୟ କରିଛି ତା’ହେଲେ ତା’ପରଦିନ ଏଥିରେ ବୃଦ୍ଧି ହେବ। ଯଦି ଖରାପ କାର୍ଯ୍ୟ ଅଧିକ କରିଛି ତା’ହେଲେ ପଶ୍ଚାତାପ କରିକି ଆଗକୁ ବଢ଼ିବା ଦରକାର। ଜଣେ କବି ବହୁତ ସୁନ୍ଦର ଶବ୍ଦରେ ବୁଝେଇବାକୁ ପ୍ରୟାସ କରିଛନ୍ତି,‘ଆୟୁଷ: ଖଣ୍ଡମାଦୟ ରବି ରସ୍ତମୟଂ ଗତଃ। ଅହନ୍ୟ ହନୀ ବୋଦ୍ଧେୟଂ କିମୋତେଚ୍ ସୁକୃତଂ କୃତମ’। ଅର୍ଥାତ୍ ସୂର୍ଯ୍ୟ ଅସ୍ତ ହେଲା ପରେ ନିଜର ଆୟୁର ଗୋଟିଏ ଦିନ କମ ହୋଇଯାଏ। ଏହା ଜାଣି କରି ପ୍ରତ୍ୟେକ ମନୁଷ୍ୟକୁ ଦିନସାରା ନିଜର କରାଯାଇଥିବା ଭଲ କାର୍ଯ୍ୟ ଉପରେ ବିଚାର କରିବା ଜରୁରି। ମନୁଷ୍ୟ ଯଦି ପ୍ରତିଦିନ କିଛି ଭଲ କର୍ମ କରିବାର ଅଭ୍ୟାସ ବନେଇ ନେବ ତା’ହେଲେ ଧୀରେ-ଧୀରେ ତା’ର ହୃଦୟରେ ଶୁଭ କର୍ମର ଉଦୟ ହେବାକୁ ଲାଗିଥାଏ। ତା’ର ମନ ଶାନ୍ତ ହେବାକୁ ଲାଗିଥାଏ। ତାକୁ ଅପୂର୍ବ ସୁଖର ଅନୁଭବ ହେବାକୁ ଲାଗିଥାଏ। କିନ୍ତୁ ଯଦି ସେ ଆଳସ୍ୟର କାରଣରୁ ନିଜ କାମକୁ ଟାଳି ଚାଲିଥିବ ତା’ହେଲେ ସେ ନିଜର ସମୟ ବ୍ୟର୍ଥରେ ନଷ୍ଟ କରୁଥିବ। ଗୋଟିଏ ସମୟ ଏମିତି ତା’ ଜୀବନରେ ଆସିଥାଏ, ଯେତେବେଳେ ତାକୁ ଏହି ସଂସାରରୁ ବିଦାୟ ନେବାକୁ ପଡିଥାଏ। ସେହି ସମୟରେ ତାକୁ ଗୋଟିଏ କ୍ଷଣର ସମୟ ଆଉ ମିଳିପାରେ ନାହିଁ। କବି ସତର୍କ କରି କହୁଛନ୍ତି, ‘ଆୟୁଷଃ କ୍ଷଣ ଏ କୋପି ସର୍ବର ସୈନ୍ ଲଭ୍ୟତେ। ନୀୟତେ ଓ ବୃଥା ୟେନ ପ୍ରସାଦରୁ ସୁମହା ନହୋ’। ଅର୍ଥାତ୍ ଆୟୁକୁ ଗୋଟିଏ କ୍ଷଣ ମଧ୍ୟରେ ସାରା ରସକୁ ଦେଇଦେଲେ ମଧ୍ୟ ପ୍ରାପ୍ତ କରାଯାଇ ପାରିବ। ଅତଃ ଏହାକୁ ବ୍ୟର୍ଥରେ ନଷ୍ଟ କରିବା ମହାନ ଭୁଲ୍ ଅଟେ। ମନୁଷ୍ୟକୁ ଏହି ଜୀବନ ବହୁତ ପୁଣ୍ୟ କର୍ମର ଉଦୟ ହେବା ପରେ ମିଳିଥାଏ। ନିଜର ଜୀବନ କାଳରେ ତାକୁ ନିଜର ଆବଶ୍ୟକ କାର୍ଯ୍ୟ ପୂର୍ଣ୍ଣ କରିନେବା ଜରୁରି। ଯେପର୍ଯ୍ୟନ୍ତ ମନୁଷ୍ୟ ଜୀବିତ ଅଛି, ତା’ ଶରୀରରେ ପ୍ରାଣ ଥାଏ। ସେ ପର୍ଯ୍ୟନ୍ତ ତାକୁ ସମୟର ସଦୁପଯୋଗ କରିବା ଦରକାର ଅନ୍ୟଥା ପଶ୍ଚାତାପ କରିକି ଅତିରିକ୍ତ ସେ ଆଉ କିଛି କରିପାରିବନି।

# ନିରବତା : ଦୁଇଟି କାନ ଓ ଗୋଟିଏ ଜିଭ



କିଶୋର କୁମାର ଜେନା
ଆଇନଜୀବୀ, ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭

ଇଂଲିଶ୍ କବି ଡ୍ରାଇଡେଡ଼୍ କହିଥିଲେ, ଅଧିକ ଗପୁଥିବା ଲୋକେ କମ୍ ଚିନ୍ତା କରନ୍ତି। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି, ‘ଭଗବାନ ଦୁଇଟି କାନ ଓ ଗୋଟିଏ ଜିଭ ଦେଇଛନ୍ତି। ତେଣୁ ଯେତିକି ଶୁଣିବା ତାହାର ଅଧା କହିବା’। ପ୍ରସିଦ୍ଧ ରସିଆନ୍ ଔପନ୍ୟାସିକ ମିଖାଇଲ ସୋଲ୍‌କୋଭଙ୍କ ଏକ ଗଳ୍ପର ମୁଖ୍ୟ ଗୋଟିଏ ଚରିତ୍ର ଗପୁଡ଼ି ସ୍ୱଭାବର। ସୁଯୋଗ ମିଳିବା ମାତ୍ରକେ ଭାଷଣ ଦେବାରେ ଲାଗେ। ପ୍ରତ୍ୟେକ ଥର ଭାଷଣ ଆରମ୍ଭ କରିବା ପୂର୍ବରୁ ଭୂମିକାରେ ସେ କହେ ଭଲ କଥାଟିଏ ଖଣ୍ଡେ ରୂପା ଭଳି ମୂଲ୍ୟବାନ। ତାଙ୍କ ଭାଷଣ ଶୁଣୁଥିବା ଜଣେ ଶ୍ରୋତା ଦିନେ ହଠାତ୍ ଉଠି କହିଲେ, କିନ୍ତୁ ନିରବତା ସୁନା ଭଳି ମୂଲ୍ୟବାନ ତୁମେ ତୁମର ରୂପାକୁ ସୁନାରେ ପରିଣତ କରୁନାହଁ କାହିଁକି? ଅର୍ଥାତ୍ ନିରର୍ଥକ କଥା ତୁଳନାରେ ନିରବତା ଶ୍ରେୟସ୍କର। ପ୍ରାଚୀନ ଭାରତୀୟମାନେ ମଧ୍ୟ ବାକ୍‌ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ। ବୌଦ୍ଧ ଜାତକର ସୁପ୍ରସିଦ୍ଧ କାହାଣୀଟିଏ ଏହିପରି ବୌଧିସତ୍ତ୍ୱ ଏକଦା ରାଜକୁମାର ରୂପେ ଜନ୍ମ ହୋଇ ସର୍ବଦା ନିରବ ରହୁଥିଲେ। ତାଙ୍କ ଅଭୁତପୂର୍ବ ନିରବତା, ତାଙ୍କ ପିତା-ମାତାଙ୍କୁ ଚିନ୍ତିତ କରି ରଖିଥିଲେ। ଦିନେ ରାଜକୁମାର ରାଜ ଉଦ୍ୟାନରେ ଧ୍ୟାନରତ ଥିଲେ। ତାଙ୍କୁ ଜଗିଥିଲା, ଜଣେ ଦେହରକ୍ଷୀ। ପକ୍ଷୀଟିଏ ଗଛ ଡାଳରେ ଉଚ୍ଚସ୍ୱରରେ ରାବିବାକୁ ଲାଗିଲା। ରାଜକୁମାରଙ୍କର ଧ୍ୟାନଭଙ୍ଗ ହେଲାନାହିଁ। ତେବେ ବିରକ୍ତ ହୋଇ ଦେହରକ୍ଷୀ ତୀର ମାରିଲା। ତା’ର ଲକ୍ଷ୍ୟ ଥିଲା ଅବ୍ୟର୍ଥ। ପକ୍ଷୀଟି ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଲେ ରାଜକୁମାର। ନିକଟକୁ ଦଉଡିଯାଇ, ଆଉଁସି ପକାଇ କହିଲେ, ହାୟ, କଥା କହିବାରୁ ସିନା ତୁ ଏଭଳି ଦୁରାବସ୍ଥା ଭୋଗିଲୁ। ଦେହରକ୍ଷୀ ଦଉଡିଯାଇ ରାଜାଙ୍କୁ ସୁ-ଖବର ଶୁଣାଇଲା। ରାଜା ଉଦ୍ୟାନକୁ ଝପଟିଆସି ନିରବରେ ବସିଥିବା ରାଜକୁମାରଙ୍କୁ ଦେଖିଲେ। ହେଲେ ରାଜାଙ୍କ ସମ୍ମୁଖରେ ସେ ମୁହଁ ଖୋଲିଲେ ନାହିଁ। ରାଜା ରାଗିଗଲେ। ରକ୍ଷୀକୁ ମିଥ୍ୟାବାଦୀ ମନେକରି ପ୍ରାଣଦଣ୍ଡ ପାଇଁ ନିର୍ଦ୍ଦେଶ ଦେଲେ। ରକ୍ଷୀଟିକୁ ବଞ୍ଚାଇବାକୁ ଯାଇ ଦ୍ୱିତୀୟ ଥର ପାଇଁ ମୁହଁ ଖୋଲିଲେ ବୋଧିସତ୍ତ୍ୱ - ‘କଥା କହିବାରୁ ସିନା ତୋର ଏ ଦଶା ହେଲା।’

ମୌନ ହିଁ ପରମାତ୍ମା। ମୌନ ହିଁ ଏହି ଦେହ, ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କର ଆଧାର। ମୌନ ହେଉଛି ଏହି ଜ୍ଞାନମୟ ବିଶ୍ୱର ପୃଷ୍ଠଭୂମି। ମୌନ ହିଁ ଶକ୍ତି। ମୌନ ଏକ ଜୀବନ୍ତ ଶକ୍ତି। ମୌନ ହିଁ ଏକମାତ୍ର ବାସ୍ତବ ସତ୍ତା। ସକଳ ବୋଧଜ୍ଞାନର ଊର୍ଦ୍ଧ୍ୱରେ ଯେଉଁ ଶାନ୍ତି ଅବସ୍ଥିତ, ତାହା ମୌନ। ଜୀବନର ଅନ୍ତିମ ଲକ୍ଷ୍ୟସ୍ଥଳ ହେଉଛି ମୌନ। ଜୀବନର ଲକ୍ଷ୍ୟ ହେଉଛି ମୌନ। ମୌନ ଲାଭ ଉଦ୍ଦେଶ୍ୟରେ ହିଁ ଆପଣ ଦେହ ଲାଭ କରିଛନ୍ତି। ସକଳ ଶବ୍ଦର, ସମସ୍ତ ରବର ପୃଷ୍ଠଦେଶରେ ରହିଛି ମୌନ, ଯାହା କି ଆପଣଙ୍କର ଅନ୍ତରାତ୍ମା। ଆପଣଙ୍କର ପ୍ରକୃତ ପରିଚୟ ହେଉଛି ମୌନ। ମୌନ ହେଉଛି ସହଜ ଅନ୍ତର୍ଜ୍ଞାନ। ମୌନ ଦ୍ୱାରା ହିଁ ଅନ୍ତରାତ୍ମା ନିଜର ଭାବ ପ୍ରକାଶ କରନ୍ତି। ମୌନରେ ନିମଜ୍ଜିତ ହେବାର ଅର୍ଥ ପରଂବ୍ରହ୍ମରେ ଲୀନ ହୋଇଯିବା। ମୌନ ହେଉଛି ବିସ୍ତୀର୍ଣ୍ଣ ସାହାରା ମରୁରବ ବାଣୀ। ମୌନ ହେଉଛି ସୁତୁଙ୍ଗ ହିମାଳୟର ବାଣୀ। ତୁଷାରାଚ୍ଛନ୍ନ ଗଙ୍ଗୋତ୍ରୀରେ ବା କୈଳାସରେ ଯେଉଁ ସମ୍ପୂର୍ଣ୍ଣ ଉଲଗ୍ନ ଅବଧୂତ ବାସ କରନ୍ତି, ମୌନ ହେଉଛି ତାଙ୍କର ବାଣୀ। ପ୍ରଭୁ ଦକ୍ଷିଣାମୂର୍ତ୍ତି ତାଙ୍କର ଚାରି ଶିଷ୍ୟ ସନକ, ସନାତନ, ସନନ୍ଦନ ଓ ସନତକୁମାରଙ୍କୁ ଯେଉଁ ବାଣୀ ପ୍ରଦାନ କରିଥିଲେ, ତାହା ମୌନ ବା ତୁଷ୍ଣୀଭାବ ଭିନ୍ନ ଅନ୍ୟ କିଛି ନୁହେଁ। ହୃଦୟ ଯେତେବେଳେ ପୂର୍ଣ୍ଣ ହୋଇଯାଏ, ଆପଣ ଯେତେବେଳେ ଆନନ୍ଦରେ ଉତପ୍ଲାବିତ ହୋଇଯାଆନ୍ତି, ସେତେବେଳେ ଆଉ ବାକସ୍ଫୁରଣ ହୁଏନାହିଁ। ସେତେବେଳେ ଆପଣ ମୌନପ୍ରଶାନ୍ତ ହୋଇଯାଆନ୍ତି। ମୌନର ସେ ଯେଉଁ ମହିମା, ତାହା ବର୍ଣ୍ଣନା କରିବାକୁ କାହାର ସାଧ୍ୟ ଅଛି। ନୈରାଶ୍ୟ, ବିଫଳତା, ପରାଭବ ଓ କ୍ଷୟକ୍ଷତିର ଆଘାତରେ ହୃଦୟ ଯେଉଁମାନଙ୍କର ବିକ୍ଷତବିଦୀର୍ଣ୍ଣ, ସେମାନଙ୍କ ପକ୍ଷରେ ମୌନସମାନ ଶତୀଳସଞ୍ଜୀବନୀ ପ୍ରଲେପ ଦ୍ୱିତୟ ଆଉ ନାହିଁ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ ମାନଙ୍କୁ ମୌନତାର ମୂଳ ଭାବାର୍ଥ ଓ ଜୀବନ କ୍ଷେତ୍ରର ତତ୍ତ୍ୱ ନିମିତ୍ତ ମାର୍ଗଦର୍ଶନ କରି କହିଛନ୍ତି ‘ଜୀବନର ଝଡ଼ଝଞ୍ଜା, ଦ୍ୱନ୍ଦ୍ୱ, କଳହ ଓ ଗୃହବିବାଦର ଅହରହ ଘାତପ୍ରତିଘାତ ଫଳରେ ସ୍ନାୟୁମଣ୍ଡଳ ଯେଉଁମାନଙ୍କର କ୍ଷତିବିକ୍ଷତ, ସେମାନଙ୍କର ପକ୍ଷରେ ପ୍ରଶାନ୍ତି ବା ନୀରବତା ସମାନ ବେଦନାନିଗ୍ରହ ମହୌଷଧି ଦ୍ୱିତୀୟ ଆଉ ନାହିଁ।’ ଆପଣ ଗଭୀର ନିଦ୍ରାରେ ଶୋଇଥିବାବେଳେ ଏହି ମହାନ ମୌନ ସହିତ ଆପଣଙ୍କର ନିବିଡ଼ି ସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ କିନ୍ତୁ ସେତେବେଳେ ଆପଣଙ୍କ ଉପରେ ପଡ଼ିଯାଇଥାଏ ଅବିଦ୍ୟାର ଆଚରଣ, ଅଜ୍ଞାନର ଆଚ୍ଛାଦନ। ତଥାପି ଘୋର ନିଦ୍ରାରେ ଆପଣ ସେ ଯେଉଁ ପ୍ରଶାନ୍ତି ଉପଭୋଗ କରନ୍ତି, ନିସ୍ତବ୍ଧ ମଧ୍ୟରାତ୍ରରେ ଆପଣ ସେ ଯେଉଁ ନିରବତା ଉପଲବ୍ଧି କରନ୍ତି, ତାହା ସେହି ମୌନ ମହାସାଗର ବ୍ରହ୍ମଙ୍କର ସତ୍ତାର ହିଁ ପରିଚୟ ଦିଏ।

ଓଡ଼ିଶା
ଭାସ୍କର
ODISHA BHASKAR
ରାଜ୍ୟ ଖବର



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୨୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରୀ ନିବାସ ଶିଳାନ୍ୟାସ ସମ୍ପନ୍ନ ହୋଇଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରି କହିଥିଲେ ଯେ, ଲୋକପ୍ରିୟ ସରକାରଙ୍କର ଜନକଲ୍ୟାଣ କାର୍ଯ୍ୟକ୍ରମର ଏହା ଏକ ଅଂଶ। ଆଖପାଖ ଗାଁ ଓ ଦୂରଦୁରାନ୍ତରୁ ଆସୁଥିବା ଛାତ୍ରୀମାନଙ୍କର ପାଠପଢାରେ ଆଉ କୌଣସି ଅସୁବିଧା ହେବନାହିଁ। ଏଣିକି ଛାତ୍ରୀନିବାସରେ ରହି ପାଠ ପଢ଼ିବେ ବୋଲି ବିଧାୟକ ଜେନା ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ପୌରହିତ୍ୟ କରି କହିଥିଲେ ଯେ ମହାବିଦ୍ୟାଳୟର ଦୀର୍ଘଦିନର ଆଶା ପୂରଣହେବାକୁ ଯାଉଛି। ଛାତ୍ରୀ ମାନଙ୍କର ପାଠପଢ଼ା ଜନିତ ଅସୁବିଧା ଆଉ ରହିବ ନାହିଁ ବୋଲି ମତବ୍ୟକ୍ତ କରିବା ସହ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



# ୩ନମ୍ବର ଗେଟରେ ନୂତନ ପାର୍କିଂ ସେଡ୍ ଉଦ୍‌ଘାଟିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ନିରାପତ୍ତା ଦୃଷ୍ଟିରୁ ଦୀର୍ଘଦିନ ହେବ ଦୁଇଚକିଆ ଯାନ ପ୍ରବେଶ ଉପରେ ବନ୍ଦର ପ୍ରଶାସନ କଟକଣା ଜାରି କରିଥିବାରୁ ବିଭିନ୍ନ କାର୍ଯ୍ୟ ନେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିବା ବହୁ ସଂଖ୍ୟକ କର୍ମଚାରୀ ଓ ଶ୍ରମିକମାନେ ସେମାନଙ୍କ ଦୁଇଚକିଆ ଯାନ ଗେଟ ବାହାରେ ରଖି କାର୍ଯ୍ୟସ୍ଥଳୀକୁ ଯାଇଥାନ୍ତି। ତେବେ ନିଷିଦ୍ଧାଞ୍ଚଳ ଗେଟ ବାହାରେ ରହୁଥିବା ଦୁଇଚକିଆ ଯାନମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ବନ୍ଦର ନିଷିଦ୍ଧାଞ୍ଚଳର ୩ ନମ୍ବର ଗେଟ ନିକଟରେ ଏକ ନୂତନ ଦୁଇଚକିଆ ଯାନ ପାର୍କିଂ ସେଡ ଶନିବାର ସକାଳେ ଉଦଘାଟିତ ହୋଇଯାଇଛି। ଏହି ସେଡକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଉଦଘାଟିତ କରିବା ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନାଥାଉକି ପୂର୍ବରୁ ଏହି ଶ୍ରମିକ ଓ କର୍ମଚାରୀମାନେ ବନ୍ଦରର ୪ ନମ୍ବର ଗେଟ ଦେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିଲେ ଏବଂ ସେମାନଙ୍କ ଦୁଇ ଚକିଆ ରହଣି ପାଇଁ ଏକ ପାର୍କିଂ ସେଡର ମଧ ବ୍ୟବସ୍ଥା ହୋଇଥିଲା। ତେବେ ସେଠାରେ ବନ୍ଦର ପୋତାଶ୍ରୟର ସମ୍ପ୍ରସାରଣ କାର୍ଯ୍ୟ ହେତୁ ବର୍ତ୍ତମାନ ୪ ନମ୍ବର ପରିବର୍ତ୍ତେ ସମସ୍ତେ ୩ ନମ୍ବର ଗେଟ ଦେଇ ଯିବାଆସିବା କରୁଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ




ଯାଜପୁର, (ଭାସ୍କର ନ୍ୟୁଜ୍): ଆଗାମୀ ବର୍ଷାଋତୁରେ ଆଶଙ୍କା ରହିଥିବା ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯିବ ସେ ନେଇ ଶନିବାର ଦିନ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପରିଷଦ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତା କ୍ରମେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପ୍ରଥମେ ନଦୀବନ୍ଧ ଗୁଡିକର ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ବିଧାୟିକା ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ସଂହପୁରରୁ ଯାଜପୁର ବ୍ଲକର ମାଳଆନନ୍ଦପୁର ଭାୟା କମଳପୁର ଖରସ୍ରୋତା ନଦୀବନ୍ଧ ରାସ୍ତାଟି ଓଭରଲୋଡ ଚୋରା ଭାରିଯାନ ବିଶିଷ୍ଟ ବାଲିଗାଡି ଗୁଡିକ ପାଇଁ କିପରି ନଷ୍ଟ ହେଉଛି ଏବଂ ଜିଲ୍ଲାର ବିଭିନ୍ନ ନଦୀବନ୍ଧ, ରାସ୍ତାଘାଟ ଓ ସେତୁ ଗୁଡିକ ଏହି କାରଣରୁ କେଉଁ ପରି ଭାବେ ପ୍ରଭାବିତ ହେଉଛି ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ, ଚୋରା ବାଲି ରୋକିବାକୁ ରହିଥିବା ଟାସ୍କଫୋର୍ସର ସଦସ୍ୟ ହୋଇଥିବା ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଖଣି ଉପନିର୍ଦ୍ଦେଶକଙ୍କୁ ଏଥିପାଇଁ ଦୋଷାରୋପ କରିଥିଲେ। ବିନା ଲିଜ୍‌ରେ ଶହଶହ ହାଇୱା ଗାଡି ବିଂଝାରାପୁର, ଯାଜପୁର, ଧର୍ମଶାଳା ଏବଂ ଜିଲ୍ଲାର ଅନ୍ୟାନ୍ୟ ଅଂଚଳରୁ ବାଲେଶ୍ୱରକୁ ନଦୀରୁ କୋଟିକୋଟି ଟଙ୍କାର ବାଲି ଲୁଟ୍ କରୁଥିଲେ ମଧ୍ୟ ବିଭିନ୍ନ ବିଭାଗ ଗୁଡିକ କିପରି ଚୁପଚାପ ବସିଛନ୍ତି ସେନେଇ ମଲ୍ଲିକ ପ୍ରଶ୍ନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖୋଦ୍ ଶାସକଦଳର ସାଂସଦ ଡ଼ଃ ରବିନାରାୟଣ ବେହେରା ବାଲି ଚୋରୀ ବିଷୟକୁ ସ୍ୱୀକାର କରି ଖଣି ଉପନିର୍ଦ୍ଦେଶକ, ତହସିଲଦାର, ପୋଲିସକୁ ଏଥିପାଇଁ ଦାୟୀ କରିଥିଲେ। ଯାଜପୁର ସହର ବୈତରଣୀ ନଦୀର ଦେବୀଗଡା, ପାଟପୁର, ବଲ୍ଲଭୀଘାଟ, ମେଡିକାଲ କଲେଜ ପଛପଟ ଇତ୍ୟାଦି ସ୍ଥାନରୁ ବାଲି ଲୁଟ୍ ସମ୍ପର୍କରେ ସାଂସଦ ଓ ଅନ୍ୟ ମଞ୍ଚସ୍ଥ ଜନପ୍ରତିନିଧି ପ୍ରଶ୍ନ ଉଠାଇ ଏହାକୁ କାହିଁକି ରୋକାଯାଇ ପାରୁନାହିଁ ସେ ନେଇ ପ୍ରଶ୍ନ କରିବା ସହିତ ବାଲି ଲୁଟ୍ ଦ୍ୱାରା ନଦୀବନ୍ଧ ରକ୍ଷଣାବେକ୍ଷଣରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାରୁ ଏଣିକି ଯଦି ଏଭଳି ପରିସ୍ଥିତି ଦେଖାଯାଏ ତେବେ ମରାମତି ବାବଦ ଅର୍ଥ ଯାଜପୁର ଟାଉନ ସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ ଦରମାରୁ କଟାଯିବ ବୋଲି ଡ. ବେହେରା ସମ୍ପୃକ୍ତ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ରେଡ୍ଡୀ ଏହି ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ ପୂର୍ବକ ବାଲିଲୁଟ୍‌ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜାରକା ଜଳସେଚନ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଅଂଶଗ୍ରହଣ କରିନଥିବାରୁ ଏହାର ଅଧିକ୍ଷଣ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବଡଚଣା ବ୍ଲକ ଅଞ୍ଚଳରେ ନଦୀବନ୍ଧ ଗୁଡିକ ଅନୁରୂପ କାରଣରୁ ଦୁର୍ବଳ ହୋଇଥିବା ଏବଂ ବେଧଡକ ବାଲି ଚୋରା ଯୋଗୁଁ କିଭଳି ଜନସାଧାରଣ ଯାତାୟତ ଠାରୁ ଆରମ୍ଭ କରି ସାଧାରଣ ଜୀବନଯାତ୍ରାରେ ହାନସ୍ତା ଭୋଗୁଛନ୍ତି ସେ ସମ୍ପର୍କରେ ଜିଲ୍ଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ ବିଶୋଦଗାର କରିବା ସଙ୍ଗେସଙ୍ଗେ କୋଟିକୋଟି ଟଙ୍କାର ରାଜସ୍ୱ ଲୁଟ ଓ ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବା ବନ୍ଦ ନହେଲେ ମାତ୍ର ଏକ ସପ୍ତାହ ମଧ୍ୟରେ ଏକ ଦୁର୍ବାର ଗଣଆନ୍ଦୋଳନ ଆୟୋଜନ କରାଯିବ ଏବଂ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ବନ୍ୟା ଓ ବର୍ଷା ସମୟରେ ଲୋକଙ୍କ ସ୍ୱାସ୍ଥ୍ୟସେବା, ଗୋରୁଗାଈଙ୍କ ସ୍ୱାସ୍ଥ୍ୟସେବା, ବୋଟଗୁଡିକର ମରାମତି, ରାସ୍ତାଘାଟ ଗୁଡିକ କ୍ଷତିଗ୍ରସ୍ତ ହେବା ମାତ୍ରେ ଯୁଦ୍ଧକାଳୀନ ଭିତିରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା, ସମସ୍ତ ନଦୀବନ୍ଧର ଦୁର୍ବଳ ସ୍ଥାନ ଗୁଡିକୁ ଚିହ୍ନଟ କରି ସେଠାରେ ପ୍ରଚୁର ବାଲିବସ୍ତା, ବାଉଁଶ ଇତ୍ୟାଦି ମହଜୁଦ ରଖିବା, ଏନଜିଓ ଗୁଡିକ ସମ୍ଭାବ୍ୟ ସମସ୍ୟା ପାଇଁ ନିଜକୁ ପ୍ରସ୍ତୁତ ରଖିବା ଏବଂ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ଦାୟିତ୍ୱକୁ ସଠିକ ଭାବେ ତୁଲାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପାନୀୟ ଜଳ ଯୋଗାଣ ନେଇ ଯାଜପୁର ବିଧାୟିକା ସୁଜାତା ସାହୁ ଆରଡବ୍ଲ୍ୟୁଏସଏସ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ମଞ୍ଚାସୀନ ଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ - ୨୦୨୫ ଅନୁଷ୍ଠିତ



ଭୁବନ, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ଶାଖା ତରଫରୁ ସ୍ଥାନିତ ପ୍ରତିଭା ଷ୍ଟଡିସେଣ୍ଟର ଠାରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଭୁବନ ନଗର ସଭାପତି ଅଧ୍ୟାପକ ସୁବାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ଏନ୍ଏସି ଓ ବ୍ଲକର ସମସ୍ତ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ମୁଖ୍ୟ ଅତିଥି, ଢେଙ୍କାନାଳ ସହ ଜିଲ୍ଲା ପ୍ରମୁଖ ଲଳିତ କୁମାର ବେହେରା ମୁଖ୍ୟବକ୍ତା, ଅଧ୍ୟାପିକା ଦିପ୍ତିମୟୀ ମହାନ୍ତି ଓ ଜିଲ୍ଲା ସଂଯୋଜକ ଅରୂପ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏବିଭିପିର ଏକ ଆଦର୍ଶ ଜ୍ଞାନ, ଚରିତ୍ର ଓ ଏକତା ସମ୍ପର୍କରେ ଆଲୋକପାତ କରିବା ସହ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ଏପିଜି ଉଚ୍ଚ ବିଦ୍ୟାଳୟ, ଖୁରୁସିଆର ଜ୍ୟୋତିର୍ମୟୀ ସାହୁ ଏବଂ ଏନ୍ଏସିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ପୃଷ୍ଟିଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଭିପିର ପୁରାତନ କାର୍ଯ୍ୟକର୍ତ୍ତା କମଳଲୋଚନ ମହାରଣା ସଂଯୋଜନା କରିଥିବା ବେଳେ ନଗର ସମ୍ପାଦକ ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟରୁ ଅପହରଣ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପଙ୍କପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟ ପରିସରରୁ ଅପହରଣ କରିବା ସହ ତାଙ୍କୁ ନିସ୍ତୁକ ଭାବେ ମାଡ଼ ମାରି ସୁନା ଅଳଙ୍କାର ଲୁଟେରା ମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ତେବେ ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଜଣଙ୍କ ସ୍ଥାନୀୟ କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଯନ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଏପରି ଘଟଣା କିଏ କରିଛି ଓ କାହିଁକି କରିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ତଦନ୍ତ ପ୍ରକ୍ରିୟା ଜାରୀ ରଖିଛି। ସୂଚନା ମୁତାବକ ପଙ୍କପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମାନସ କୁମାର ସାହୁ ନିଜ କାର୍ଯ୍ୟାଳୟ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ସେଠାରେ ଏକ କାର ଲାଗିଥିଲା। କାରରୁ ହଠାତ୍ ୪ଜଣ ଅଜଣା ଯୁବକ ବାହାରି ଯନ୍ତ୍ରୀ ଜଣଙ୍କ କିଛି ବୁଝିବା ପୂର୍ବରୁ ତାଙ୍କୁ କାର ଭିତରକୁ ଉଠାଇ ନେଇଥିଲେ। କାରଟି ତିର୍ତ୍ତୋଲ-କୁଜଙ୍ଗ ଥାନାର ବିଭିନ୍ନ ନିଛାଟିଆ ସ୍ଥାନକୁ ଗଡିଥିଲା। ଏଥିସହିତ ଚଳନ୍ତା ଗାଡ଼ି ଭିତରେ ଅଜଣା ଦୃର୍ବୃତ୍ତମାନେ ଯନ୍ତ୍ରୀ ସାହୁଙ୍କୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେବା ସହ ତାଙ୍କ ପାଖରେ ଥିବା ଟଙ୍କା ଓ ସୁନା ଚେନ୍‌କୁ ଛଡ଼ାଇ ନେଇଥିଲେ। ପରେପରେ ପଙ୍କପାଳର ଏକ ପରିତ୍ୟକ୍ତ ସ୍ଥାନରେ ସାହୁଙ୍କୁ ଛାଡ଼ି ପଳାଇଥିଲେ। ଅନ୍ୟପକ୍ଷରେ ଯନ୍ତ୍ରୀ ଜଣଙ୍କ ଭୟଭୀତ ଅବସ୍ଥାରେ ଥିବା ବେଳେ ପୁଲିସ ତଦନ୍ତ ଜାରୀ ରଖିଛି। ତେବେ ଏପରି ଅମାନୁଷିକ ଭାବେ କିଏ ଘଟାଇଛି ଓ କାହିଁକି ଘଟାଇଛି ପୁଲିସର ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

# କର୍ମଚାରୀଙ୍କ ବିୟୋଗରେ ଡିଏଲଆର ଆସୋସିଏସନ ପକ୍ଷରୁ ଶୋକସଭା

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦରର ଗୃହନିର୍ମାଣ ବିଭାଗ (ବିସି ଡିଭିଜନ)ରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୃସିଂହ ଚରଣ ଦାସ (୫୩)ଙ୍କର ଗତ ମେ ୧୩ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ୍ କଣ୍ଟ୍ରାକ୍ଟର ୱାର୍କମେନ ଆସୋସିଏସନ ପକ୍ଷରୁ ଏକ ଶୋକସଭା ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇ ଯାଇଛି। ଡିଏଲଆର ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ କର୍ମକର୍ତ୍ତା ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ମିଶ୍ର, ଅନନ୍ତ କିଶୋର ମଲ୍ଲିକ, ମନ୍ମଥ ବେଉରା, ଧ୍ରୁବ ଚରଣ ବେହେରା, ଧନେଶ୍ୱର ସାହୁଙ୍କ ସମେତ ବହୁ ଡିଏଲଆର କର୍ମଚାରୀ ଉପସ୍ଥିତ ରହି ସହଯୋଗୀ ସ୍ୱର୍ଗତ ନୃସିଂହ ଦାସଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସଭାପତି ତ୍ରିପାଠୀ ମୃତକଙ୍କ ପରିବାରକୁ ସହାୟତା ଓ ସ୍ୱର୍ଗତ ଦାସଙ୍କ ପତ୍ନୀଙ୍କୁ ବନ୍ଦରରେ ନିଯୁକ୍ତି ଦେବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ପାଣି ପାଇଁ ଗରା ବାଲତି ରଖି ରାସ୍ତା ଅବରୋଧ କଲେ ମହିଳା

ଆଳି, (ଭାସ୍କର ନ୍ୟୁଜ୍): ପାନୀୟ ଜଳ ପାଇଁ ଡହଳ ବିକଳ ଲୋକେ। ପାଣି ପାଇଁ ରାସ୍ତା ଅବରୋଧ କଲେ ଗ୍ରାମବାସୀ। ଗ୍ରାମାଞ୍ଚଳରେ ଜଳ କଷ୍ଟ ଦୂର କରିବା ପାଇଁ ସରକାର ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଇ ଦେଉଥିବା ବେଳେ ଏଠାରେ ପମ୍ପ ଅଚଳ ହୋଇଯିବା କାରଣରୁ ଜଳ ସମସ୍ୟା ଦେଖା ଦେଇଛି। ଦୀର୍ଘଦିନ ହେବ ପାଣି ଲୋକ ମାନଙ୍କ ପାଖରେ ପହଞ୍ଚିପାରୁନ। ଯାହା ଫଳରେ ଜଳ ସମସ୍ୟା ଦେଖାଦେଇଛି। ଦୀର୍ଘଦିନ ହେବ ପାଣି ନଆସିବାରୁ ସେମାନେ ପ୍ରଶାସନ ପାଖରେ ଗୁହାରି କରିବା ପରେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉନଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଘଟଣା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଳାପାହାଡ଼ ଗ୍ରାମର କାଜିସାହି, ତଳସାହି ଓ ରସୁଲପୁର ଅଞ୍ଚଳରୁ। ଶେଷରେ ସେମାନେ ନିରୁପାୟ ହୋଇ ଆଜି ପୂର୍ବାହ୍ନ ସମୟରେ ଉକ୍ତ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଏକାଠି ହୋଇ ଆଠକୋଣିଆ ଛକ ନିକଟରେ ଥିବା ପମ୍ପ ହାଉସ ନିକଟରେ ଆଳି -ମହୁ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଯାହାଫଳରେ ଦୀର୍ଘସମୟ ରାସ୍ତା ଅବରୋଧ ହେବା ଫଳରେ ଆଳି ପୋଲିସର ଏକ ଟିମ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ସେମାନେ ଉଠିଯାଇଥିଲେ। ପରେ ଆନ୍ଦୋଳନକାରୀ ମାନେ ଏକତ୍ରିତ ହୋଇ ଆଳି ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଯାଇ ନପାଇବାରୁ ଉତ୍ୟକ୍ତ ହୋଇ ପ୍ରଥମେ ଅଧିକାରୀଙ୍କ ପ୍ରକୋଷ୍ଠ ସାମ୍ନା ଓ ପରେ ପରେ ବ୍ଲକ ମୁଖ୍ୟ ଫାଟକକୁ ଅବରୋଧ କରିଥିଲେ। ବସ୍ତିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଅସହ୍ୟ ବର୍ଦ୍ଧିତ ଗୁଳୁଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହରେ ଲୋକ ହନ୍ତସନ୍ତ ହେଉଥିବା ବେଳେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି ବୋଲି ସେମାନେ କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତର ଅଧିକାଂଶ ନଳକୂପ ଦୀର୍ଘଦିନ ହେବ ମରାମତି ନହୋଇ ଅଚଳ ହୋଇ ପଡିଛି। ସେମାନଙ୍କର ବସୁଧା ଯୋଜନାରେ ପାଣି ନେବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ। ଖରାଦିନେ ସବୁଆଡେ ଜଳ ସମସ୍ୟା ଲାଗି ରହିଥିବା ବେଳେ କିନ୍ତୁ ଏହି ପଞ୍ଚାୟତରେ ବାରମ୍ବାର ଜଳସମସ୍ୟା ଦେଖାଦେଉଛି। ଏ ନେଇ ସେମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣିନାହାନ୍ତି। ସେମାନେ ଦୁଃଖର ସହିତ କୁହନ୍ତି ଆମେ ଏ ନେଇ ଅଫସନା ବିବି, ଆଶିରା ବେଗମ, ସାଜୁ ବିବି, ସୁପିନ ଖତୁନ, ରାଜେଦା ବିବି, ହସରାତୁନ ବେଗମ ପରବିନ ବିବି, ରେହମତୁଲହା ଖାନ, ଶବର ଖାନ, ରିଜୱାନା ବେଗମଙ୍କ ସହ ଶତାଧିକ ପୁରୁଷ ଓ ମହିଳା ସରପଞ୍ଚଙ୍କୁ ଜଣେଇ ଥିଲେ ମଧ୍ୟ ସେ ଏ ନେଇ ତତ୍ପରତା ନଦେଖାଇବା ଦୁଃଖର ବିଷୟ ପାଲଟିଛି। ଏନେଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠିଙ୍କର ମତାମତ ମିଳିପାରିନଥିବା ବେଳେ ସରପଞ୍ଚ ମେମୁନା ଖାତୁନ ପ୍ରତିକ୍ରିୟାରେ କହିଛନ୍ତି କି ସେ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ଯଥାଶୀଘ୍ର ଏହାର ସାମଧାନ କରାଯିବ।

## ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ

ନିଶ୍ଚିନ୍ତକୋଇଲି,(ଭାସ୍କର ନ୍ୟୁଜ୍): ଶନିବାର ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଅଳ୍ପକେ ଡ୍ରାଇଭର ଓ ହେଲପର ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ଅପରାହ୍ନରେ କେନ୍ଦ୍ରାପଡା ଆଡୁ କଟକ ଅଭିମୁଖେ ଏକ ଟ୍ରକ ସିମେଣ୍ଟ ନେଇ ଯାଉଥିଲା। ତେବେ ଭାରସାମ୍ୟ ହରାଇ ଏହି ଟ୍ରକଟି କେନ୍ଦୁପାଟଣା ନିକଟରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଓ ହେଲପରକୁ ଉଦ୍ଧାର କରିଥିଲେ। ସାଲେପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଏହି ରାସ୍ତାରେ ଦୃତ ଗତିରେ ଓ ବେପରୁଆ ଭାବେ ଗାଡି ଚାଳନା ହେତୁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହି ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ଼ ଦାବି ହୋଇଛି।

# ଉପ-ମୁଖ୍ୟମନ୍ତ୍ରୀଙ୍କ ତ୍ରିରଙ୍ଗା ଶୋଭାଯାତ୍ରା



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପହଲଗାମ ଆତଙ୍କି ହାମ୍‌ଲାରେ ହିନ୍ଦୁମାନଙ୍କୁ ପଚାରି ପଚାରି ଆତଙ୍କବାଦୀମାନେ ହତ୍ୟା କରୁଥିବା ବେଳେ ତାହାର ଜବାବ୍ ଭାରତୀୟ ସେନା ପାକିସ୍ତାନକୁ ଦେଇଛି। ପାକିସ୍ତାନର ଅନେକ ରାଡ଼ର ଧ୍ୱଂସ ହୋଇଥିବା ସହ ରାଜଧାନୀରେ ସେନା ମିଶାଇଲ ମାଡ଼ କରିଛି। ପାକିସ୍ତାନ ଡ୍ରୋନ୍‌କୁ ଭାରତୀୟ ସେନା ଅକାମୀ କରି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଶ୍ୱ ଦେଖିଛି ଭାରତର ପରାକ୍ରମ। ଯାହା ଏବେ ଅନ୍ୟ ଦେଶରେ ଛନକା ପଶିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସେନାମାନଙ୍କର ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଥିବା ବେଳେ ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆତଙ୍କୀ ହାମ୍‌ଲାର ଜବାବ୍ ଭାରତ ଦେଇଥିବା ବେଳେ ସାରା ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା ଚାଲିଛି। ଶନିବାର ଅପରାହ୍ନ ସମୟରେ ନିମାପଡ଼ା ଦୁର୍ଗା ମଣ୍ଡପ ଠାରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ନେତୃତ୍ୱରେ ବାହାରି ଥିବା ବେଳେ ଭାରତ ମାତାକୀ ଜୟ ଧ୍ୱନିରେ ଚତୁର୍ଦ୍ଦିଗ କମ୍ପି ଉଠୁଥିଲା। ସେନାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଧନ୍ୟବାଦ୍ ଦେଇଥିବା ବେଳେ ଶୋଭାଯାତ୍ରା ବଜାର ପରିକ୍ରମା କରି ଦିଘାଳୋ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ନିରଞ୍ଜନ ନାୟକ, ବିଜେପି ସଂଗଠକ ଯଚିନ୍ଦ୍ର ସ୍ୱାଇଁ, ସନ୍ତୋଷ ଦାଶ, ମୀନଲତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଜଳେଶ୍ୱରରେ ଆର୍ଟ ଅଫ ଗିଭିଂର ପ୍ରତିଷ୍ଠା ଦିବସ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ପ୍ରାକ୍ତନ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂର ୧୨ ତମ ପ୍ରତିଷ୍ଠା ଦିବସରେ ପଡୋଶୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ହେଉଛି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡାଙ୍କ ଆହ୍ୱାନରେ ଆର୍ଟ ଅଫ ଗିଭିଙ୍ଗର ଜଳେଶ୍ୱର ୟୁନିଟର ସଭାପତି ସିଦ୍ଧାର୍ଥ ଶଙ୍କର ପାଳଙ୍କ ସଭାପତିତ୍ୱରେ ଜଳେଶ୍ୱର ୟୁନିଟ ତରଫରୁ ଶନିବାର ଜଳେଶ୍ୱର ପୁରୁଣା କୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି କୁଞ୍ଜବିହାରି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷର ଥିମ 'ପଡୋଶୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା' ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଯାହାଦ୍ୱାରା ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ଆମର ପଡୋଶୀଙ୍କୁ ଉତ୍ତମ ବ୍ୟବହାର ଏବଂ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ସଂକଳ୍ପ ନେବା ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜିବୀ ଚିନ୍ମୟ କୁମାର ଦାସ, ଶିକ୍ଷାବିତ ଅଜିତ କୁମାର ମାହାନ୍ତି, ଓକିଲ ସଂଘର ସମ୍ପାଦକ ବିଜନ କୁମାର ଦେ, ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ, ଜଗନ୍ନାଥ ଡିଗ୍ରୀ ମହା ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମାହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆର୍ଟ ଅଫ ଗିଭିଙ୍ଗର ସମ୍ପାଦକ ଗିରିଜା ଶଙ୍କର ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ତଥା ଆଇନଜିବୀ ସୁଶାନ୍ତ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଜଳେଶ୍ୱର କାଳୀ ମନ୍ଦିର ପାଖରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା।

# ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଧାରଣା



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସାମ୍ବାଦିକ ମାନଙ୍କୁ ଦୁର୍ବ୍ୟବହାର ଘଟଣାକୁ ନେଇ ନିମାପଡ଼ା ପ୍ରେସ୍ କ୍ଲବ୍‌ର ସାମ୍ବାଦିକ ମାନେ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। କ'ଣ ପାଇଁ ପଂଚାୟତ ସମିତି ବୈଠକରେ ଅଧ୍ୟକ୍ଷ ଓ ସାଂସଦ ପ୍ରତିନିଧି ନିମନ୍ତ୍ରିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅସମ୍ମାନ କରିଛନ୍ତି ତାହାକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଇଛି। କେଉଁ ବ୍ୟକ୍ତି ପଂଚାୟତ ସମିତି ବୈଠକରେ ବସି ପାରିବେ, କେଉଁ ବ୍ୟକ୍ତି ବସିପାରିବେ ନାହିଁ ସେ ସମ୍ପର୍କରେ ବ୍ଲକ୍ ପ୍ରଶାସନ ପାଖରେ ତଥ୍ୟ ନଥିବା ବେଳେ କେତେକ କର୍ମୀଙ୍କୁ ଧରି ଦୀର୍ଘଦିନ ହେବ ଏପରି ପ୍ରହସନ ନିମାପଡ଼ା ପଂଚାୟତ ସମିତି ବୈଠକରେ ଚାଲିଛି। ଏହି ଘଟଣା ଏବେ ଜିଲ୍ଲା ସମେତ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ପଞ୍ଚାୟତ ସମିତି ବୈଠକ ଗତ ଶୁକ୍ରବାର ୧୦ ଘଟିକା ସମୟରେ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯୋଗ ଦେବା ନିମନ୍ତେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ ନିମନ୍ତ୍ରଣ କରିଥିଲେ। ବୈଠକ ଆରମ୍ଭ ସମୟରେ ଗଣମାଧ୍ୟମ ପ୍ରତିନିଧି ମାନେ ବୈଠକରେ ପହଂଚିଥିବା ବେଳେ ଅଧ୍ୟକ୍ଷ ଓ ଜଣେ ସାଂସଦ ପ୍ରତିନିଧି ଫଟୋ ଉଠାଇ ଏଠୁ ଛାଡ଼ି ପଳାଅ ବୋଲି କହିଥିଲେ। ଏପରି ଆଦେଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅପମାନ ଦେଇଥିଲା। ଗଣମାଧ୍ୟମ ପ୍ରତିନିଧି ମାନେ ବୈଠକରୁ ପଳାଇ ଆସିଥିଲେ। ଏ ସମ୍ପର୍କରେ ଏକକିତା ନକଲ ଉପ-ମୁଖ୍ୟମନ୍ତ୍ରୀ ଓଡ଼ିଶା, ପଞ୍ଚାୟତିରାଜ ମନ୍ତ୍ରୀ ସଚିବ, ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ପୁରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋଇନ୍ଦା ବିଭାଗ, ସାମ୍ବାଦିକ ସଂଘକୁ ଜଣାଇବା ସହ ଶନିବାର ସକାଳ ୯ଟା ସମୟରେ ଧାରଣାରେ ବସି ରହିଥିଲେ। ବ୍ଲକ୍ ଅଧ୍ୟକ୍ଷ ସେଠାରେ ପହଞ୍ଚି ଏପରି ପୁନରାବୃତି କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ସାମ୍ବାଦିକମାନେ ଧାରଣାରୁ ଉଠିଥିବା ଜଣାପଡ଼ିଛି। ଏହି ଘଟଣା ଏବେ ନିମାପଡ଼ାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ଜାଲ ପ୍ରମାଣପତ୍ରରେ ଶିକ୍ଷକତା ଚାକିରି ପ୍ରସଙ୍ଗ
# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନକଲି ଶିକ୍ଷକ ଛାନିଆ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିଭିନ୍ନ ପ୍ରକାର ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକତା ଚାକିରୀ କରିଥିବା ମାଳ ମାଳ ଶିକ୍ଷକ, ଶିକ୍ଷୟତ୍ରୀ ଏବେ ଲୁକ୍କାୟିତ ଅବସ୍ଥାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ରହିଛନ୍ତି। ଏ ନେଇ ଓଡ଼ିଶା ହାଇକୋର୍ଟ ମାମଲା ଦାଏର ହୋଇଥିବା ବେଳେ ମେ ମାସ ୧୪ତାରିଖ ଜାଲିଆତି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣୀ ଜୁଲାଇ ମାସ ୯ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ସେହି ସମୟ ମଧ୍ୟରେ ଜାଲିଆତି ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ନିଆଯାଇଛି ସେ ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ରହିଛି। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିକ୍ଷାବିଭାଗରେ ବିଭିନ୍ନ ଉପାୟରେ ଜାଲିଆତି କରି ଏଯାବତ ବହୁ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜାଲିଆତି ଶିକ୍ଷକ, ଶିକ୍ଷୟତ୍ରୀଙ୍କ ତାଲିକା ଶିକ୍ଷା ବିଭାଗ ପାଖରେ ନାହିଁ। ଆଦୌ ପରୀକ୍ଷା ନ ଦେଇ ରାଜ୍ୟ ଏବଂ ରାଜ୍ୟ ବାହାରରୁ ବିଇଡି ସାର୍ଟିଫିକେଟ ଟଙ୍କା ଦେଇ କିଣିବା, ସମାନ ଶିକ୍ଷାବର୍ଷରେ ଏକା ଥରକେ ଯୁକ୍ତ ଦୁଇ ଏବଂ ପୁରୀର ସଂସ୍କୃତ କଲେଜରେ ପରୀକ୍ଷା ଦେଇ ପ୍ରମାଣପତ୍ର ହାତେଇବା, ଯୁକ୍ତ ଦୁଇ, ଗ୍ରାଜୁଏସନ ପାସ ପରେ ପୁନର୍ବାର ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇ ପୁଣି ଯୁକ୍ତ ଦୁଇ ପାସ କରି ଅଧିକା ନମ୍ବର ରଖିବା ପରେ ସିଟି ପରୀକ୍ଷା ଦେବା, ଶିକ୍ଷାଗତ ଯୋଗ୍ୟତା ବଢାଇବା ପାଇଁ ଚାକିରୀ କରିବା ସହ ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନନେଇ ନିୟମିତଭାବେ ଉଚ୍ଚ ଶିକ୍ଷାର ପରୀକ୍ଷା ଦେବା, କେତେକ ଗଣଶିକ୍ଷକ ଡିଇପି ସିଟି ପରୀକ୍ଷାରେ ଫେଲ ହେବା ପରେ ପାସ ସାର୍ଟିଫିକେଟ କିଣିବା, ଆଦୌ ପାଠ ନ ପଢାଇ ଜାଲ ଅଭିଜ୍ଞତା ପ୍ରମାଣପତ୍ର ହାତେଇ ବିଇଡି କରିବା, ଗ୍ରାଜୁଏସନ ଶେଷ ପରେ ଦୁଇ ବର୍ଷର ଅଭିଜ୍ଞତା ପ୍ରମାଣପତ୍ର ଦେବାର ନିୟମ ରହିଥିଲେ ବି ଚଞ୍ଚକତା କରି ଅଭିଜ୍ଞତା ସାର୍ଟିଫିକେଟ ନେବା, ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବା ଆଦି ବିଭିନ୍ନ ଉପାୟରେ ଜାଲିଆତି କରି ମାଳ ମାଳ ଶିକ୍ଷକ, ଶିକ୍ଷୟତ୍ରୀ ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିକ୍ଷାବିଭାଗ ରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଜାଲିଆତି ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରିବା ପାଇଁ ଆଦେଶ ଆସିଥିଲେ ବି ବିଭିନ୍ନ ଗଳାବାଟ ଦେଇ ଜାଲିଆତି ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଖସିଯାଇଛନ୍ତି। ପୂର୍ବରୁ ମଧ୍ୟ ଅନେକଥର ସାର୍ଟିଫିକେଟ ଯାଞ୍ଚ ହୋଇଥିବା ବେଳେ ଉଚ୍ଚସ୍ତରୀୟ ଅଫିସର ଯାଞ୍ଚ କରିବାକୁ ଆସୁ ନଥିବାରୁ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିଲେ ହେଁ ଗଳାବାଟ ଦେଇ ଖସିଯାଇଛନ୍ତି। ସ୍ଥାନୀୟ ଅଂଚଳରେ ଦାବୀ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଆସି ଶିକ୍ଷକ, ଶିକ୍ଷୟତ୍ରୀ ଙ୍କର ସାର୍ଟିଫିକେଟ ଯାଞ୍ଚ ସହ ଯେଉଁ ମାନେ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ହାତେଇଛନ୍ତି ସତ୍ୟାସତ୍ୟ ଯାଞ୍ଚ କରାଯାଉ।

# ମାନସ ଦେଓଙ୍କ ଜଳେଶ୍ୱରରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱରରେ ଚର୍ଚ୍ଚିତ ଏସଡିପିଓ ବ୍ରଜମୋହନ ପ୍ରଧାନଙ୍କ ଆତ୍ମହତ୍ୟା ଧମକ ପରେ ହଠାତ ଅସୁସ୍ଥ ହୋଇ ପଡ଼ି ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ବାଲେଶ୍ୱର ପୋଲିସ ଡିଆଇଜି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଏସଡିପିଓ ବ୍ରଜମୋହନ ଛୁଟିରେ ଯାଇଥିବାରୁ ଜଳେଶ୍ୱର ଭାରପ୍ରାପ୍ତ ଏସଡିପିଓ ଭାବେ ମାନସ କୁମାର ଦେଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆ ଯାଇଛି। ଦେଓ ଗତକାଲି ଜଳେଶ୍ୱରରେ ଆସି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଦେଓ ଜଳେଶ୍ୱରରେ ଆଇଆଇସି ଭାବେ ବହୁ ପ୍ରଶଂସନୀୟ କାର୍ଯ୍ୟକରି ଜନସାଧାରଣଙ୍କ ଅତି ପ୍ରିୟଭାଜନ ହୋଇପାରିଥିଲେ। ବହୁତ ନିସହାୟ ଦୀନଦରିଦ୍ର ଲୋକଙ୍କ ସେବା କରିବା ସହିତ ବହୁ ସାମାଜିକ କାର୍ଯ୍ୟ କରି ଜଳେଶ୍ୱରରେ ଖୁବ ଚର୍ଚ୍ଚିତ ହୋଇଥିଲେ। ଯାହାକି ଜଣେ ପୋଲିସ ଅଫିସର ପକ୍ଷରେ ସମ୍ଭବ ନ ହେଲେ ମଧ୍ୟ ସେ ଚର୍ଚ୍ଚରେ ଥିଲେ। ଏବେ ବସ୍ତା ଏସଡିପିଓ ଭାବେ କାର୍ଯ୍ୟ କରୁଥିବା ବେଳେ ଜଳେଶ୍ୱର ଏସଡିପିଓ ଛୁଟିରେ ଥିବାରୁ ଦେଓ ଅତିରିକ୍ତ ଦାୟୀତ ଗ୍ରହଣ କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ନିକଟସ୍ଥ ଅରଣା ଗ୍ରାମର ଅବସରପ୍ରାପ୍ତ ବିହନ ନିଗମ କର୍ମଚାରୀ ଶ୍ରୀଧର ବେହେରାଙ୍କ ୬୫ ବର୍ଷରେ ଶନିବାର ସକାଳେ ତାଙ୍କ କଟକ ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଗଡମା ବଜାର ପରିକ୍ରମା କରାଯାଇ ପୈତୃକ ଗ୍ରାମ ଅରଣାକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମାପନ କରାଯାଇଥିଲା। ପୁତ୍ର ଶୁଭେନ୍ଦୁ ବେହେରା ମୁଖାଗ୍ନି ଦେଇଥିଲେ। ବେହେରାଙ୍କ ବିୟୋଗରେ ଏହି ଅଞ୍ଚଳରେ ଶୋକ ଛାୟା ଖେଳଯାଇଛି।



କୋରାପୁଟ(ଭାସ୍କର ନ୍ୟୁଜ୍) : କୋରାପୁଟ ଗସ୍ତରେ ଆସିଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୃହ ସଚିବ ସତ୍ୟବ୍ରତ ସାହୁ। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ନକ୍ସଲ ସମସ୍ୟାର ସମାଧାନ ମୁଖ୍ୟ ଫୋକସ ରହିଥିଲା। ଡିଆଇଜି ଅଖିଳେଶ୍ୱର ସିଂ ଗଣମାଧ୍ୟମକୁ କହିଛନ୍ତି ସମୀକ୍ଷା ବୈଠକରେ ବନ ବିଭାଗ, ରାଜସ୍ୱ ବିଭାଗ ସମେତ ବିଭିନ୍ନ ବାଟାଲିଆନକୁ ନେଇ ସମୀକ୍ଷା ହୋଇଥିଲା । ନୂଆ ଭାରତୀୟ ନ୍ୟାୟ ସଂହିତ ସୁଚାରୁ ରୂପରେ କିପରି ପାଳନ ହେବ, କନଭେକ୍ସନକୁ କିପରି ବଢାଯାଇ ପାରିବ, ହୋମଗାର୍ଡ ନିଯୁକ୍ତି, ପୋଲିସ-ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ପୋଲିସ ଭିତିଭୂମି ସୁଦୃଢ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ରହିଛି ତାକୁ କିପରି ସୁଚାରୁ ରୂପେ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। ନକ୍ସଲ ସମସ୍ୟା ନେଇ ପୋଲିସ ଯାହା କରୁଛି ଏବଂ ଆଗାମୀ ଦିନରେ ଯାହା କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାପାଳ ଭି. କିର୍ତି ଭାସନ କହିଛନ୍ତି ବନ ବିଭାଗର ଦେଓମାଳି ସହ ଜିଲ୍ଲାରେ ଇକୋ ଟ୍ୟୁରିଜିମ୍ ପ୍ରକଳ୍ପ ରହିଛି। ସମସ୍ତ ଇକୋ ଟ୍ୟୁରିଜିମ୍ ପ୍ରକଳ୍ପର ଭିତିଭୂମି କିପରି ସୁଦୃଢ ରହିବ ସେ ନେଇ ଆଲୋଚନା ହୋଇଛି। ଜିଲ୍ଲାର ବିକାଶ ପାଇଁ ଯେଉଁ ଯୋଜନା ଗୁଡିକ ରହିଛି ତା'ର କାର୍ଯ୍ୟକାରିତା ସମ୍ପର୍କରେ ରିପୋର୍ଟ ରାଜ୍ୟକୁ ପଠାଯିବ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରତମାଳା ପ୍ରକଳ୍ପର ଅଧିକାରୀ, ବିଭିନ୍ନ ଜିଲ୍ଲାର ଏସ୍‌ପି, ବନ ବିଭାଗ ଆରସିସିଏଫ, ଡିଏଫଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ



ଆଠମଲ୍ଲିକ (ଭାସ୍କର ନ୍ୟୁଜ୍) :ଦୀର୍ଘଦିନ ଧରି ଜନସାଧାରଣଙ୍କ ପକ୍ଷରୁ ଦାବି ଓ ଉଦ୍ୟମ ହୋଇ ଆସୁଥିବା ବେଳେ ଆଜି ଏହାର ଅନ୍ତ ଘଟିଛି। ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ଘାଟନ କରିଛନ୍ତି। ଏହା ସହିତ ସ୍ଥାୟୀ କ୍ୟାମ୍ପସର ଭୂମି ପୂଜନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ୧୦୯ କୋଟି ଟଙ୍କା ବ୍ୟୟ ଅଟକଳରେ ୪ ଗୋଟି ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ୨ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମହାନଦୀ ଓ ବ୍ରାହ୍ମଣୀ ନଦୀର ଅବବାହିକାରେ ସୋନପୁର, ବୌଦ୍ଧ ଏବଂ ଅନୁଗୋଳ ଜିଲ୍ଲାରେ ଜଳ ସେଚନର ବ୍ୟାପକ ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସାତକୋଶିଆ ଓ ବିନିକେୟୀ ଅଞ୍ଚଳ ପଛୁଆ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳକୁ ଅଗ୍ରଣୀ ଅଞ୍ଚଳ କରିବା ନେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ହେଇଥିଲେ। ଆଠମଲ୍ଲିକ ଅଞ୍ଚଳର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ତାଲିମପ୍ରାପ୍ତ କରାଇ ରୋଜଗାରକ୍ଷମ କରିବେ ବୋଲି ସୂଚନା ଦେଇଥିଲେ। ଆଠମଲ୍ଲିକ ଅଞ୍ଚଳର ଜନସାଧାରଣଙ୍କ ଦାବି ମୁତାବକ ଜନତାଙ୍କ ସହଯୋଗ ଏବଂ ସହମତିରେ ଦୀର୍ଘ ଦିନର ସମସ୍ୟା ଗୁଡ଼ିକ ସମାଧାନ କରିବା ପାଇଁ ଉଦ୍ୟମ କରିବେ ବୋଲି ସୂଚନା ଦେଇଥିଲେ। ଚଳିତ ବର୍ଷ ଠାରୁ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖା ଆରମ୍ଭ ହେବ ଏବଂ ବାଲ ବାଟିକା ସହିତ ୧ମ ରୁ ୫ମ ଶ୍ରେଣୀରେ ସମୁଦାୟ ୨୪୦ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ପାଠ ପଢ଼ିବେ ବୋଲି ସୂଚନା ଦେଇଥିଲେ। ଏହି ଉଦ୍ଘାଟନୀ ଉତ୍ସବ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ସଂସ୍ଥାନ ଦିଲ୍ଲୀର ଯୁଗ୍ମ କମିଶନର ସୁମିତ ଶ୍ରୀବାସ୍ତବ, ଅନୁଗୋଳ ଜିଲ୍ଲା ଅବଦୁଲ ମହମ୍ମଦ ଅଖତର, ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଖଣ୍ଡପଡ଼ା ବିଧାୟକ ଦୂସନ୍ତ କୁମାର୍ ସ୍ୱାଇଁ, ଅନୁଗୋଳ ବିଧାୟକ ପ୍ରତାପ କୁମାର୍ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ଅଭିଯୋଗ ଶୁଣାଣି ଶିବିରରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ କାରୀଙ୍କ ଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ।

# ମୁକ୍ଳା ପଡିଛି ଲୁଣା ନଦୀବନ୍ଧ, ଜଳ ସମ୍ପଦ ବିଭାଗର ନିଘା ନାହିଁ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଲୁଣା ନଦୀ ବାମପାର୍ଶ୍ୱ ବନ୍ଧ ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଥିବାର ଅଭିଯୋଗ ହୋଇଛି। ଏପରିସ୍ଥଳେ ଜଳ ସମ୍ପଦ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଲୁଣାନଦୀ ପ୍ରବାହିତ ହେଉଅଛି। ଏହି ନଦୀର ବାମ ପାର୍ଶ୍ୱର ରକ୍ଷଣା ବେକ୍ଷଣ ଦାୟିତ୍ୱ କେନ୍ଦ୍ରାପଡା ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ରହିଛି। ଏହି ନଦୀବନ୍ଧର ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଠାରୁ ଆରମ୍ଭ କରି ଅସୁରେଶ୍ୱର ପର୍ଯ୍ୟନ୍ତ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଓ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଯାହାକି ଆଗାମୀ ଦିନରେ ନଦୀରେ ବନ୍ୟା ପାଣି ଆସିଲେ ଏଠାରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରତିବର୍ଷ ଏହି ନଦୀବନ୍ଧ ମରାମତିରେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ମରାମତିର ମାତ୍ର ଅଳ୍ପଦିନ ପରେ ନଦୀବନ୍ଧର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ନିମ୍ନମାନର କାର୍ଯ୍ୟ ଏହାର ମୁଖ୍ୟ କାରଣ ବୋଲି ସାଧାରଣରେ କୁହାଯାଉଛି। ତେବେ ସରକାର ପରେ ସରକାର ପରିବର୍ତ୍ତନ ହେଉଛି। ମନ୍ତ୍ରୀ ଯନ୍ତ୍ରୀ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଛି। ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟ୍ ହେଉଛି। କିନ୍ତୁ ଏହି ନଦୀ ବନ୍ଧର ଭାଗ୍ୟ ପରିବର୍ତ୍ତନ ହେଉନଥିବାର ଅଭିଯୋଗ ହୋଇଛି। ମୁଣ୍ଡ ଉପରେ ମୌସୁମୀ ବାୟୁ ଆଉ ଅଳ୍ପଦିନ ପରେ ଓଡିଶାରେ ପ୍ରବେଶ କରିବା ଫଳରେ ଏହି ନଦୀରେ ବର୍ଷା ଜଳ ପ୍ରବାହିତ ହେବ। ବହୁ ମାତ୍ରାରେ ପ୍ରବାହିତ ହେଲେ ଏହି ନଦୀରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ନଦୀରେ ଘାଇ ସୃଷ୍ଟି ହେଲେ ନିଶ୍ଚିନ୍ତକୋଇଲି ବ୍ଲକର ବୁହାଳୋ, ସରପଡା, ବାଲିଆପଦା, ନିଶ୍ଚିନ୍ତକୋଇଲି, କେଣ୍ଟାଳୋ, କଟରପଡା, ଅସୁରେଶ୍ୱର, କଟିକଟା ସମେତ ମାହାଙ୍ଗା ଓ ଡେରାବିଶ ବ୍ଲକର ବହୁ ଅଂଚଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ତେବେ ଜଳ ସମ୍ପଦ ବିଭାଗ ତରଫରୁ ଏବେ ଠାରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ପରିସ୍ଥିତି ଅଣାୟତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ପ୍ରଶାସନ ତରଫରୁ ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବଟି ନଦେବାରୁ ଗୁଳିମାଡ଼

## ଦୋକାନୀ ଓ ଗ୍ରାହକ ଗୁରୁତର, ଦୁର୍ବୃତ୍ତ ଫେରାର

ଲହୁଣୀପଡା (ଭାସ୍କର ନ୍ୟୁଜ୍) : ବଟି ନଦେବାରୁ ବ୍ୟବସାୟୀଙ୍କୁ ଗୁଳି ମାଡ଼। ଗୁଳି ମାଡ଼ କରି ଦୁର୍ବୃତ୍ତ ଫେରାର। ମିଳିଥିବା ସୂଚନାରୁ ପ୍ରକାଶ ଯେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ଗ୍ରାମର ଶଙ୍କର ସାହୁ ନାମକ ଜଣେ ବ୍ୟକ୍ତି ତେଜରାଜ ଦୋକାନ ଦେଇ ନିଜର ପରିବାର ପତିପୋଷଣ କରିଥାନ୍ତି। ଗତକାଲି ସନ୍ଧ୍ୟା ୭.୩୦ମିନିଟ ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ମଟର ସାଇକେଲରେ ଆସି ପ୍ରଥମେ ଶଙ୍କରଙ୍କୁ ଟଙ୍କା ମାଗିଥିଲେ। ଶଙ୍କର ଟଙ୍କା ଦେବା ପାଇଁ ମନା କରି ଦେବାରୁ ଉତ୍ତ୍ୟକ୍ତ ହୋଇ ଦୁର୍ବୃତ୍ତମାନେ ଶଙ୍କରଙ୍କ ଉପରକୁ ତିନି ରାଉଣ୍ଡ ଗୁଳି ଫାଇରିଂ କରିଥିଲେ। ପ୍ରଥମ ରାଉଣ୍ଡ ଖାଲି ଯାଇଥିବା ବେଳେ ଦ୍ୱିତୀୟ ରାଉଣ୍ଡଟି ଗ୍ରାହକ ହସେନ ଖାନଙ୍କ ଗୋଡର ଏଡିରେ ବାଜି ଗଳି ଯାଇଥିଲା ଏବଂ ତୃତୀୟ ରାଉଣ୍ଡଟି ଶଙ୍କରଙ୍କ ଛାତିରେ ବାଜିଥିଲା। ଗୁଳିଟି ଗ୍ରାହକଙ୍କ ଗୋଡରେ ବାଜିବା ପରେ ଭୟରେ ଜାଗା ଛାଡି ଦୌଡି ଚାଲିଯାଇଥିଲା। ଉଭୟଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନିଆଯାଇଥିଲେ ସୁଧା ଶଙ୍କରଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ଘଟଣା ସମ୍ପର୍କରେ ପୁଲିସ ଅବଗତ ହେବା ପରେ ଚାରିଆଡ଼େ ନାକବନ୍ଦି କରି ଅପରେସନକୁ ଜୋରଦାର କରୁଥିବା ସୂଚନା ମିଳୁଛି। ତେବେ ପୁଲିସ ଦୁର୍ବୃତ୍ତଙ୍କୁ ଧରିଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ପୁଲିସ ସୂଚନା ଦେଇଛି। ଦୋକାନରେ ସିସିଟିଭି ଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ମୁହଁରେ ଗାମୁଛା ବାନ୍ଧି ଆସିଥିବାରୁ ପୁଲିସକୁ ଚିହ୍ନଟ କରିବାରେ ଅସୁବିଧା ହେଉଛି। ମାତ୍ର ଦୁର୍ବୃତ୍ତମାନେ ଖୁବଶୀଘ୍ର ଧରାପଡି ଯିବେ ବୋଲି ପୁଲିସ ସୂଚନା ଦେଇଛି।

# ଅତିରିକ୍ତ ଅଦାଲତ ଉଦ୍‌ଘାଟିତ




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): କୋର୍ଟ ପରିସରରେ ଆଜି ଉଚ୍ଚନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ଏକ ଅତିରିକ୍ତ ସିଭିଲ ଜଜ୍ (କନିଷ୍ଠ) ତଥା ଜେଏମ୍‌ଏଫ୍‌ସି କୋର୍ଟ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି କହିଥିଲେ ଉକ୍ତ କୋର୍ଟଟି ଖୋଲିବା ଦ୍ୱାରା ବିଚାର ପକ୍ରିୟା ତ୍ୱରାନ୍ୱିତ ହେବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସୀରେ ଉପସ୍ଥିତ ଥିଲେ ଉଚ୍ଚନ୍ୟାୟାଳୟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ। ସେ କହିଥିଲେ ଆଇନଜୀବୀମାନେ ଭଲ ଅର୍ଜି ସହିତ କୋର୍ଟରେ ଭଲଭାବେ ଯୁକ୍ତି ଉପସ୍ଥାପନ କରନ୍ତୁ । ଏହି ଅବସରରେ କୋର୍ଟ ପରିସରରେ ଉପସ୍ଥିତ ଥିଲେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଗୋପବନ୍ଧୁ ଗଡନାୟକ, ସବ୍‌ଜଜ୍ ବିଶ୍ୱ ଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦଙ୍କ ସମେତ ବାର୍ ଆସୋସିଏସନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ ଏବଂ ବାର ଆସୋସିଏସନର ସମସ୍ତ କର୍ମକର୍ତ୍ତା ସଭ୍ୟ/ସଭ୍ୟାମାନେ। ପରେ ପରେ ଏହି ଅବସରରେ ନବନିଯୁକ୍ତ ବିଚାରପତି ଶ୍ରୁତି ଅଭିଳାଷାଙ୍କୁ ବାର ଗୃହରେ ଆସୋସିଏସନ ପକ୍ଷରୁ ଆୟୋଜିତ ସ୍ୱାଗତ୍ ସମ୍ବର୍ଦ୍ଧନା ସଭାରେ ଉଚ୍ଛ୍ୱସିତ ସମ୍ବୋଧନା ଦିଆଯାଇଥିଲା। ବାର ଆସୋସିଏସନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଗୋପବନ୍ଧୁ ଗଡନାୟକ, ସବଜଜ୍ ବିଶ୍ୱ ଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୁତି ଅଭିଳାଷା। ପ୍ରାରମ୍ଭିକ ସୂଚନା ଦେଇଥିଲେ ସମ୍ପାଦକ ପ୍ରକଶ କୁମାର ଦାଶ। ପରେ ନୂତନ ବିଚାରପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇଥିଲେ ଉପସଭାପତି ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ। ସଭାରେ ଉପସ୍ଥିତ ଥିଲେ ପୂର୍ବତନ ସଭାପତି ସର୍ବଶ୍ରୀ ଦେବରାଜ ବେହେରା, ଶରତ ଷଡଙ୍ଗୀ, ପ୍ରତାପ ଦଶ, ଜନ ବେହେରା, ପ୍ରେମାନନ୍ଦ ବେହେରା ନିରଞ୍ଜନ ସାମଲ, ଶ୍ରୀକାନ୍ତ ବଳ, ଉଦୟନାଥ ସାହୁ, କୈଳାସ ସାମଲ, ଯତୀନ ତ୍ରିପାଠୀ, ଖଗେଶ୍ୱର ରାଉତ, ଯତୀନ ସାମଲ, ଶରତ ବଳ, ଅମୂଲ୍ୟ ତ୍ରିପାଠୀ, ସୁବ୍ରତ ସ୍ୱାଇଁ, ସୁରେଶ ଶାହାଣୀ, ନିରଞ୍ଜନ ମୁଦୁଲି, ରୁଦ୍ରନାରାୟଣ ମହାନ୍ତି, ଶରତ ଶତପଥି, ମନୋଜ ଦାଶ, ପ୍ରକାଶ ବେହେରା, ହେମନ୍ତ କୁମାର ମାହଳା, ବୃନ୍ଦାବନ କର, କ୍ଷୀରୋଦ ମୁଦୁଲି । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କର୍ମକର୍ତ୍ତା ଦୀନବନ୍ଧୁ ନାୟକ, ତରୁଣ ବିଶ୍ୱାଳ, ବୀରେନ୍ ବିଶ୍ୱାଳ, ଲକ୍ଷ୍ମୀପ୍ରିୟ କର, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ବିଶ୍ୱଜିତ୍ ବେହେରା, ଲୋମାରାଣୀ ନାୟକଙ୍କ ସମେତ ବହୁ ଆଇନଜୀବୀ। ଶେଷରେ ଯୁଗ୍ମସମ୍ପାଦକ ସମ୍ପାଦକ ଶିରିସ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ ସମାଜ ମହାସଂଘ ପକ୍ଷରୁ ସମାବେଶ



ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲାର ସାମ୍ପ୍ରତିକ ପରିସ୍ଥିତି ଓ ଗୁରୁତ୍ୱପୂର୍ଣ୍ଣ ୩ଦଫା ଦାବି ନେଇ ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଶୁକ୍ରବାର ମାଲକାନଗିରି ଜିଲ୍ଲା ସଦର ମହାକୁମାସ୍ଥିତ ମାଲ୍ୟବନ୍ତ ଛାତ୍ରବାସ ପରିସରରେ ଜରୁରୀକାଳୀନ ବୈଠକ ଓ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବୈଠକର ମୁଖ୍ୟ ଉଦେଶ୍ୟ ଥିଲା ଜମି ଜଳ ଜଙ୍ଗଲ, ବଞ୍ଚିବାର ଅଧିକାର ସହିତ, ଜଙ୍ଗଲ ଜମି ପଟା ଓ ସ୍ୱତଃ ପ୍ରଦାନ, ଜାଲ ଜାତିଗତ ପ୍ରମାଣ ପତ୍ରର ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ, ଏମଭି ଗ୍ରାମର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରସ୍ତାବକୁ ଗ୍ରହଣ ନ କରିବା ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ। ସମାରୀ ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମୀ, ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଉପଦେଷ୍ଟା ଘନଶ୍ୟାମ ମାଡ଼କାମୀ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, ଯୁବ ଆଦିବାସୀ ନେତା ଲଳିତ ମାଡକାମି ପ୍ରମୁଖ ଆଦିବାସୀ ନେତା ଓ ୧୧୧ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ୧୪ଟି ଆଦିବାସୀ ସମାଜ ମୁଖିଆ ଏବଂ ଲୋକ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ବଜ୍ରପାତରେ ଜଣେ ମୃତ

କୋରାପୁଟ(ଭାସ୍କର ନ୍ୟୁଜ୍): ସେମିଳିଗୁଡା ବ୍ଲକ ଚାରାଗୁଲ ପଂଚାୟତରେ କାଳବୈଶାଖୀ ପ୍ରଭାବରେ ବ୍ରଜପାତ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଖାଲପାଡି ଗ୍ରାମର ଦାଶ ଜାନୀ(୩୨)। ସାଙ୍ଗମାନଙ୍କ ସହ ଦାସ ଲେଗୁଡା ଗାଁ ନିକଟ କେରାଣ୍ଡି ନଦୀରେ ମାଛ ଧରିବାକୁ ଯାଇଥିଲେ। ସେହି ସମୟରେ ବର୍ଷା ପବନ ଘଡଘଡି ହୋଇଥିଲା। ଦାଶ ପାଖ ପଡିଆରେ ଠିଆ ହୋଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ସୁନାବେଡା ଥାନା ଏସଆଇ ଚରଣ ସିଂ ମାଝୀ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏନେଇ ସୁନାବେଡା ଥାନାରେ ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଛି। ସେ ଜଣେ ଦିନ ମଜୁରିଆ ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ତାଙ୍କ ପରିବାରକୁ ଦିଆଯାଇଛି। ଜିଲ୍ଲା ପ୍ରଶାସନ, କୋରାପୁଟ ଏବଂ ରାଜ୍ୟ ସରକାର ଗଭୀର ଶୋକ ପ୍ରକାଶ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ SDRF ଅଧୀନରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଅନୁଗ୍ରହ ଧନରାଶି ଘୋଷଣା କରାଯାଇଛି ।

# ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ରୋଗୀଙ୍କ ପାଇଁ ମରଣଯନ୍ତା

## ଦିନରେ ଖୋଲା-ରାତିରେ ବନ୍ଦ, ନାହାନ୍ତି କୌଣସି ବିଶେଷଜ୍ଞ ଡାକ୍ତର




ବାଲିମେଳା (ଭାସ୍କର ନ୍ୟୁଜ୍): ଲକ୍ଷାଧିକ ଲୋକଙ୍କ ଆଶା ଭରସା ପାଲଟିଥିବା ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଦିନକୁ ଦିନ ସୁଧୁରିବା ବଦଳରେ ବଢ଼ି ଚାଲିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି। ଏକଦା ଚିକିତ୍ସା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମାଲକାନଗିରି ଜିଲ୍ଲାର ଏହି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ଏବେ ରୋଗୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ମିଳିଥିବା ସୂଚନା ମୁତାବକ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଗତ ୧୯୬୨ ମସିହାରେ ଚିତ୍ରକୋଣ୍ଡା ଡ୍ୟାମ ପ୍ରକଳ୍ପ ପକ୍ଷରୁ ୧୦ ବର୍ଷିଆ ଯୋଜନାରେ ଏହି ଚିକିତ୍ସାଳୟ ଗୃହ ନିର୍ମାଣ କରାଯାଇଥିଲା। ବାଲିମେଳା ପ୍ରୋଜେକ୍ଟ ଏହାର ପରିଚାଳନା କରୁଥିଲା। ଗତ ୧୯୮୭ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏହି ଚିକିତ୍ସାଳୟର ଦାୟିତ୍ୱ ଗ୍ରହଣ କରିଥିଲା। ଏହା ପରେ ସ୍ୱାସ୍ଥ୍ୟ ବିଭାଗ କେତେକ ପଦବୀ ଉଚ୍ଛେଦ କରି ଏଠାରେ ଆବଶ୍ୟକ ଥିବା ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ପଦବୀ ଗୁଡିକୁ ପୂରଣ କରିବା ସହିତ ରୋଗୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ଔଷଧ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି ମୋଟ ୫ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ଜଣେ ହୋମିଓପ୍ୟାଥିକ ଡାକ୍ତର ଅଛନ୍ତି। ବିଡମ୍ବନାର ବିଷୟ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଗୁରୁତର ଏବଂ ଅଧିକାଂଶ ସାଧାରଣ ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଅନ୍ୟାନ୍ୟ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ରୋଗୀଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସାଧାରଣ ବହିର ବିଭାଗରେ ଅଧିକାଂଶ ସମୟରେ ରହୁନାହାନ୍ତି ଡାକ୍ତର, ଦୈନିକ ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ହୋମିଓପ୍ୟାଥୀ ଡାକ୍ତର ଅଧିକାଂଶ ଦେଖୁଥିବା ଏବଂ ଏଲୋପ୍ୟାଥୀ ଔଷଧ ପ୍ରେସକିପସନରେ ଲେଖୁଥିବା ନେଇ କିଛି ରୋଗୀ ପ୍ରକାଶ କରିଛନ୍ତି ସୂଚନା ଥାଉ କି ଏହି ମେଡିକାଲରେ ଦୁଇଜଣ ଫର୍ମାସିଷ୍ଟ, ଦୁଇଜଣ ଷ୍ଟାଫନର୍ସ, ତିନି ଜଣ ଏଏନଏମ, ଜଣେ ପୁରୁଷ ଏବଂ ଜଣେ ମହିଳା ମୋଟ ୨ଜଣ ଆଟେନାଣ୍ଟ, ଜଣେ ରୋଷେୟା, ୩ଜଣ ସଫେଇ କର୍ମଚାରୀ, ୩ଜଣ ସୁରକ୍ଷା କର୍ମୀଙ୍କ ସମେତ ଜଣେ ଅସ୍ଥାୟୀ କର୍ମଚାରୀ ଲାବ୍ରୋଟେରୀ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ରୋଗୀଙ୍କର ମଳ, ପରିସ୍ରା, ରକ୍ତ, ସମେତ ଅନ୍ୟାନ୍ୟ ପରୀକ୍ଷା ଗୁଡିକୁ ମେଡିକାଲରେ କରିବା ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ଗୁଡିକ ନଥିବାରୁ ଗତ କିଛିମାସ ହେବ ରୋଗୀଙ୍କୁ ସ୍ୱତନ୍ତ୍ର ଭାବେ ଉପରୋକ୍ତ ସମସ୍ତ ପରୀକ୍ଷା ସହିତ ସିବିସି, କରିବା ପାଇଁ ନିୟମିତ ଭାବେ ପ୍ରାଇଭେଟ କ୍ଲିନିକକୁ ପଠା ଯାଉଥିବା କିଛି ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲରେ ଟିଟି ଠାରୁ ଆରମ୍ଭ କରି ଆଣ୍ଟିବାଇଟିକ ଔଷଧ ଓ ଇଞ୍ଜେକ୍ସନ ସମସ୍ତ ପ୍ରକାର ଔଷଧ ମହଜୁଦ ଥିଲେ ମଧ୍ୟ ବାହାର ଦୋକାନରୁ ଔଷଧ କିଣିବାକୁ ପଠା ଯାଉଛି। ଆବଶ୍ୟକ କ୍ଷେତ୍ରରେ ନାମିଦାମୀ କମ୍ପାନୀର ଔଷଧ ଲେଖିବା ବଦଳରେ ଏକ ନିର୍ଦ୍ଦିଷ୍ଟ ଶାନ୍ତିଆ ଗୋ ନାମକ କମ୍ପାନୀର ଔଷଧ କିଣିବା ପାଇଁ ପ୍ରେସକିପସନରେ ଲେଖା ଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକେ ବାଧ ହୋଇ ନିଜର ଜୀବନ ବଞ୍ଚାଇବା ପାଇଁ ଏହି କମ୍ପାନୀରେ ପାରାସିଟମଲ ଆଇ ପି (୧.୦% ଡବ୍ଲୁଭି )ଟିଏମ ଲେକ୍ସପିରା ଇଞ୍ଜେକ୍ସନକୁ ୫୯୦ ଟଙ୍କାରେ କିଣୁଛନ୍ତି। ସେହିପରି ମେଡିକାଲରେ ମହଜୁଦ ଥାଇ ମଧ୍ୟ ଏହି କମ୍ପାନୀର ସେଫୋପେରାଜୋନ ଏବଂ ସାଲବାକ୍ସନ ୧.୫ ଏମ ଜିର ଇଞ୍ଜେକ୍ସନ ଲୋକେ ୨୯୦ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି ଖାଲି ଏତିକି ନୁହେଁ ଗତ କିଛିଦିନ ହେଲା ରୋଗୀଙ୍କୁ ବାହାରୁ ସିରିଞ୍ଜି କିଣି ଆଣିବାକୁମଧ୍ୟ କୁହା ଯାଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ସନ୍ଧ୍ୟା ପ୍ରାୟ ୮ଟା ପରେ ମେଡିକାଲରେ କୌଣସି ଡାକ୍ତର କିମ୍ବା କର୍ମଚାରୀ ରହୁନାହାନ୍ତି। ଗୁରୁତର କିମ୍ବା ସାଧାରଣ ରୋଗୀ ରାତିରେ ଚିକିତ୍ସା ପାଇଁ ମେଡିକାଲ ଆସିଲେ ବହୁତ ହଇରାଣ ହେଉଛନ୍ତି। ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ବାରମ୍ବାର ଅନୁରୋଧ କରି କହିବା ପରେ ସେଠାରେ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ଫୋନ କରି କହିବା ପରେ କ୍ୱାଟରରୁ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ ଆସି ରୋଗୀଙ୍କ ସମସ୍ୟା ବୁଝୁଛନ୍ତି। ଏନେଇ ଅନେକ ଥର ସେଠାରେ ରୋଗୀ ତାଙ୍କ ସମ୍ପର୍କୀୟମାନେ ଏଠାରେ ହେଉଥିବା ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟର ଅନିୟମିତତାକୁ ନେଇ ଦୁଃଖ ପ୍ରକାଶ କରିବା ସହ ବହୁବାର ସେମାନେ ଏ ନେଇ ସିଡ଼ିଏମଓଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ଏହି ମେଡିଲାଲରେ ଆଜି ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲଗାଯାଇ ନାହିଁ। ମେଡିକାଲରେ ଆଡ଼ମିସନ ହେଉଥିବା ରୋଗୀଙ୍କୁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଉପସ୍ଥିତ ରହି ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ଏଠାରେ ନିୟୋଜିତ ଥିବା ଡାକ୍ତରମାନଙ୍କୁ ମାସିକ ଦରମା ବାଦ୍ କେବିକେ ଇନସେଣ୍ଟିଭ ବାବଦରେ ପ୍ରତି ମାସରେ ୪୦ ହଜାର ଟଙ୍କା ଅଧିକ ପ୍ରଦାନ କରାଯାଉଛି। ଡାକ୍ତରମାନେ ୩ ଦିନରୁ ଅଧିକ ଦିନ ଛୁଟିରେ ରହି ପାରିବେନି ବୋଲି ସରକାରଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ମଧ୍ୟ ରହିଛି। ହେଲେ ଗତ ୨୦୨୪ ମେ ମାସ ଠାରୁ ଆଜି ପର୍ଯ୍ୟନ୍ତ କେଉଁ ଡାକ୍ତର କେତେ ଦିନ ଛୁଟିରେ ରହିଛନ୍ତି ବିଭାଗୀୟ ଅଧିକାରୀମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସରକାରୀ ଚାକିରିଆ ମାନଙ୍କର ଏକ ସ୍ଥାନରେ ୩ ବର୍ଷ ପୂରଣ ହେଲେ ତାଙ୍କର ଅନ୍ୟତ୍ର ବଦଳି ହେବା ପାଇଁ ସରକାରଙ୍କ ପକ୍ଷରୁ ନିୟମ ରହିଛି। କିନ୍ତୁ ଏଠାରେ କିଛି କର୍ମଚାରୀଙ୍କ ଦୀର୍ଘ ୮/୧୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଚାକିରି ହୋଇଥିଲେ ମଧ୍ୟ ସେମାନଙ୍କର ବଦଳି କରାଯାଉନାହିଁ। ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଲାଗି ରହିଥିବା ଉପରୋକ୍ତ ଘଟଣା ଗୁଡିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଓ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବାଲିମେଳା ହସ୍ପିଟାଲକ୍ସ ମେଡିକାଲ ଅଫିସର ଡାକ୍ତର ହୁସେନ ଖାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମେଡିକାଲରେ ସିରିଞ୍ଜି ନଥିବାରୁ ବାହାରୁ ଆଣିବାକୁ କୁହାଯାଇଛି। ବିଭିନ୍ନ ପରୀକ୍ଷା ପାଇଁ ଏଠାରେ ସୁବିଧା ନଥିବାରୁ ବାହାରକୁ ପଠା ଯାଉଥିଲା। ଔଷଧ କିଣିବା ପାଇଁ ଆଉ ବାହାର ଦୋକାନକୁ ପଠା ଯାଉଥିଲା କିନ୍ତୁ ଆଉ ନ ପଠାଇବା ପାଇଁ ମୁଁ ସମସ୍ତଙ୍କୁ ତାଗିଦ କରିଛି ବୋଲି କହିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜ ବନ୍ଧୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ସମ୍ପର୍କରେ ମୋ ପାଖକୁ ବହୁତ ଜଣ ଫୋନ କରି ବିଭିନ୍ନ ଅଭିଯୋଗ ଜଣାଇଛନ୍ତି। ସୋମବାର ଦିନ କାଲିମେଳାରେ ଗ୍ରୀଭେନ୍ସ ସରିବା ପରେ ମୁଁ ନିଜେ ବାଲିମେଳା ମେଡିକାଲକୁ ଯାଇ ଘଟଣାର ତଦନ୍ତ କରିବି। ଖୁବଶୀଘ୍ର ସେଠାର ଆଉ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡ଼ିଏମଓ ଶ୍ରୀ ଦାସ କହିଛନ୍ତି।

# ଅଜିତ କୁମାର ଦଳାଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ମାଲକାନଗିର (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ଅଜୟ କୁମାର ଦଳାଇଙ୍କ ମାଲକାନଗିରି ଜିଲ୍ଲାରୁ ବୌଦ୍ଧ ଜିଲ୍ଲାକୁ ବଦଳି ହୋଇଥିବା ଯୋଗୁଁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦଳାଇ ୨୦୧୦ ମସିହା ରୁ ୨୦୨୫ ମସିହା, ଯାହାକି ଦୀର୍ଘ ୧୫ବର୍ଷ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ କର୍ଯ୍ୟରତ ଥିଲେ। ସେ କାର୍ଯ୍ୟରତ ସମୟରେ ୨୦୧୬ ମସିହାରେ ଜିଲ୍ଲାର ମ୍ୟାଲେରିଆ ରୋଗୀ ସଂଖ୍ୟା ୪୦୪୩୯ ଥିଲା । କିନ୍ତୁ ୨୦୨୪ ମସିହାରେ ସେହି ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ହ୍ରାସ ହୋଇ ୪୪୯୭କୁ ଆସିଥିଲା, ଯାହା କି ଶ୍ରୀ ଦଳାଇଙ୍କ ଅଭୂତ ପୂର୍ବ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ୨୦୧୬ରେ ହୋଇଥିବା ଜାପାନୀ ଜ୍ୱରରେ ମୋଟ ୧୦୩ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ମାଲକାନଗିରିରେ ଜାପାନୀ ଜ୍ୱର ସକାଶେ ତତ୍ ପରେ କିପରି କାହାର ବି ମୃତ୍ୟୁ ନହେବ, ସେଥିରେ ଜିଲ୍ଲା ପ୍ରଶାସନ ବହୁତ ତତ୍ପରତା ଦେଖାଇଥିଲା, ଯାହା ଫଳରେ ୨୦୧୭ ମସିହାରେ ଶିଶୁ ମୃତ୍ୟୁସଂଖ୍ୟା ଶୂନ ହୋଇଥିଲା। ସେଥି ସକାଶେ ଜାତୀୟ ମାନବାଧିକାର କମିଶନ ଶେଷରେ ୨୦୧୭ ମସିହାରେ ଏହି କାର୍ଯ୍ୟକ୍ରମ ସକାଶେ ବହୁତ ପ୍ରଶଂସା ବି ଜିଲ୍ଲା ପ୍ରଶାସନକୁ ଜଣାଇଥିଲା । ଏଥିରେ ଶ୍ରୀ ଦଳାଇଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସେହିପରି ଡେଙ୍ଗୁ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଜିଲ୍ଲା ତରଫରୁ ଯେଉଁସବୁ ପଦକ୍ଷେପ ନିଆଯାଇଥିଲା ସେସବୁ କାର୍ଯ୍ୟକ୍ରମରେ ମଧ୍ୟ ଶ୍ରୀ ଦଳାଇଙ୍କ ଯୋଗଦାନ ଅତି ପ୍ରଶଂସନୀୟ ଅଟେ। ଯେପରି କି ୨୦୨୨ ମସିହାରେ ୩୩୬ ଏବଂ ୨୦୨୩ ରେ ମୋଟ ୩୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୪ ମସିହାରେ ତାହା ହ୍ରାସ ହୋଇ ୬୯କୁ ଆସିଯାଇଥିଲା। ଫାଇଲେରିଆ ରୋଗ ବିଲୋପ ପର୍ଯ୍ୟାୟର ଜାତୀୟ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଫାଇଲେରିଆ ରୋଗର ପୂର୍ଣ୍ଣ ଯାଞ୍ଚ କରାଯିବା ପରେ ଭାରତ ସରକାରଙ୍କ ଠାରୁ ମଧ୍ୟ ମାଲକାନଗିରି ଜିଲ୍ଲା ଏବଂ ଶ୍ରୀ ଦଳାଇ ପ୍ରଶଂସାର ପାତ୍ର ହୋଇପାରିବେ। ମାଲକାନଗିରି ଜିଲ୍ଲା ମ୍ୟାଲେରିଆ ନିୟନ୍ତ୍ରଣକୁ ନେଇ ଯେଉଁ ଦମନ ନାମୀ ଚଳଚ୍ଚିତ୍ର ପ୍ରକାଶିତ ହୋଇଥିଲା, ସେଥି ସକାଶେ ଶ୍ରୀ ଦଳାଇଙ୍କ ଅବଦାନ ବହୁତ ପ୍ରଶଂସା ଯୋଗ୍ୟ ଥିଲା। ଏଥିସକାଶେ ମ୍ୟାଲେରିଆ ଓ ଅନ୍ୟାନ୍ୟ ମଶା ବାହିତ ରୋଗର ନିୟନ୍ତ୍ରଣ ଦିଗରେ ବିଭିନ୍ନ ମହଲରୁ ଯେପରି କି ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଅଧିକାରୀଙ୍କ ଠାରୁ ପ୍ରଶଂସାର ପାତ୍ର ହୋଇଥିଲେ ବୋଲି କୁହାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସିଡିଏମଓ ଡ଼ଃ ବ୍ରଜବନ୍ଧୁ ଦାଶ, ମ୍ୟାଲେରିଆ ଅଫିସର ସୌଭାଗ୍ୟ ରଞ୍ଜନ ରଣସିଂହ, ଡ଼ଃ ହୁସେନ ଡିପିଏମ ମୌସୁମୀ ମିଶ୍ର, ଲକ୍ଷ୍ମୀଧର ଦାଶ ଓ ଅନ୍ୟାନ୍ୟ ମେଡିକାଲ୍ କର୍ମଚାରୀମାନେ ଯୋଗଦେଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟରେ ସଙ୍କଟ ମୋଚନ ପ୍ରଭୁ ମହାବୀରଙ୍କର ମେଳା, ବିଦ୍ୟାଦାତ୍ରୀ ମା' ନୀଳ ସରସ୍ୱତୀଙ୍କ ପୂଜା ଓ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଗତ ସୋମବାର ଦିନ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଦିନ ସଙ୍କଟମୋଚନ ପ୍ରଭୁ ମହାବୀରଙ୍କ ମେଳା ଓ ନୀଳସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବୁଧବାର ଦିନ ପ୍ରତ୍ୟୁଷରେ ଗୀତାଯଜ୍ଞ ଆରମ୍ଭ କରାଯାଇ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଧର୍ମୀୟ ପୂଜା ଓ ଯଜ୍ଞରେ ବିଦ୍ୟାଳୟର ମନୋଜ କୁମାର ପ୍ରଧାନ ସପତ୍ନିକ କର୍ତ୍ତାକର୍ତ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିବା ବେଳେ କାର୍ଯ୍ୟକ୍ରମକୁ ଉଭୟ କ୍ୟାମ୍ପସର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି ଓ ଅନିଲ କୁମାର ଦାସ, ଶିକ୍ଷକ ହରେକୃଷ୍ଣ ମହାନ୍ତି, ସବ୍ୟସାଚୀ ମିଶ୍ର, ଅବିନାଶ ପଲାଇ, ଦୁର୍ଗା ପ୍ରସାଦ ପଣ୍ଡା, ସୌମେନ୍ଦ୍ର ଭୂୟାଁ, ଅଶୋକ କୁମାର ବେହେରା, ବିଶ୍ୱଜିତ ସ୍ୱାଇଁ, ଅନନ୍ତ କୁମାର ମଲିକ, ଶିକ୍ଷୟିତ୍ରୀ ମଧୁସ୍ମିତା ପଲାଇ, ପ୍ରିୟଙ୍କା ନାୟକ, ଦମୟନ୍ତୀ ସ୍ୱାଇଁ, ସୋନିକା ଦାସ, ଅନିତା ପ୍ରଧାନ, କାଜଲ ବେହେରା, ବିଜୟଲକ୍ଷ୍ମୀ ପାତ୍ର, ରାଜଲକ୍ଷ୍ମୀ ରଥ, ଲିପିକା ପ୍ରଧାନ, ଅଙ୍କିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ସେମାନଙ୍କର ଅଭିଭାବକ, ସ୍ଥାନୀୟ ଗ୍ରାମର ବହୁବ୍ୟକ୍ତି ଉପସ୍ଥିତ ରହିଥିଲେ।

## 'ଅପରେସନ୍ ସିନ୍ଦୂର'ର ସଫଳତା
# ବିଜେପିର ବାଇକ୍ ରାଲି

ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ନିର୍ବାଚନ ମଣ୍ଡଳୀ ବିଜେପି ଦଳ ସିନ୍ଦୁର ଅପରେସନର ସଫଳ ହେବା ପରେ ବାଇକ ରାଲିରେ ତ୍ରିରଙ୍ଗା ଯାତ୍ରା କରିଥିଲେ। ଗତ କିଛିଦିନ ତଳେ ପାକିସ୍ତାନ ପାଳିତ ସନ୍ତ୍ରାସବାଦୀମାନେ ପହେଲଗାମ୍‌ରେ ଏପ୍ରିଲ ୨୨ ତାରିଖରେ ୨୬ଜଣ ନିରହ ଭାରତୀୟ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ପଚାରି ନିଜର ସହଧର୍ମିଣୀଙ୍କ ଆଗରେ ନୃଶଂସ ଭାବରେ ଗୁଳିକରି ହତ୍ୟା କରିଥିବା ଘଟଣା ସାରା ବିଶ୍ୱକୁ ଚକିତ କରିଦେଇଥିଲା। କିଛିଦିନ ପରେ ଭାରତ ସରକାର ଏହାର କଡା ଜବାବ ଦେବା ସକାଶେ ନିଜର ବିଧିବଦ୍ଧ ବ୍ୟବସ୍ଥା ଆପଣାଇ 'ଅପେରେସନ ସିନ୍ଦୂର' କରାଯାଇଥିଲା। ଏହି ଅପେରସନର ଲକ୍ଷ୍ୟ ଅନୁଯାଇ ସନ୍ତ୍ରାସବାଦକୁ ମୂଳରୁ ଉପାଡିବା ସକାଶେ ଭାରତୀୟ ବାୟୁସେନାର ଦ୍ୱାରା ନିଜର ପରାକ୍ରମ ଦେଖାଇଥିଲେ। ଏହି ପରିପ୍ରେକ୍ଷୀରେ ଦେଶର ସୈନ୍ୟ ବାହିନୀର ମନୋବଳ ବଢାଇବା ସକାଶେ ଭାରତର ବିଭିନ୍ନ ପ୍ରାନ୍ତରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଉଛି । ଗତ ଦୁଇଦିନ ତଳେ ପ୍ରଶାସନିକ ତରଫରୁ ତ୍ରିରଙ୍ଗା ଯାତ୍ରା କରାଯାଇଥିବା ବେଳେ ଆଜି ଚିକିଟି ବିଜେପି ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଯାତ୍ରା ଚିକିଟି ପେଣ୍ଟର କାରବାଲୁଆ ନିକଟରୁ ହଜାର ହଜାର ବାଇକରେ ଜନସାଧାରଣ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ, ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ପାତ୍ରପୁର ବ୍ଲକରେ ପହଞ୍ଚି ଥିଲେ। ଏହି ଯାତ୍ରାରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ମହିଳା ସଦସ୍ୟା ମିନା ଦ୍ୟାନ ସାମନ୍ତରା ମୁଖ୍ୟ ରୂପେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ବ୍ଲକର ମଣ୍ଡଳ ସଭାପତି, ପ୍ରମୁଖ ନେତା, ଯୁବନେତାଙ୍କ ସହ ଚିକିଟି ବ୍ଲକର ପୂର୍ବତନ ଅଧକ୍ଷ କେ. ନରସିଂହ ମୂର୍ତ୍ତି, ଯୁବ ସଂଗଠକ ଦେବଦତ୍ତ ପଣ୍ଡା, ନାରୀନେତ୍ରୀ ଲଳିତା ପ୍ରଧାନ, ଟୁନା ପ୍ରଧାନ, ନିରଞ୍ଜନ ବେହେରା, ଦିଲ୍ଲୀପ କୁମାର ସାହୁ ପ୍ରମୁଖଙ୍କ ସହ ହଜାର ହାଜର ଜନତା ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଚାନ୍ଦବାଲି, (ଭାସ୍କର ନ୍ୟୁଜ୍) : 'ରକ୍ତ ଦାନ ମହତ ଦାନ। ରକ୍ତ ଅଭାବରୁ ଯେମିତି କାହାରି ଜୀବନ ନଯାଉ।' ଏମିତି ଏକ ସଂକଳ୍ପ ନେଇଛନ୍ତି ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱରେ ଅଞ୍ଚଳରେ ସୁନାମଧନ୍ୟ ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ପାଣିଗ୍ରାହୀ ମେଡିକାଲ। ଆଜକୁ ୭ ବର୍ଷରୁ ଅଧିକ ହେବ ଏମିତି ରକ୍ତଦାନ ଶିବିର ଆୟୋଜନ କରି ଆସୁଅଛି। ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଭଦ୍ରକ ମେଡିକାଲର ବ୍ଲଡ ବ୍ୟାଙ୍କର କାଉନସିଲର ଡାକ୍ତର ରତିକାନ୍ତ ବଳ ଏବଂ ଗୋପୀନାଥପୁର ସେବା ସମବାୟ ସମ୍ପାଦକ ଚିନ୍ମୟ ବେହେରା ଯୋଗ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଘଣ୍ଟେଶ୍ୱର ଫାଣ୍ଡି ଏଏସ୍‌ଆଇ ରାଜେଶ ମହାପାତ୍ର ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଶିବିରରେ ୩୦ରୁ ଅଧିକ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ସୌମ୍ୟରଞ୍ଜନ ପାଣିଗ୍ରାହୀ, ଦେବେନ୍ଦ୍ର ସୁତାର, ନାଗାର୍ଜୁନ ନାୟକ, ମନୋରଞ୍ଜନ ଖଟୁଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।



# ଦୟା, ମକରା ଓ ରାଜୁଆ ନଦୀଜଳ ପ୍ରଦୂଷିତ

କଣାସ (ଭାସ୍କର ନ୍ୟୁଜ୍) : ପ୍ରବାଦ ଅଛି ଯେଉଁ ଅଞ୍ଚଳରେ ଯେତେ ନଦୀ ପ୍ରବାହିତ ହେଉଛି ସେହି ଅଞ୍ଚଳ ସେତିକି ପ୍ରଗତିଶୀଳ କିନ୍ତୁ ଆଜି ଆଧୁନିକ ସାମାଜରେ ଯେଉଁ ଅଞ୍ଚଳରେ ଯେତେ ନଦୀ ସେହି ଅଞ୍ଚଳବାସୀ ଦୁର୍ଦ୍ଦଶାରେ ସମ୍ମୁଖୀନ। କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀ ଓ ତା'ର ଶାଖା ନଦୀ ରାଜୁଆ, ମକରା, କାଣିଆ ନଦୀର ଜଳ ଭୁବନେଶ୍ୱର ସହରର ପ୍ରଦୂଷିତ ଜଳ ଗଙ୍ଗୁଆ ନାଳ ଦେଇ ଦୟା ନଦୀରେ ମିଶୁଥିବାରୁ ଦୟା ନଦୀ ଓ ତା'ର ଶାଖାନଦୀ ଜଳ ଦୀର୍ଘଦିନ ହେଲା ପ୍ରଦୂଷିତ ହୋଇପଡିଛି। ଏପରିକି ନଦୀମାନଙ୍କରେ ମାଛ ମରିଯାଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗ୍ରାମ୍ୟ ପୋଖରୀ, ଗଭୀର କୂପ, ନଳକୂପ, ଜଳ ଶୁଖିଯାଉଥିବାରୁ ଲୋକମାନେ ନଦୀ ଜଳ ବ୍ୟବହାର କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ନଦୀଜଳ ବ୍ୟବହାର କରି ନଦୀ ପାଖ ଗ୍ରାମର ଅନେକ ଲୋକ ଚର୍ମରୋଗ, କିଡ୍‌ନୀ ଓ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉ ଥିବାବେଳେ ତାହା ସମୁଦ୍ର ଶଙ୍ଖେ। ଲୋକମାନେ ନିତ୍ୟ ବ୍ୟବହାର ପାଇଁ ଜଳ ନପାଇ ଛଟପଟ ହେଉଥିବା ଦେଖିବାକୁ ମିଳିଛି।



# ମାୟାଧରଙ୍କ ନିଆରା ପ୍ରୟାସ, ଘରେ କରିଛନ୍ତି ମିନି ସଂଗ୍ରହାଳୟ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ। ବ୍ୟସ୍ତ ବହୁଳ ଜୀବନ ଭିତରେ ଟିକିଏ ଅବସର ପାଇଲେ ଲୋକ ମାନେ ଚିତ୍ତବିନୋଦନ ପାଇଁ ବିଭିନ୍ନ ପନ୍ଥା ଆପଣାଉଛନ୍ତି। କିଏ ପରିବାର ଓ ସାଙ୍ଗସାଥି ଧରି ବଣଭୋଜି, ପାର୍କ କିମ୍ବା କୌଣସି ସ୍ଥାନକୁ ବୁଲିବାକୁ ଯାଉଛନ୍ତି ତ କିଏ ଅନ୍ୟ କୌଣସି କାର୍ଯ୍ୟରେ ନିଜକୁ ନିୟୋଜିତ ରଖେ। ବିଭିନ୍ନ ଲୋକଙ୍କର ରୁଚି ଭିନ୍ନ ଭିନ୍ନ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ପଞ୍ଚାୟତ ବେଗୁନିଆବସ୍ତ ଗ୍ରାମର ମାୟାଧର ସ୍ୱାଇଁଙ୍କ ନିଶା କିନ୍ତୁ ନିଆରା। ବିଭିନ୍ନ ପୁରୁଣା ଜିନିଷ ସଂଗ୍ରହ କରିବା ତାଙ୍କର ନିଶା। ନିଜ କାମରୁ ଟିକେ ଫୁରସତ ପାଇଲେ ସେ ବିଭିନ୍ନ ପ୍ରକାର ପୁରୁଣା ଜିନିଷ ସଂଗ୍ରହରେ ଲାଗି ପଡନ୍ତି। ନିଜ ଘରେ ସେ ଏକ ସଂଗ୍ରହାଳୟ ତିଆରି କରିଛନ୍ତି। ଏହାର ନାମ ରଖିଛନ୍ତି 'ମୋ ସଂଗ୍ରହାଳୟ'। ଏଥିରେ ବିଭିନ୍ନ ଦେଶର ଡାକ ଟିକେଟ ଠୁ ଆରମ୍ଭ କରି ବୈଦେଶିକ ମୁଦ୍ରା ସହ ରହିଛି ଆହୁରି ଅନେକ କିଛି। ବଡ଼ କଥା ହେଉଛି ମାୟାଧର ସ୍ୱାଇଁଙ୍କ ସଂଗ୍ରହାଳୟ ପ୍ରତି ସପ୍ତାହର ରବିବାରରେ ଖୋଲା ରହେ। ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ମାୟାଧରଙ୍କ ଘରକୁ ଆସି ଏସବୁ ଦେଖନ୍ତି। ମାୟାଧରଙ୍କ ସଂଗ୍ରହାଳୟ ଦେଖି କୁନି କୁନି ପିଲା ଓ ଅଭିଭାବକ ପ୍ରଶଂସା କରନ୍ତି। ମାୟାଧର ସ୍ୱାଇଁ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ୍ୟ ପିଲାଦିନରୁ ପୁରୁଣା ଜିନିଷ ସଂଗ୍ରହ କରିବା ହେଉଛି ତାଙ୍କର ଏକ ନିଆରା ନିଶା। ସେ ସ୍ୱାଧୀନତା ପୂର୍ବ ଓ ପରର ୪ଶହରୁ ଊର୍ଦ୍ଧ୍ୱ ଦେଶୀୟ ଓ ବିଦେଶୀ ମୁଦ୍ରା ସଂଗ୍ରହ କରି ରଖିଛନ୍ତି। ଯେଉଁଥିରେ ମହାପୁରୁଷଙ୍କ ଛବି ରହିଛି। ବିଭିନ୍ନ ରାଜ୍ୟରୁ ସଂଗ୍ରହ କରିଥିବା ପୁରୁଣା ଦିଆସିଲି ଖୋଳ ଏଠାରେ ରହିଛି। ଯେଉଁଥିରେ ବିଭିନ୍ନ ପୁରୁଣା ସିନେ ତାରକାଙ୍କ ଛବି ରହିଛି, ଯାହା ବର୍ତ୍ତମାନ ଦେଖିବାକୁ ମିଳୁନି। ସେହିଭଳି ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାର, କାଠ ତିଆରି ସାମଗ୍ରୀ, ୧୫ଶହରୁ ଊର୍ଦ୍ଧ୍ୱ ପୁସ୍ତକ, ଶହେରୁ ଅଧିକ ଡାକ ଟିକେଟ ମଧ୍ୟ ସାଇତି ରଖିଛନ୍ତି ସେ। ସେହିଭଳି ପୁରୁଣା ଟେଲିଫୋନ, ମୋବାଇଲି ଷ୍ଟାଣ୍ଡ, ପିତଳ ଷ୍ଟୋଭ ମଧ୍ୟ ରହିଛି ଏଠାରେ। ଆଗାମୀ ଦିନରେ ସେ ଏହାକୁ ଆହୁରି ବଡ଼ ଧରଣର ସଂଗ୍ରହାଳୟ କରିବା ପାଇଁ ଯୋଜନା କରିଛନ୍ତି। ତାଙ୍କର ଏଭଳି ନିଆରା ଅନ୍ଦାଜ୍‌କୁ ସ୍ଥାନୀୟ ଲୋକେ ଖୁବ ପ୍ରଶଂସା କରୁଛନ୍ତି।



# ୨୧ଦିନ ବ୍ୟାପି ରୁଦ୍ରାଭିଷେକ ଓ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ପଞ୍ଚାୟତ ସ୍ଥିତ କୋରକୋରା ଗ୍ରାମର ପ୍ରସିଦ୍ଧ ସର୍ବପୁରାତନ ଶୈବପୀଠ ଶ୍ରୀଶ୍ରୀ ରୁଦ୍ରେଶ୍ୱର ମହାଦେବଙ୍କର ୨୧ଦିନ ବ୍ୟାପି ରୁଦ୍ରାଭିଷେକ ଓ ରୁଦ୍ର ମହାଯଜ୍ଞର ପୂର୍ଣ୍ଣଆହୁତି ଶେଷ ହୋଇଛି। ଏହି ଅବସରରେ ମହାନଦୀ ଘାଟରୁ କଳସ ଶୋଭାଯାତ୍ରାରେ ଆଣି ମଣ୍ଡପରେ ଘଟ ସ୍ଥାପନ କରାଯାଇ ଅଙ୍କୁରାରୋପଣ ପରେ ଆହୁତି ପ୍ରଦାନ ଆରମ୍ଭ କରାଯାଇଥିଲା। ଶୁକ୍ରବାର ରୁଦ୍ର ମହାଯଜ୍ଞର ପୂର୍ଣ୍ଣଆହୁତି ସମାପନ ହୋଇଛି। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସୁନାମ ଧନ୍ୟ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ଯୋଗଦେଇ ରୁଦ୍ର ମହାଯଜ୍ଞକୁ ଦର୍ଶନ କରି ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ସମସ୍ତ ଯଜ୍ଞକାର୍ଯ୍ୟରେ ପୂଜକ ହରିଶ୍ଚନ୍ଦ୍ର ପଣ୍ଡା, କିଶୋର ପଣ୍ଡା, ସନାତନ ପଣ୍ଡା, ମଙ୍ଗୁ ପଣ୍ଡା ପରିଚାଳନା କରିଥିବା ବେଳେ ଯଜ୍ଞାଚାର୍ଯ୍ୟ ମନୋରଞ୍ଜନ ଶଡଙ୍ଗୀ କର୍ମ ସଂଚାଳକ ରାଜକିଶୋର ଶଡଙ୍ଗୀ, ସଚିକାନ୍ତ ତ୍ରିପାଠୀ, ବେଦାଚାର୍ଯ୍ୟ ଶଶିକାନ୍ତ ମହାପାତ୍ର ଓ ଶରତ ଦାଶ ସହାୟତା କରିଥିଲେ। ଯଜ୍ଞର କର୍ତ୍ତା ଓ କର୍ତ୍ତୀ ଭାବେ ରବିନ୍ଦ୍ର ନାଥ ମହାନ୍ତି ଓ ଝରଣା ମହାନ୍ତି କାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ଣ୍ଣାହୁତି ଦିନ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତମାନେ ଆସି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ଓ ଯଜ୍ଞ କମିଟି ସହାୟତାରେ ଅନୁଷ୍ଠିତ ହୋଇଥିଲା।



# ଡାକ୍ତରଖାନା ପାଲଟିଛି ଧାନଖଳା

କଣାସ (ଭାସ୍କର ନ୍ୟୁଜ) : କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଜନସାଧାରଣ ସ୍ୱାସ୍ଥ୍ୟସେବା କିପରି ସୁବିଧାରେ ପାଇପାରିବେ ସେଥିପାଇଁ ପ୍ରତ୍ୟେକ ବ୍ଲକରେ ସରକାରୀ ଡାକ୍ତରଖାନା ଏବଂ ଅନେକ ସରକାରୀ ଆୟୁର୍ବେଦ ଡାକ୍ତରଖାନା ଖୋଲିଛନ୍ତି। ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ଜନସଚେତନତା ଅଭାବରୁ ଡାକ୍ତରଖାନା ପରିସର ଜନସାଧାରଣ ଖଳାବାଡି ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତର ଗୋପୀନାଥପୁର ଗ୍ରାମରେ ଥିବା ସରକାରୀ ଆୟୁର୍ବେଦ ଡାକ୍ତରଖାନା। ଉକ୍ତ ଡାକ୍ତରଖାନାରେ ଦୀର୍ଘଦିନ ହେଲା ଡାକ୍ତର ପଦବୀ ଖାଲିଥିବାରୁ ଭୁଷଣ୍ଡପୁର ଡାକ୍ତରଖାନାର ଡାକ୍ତର ସପ୍ତାହକୁ ଦୁଇଦିନ ବୁଧବାର ଓ ଶନିବାର ଦିନ ଆସି ଡାକ୍ତରଖାନାରେ ଯୋଗ ଦିଅନ୍ତି। ରାତ୍ର ଜଗୁଆଳି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡିଥିବାବେଳେ ଜଣେ ମାତ୍ର ଫାର୍ମାସିଷ୍ଟ ଡାକ୍ତରଖାନା ଖୋଲୁଛନ୍ତି। ଦୈନନ୍ଦିନ ଗୋପୀନାଥପୁର, ନୂଆଗାଁ, କଳାପଦର, ଜାଗୁଳାଇପଦର, ପାଇକମରା, ବଡଓରା, ସାନଓରା ଓ ସାହସପୁର ଗ୍ରାମରୁ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଆସୁଥିବା ଜଣାପଡୁଛି। ଗ୍ରାମବାସୀ ଡାକ୍ତରଖାନା ପରିସରରେ ଧାନ ଗଦା ମାରି ଧାନ ଅମଳ କରୁଥିବାରୁ ବସ୍ତା କରି ରଖିଥିବା ଓ ଛଣ ରଖୁଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏଥିପ୍ରତି ପୁଲିସ ପ୍ରଶାସନ କିମ୍ବ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀଙ୍କ କିପରି ଦୃଷ୍ଟିପଡୁ ନାହିଁ ତାହା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି।

# ଚାନ୍ଦୋଳ ବଜାରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ ହୋଇଥିବା 'ଅପରେସନ୍ ସିନ୍ଦୁର' ଅଭିଯାନ ସପକ୍ଷରେ ଓ ସଫଳତା ପାଇଁ ଆଜି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ଚାନ୍ଦୋଳ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ବଜାର ପରିକ୍ରମା କରିଥିଲା। ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯାତ୍ରାରେ ବିଜେପିର ପୂର୍ବତନ ଜିଲ୍ଲା ଉପସଭାପତି ସ୍ମାରକ ମହାନ୍ତି, ଚାନ୍ଦୋଳ ମଣ୍ଡଳ ସଭାପତି ତାପସ କୁମାର ନାୟକ, ଜିଲ୍ଲା ପ୍ରତିନିଧି ଲଲାଟେନ୍ଦୁ ଖୁଣ୍ଟିଆ, ଚାନ୍ଦୋଳ ପଞ୍ଚାୟତର ପ୍ରମୁଖ ଶରତ କୁମାର ମଲିକ, ମୁକୁନ୍ଦପୁରର ଅଜୟ କୁମାର ସାହୁ, ଦାନପୁରର ଅମରେନ୍ଦ୍ର ରଥ, ହରିଅଙ୍କର ସତ୍ୟବ୍ରତ ପରିଡ଼ା, ଖମୋଳର ସୁଜିତ କୁମାର ସ୍ୱାଇଁ, ଯଅଁରାବାରିମୂଳର ଜୟନ୍ତ ନାୟକଙ୍କ ସମେତ ସୁନାକର ସାହୁ, ବିଶ୍ୱଜିତ ଭୂୟାଁ, ବିଶ୍ୱକେତନ ନାୟକ, ନିତ୍ୟାନନ୍ଦ ମଲିକ, ଭଞ୍ଜନ କୁମାର ମହାନ୍ତି ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ଆତଙ୍କି ସ୍ଥାନ ପାକିସ୍ତାନ ପକ୍ଷରୁ ଭାରତର ନିରୀହ ପର୍ଯ୍ୟଟକଙ୍କୁ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ। ଏଥିସହ ଭାରତ ପକ୍ଷରୁ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଆରମ୍ଭ କରାଯାଇଥିବା ଅପରେସନ୍ ସିନ୍ଦୂରକୁ ସ୍ୱାଗତ କରିବା ସହ ଦୃଢ଼ ସମର୍ଥନ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୀମାନ୍ତରେ ଭାରତମାତା ପାଇଁ ଉତ୍ସର୍ଗୀକୃତ ବୀର ଯବାନମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ନାରା ଦେଇଥିଲେ। ଏଥିରେ ପାଟକୁରା ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସାମିଲ ହୋଇଥିଲେ।




# ରୋଗୀସେବା ବିପର୍ଯ୍ୟସ୍ତ

ବଡ଼ଚଣା (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବ୍ୟାପକ ବ୍ୟବସ୍ଥା କରିଥିବା ବେଳେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ଜଣ ଡାକ୍ତର ଥିବାବେଳେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସେଠାରେ ରୋଗୀସେବା କରୁଥିବା ଦେଖିବାକୁ ମିଳିଛି। ଫଳରେ ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ରୋଗୀ ସେବା ବନ୍ଦ ଥିବା ଜଣାପଡ଼ିଛି। ରୋଗୀସେବା ଏଠାରେ ଏପରି ଚାଲୁଥିବା ସତେ ଯେପରି ଧର୍ମକୁ ଆଖିଠାର ପରି ହେଉଥିବା ଲାଗୁଛି। ଏଠାରେ ଥିବା ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦୈନିକ ଜଣେ ଲେଖାଏଁ ଡାକ୍ତରଙ୍କୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଉଥିବା ପ୍ରମାଣ ମିଳିଛି। ଯାହା ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ୯ଜଣ ଡାକ୍ତର କ'ଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା କରିବେ ତେବେ ସେଠାରେ ରୋଗୀସେବା କିପରି ହେବ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଡାକ୍ତରମାନେ କ'ଣ କରୁଛନ୍ତି ନା ସେମାନେ ଗୋଟିଏ ଦିନରେ ଛୁଟିରେ ଯାଇଛନ୍ତି ଏହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ରୋଗୀସେବା କରିବାକୁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏଠାରେ ଏପରି ସ୍ଥିତି କ'ଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ୧୦୦ ବର୍ଷ ପରେ ବି
# ବଡ଼ଚଣାର ୯ ଗ୍ରାମବାସୀ ଭୋଗୁଛନ୍ତି ଦୁର୍ଦ୍ଦଶା

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଯା' ଭିତରେ ୧୦୦ ବର୍ଷ ବିତିବାକୁ ବସିଲାଣି। ହେଲେ ସରକାରୀ ସ୍ତରରେ ଘରବାଡ଼ି ଓ ଜମିଜମାର ବନ୍ଦୋବସ୍ତ କାର୍ଯ୍ୟ ହୋଇପାରି ନଥିବାରୁ ବଡ଼ଚଣା ବ୍ଲକ ତଥା ଦର୍ପଣ ତହସିଲ ଅଧୀନରେ ଥିବା ପତରାଜପୁର, ଚାରିନଙ୍ଗଳ, କଳାଶ୍ରୀ, ସୁଙ୍ଗୁଡା, ଦର୍ପଣଗଡ଼, ପଲେଇ, ମାତକାତପୁର, ବରଦା ଓ ପଣସୁଧା ଆଦି ୯ ଗୋଟି ଗ୍ରାମର ଅଧିବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଜମିବାଡ଼ି ବନ୍ଦୋବସ୍ତ ହୋଇ ପାରିନଥିବା ହେତୁ ଉପରୋକ୍ତ ଗ୍ରାମବାସୀ ଜମିବାଡ଼ି ଖର୍ଦ୍ଦ ବିକ୍ରି କରିପାରୁ ନାହାନ୍ତି। ବାସସ୍ଥାନର ପ୍ରମାଣପତ୍ର ପାଇପାରୁ ନାହାନ୍ତି । ଆୟ ପ୍ରମାଣପତ୍ର ମଧ୍ୟ ମିଳୁନାହିଁ। ଚାଷୀମାନଙ୍କୁ ବ୍ୟାଙ୍କ ପ୍ରଦତ୍ତ କୃଷି ଋଣ ମିଳି ପାରୁନାହିଁ । ସେହିପରି ଚାଷୀମାନଙ୍କୁ ଫସଲ କ୍ଷତି ଜନିତ ବୀମା ଅର୍ଥ ମଧ୍ୟ ମିଳି ପାରୁନାହିଁ । ଛାତ୍ରଛାତ୍ରୀ ମାନେ ବୃତ୍ତି ଅର୍ଥ ପାଇବାରୁ ବଞ୍ଚିତ ରହୁଛନ୍ତି। ସେହିପରି ବିଭିନ୍ନ ଗ୍ରାମର ଲୋକେ ନୂତନ ବାସସ୍ଥାନ ନିର୍ମାଣ କରି ରହି ଆସୁଥିଲେ ମଧ୍ୟ ଏହାର କିସମ ପରିବର୍ତ୍ତନ ହୋଇ ପାରିନାହିଁ। ଉପରୋକ୍ତ ଗ୍ରାମବାସୀ ଏମିତି ଅନେକ ସମସ୍ୟା ବର୍ଷ ବର୍ଷ ଧରି ଭୋଗି ଆସୁଥିବା ବେଳେ ଏହାର ନିରାକରଣ ଦିଗରେ ରାଜ୍ୟ ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷରେ ଏହି ସମସ୍ୟା ପାଇଁ ସରକାର ମଧ୍ୟ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ସୂଚନା ମୁତାବକ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟ ଯଥା ୧୯୨୮/୨୯ ମସିହାରେ ତତ୍କାଳୀନ ସରକାର ଘରବାଡ଼ି ଓ ଚାଷଜମି ପଟ୍ଟା ପ୍ରଜାମାନଙ୍କୁ ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଗତ

## ହୋଇ ପାରିଲାନି ଜମିଜମା ବନ୍ଦୋବସ୍ତ

୧୯୮୦ ମସିହାରୁ ୧୯୮୬ ପର୍ଯ୍ୟନ୍ତ ସରକାର ଜମିଜମାର ରେକର୍ଡ ସଂଶୋଧନ କାର୍ଯ୍ୟ ବନ୍ଦୋବସ୍ତ ମାଧ୍ୟମରେ ଆରମ୍ଭ କରିଥିଲେ। ହେଲେ ସେତେବେଳେ ଏହି ରେକର୍ଡ ସଂଶୋଧନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଲା। ଫଳରେ ୧୯୨୯ ରେକର୍ଡର ପୁନଃ କାଏମ କରାଗଲା। ବହୁ ଜମି ଆପୋଷ ବଣ୍ଟନ ହୋଇଥିଲେ ମଧ୍ୟ ରେକର୍ଡ ସଂଶୋଧନ ହୋଇ ପାରୁନାହିଁ। ତେବେ ଏଭଳି ଏକ ବୃହତ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଦିଲ୍ଲୀପ କୁମାର ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସରୋଜ କୁମାର ଜେନା, କୃଷ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ରାଉତ ଓ ତପନ କୁମାର ସାମଲ ପ୍ରମୁଖ ଦୀର୍ଘବର୍ଷ ଧରି ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ, ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ବହୁବାର ଭେଟି ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। କେବଳ ବିଭାଗୀୟ ଅଧିକାରୀଙ୍କ ନୋଟିଫିକେସନରେ ଏହି କାର୍ଯ୍ୟ ସୀମିତ ରହିଛି। ୧୦୦ ବର୍ଷ ଧରି ଏଭଳି ଏକ ସଙ୍ଗୀନ ସମସ୍ୟାର ଦୁଃଖ ଦୁର୍ଦ୍ଦଶା ଭୋଗି ଆସୁଥିବା ଉପରୋକ୍ତ ୯ଟି ଗ୍ରାମର ଅଧିବାସୀ କେବେ ନ୍ୟାୟ ପାଇବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ମୋହନ ସରକାର ଆଶୁ ପଦକ୍ଷେପ ନେବାକୁ ସୁଙ୍ଗୁଡା ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହଲା, ବ୍ରଜକିଶୋର ମହାପାତ୍ର, ବ୍ରଜକିଶୋର ସ୍ୱାଇଁ, ବୈକୁଣ୍ଠ ସାମନ୍ତରାୟ, ସଂଜୟ କୁମାର ସ୍ୱାଇଁ, ପ୍ରକାଶ ରାଉତ, ବୈକୁଣ୍ଠ ସାହୁ ଏବଂ ଗ୍ରାମବାସୀ ନିବେଦନ କରିଛନ୍ତି ।


# ପ୍ରଶାସନ ପକ୍ଷରୁ ଘର ଉଚ୍ଛେଦ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଭାଲୁମୁଣ୍ଡା ଛକ ଦିଗକୁ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଥାନା ଏବଂ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ଦୋକାନ ଘର ଓ ଅଦରକାରୀ ଘର ତହସିଲ ପକ୍ଷରୁ ଭଙ୍ଗାଯାଉଥିବା ଦେଖାଯାଇଛି। ରାସ୍ତାକୁ ଲାଗି ଗଡ଼ପରଜଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। କଲ୍ୟାଣୀ ମଣ୍ଡପ ଘର ଓ ଅଙ୍ଗନୱାଡ଼ି କେନ୍ଦ୍ର ଘରଏହି ଦୁଇଟି ଯାକ ଘର ଭଙ୍ଗାରୁଜା ଅବସ୍ଥାରେ ରହିଥିବାରୁ ଏହା ଅଦରକାରୀ ହୋଇ ପଡ଼ିରହିଥିଲା। ଏହା ବ୍ୟତୀତ ଥାନା ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ କେତେକ ଆଜବେଷ୍ଟ ଛପର ଦୋକାନ ଘର ରହିଥିବାରୁ ଏସବୁକୁ ଭଙ୍ଗାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତହସିଲ ପ୍ରଶାସନ ପକ୍ଷରୁ ନୋଟିସ କରାଯାଇ ଶୁକ୍ରବାର ସକାଳୁ ସକାଳୁ ତହସିଲଦାର, ଅତିରିକ୍ତ ତହସିଲଦାର, ଆରଆଇ ଓ ତହସିଲ ପ୍ରଶାସନର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଜେସିବି ମେସିନ ଦ୍ୱାରା ଭଙ୍ଗାଯାଉଥିବା ଦେଖିବାକୁ ମିଳିଥିଲା।




# ରାଶିଫଳ

ରବିବାର, ୧୮ ମଇ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କ ଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ। ଶାରୀରିକ ଆରାମ ମିଳିବ। ଆୟରେ ନିଶ୍ଚିତତା ରହିବ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈାଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି: (ଭାସ୍କର ନ୍ୟୁଜ୍): ନାବାଳିକା ଝିଅ ପ୍ରେମିକ ସହ ମିଶି ମା'କୁ ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରେମିକ ଗଣେଶ ରଥ ଓ ସହଯୋଗୀ ଡିନେସ ସାହୁ । ଅଭିଯୁକ୍ତଙ୍କ ନିକଟରୁ ୨.୬ ତୋଲା ଓଜନର ସୁନା ଗହଣା, ଦୁଇଟି ମୋବାଇଲ, ହତ୍ୟା ପାଇଁ ବ୍ୟବହାର ହୋଇଥିବା ତକିଆକୁ ଜବତ କରିଛି ପୋଲିସ । ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଗଜପତି ଏସ୍ପି ଯତିନ୍ଦ୍ର କୁମାର ପଣ୍ଡା କହିଛନ୍ତି। ସୂଚନା ଅନୁସାରେ ରାଜ ଲକ୍ଷ୍ମୀକର ମହଲା ଗତ ୧୩ ବର୍ଷ ତଳେ ୩ଦିନର ଝିଅଟିକୁ ଲାଳନ ପାଳନ କରିଥିଲେ । ରାଜଲକ୍ଷ୍ମୀ ଭୁବନେଶ୍ୱରରୁ ଅସି ପାରଳାଖେମୁଣ୍ଡି ସହରର ସୁଣ୍ଡି ସହିତ ଘର ଭଡ଼ା କରି ରହୁଥିଲେ । ଝିଅ ପାରଳାଖେମୁଣ୍ଡି କେନ୍ଦ୍ର ବିଦ୍ୟାଳୟରେ ୮ ଶ୍ରେଣୀରେ ପାଠ ପଢୁଥିଲା। ୧୩ବର୍ଷ ରୁ ସେ ମୋବାଇଲ୍ ଇଷ୍ଟାଗ୍ରମ୍ ଦେଖି ପ୍ରେମରେ ପଡ଼ି ଯାଇଥିବାରୁ ଝିଅକୁ ମା' ତାଗିଦ୍ କରିଥିଲେ ।ପାଳିତ କନ୍ୟାର ଅନୈତିକ ସମ୍ପର୍କକୁ ମା ପ୍ରତିବାଦ କରିବାରୁ ଯୋଜନାବଦ୍ଧ ଭାବରେ ଗତ ଏପ୍ରଲ ୨୯ ତାରିଖରେ ଝିଅ ମା'କୁ ନିଦ ବଟିକା ଖାଇବାକୁ ଦେଇଥିଲା। ମା' ନିଦ୍ରାରେ ଶୋଇ ପଡିବାରୁ ପ୍ରେମିକ ସହ ମିଶି ଜଣେ ସାଙ୍ଗର ସହଯୋଗରେ ମା'କୁ ତକିଆ ମୁହଁରେ ଦେଇ ହତ୍ୟା କରିଥିଲା। ଏହାପରେ ସୁନା ଅଳଙ୍କାର ସବୁ ନେଇ ପ୍ରେମିକ ଚାଲିଯାଇଥିଲା । ମୃତ୍ୟୁ ଘଟିବାପରେ ଝିଅ ଫୋନ୍ କରି ମା'ର ସମ୍ପର୍କୀୟକୁ ହୃଦଘାତରେ ମୃତ୍ୟୁ ଘଟିଥିବା କହିଥିଲା। ମା'ର ଶବଦାହ ପୁରୀ ଠାରେ ପରିବାର ସଦସ୍ୟମାନେ କରିଥିଲେ। ଏହାପରେ ଝିଅର ଚାଲିଚଳନ ସନ୍ଦେହଜନକ ହେବାରୁ ଝିଅର ଫୋନ୍ ଯାଞ୍ଚ କରିବାରୁ କିଛି ଆପତ୍ତିଜନକ ପୋଷ୍ଟ ଦେଖି ଲକ୍ଷ୍ମୀଙ୍କ ଭାଇ ଶିବ ପ୍ରସାଦ ମିଶ୍ର ପାରଳାଖେମୁଣ୍ଡିରେ ୧୪.୫.୨୫ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ଗତ ଗୁରୁବାର ଦିନ ଘଟଣା ସ୍ଥଳକୁ ଆସାମୀ ନେଇ ଯାଞ୍ଚ କରିଥିଲେ। ଘଟଣା ସଂପର୍କରେ ଆସାମୀମାନେ ମାନି ଯାଇଥିଲେ । ଶୁକ୍ରବାର ପାରଳାଖେମୁଣ୍ଡି ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ଯତୀନ୍ଦ୍ର କୁମାର ପଣ୍ଡା ଦୁଇ ଆସାମୀ ଗଣେଷ ଓ ଦିନେଶ ପାଖରୁ ୩ଗୋଟି ମୋବାଇଲ୍ ସହ ୨୪ ଗ୍ରାମର ସୁନା ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



# ଗ୍ରାମସଭାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତରେ ଏକ ଉରଫୀ ଗ୍ରାମ ସଭାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଆଜି ଅଭିଯୋଗ କରିଛନ୍ତି ପଞ୍ଚାୟତରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମ ପଂଚାୟତରେ ଚଳିତ ୧୨ ତାରିଖରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଂଖ୍ୟାବାଚକ ଏମଭି ବେଙ୍ଗଲୀ ଗ୍ରାମଗୁଡିକର ନାମ ପରିବର୍ତ୍ତନ ଓ ରାଜସ୍ୱ ଗ୍ରାମର ମାନ୍ୟତା ଏ ଗ୍ରାମସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କୌଣସି ଗ୍ରାମସଭା ଆୟୋଜନର ପନ୍ଦର ଦିନ ପୂର୍ବରୁ ସମସ୍ତ ଗ୍ରାମରେ ଡ଼ାକବାଜି ଯନ୍ତ୍ରରେ ଲୋକମାନଙ୍କୁ ଅବଗତ କରେଇବାର ନିୟମ ରହିଛି। ଗୌଡ଼ଗୁଡ଼ା ଗ୍ରାମ ପଂଚାୟତରେ କିନ୍ତୁ ଓଲଟା ଦେଖିବାକୁ ମିଳୁଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଅତି ଚତୁରତାର ସହ କେବଳ ବଙ୍ଗାୟ ଭାଷାଭାଷୀ ଗ୍ରାମର ଲୋକ ଏବଂ କେବଳ ୱାର୍ଡ ମେମ୍ବର ମାନଙ୍କୁ ଗ୍ରାମସଭାରେ ଉପସ୍ଥିତ ହେବାକୁ ଜଣାଇଥିଲେ। କୌଣସି ଆଦିବାସୀ ଗ୍ରାମର ଲୋକମାନଙ୍କୁ ଖବର ଦିଆଯାଇନଥିବା ଓ ମେମ୍ବର, ସରପଞ୍ଚଙ୍କ ଦସ୍ତଖତ ନେଇ ପରବର୍ତ୍ତୀ ସମୟରେ ରିଜୋଲ୍ୟୁସନ ଖାତାରେ ସେ କଣ ଲେଖିଛନ୍ତି ନିଜେ ସରପଞ୍ଚ ଜାଣିନାହାନ୍ତି। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ସଭାରେ ଯୋଗ ଦେଇନଥିବାରୁ ଗ୍ରାମସଭା ସ୍ଥଗିତ ରଖିବାକୁ ସରପଞ୍ଚ କହିଲେ ବି ପିଇଓ ମାନିନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଗୌଡ଼ଗୁଡ଼ା ଗ୍ରାମ ପଞ୍ଚାୟତର ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ପୁରୁଷମାନେ ନୀତିନିୟମ ଉଲ୍ଲଙ୍ଘନ କରିଥିବା ସ୍ୱତନ୍ତ୍ର ଗ୍ରାମସଭାକୁ ରଦ୍ଦକରି ପୁନର୍ବାର ଗ୍ରାମସଭା କରିବାକୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଲିଖିତ ଅଭିଯୋଗ ପତ୍ର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପ୍ରଦାନ କରିଛନ୍ତି। ଏହାର ନେତୃତ୍ୱ ନେଇଥିଲେ ଅନୁସୂଚିତ ଜାତି/ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଜରା ଶବର ମାଡି, ଗୌଡ଼ଗୁଡ଼ା ସରପଞ୍ଚ ପାଣ୍ଡି ପଡ଼ିଆମି, ମୁଡ଼ା ମାଡକାମୀ, ଏରା ସୋଡି, ଭଗବାନ ଶିସା,ରାମସିଙ୍ଗ ପଡ଼ିଆମି ଓ ହାଡିରାମ ମାଡକାମୀ ପ୍ରମୁଖ ।

# ବଜ୍ରପାତରେ ପୁତୁରା ମୃତ, ଦାଦା ଗୁରୁତର



ଉମରକୋଟ(ଭାସ୍କର ନ୍ୟୁଜ୍): ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ପୁତୁରାର ମୃତ୍ୟୁ ଘଟିବା ସହ ବାବା ଗୁରୁତର ହୋଇ ଉମରକୋଟ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି। ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବେନରା ଗ୍ରାମ ଠାରେ। ବେନରା ଗ୍ରାମ ପଞ୍ଚାୟତର ଆଦିବାସୀ ଶଙ୍କରଡା ଗ୍ରାମର ଚୈତରାମ ମାଝି ୩୫ ବର୍ଷ ଓ ତାଙ୍କ ପୁତୁରା ଲଳିତ ମାଝି ୧୫ ବର୍ଷ ତାଙ୍କ ସମ୍ପର୍କୀୟ ପରିବାର ରହୁଥିବା ବେନରା ଗ୍ରାମକୁ ମକା ସୁଖାଇବା ପାଇଁ ଯାଇଥିଲେ। ଏକ ପଥର ଚଟାଣରେ ମକା ଶୁଖାଉଥିବା ବେଳେ ଅପରାହ୍ନ ପ୍ରାୟ ୩ ଟା ରୁ ୪ ଟା ସମୟ ମଝିରେ ପ୍ରବଳ ପବନ ଓ ବିଜୁଳି ମାରିବା ସହ ପ୍ରବଳ ବର୍ଷା ଆରମ୍ଭ ହୋଇ ଯାଇଥିଲା।ଏହାକୁ ଦେଖି ଚୈତ ରାମ, ଲଳିତଙ୍କ ସମେତ ଉପସ୍ଥିତ ଥିବା ପ୍ରାୟ ୧୦ ଜଣ ଶ୍ରମିକ ସୁଖା ଯାଇଥିବା ମକା ଉପରେ ଝିଲି ଘୋଡ଼େଇବା କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ବଜ୍ରପାତ ହୋଇଥିଲା। କିନ୍ତୁ ବଜ୍ରପାତ କେବଳ ଚୈତିରାମ ଓ ଲଳିତ ଉପରେ ହିଁ ପଡିଯାଇଥିଲା। ଫଳରେ ଅନ୍ୟ ୧୦ ଜଣ ଶ୍ରମିକଙ୍କ ଜୀବନ ବର୍ତ୍ତିଯାଇଛି। ଚୈତ୍ରାମ ଲଳିତଙ୍କ ଦାଦା ଅଟନ୍ତି। ୨ ଜଣ ଏତେ ଗୁରୁତର ହେଇ ପଡ଼ିଥିଲେ ଯେ କାଳେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଇଯିବ ବୋଲି ଆଶଙ୍କା କରି ଚୈତରାମ ଙ୍କ ସମ୍ପର୍କୀୟଙ୍କ ଗାଡ଼ିରେ ୨ ଜଣଙ୍କୁ ଉମରକୋଟ ହସ୍ପିଟାଲ ଆଣିଥିଲେ। କିନ୍ତୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ବାଟରେ ଲଳିତର ପ୍ରାଣବାୟୁ ଉଡ଼ିଯାଇଥିଲା। ଡକ୍ତରଙ୍କ ଚିକିତ୍ସା ପରେ ଚୈତ ରାମଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଛି। ଆସନ୍ତା କାଲି ଲଳିତର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଜନଅସନ୍ତୋଷ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ କୁଚିଣ୍ଡା ସବ୍‌ଡିଭିଜନରେ ଲୋକେ ଗରମରେ ଅସ୍ତବ୍ୟସ୍ତହୋଇ ପଡ଼ିଛନ୍ତି ।ତେବେ ୧୫ ତାରିଖରେ ସାମାନ୍ୟ ବର୍ଷା ପବନ ଘଡ଼ଘଡି ହେବାପରେ, ଗୁଳୁଗୁଳି ମାତ୍ରାଧିକ ବଢ଼ିଛି। ଏଣେ ବର୍ଷା ପରଠାରୁ ଗୁଳୁଗୁଳି ଏବଂ ଅଘୋଷିତ ବିଦ୍ୟୁତ କାଟକୁ ନେଇ ନାହିଁ ନଥିବା ଗରମ ହେଉଛି। ଏଭଳି ଗୁଳୁଗୁଳି ବେଳେ ବିଦ୍ୟୁତ କାଟ୍ ଯୋଗୁ ଉପଭୋକ୍ତା ନାହିଁନଥିବା ହଇରାଣ ହରକତ ହେଉଛନ୍ତି। ଏଣେ ଏହି କାରଣ ନେଇ, ଜ୍ୱର, ଝାଡ଼ା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଉଛନ୍ତି ଜନସାଧାରଣ । ଏଣୁ ସରକାରୀ ଡାକ୍ତରଖାନା, ଓ ଘରୋଇ ଚିକିତ୍ସା କେନ୍ଦ୍ରମାନଙ୍କରେ ଅସମ୍ଭବ ଭିଡ଼ ଓ ଲମ୍ବା ଲାଇନ ଲାଗିଥିବା ପରିଲକ୍ଷିତ ହେଉଛି। ପାୱାର କଟ୍ କେତେବେଳେ ଘଣ୍ଟାଏ, ଅଧଘଣ୍ଟା କେତେବେଳେ ମେଣ୍ଟେନେସ ଆଳରେ ୩ ରୁ ୪ ଘଣ୍ଟା ପାୱାରକଟ ଚାଲିଛି। ତାପରେ ପୁଣି ଅଧଘଣ୍ଟା ୧୫ ମିନିଟରେ ଲାଇନ ଅନବରତ କାଟ ମଧ୍ୟ ଚାଲିଛି ।ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ହସ୍ପିଟାଲରେ ରୋଗୀମାନଙ୍କ ଜୀବନ ଦୁର୍ବିସହ ହୋଇ ପଡୁଛି।' ଏଣୁ ଏଦିଗରେ ପ୍ରଶାସନ ତଥା ବିଦ୍ୟୁତ ବିଭାଗ ସମାସ୍ୟା ପ୍ରତି ଧ୍ୟାନ ଦେବା ସହ, ଉକ୍ତ ସମାସ୍ୟା ଲାଘବ କରିବାକୁ ସବୁସହଲରେ ଦାବି ହେଉଛି।

# ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ



ବରଗଡ(ଭାସ୍କର ନ୍ୟୁଜ୍): 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ତା'ର ବସ୍ତି ପରିକ୍ରମା କ୍ରମରେ ସ୍ଥାନୀୟ ନଦୀପଡ଼ା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ମାଗଣା ଶିକ୍ଷା ଦାନ କାର୍ଯ୍ୟକ୍ରମ ଆୟୋଜିତ କରିଛି । ପାଠାଗାରର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ପ୍ରତିଷ୍ଠାତା ଡ ରବିନାରାୟଣ ସାହୁଙ୍କ ସମେତ ସାମ୍ବାଦିକ ଟିକେ ଲାଲ୍ ତ୍ରିପାଠୀ, ପ୍ରକୃତି ବନ୍ଧୁ ଡ. ଡୋଳାମଣି ଶତପଥୀ,ଦୁଃଖୀ ସେବକ ସାହୁ,ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟ କାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଡିଲେଶ୍ୱର କର୍ମୀ, ସାମାଜିକ କର୍ମୀ ରାଜକୁମାର ବଞ୍ଛୋର, ବାସମତି ବଞ୍ଛୋର୍ ପ୍ରମୁଖ ଉପସ୍ଥିତ ରହି ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟ ରେ ଶିକ୍ଷାଦାନ ସହିତ ସନ୍ଦେହ ମୋଚନ କରିଥିଲେ। ଛୁଟି ସମୟରେ ଯୋଗ, ପ୍ରାଣାୟମ, ପ୍ରାର୍ଥନା, ପୁସ୍ତକ ପଠନ ଓ ସୁନ୍ଦର ହସ୍ତାକ୍ଷର ପାଇଁ ପ୍ରଦତ୍ତ ଖାତାରେ ପ୍ରତିଦିନ କିଛି କିଛି ଲେଖିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାଗଣା ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପଡ଼ାର ଅଧିବାସୀମାନେ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

# ବଜ୍ରପାତରେ ୩ ମୃତ, ୬ ଆହତ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକରେ ଆଜି କାଲ ବୈଶାଖୀର ପ୍ରଭାବ ଓଡ଼ିଆ ପେଣ୍ଟ ପଞ୍ଚାୟତ ଉପରେ ପଡିଛି। ପଞ୍ଚାୟତର ପର୍ଡିଗୁଡା ଗ୍ରାମ ଠାରେ ତିନିଜଣ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ଛଅଜଣ ଆହତ ହୋଇ ଲକ୍ଷ୍ମୀପୁର ମେଡିକାଲରେ ଭର୍ତି ହୋଇଛନ୍ତି ।ମୃତକ ହେଲେ ପର୍ଡି ଗୁଡା ଗ୍ରାମର ବୃନ୍ଦୀ ମାଣ୍ଡିଙ୍ଗା (୬୦), କସା ମାଣ୍ଡିଙ୍ଗା (୧୬) ଓ ଅମ୍ବିକା କାଶୀ (୪୫)। ଖବର ମୁତାବକ ଆଜି ଅପରାହ୍ନରେ ଲକ୍ଷ୍ମୀପୁର ବ୍ଲକରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା ।ଏହା ଦେଖି ପର୍ଡିଗୁଡା ଗ୍ରାମର କିଛି ଲୋକେ ଚାଷ ଜମିରେ ଚାଷ କରୁଥିବା ବେଳେ ଦୌଡ଼ି ପଳାଇଥିବା ବେଳେ ବଜ୍ରପାତ ଘଟି ଏକ କୁଡ଼ିଆ ଉପରେ ପଡିଥିଲା। କୁଡ଼ିଆ ଭିତରେ ଥିବା ଜଣେ ବୃଦ୍ଧାଙ୍କ ସମେତ ତାଙ୍କ ନାତୁଣୀ ସହ ଅନ୍ୟ ଜଣେ ମହିଳାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ବାହାରେ ଥିବା ଅନ୍ୟ ଛଅଜଣ ଆହତ ହୋଇଥିଲେ। ଏହା ଦେଖି ଗ୍ରାମବାସୀ ଆହତମାନଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଇଥିଲେ। ଖବର ପାଇ ଲକ୍ଷ୍ମୀପୁର ଥାନା ଆଇଆଇସି ସୁଜ୍ଞାନୀ ସାହୁ ଏସ ଆଇ ମାନସ ପ୍ରଧାନ ଓ ଶାନ୍ତିଲତା ବେହେରା ବର୍ଷାରେ ଭିଜି ଭିଜି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା,ପଞ୍ଚାୟତ ସମିତି ଅଧକ୍ଷା ସ୍ୱାଇ କୁଲେସିକା ଓ ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମେରିକା ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦଶମ ପରୀକ୍ଷାରେ ପ୍ରତ୍ୟୁଷ ପ୍ରଥମ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରତ୍ୟୁଷ କୁମାର ପ୍ରଧାନ ୯୬.୮ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ବିଦ୍ୟାଳୟ ରେ ପ୍ରଥମ ହୋଇଛନ୍ତି। ସେ ଖପ୍ରାଖୋଲର ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପଙ୍କଜିନି ଭୋଇଙ୍କ ପୁତ୍ର ଅଟନ୍ତି। ସେ ଆଗାମୀ ଦିନରେ ମର୍ଚ୍ଚେଣ୍ଟ ନେଭି ହେବାର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ବିଦ୍ୟାଳୟ ରେ ୪୮ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବା ୪୭ ଜଣ କୃତକାର୍ଯ୍ୟ ହୋଇଥିଲେ। ସେଥିମଧ୍ୟରୁ ୫ ଜଣ ଛାତ୍ରୀ ଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ କରିଥିବା ଜଣାଯାଇଛି।



## କାଳବୈଶାଖୀରେ ଘର ଉପରେ ଗଛପଡିବା ଘଟଣା ||||||||||||

# ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ପୀଡିତ



ବୌଦ୍ଧ (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ୮.୩୦ ମିନିଟ ସମୟରେ ହରଭଙ୍ଗା ବ୍ଲକ ତିଲେଶ୍ୱର ଗ୍ରାମ ପଞ୍ଚାୟତ ମୁଷାଡ ଗ୍ରାମରେ କାଳ ବୈଶାଖୀ ପବନରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଘର ଉପରେ ବିରାଟ ବରଗଛ ପଡିବା ଘଟଣାରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପୀଡିତ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ରାତିରେ ଆସିଥିବା କାଳ ବୈଶାଖୀ ପବନରେ ମୁଷାଡ ଗ୍ରାମର ଭିନ୍ନକ୍ଷମ ସୁଶାନ୍ତ ସେଠୀଙ୍କ ଘର ନିକଟରେ ଥିବା ଏକ ବିରାଟ ବରଗଛ ଭାଙ୍ଗି ଘର ଉପରେ ପଡିଥିଲା। ଅଗ୍ନିଶମ ବାହିନୀ ଗଛକୁ କାଟିଥିଲେ । ଉକ୍ତ ଘଟଣାରେ ଘର କ୍ଷତିଗ୍ରସ୍ତ ହୋଇଥିବା ହେତୁ ତାଙ୍କୁ ଆବଶ୍ୟକ କ୍ଷତି ପୂରଣ ଯୋଗାଇ ଦେବାକୁ ରାଜସ୍ୱ ନିରୀକ୍ଷକ, ତହସିଲଦାର ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡିତ ପରିବାର।

## ୯୦ କେଜି ଗଞ୍ଜେଇ ଜବତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ୪ ଘଣ୍ଟା ସମୟରେ ବୌଦ୍ଧ ଥାନା ନୂଆପଡ଼ା ଡ୍ୟାମ ନିକଟ ଜଙ୍ଗଲରୁ ଜବତ ୯୦ କେଜି ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଇଛି ବୌଦ୍ଧ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର



ଦିନ ଅପରାହ୍ନରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତ ଚାଲିଥିବା ଖବର ପାଇ ବୌଦ୍ଧ ପୋଲିସର ଏକ ଟିମ ନୂଆପଡ଼ା ଡ୍ୟାମ ନିକଟ ଜଙ୍ଗଲରେ ଚଢାଉ କରିଥିଲା। ସେଠାରୁ ୯୦ କେଜି ଗଞ୍ଜେଇ ଜବତ କରି ବୌଦ୍ଧ ଥାନାରେ ୨୪୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି । ଜବତ୍ ଗଞ୍ଜେଇ କୁ ଆଜି କୋର୍ଟରେ ପ୍ରଦର୍ଶନ କରି ନମୁନା ସଂଗ୍ରହ କରା ଯାଇଥିବା ସୂଚନା ମିଳିଛି।

# ଅପରେସନ ସିନ୍ଦୁରର ସଫଳତାକୁ ନେଇ ତ୍ରିରଙ୍ଗା ଯାତ୍ରା




ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଅପରେସନ ସିନ୍ଦୁରର ସଫଳତାକୁ ଦୃଷ୍ଟିରେ ରଖି ଆଜି ରାଇଘର ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଯାତ୍ରାରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସମସ୍ତ ବ୍ଲକର ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ କ୍ରୀଡାବିତ,ପୋଲିସ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସର୍ବ ଦଳ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥିଲେ। ଏହି ଦେଶ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ । ବୀର ଯବାନ ଙ୍କ ସାହସ ଓ ବୀରତ୍ୱ କୁ ସମ୍ମାନ ଜଣାଇ ପରିକ୍ରମା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ହଜାର ହଜାର ସଂଖ୍ୟାରେ ଦେଶ ପ୍ରେମୀ ଯୋଗଦେଇ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନୀରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ ଦେଇ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ସକାଳ୯:୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ସମସ୍ତ ଛାତ୍ରଛାତ୍ରୀ, ରାଇଘର କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ପ୍ରୀତି ସ୍ନିଗ୍ଧା ମହାପାତ୍ର, ସନ୍ତୋଷ ମହାପାତ୍ର, ମନୋହର ଦଣ୍ଡସେନା, ଶିବନାଥ ବାନାର୍ଜୀ, ଶ୍ୟାମଲାଲ କଲାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।ଗତକାଲି ଉମରକୋଟ ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆଜି ରାଇଘର ଠାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ମାଲକାନଗିରି(ଭାସ୍କର ନ୍ୟୁଜ୍): ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସତର୍କ ରୁହ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଯେପରି ଉଦ୍ଧାର ଏବଂ ସହାୟତାରେ କୌଣସି ଅବହେଳା ନହୁଏ, ସେପ୍ରତି ଯତ୍ନବାନ ହେବା ଉଚିତ୍। ଶନିବାର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ସମସ୍ତ ଅଧିକାରୀଙ୍କୁ ଏପରି ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ। ଏହି ବୈଠକରେ ନରରଙ୍ଗପୁର ସାଂସଦ ଇଂ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦାସ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଲାଇନ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ବଣ୍ଡାଘାଟି, ଯନ୍ତ୍ରୀ, ଚିତ୍ରକୋଣ୍ଡା ଓ ତୁଳସୀ ପାହାଡ ଅଞ୍ଚଳରେ ବର୍ଷା ପୂର୍ବରୁ କଲଭର୍ଟ ଓ ରାସ୍ତା ମରାମତି କାର୍ଯ୍ୟ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଋତୁରେ ବିଏସଏଫ୍ କ୍ୟାମ୍ପ ଗୁଡ଼ିକ ଯେଭଳି ଯୋଗାଯୋଗରୁ ବିଚ୍ଛିନ୍ନ ନହୁଏ ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ତହସିଲଦାରମାନଙ୍କୁ ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରିବା ପାଇଁ କୁହାଯାଇଛି। ନୂତନ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ପ୍ରସ୍ତାବ ପଠାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଛନ୍ତି। ଆଗାମୀ ବର୍ଷା ଋତୁରେ ସାମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବନ୍ୟାପ୍ଲାବିତ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ, ଜରୁରୀକାଳୀନ ସୂଚନା ନିମନ୍ତେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବା, ସମସ୍ତ ସହରାଞ୍ଚଳରେ ବର୍ଷା ପୂର୍ବରୁ ଜଳନିଷ୍କାସନ ନିମନ୍ତେ ନାଳନର୍ଦ୍ଦମା ସଫା, ନିୟମିତ ବୃଷ୍ଟିପାତ ମାପିବା, ବହୁମୁଖୀ ଆଶ୍ରୟସ୍ଥଳ ଗୁଡିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ, ପାନୀୟଜଳ ମହଜୁଦ, ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଏବଂ ସାପ କାମୁଡ଼ା ଓ କୁକୁର କାମୁଡା ଔଷଧ ଯୋଗାଣ, ଅତ୍ୟାବଶ୍ୟକ ସେବା ସୁବିଧା ପାଇଁ ଜେନେରେଟର ବ୍ୟବସ୍ଥା, ପଶୁ ସଂପଦମାନଙ୍କର ସୁରକ୍ଷା, ନଳକୂଅ-କୂଅରେ ବ୍ଲିଚିଂ ଦ୍ୱାରା ବିଶୋଧନ, ବନ୍ୟା ପରେ ଚାଷଜନିତ କ୍ଷୟକ୍ଷତିର ଆକଳନ, ଉଦ୍ୟାନ କୃଷି କାର୍ଯ୍ୟ, ଓଡ୍ରାଫର ପ୍ରସ୍ତୁତି, ବାତ୍ୟାପରେ ପୁନଃ ବିଦ୍ୟୁତ୍ ସରବରାହ କାର୍ଯ୍ୟ, ତଳିଆ ଅଞ୍ଚଳରୁ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା, ବନ୍ୟା ଜଳରେ ବୁଡି ରହିଥିବା ରାସ୍ତା ଓ ପୋଲକୁ ବାରିକେଡିଂ କରି ଯାତାୟାତକୁ ବନ୍ଦ ରଖିବା ଓ ଟ୍ରାଫିକ୍ ପରିଚାଳନା ସଂପର୍କରେ ଆଲୋଚନା କରାଯାଇଥିଲା ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡା (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧକ୍ଷତାରେ ଅଦ୍ୟ ତା-୧୫.୦୫.୨୦୨୫ ରିଖ ଗୁରୁବାର ସମୟ ଘ.୧୦.୦୦ମି ସମୟ ରେ ସ୍ଥାନୀୟ ତାଡମା ପଞ୍ଚାୟତ ହଲ ରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯକ୍ରମ, ମଧ୍ୟସ୍ଥତା ସମାଧାନ, ଆଇନସେବା ପ୍ରାଧିକରଣର ଆକ୍ଟ ୧୯୮୭ ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବି କିଶୋର ସାହୁ, ଦେବରାଜ ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠୀ, ତାଡମା ପଞ୍ଚାୟତର ସରପଞ୍ଚ ଆଲମେ ଜାକକା, ନାଏବ ସରପଞ୍ଚ କାନ୍ତାମା ମେଲାକା, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ଓ ସେହିପରି ଉପସ୍ଥିତ ଥିବା ଦେବରାଜ ନାୟକ ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ଓ ପରିଶେଷରେ ଶ୍ରୀ କିଶୋର ସାହୁ ନିଜର ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣର ଆଇନ ଓ ମଧ୍ୟସ୍ଥତା କେନ୍ଦ୍ରରେ ସମାଧାନ କରାଯାଉଥିବା ବିଭିନ୍ନ ବିବାଦ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## କାନ୍ଥପଡି ଶ୍ରମିକ ମୃତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଶୁକ୍ରବାର ସନ୍ଧ୍ୟା ୫.୩୦ ମିନିଟ ସମୟରେ ବୌଦ୍ଧ ଥାନା ହରଭଙ୍ଗା ବ୍ଲକ ସରସରା ଗ୍ରାମ ପଞ୍ଚାୟତର ରଇଠାଣୀ ଗ୍ରାମରେ କାନ୍ଥ ତଳେ ଚାପି ହୋଇ ଗୁରୁତର ଶ୍ରମିକଙ୍କ ବୌଦ୍ଧ ଡାକ୍ତର ଖାନାରେ ମୃତ୍ୟୁ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରଇଠାଣୀ ଗ୍ରାମର ରାମ ଶଙ୍କର ସିଅ ନାମକ ଜନୈକ ଶ୍ରମିକ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଆଜବେଷ୍ଟସ ଛପର କରୁଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବା ଏକ କାନ୍ଥ ତାଙ୍କ ଉପରେ ଢଳି ପଡ଼ିବାରୁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଓ ପରିବାର ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଆଣିଥିଲେ ଓ ବୌଦ୍ଧ ଡାକ୍ତର ଖାନାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ସୂଚନା ମିଳିଛି । ବୌଦ୍ଧ ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।



# ସମସ୍ୟାଘେରରେ ବନ୍ଧଗୁଡ଼ା ଗ୍ରାମ, ସମାଧାନ ଦାବି

ମାଲକାନଗିରି (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ବିକାଶ ପାଇଁ ସରକାରୀ ସ୍ତରରେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି। ଏହା ସତ୍ତ୍ୱେ ମଧ୍ୟ ଅନେକ ଗ୍ରାମ ବିକାଶ ଠାରୁ ବହୁ ଦୂରରେ ରହିଛି। ଏପରି କିଛି ଗ୍ରାମର ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକରେ ଓ ବ୍ଲକ ସଦର ମହକୁମା ଠାରୁ ମାତ୍ର ୧୮ କି.ମି ଦୂରରେ ଅବସ୍ଥିତ ବନ୍ଧଗୁଡ଼ା ଗ୍ରାମଟି ଆଜି ମଧ୍ୟ ଅବହେଳିତ ଓ ମୌଳିକ ସମସ୍ୟାରେ ପରିପୂର୍ଣ୍ଣ ହୋଇ ରହିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ପଞ୍ଚାୟତ ଅଧିନରେ ଥିବା ବନ୍ଧଗୁଡ଼ା ଗାଁରେ ପ୍ରାୟ ୮୦ ଜଣ ଲୋକ ବସବାସ କରନ୍ତି । ଆଜିବି ଗ୍ରାମବାସୀଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ ସୁବିଧା ଅପହଞ୍ଚ ହୋଇ ରହିଛି । ଗାଁକୁ ଯାତାୟତ ନିମନ୍ତେ ପକ୍କା ରାସ୍ତାଟିଏ ନଥିବାରୁ ଜଙ୍ଗଲିଆ ରାସ୍ତା ହିଁ ଶେଷ ଭରସା । ବର୍ଷ ତମାମ କୌଣସି ସରକାରୀ ଅଧିକାରୀଙ୍କ ପାଦ ଏହି ଗାଁରେ ପଡେନାହିଁ । ଏହି ପଞ୍ଚାୟତ ଅଧିନସ୍ଥ ମହୁପଦର ଗ୍ରାମ ଠାରୁ ପ୍ରାୟ ୩ କି.ମି ଘଞ୍ଚ ଜଙ୍ଗଲିଆ ରାସ୍ତା ଦେଇ ପାହାଡ ଶିଖରକୁ ଗଲେ ପଡେ ବନ୍ଧଗୁଡ଼ା ଗାଁ ଓ ଏହି ରାସ୍ତାଦେଇ ଲୋକେ ପ୍ରତିଦିନ ବିପଦ ସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି । ଗ୍ରାମବାସୀ ବହୁବାର ଅଭିଯୋଗ କରିବା ପରେ ପ୍ରାୟ ୩/୪ ମାସ ପୂର୍ବେ ଏମଜି ଏ ନ ଅ । ର ଜି ଏ ସ ଯୋଜନାରେ ଅଟକଳ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟରେ ଏକ ମାଟି ରାସ୍ତା ନିର୍ମାଣ କରାଯାଇଛି।



ଉକ୍ତ ରାସ୍ତାରେ ଥିବା ଦୁଇଟି ବଡ ନାଳ ଏବଂ ଗୋଟିଏ ଛୋଟ ନାଳରେ ଏପଯ୍ୟନ୍ତ ବ୍ରିଜ ନିର୍ମାଣ କରାଯାଇନାହିଁ। ଉକ୍ତ ନାଳ ଗୁଡିକରେ ପାଣି ପ୍ରବାହିତ ହେଉଥିବାରୁ ବାଇକ କିମ୍ବା କୌଣସି ଯାନବାହନା ଯାତାୟାତ କରିପାରୁନାହିଁ। ଜରୁରୀ କାଳୀନ ପରିସ୍ଥିତିରେ ରୋଗୀଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁନାହିଁ ଓ ଏହି ଗାଁ ପାଖରେ ଥିବା ବନ୍ଧଗୁଡ଼ା ଜଳା ନଦୀର ଆର ପଟେ କିଛି ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ଏକ ସିମେଣ୍ଟର ଛୋଟ ଟାଙ୍କି ନିର୍ମାଣ କରାଯାଇଥିଲା । ଉକ୍ତ ଟାଙ୍କିର ଝରର ପାଣି ଆସି ଜମା ହେଉଥିବା ବେଳେ ଲୋକେ ସେହି ପାଣିକୁ ବୋହି ଆଣି ବ୍ୟବହାର କରୁଛନ୍ତି। ଖରାଦିନେ ସେଠାରେ ପାଣି ଶୁଖିଯିବାରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ମିଳେ ନାହିଁ । ଶେଷରେ ନାଳ ପାଣି ହିଁ ଗ୍ରାମବାସୀଙ୍କ ଭରସା । ବନ୍ଧଗୁଡା ଗ୍ରାମରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନାହିଁ ଓ ଏଠାରୁ ୩ କି.ମି ଦୂରରେ ଥିବା ମହୁପଦର ଗାଁରେ ଥିବା ସ୍କୁଲ ଆଉ ଅଙ୍ଗନବାଡିକୁ ଘଞ୍ଚ ଜଙ୍ଗଲିଆ ରାସ୍ତା ଦେଇ ବିପଦ ସଂକୁଳ ଅବସ୍ଥାରେ ପାଠ ପଢିବାକୁ ଯାଉଛନ୍ତି ପିଲାମାନେ ଓ ରାସ୍ତାରେ ଥିବା ନାଳ ଗୁଡିକରେ ପାଣି ପୂର୍ଣ୍ଣ ଥିଲେ ପିଲାଙ୍କ ପାଠ ପଢା ବନ୍ଦ ହେଉଛି। ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା, ଚାଉଳ ଓ ଅନ୍ୟ ଆବଶ୍ୟକୀୟ ସାମଗ୍ରୀ ଆଣିବାକୁ ହେଲେ ପ୍ରାୟ ୮ କି. ମି ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏଭଳି ସ୍ଥିତିରେ ଶିଶୁ ଓ ଗର୍ଭବତୀ ମାନେ ଅଧିକାଂଶ ସମୟରେ ପୃଷ୍ଟିକର ଖାଦ୍ୟ ପାଇପାରୁନାହାନ୍ତି ଓ ଗାଁରେ ଲୋକଙ୍କ ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି । ପବନ ହେଲେ ଲାଇନ କଟିଗଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଲୋକେ ଅନ୍ଧାରରରେ ରାତି କାଟୁଛନ୍ତି ଓ ଉପରୋକ୍ତ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମର କୈବଲ୍ୟ ଗୁଣ୍ଡା, କମୁଲୁ ହନ୍ତାଳ, ରାମଚନ୍ଦ୍ର ଡାନି, ଶ୍ୟାମ ଡାନି, ପଇଲାମ ଗୁଣ୍ଡାଙ୍କ ସମେତ ବନ୍ଧଗୁଡା ଗ୍ରାମର ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନାୟବ ସରପଞ୍ଚ ପଦଲାମ ମାଡକାମୀଙ୍କ ପ୍ରଚେଷ୍ଟାରେ କିଛି ମାସ ପୂର୍ବେ ରାସ୍ତା କାମ ଆରମ୍ଭ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମେ ଖୁବ ଶୀଘ୍ର ଉକ୍ତ ଗ୍ରାମକୁ ଗସ୍ତ କରିବୁ। ଗାଁରେ ଥିବା ସମସ୍ୟା ଗୁଡିକର ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ସେ କହିଛନ୍ତି।

# କାର୍ଯ୍ୟସ୍ଥଳକୁ ଯାଉନାହାନ୍ତି ଗ୍ରାହକ ସେବାକେନ୍ଦ୍ର ଅପରେଟର



କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍):ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଗ୍ରାହକ ସେବାକେନ୍ଦ୍ରରେ ଅପରେଟର୍ ନିଜ କାର୍ଯ୍ୟ ସ୍ଥଳକୁ ଯାଉନ ଥିବାରୁ ଗ୍ରାହକ ହନ୍ତସନ୍ତ ହେବାର ଦେଖିବା କୁ ମିଳିଛି। ଭାରତ ସରକାରଙ୍କ ପଞ୍ଚାୟତସ୍ତରରେ ଆର୍ଥିକ କାରବାର ସୁଦୃଢ଼ କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର ଆରମ୍ଭ କରିଥଲେ । ଗ୍ରାହକମାନେ ଯେଭଳି ନିଜ ନିଜ ପଞ୍ଚାୟତରେ ନୂତନ ଭାବେ ବ୍ୟାଙ୍କ ଖାତା ଖୋଲିବା, ଟଙ୍କା ଦେଣ ନେଣ କରିବା, ବୃଦ୍ଧା ବୃଦ୍ଧମାନେ ନିଜ ଗାଁ ରେ ଟଙ୍କା ଉଠାଇବା, ତା ସହିତ ପ୍ରସୂତି ମହିଳାମାନେ କେମିତି ସୁବିଧା ରେ ଟଙ୍କା ଉଠାଇବା ପାଇଁ ଭାରତ ସରକାର ସୁବିଧା କରିଥିଲେ। କିନ୍ତୁ ତାହାର ବିପରୀତ ଚିତ୍ର ଦେଖିବା କୁ ମିଳିଛି ଉକ୍ତ ବ୍ଲକରେ। ବିଗତ କିଛି ବର୍ଷ ପୂର୍ବେ ନେଟଓ୍ୱର୍କ କିଛି ପଞ୍ଚାୟତରେ ନ ଥିବାରୁ ସେବା କେନ୍ଦ୍ର ଅପରେଟର ମାନେ ଅନ୍ୟତ୍ର ଗ୍ରାହକମାନଙ୍କୁ ସେବା ଯୋଗାଇ ଆସୁଥିଲେ। କିନ୍ତୁ ବର୍ତ୍ତମାନ ସବୁ ପଞ୍ଚାୟତରେ ନେଟଓ୍ୱର୍କ ପହଞ୍ଚିଥିଲେ ମଧ୍ୟ ଅପରେଟର ମାନେ ନିଜ ନିଜ କାର୍ଯ୍ୟସ୍ଥଳୀକୁ ଯାଉ ନଥିବା ଦେଖିବା କୁ ମିଳିଛି। ଯାହାକୁ ସରକାର ନିୟମକୁ ନ ମାନି ନିଜ ନିଜ ମନ୍‌ମାନିରେ ବସି କାର୍ଯ୍ୟ କରୁଛନ୍ତି ।ଯାହାଦ୍ୱାରା ନିରୀହ ଆଦିବାସୀ ଜନତା ମାତ୍ର ୫୦୦ ଟଙ୍କା ଉଠାଣ କରିବା ପାଇଁ ନାହିଁନଥିବା ଅସୁବିଧା ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳିଛି। ଏହାର ସମାଧାନ ପାଇଁ ବ୍ଲକ ଓ ଜିଲ୍ଲାସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ବିଞ୍ଝାରପୁର (ଭାସ୍କର ନ୍ୟୁଜ): ଅପରେସନ ସିନ୍ଦୂରର ସଫଳତା ପାଳନ ଅବସରରେ ବିଜେପି ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ସାଂସଦ ଡ ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏକ ଅଭିନବ ସମାହାର। ସିନ୍ଦୂରର ରଙ୍ଗ ନାଲି। ଏହା ଆମ ବିଜୟର ପ୍ରତୀକ ଓ ଶତ୍ରୁ ପାଇଁ ବିପଦର ପ୍ରତୀକ ବୋଲି ସାଂସଦ କହିଥିଲେ। ପଦଯାତ୍ରା ମାଧ୍ୟମରେ ଆମ ବୀର ଯବାନ ମାନଙ୍କୁ ସ୍ମରଣ କରୁଛୁ ଓ ରାଷ୍ଟ୍ର ପ୍ରେମରେ ସମସ୍ତଙ୍କୁ ଏକତାର ରଜ୍ଜୁରେ ଯୋଡୁଛୁ। ଏହି କାର୍ଯ୍ୟକ୍ରମରେ ବିଜେପି ନେତ୍ରୀ ବବିତା ମଲ୍ଲିକ, ନିରଞ୍ଜନ ବେହୁରିଆ, ପୁରୁଷୋ□ମ ବେହେରା, ଭୁବନାନନ୍ଦ ସାମଲ, ଜୀତେନ୍ଦ୍ର ବିଶ୍ୱାଳ, କୁଞ୍ଜ ବେହେରା, ଶେଖ୍ କାୟୁମ, ଶେଖ୍ କାବୁଲ ବେଗ, ପୋଲିସ କର୍ମଚାରୀ, ଅବସର ପ୍ରାପ୍ତ ସାମରିକ କର୍ମଚାରୀ, ଶହ ଶହ ସଂଖ୍ୟାରେ ମହିଳା, ପୁରୁଷ, ଯୁବକ, ଛାତ୍ର ଯୋଗ ଦେଇଥିଲେ। ଭାରତ ମାତା କୀ ଜୟ ଧ୍ୱନିରେ ଅ□ଳ ପ୍ରକମ୍ପିତ ହୋଇପଡ଼ିଥିଲା। ଅଳକୁଣ୍ଡ ନୂଆ ଗାଁ ଠାରୁ ମୁକ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଂସଦ ଦଶରଥପୁର ଠାରେ ଜିଲାର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହେଉ ଅଛି ବୋଲି ସୂଚନା ଦେଇଥିଲେ।

## ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଗ୍ରୀଷ୍ମକାଳୀନ ଶିବିର




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଚନ୍ଦ୍ରଶେଖରପୁର ଠାରେ ଥିବା ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମେ ମାସ ୦୬ ତାରିଖ ଠାରୁ ମେ ମାସ ୧୬ ତାରିଖ ପର୍ଯ୍ୟନ୍ତ "ଗ୍ରୀଷ୍ମ ଶିବିର"'ଜମ୍ପ୍ ଇନଟୁ ସମର ଫନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶକୁ ଲକ୍ଷ୍ୟକରି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁର ବିଶେଷ କରି ଅଦରକାରୀ କାଗଜରେ ସୁନ୍ଦର ଓ ଆକର୍ଷଣୀୟ ମଡ଼େଲ ପ୍ରସ୍ତୁତି, ସ୍ୱାସ୍ଥ୍ୟ ସଂପର୍କିତ ଯୋଗ, ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳ ବା କରାଟେ, ସହ ସଙ୍ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର, ଚିତ୍ରକଳା, କ୍ଲେ ଆର୍ଟ, ୱାଲ୍ ହେଙ୍ଗିଙ୍ଗ୍, ବାସ୍କେଟବଲ, କ୍ରିକେଟ୍, ସନ୍ତରଣ, ପ୍ରେସ୍ ମିଟ୍, ଗ୍ଲାସ ପେ□ିଂ, ବିନା ଇନ୍ଧନରେ ଖାଦ୍ୟ ପ୍ରସ୍ତୁତି, ଅନ୍ୟଙ୍କ ପ୍ରତି ସେବା ଆଦର ଆଚରଣ, ଫେସନ-ଶୋ ଇତ୍ୟାଦି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଦିବସରେ ତା ୧୬.୦୫.୨୦୨୫ ତାରିଖରେ ଭାଲେଡିକ୍ଟୋରି ବା ସ୍ୱସ୍ତିବାଚକ ଦିବସ ପାଳନ ହୋଇଥିଲା। ଉକ୍ତ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବିଷୟରେ କୃତୀ ଛାତ୍ର, ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ନିର୍ଦ୍ଦେଶକ ସୂର୍ଯ୍ୟପ୍ରକାଶ ପତିଙ୍କ ଦିଗ୍ଦର୍ଶନରେ ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କର ଏକାଗ୍ରତା, ବୌଦ୍ଧିକ ଏବଂ ଶାରୀରିକ ବିକାଶ ଉପରେ ସେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ଅଧକ୍ଷ ଜି.ରାମ କିଶୋର, ଉପ-ସଭାପତି ଶ୍ରୀଯୁକ୍ତ ଶଶାଙ୍କ ଶେଖର ପତି, ପ୍ରଶାସକ ହିଂମାଶୁ ଶେଖର ପତି, ସଂପାଦକ ବିଜୟ କୁମାର ନାୟକ ଓ ଉପାଧ୍ୟକ୍ଷ ମହେଶ କୁମାର ମିଶ୍ର, ମିନତି ରଥ, ସଞ୍ଜୟସମୀର ମହାପାତ୍ର, ବିନିତା ଦାସ, କଳ୍ପନା ସାହୁ, ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଉକ୍ତ ଦିବସରେ ବିଦ୍ୟାଳୟର ସିବି ଏସ୍ ଇ ଦ୍ୱାଦଶ ଏବଂ ଦଶମ ପରୀକ୍ଷାରେ ଶ୍ରେଷ୍ଠ ଆସନରେ ସଫଳ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମକ□ମାନେ କାର୍ଯ୍ୟକ୍ରମକୁ ସୁ-ସମ୍ପନ୍ନ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

### ଶିକ୍ଷ ପାଇଁ ଜମି ନେଇ କାମ କରୁନଥିବା ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀଙ୍କ ତାଗିଦ

## କାମ କର ନ ହେଲେ ଜମି ଫେରାଅ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିକ୍ଷ ପାଇଁ ଜମି ନେଇ କାମ କରୁନଥିବା ଶିକ୍ଷାନୁଷ୍ଠାନକୁ ଦ୍ୱିତୀୟ ସୁଯୋଗ ଦେଇଛନ୍ତି ରାଜ୍ୟ ସରକାର । ଦ୍ୱିତୀୟ ସୁଯୋଗରେ କାମ କର ନ ହେଲେ ଜମି ଫେରାଅ ବୋଲି ତାଗିଦ କରିଛନ୍ତି ଶିକ୍ଷ ମନ୍ତ୍ରୀ ସଂପଦ ସ୍ୱାଇଁ । ରାଜସ୍ୱ ବିଭାଗ ପରେ ଶିକ୍ଷ ବିଭାଗ ଜମି ନେଇ କାମ କରୁନଥିବା ଶିକ୍ଷାନୁଷ୍ଠାନର ତାଲିକା ପ୍ରସ୍ତୁତ କରାଯାଇଛି । ଦ୍ୱିତୀୟ ସୁଯୋଗ ପରେ ବି କାର୍ଯ୍ୟ ଆରମ୍ଭ ନ କଲେ ଜମି ଫେରାଇ ଅଣାଯିବ ବୋଲି କହିଛନ୍ତି ଶିକ୍ଷ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ ଯେଉଁ ଶିକ୍ଷ ଅନୁଷ୍ଠାନ ଶିକ୍ଷ ପାଇଁ ଜମି ନେଇଥିଲେ କାମ ଆରମ୍ଭ କରନ୍ତୁ। ସେମାନଙ୍କୁ ଆମେ ଦ୍ୱିତୀୟ ସୁଯୋଗ ଆମେ ଦେଉଛୁ । ନ ହେଲେ ଜମି ଫେରାଇବାକୁ ପଡ଼ିବ । କାମ ଆରମ୍ଭ ନ କଲେ ଜମି ଫେରସ୍ତ ପାଇଁ ନିର୍ଦ୍ଦେଶ ଦେବେ ସରକାର। କେତେ ଶିକ୍ଷ ଆରମ୍ଭ ହୋଇଛି, କେତେ ଆରମ୍ଭ ହୋଇନି ତାଲିକା ପ୍ରସ୍ତୁତ ହୋଇଛି ବୋଲି ଶିକ୍ଷ ମନ୍ତ୍ରୀ କହିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Krushnaprasad, Puri, dated: 16.05.2025, I, Geetanjali Sahoo, Address: At- Jamuna, Po-Parikud, Ps-Krushnaprasad, Dist-Puri, Odisha, PIN-752011, declare that I have changed my name from Reeta Sahoo to Geetanjali Sahoo. Henceforth, I shall be known as Geetanjali Sahoo for all purposes.
**Sd/-Geetanjali Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Khordha, dated: 01.05.2025, I, Asit Parida, Address: At- Haladiapada, Po- Haladiapada, Ps-Kanas, Dist- Puri, Odisha, PIN-752060, declare that I have changed my name from Ashit Kumar Parida to Asit Parida. Henceforth, I shall be known as Asit Parida for all purposes.
**Sd/- Asit Parida**

**AFFIDAVIT**

By virtue of an affidavit Dtd- 10/4/2025 before the Executive Magistrate, Jajpur Road, Jajpur I Bariada Tudu, S/o - Sama Tudu, Permanent resident of at Chandama, Hudisahi, PO- Jajpur Road, PS - Korai, Dist - Jajpur - 755019, Odisha have changed my name from Bariada Tudu to Barial Tudu. Henceforth, I shall be known as Barial Tudu for all future purposes.

**AFFIDAVIT**

By virtue of an affidavit Dtd- 17/05/2025 before the Executive Magistrate, Jajpur Road, Jajpur I, Ramakanta Behera, S/o - Baidhar Behera, resident of Village- Chillipada, PO-Janha, PS - Korai, Dist - Jajpur - 755019, Odisha have changed my minor son's name from Gudu Behera to Pritish Behera. Henceforth, he shall be known as Pritish Behera for all future purposes.

**AFFIDAVIT**

By virtue of an affidavit Dtd- 17/05/2025 before the Executive Magistrate, Jajpur Road, Jajpur I Mamina Sahu, W/o - Ashok Das, Permanent resident of Village - Chillipada, PO- Patuli, PS - Korai, Dist - Jajpur - 755019, Odisha have changed my name from Mamina Sahu to Namita Das. Henceforth, I shall be known as Namita Das for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Puri, dated: 07.05.2025, I, Prasadini Bej, Address: At- Swetaganga Lane, Balisahi, Po- Puri, Ps- Pri Town, Dist- Puri, Odisha, PIN-752001, declare that I have changed my daughter's name from Rupashree Beja to Itishree Beja. Henceforth, She shall be known as Itishree Beja for all purposes.
**Sd/- Prasadini Bej**

**Letter No-944**
**Dt. 16.05.2025**
ନୋଟିସ୍
ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଆଡିସନାଲ ରିଭିଜନ କୋର୍ଟ ନଂ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ, ଭୁବନେଶ୍ୱର
ଓ.ଏସ.ଏସ. କେସ୍ ନଂ ୫୭୪/୨୦୨୩
ସୁଦର୍ଶନ ସାହୁ ............ ବାଦୀ/ ଦରଖାସ୍ତକାରୀ
ବନାମ
ସେଟଲମେଣ୍ଟ ଅଫିସର କଟକ ଓ ଅନ୍ୟମାନେ..... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ
୧) ଭୋଳାନାଥ ବାରିକ, ପିତା- ରତନା ବାରିକ,
ସା/ପୋ-ଘାଟିକିଆ, ଥାନା-ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
..... ପ୍ରତିବାଦୀ ନଂ୪(କ)
୨) କୁମର ବାରିକ, ପିତା-୰ ଉଦି ବାରିକ ଓରଫ ଭଜି ବାରିକ,
ସା/ପୋ- ଘାଟିକିଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ପ୍ରତିବାଦୀ ନଂ ୫
୨ ମଦନ ବାରିକ, ପିତା- ୰ ଉଦି ବାରିକ ଓରଫ ଭଜି ବାରିକ,
ସା-ଶଙ୍କରପୁର, ପୋ- ଘାଟିକିଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ ୬
ନୋଟିସ୍

ସିପିସି ଅର୍ଡର ନଂ ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଦର୍ଶନ ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୪(କ), ୫ ଓ ୬ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୪(କ) ଏବଂ ୫ ଓ ୬ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୧.୦୭.୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି
ଜିଲ୍ଲା-ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନଂ ୨୫୮, ହାଲ୍ ପ୍ଲଟ୍ ନଂ ୧୯୮୩, ସାବକ ଖାତା ନଂ ୪୦, ସାବକ ପ୍ଲଟ ନଂ ୭୫, କିସମ- ପତିତ, ରକବା ଏ୦.୦୫୦ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୦୫ ଡିସିମିଲ। ହାଲ୍ ପ୍ଲଟ ନଂ ୧୯୮୫, ସାବକ ପ୍ଲଟ ନଂ ୭୭, ରକବା ଏ୦.୬୬୫ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୨୫ ଡିସିମିଲ। ମୋଟ ରକବା ଏ୦.୦୩୦ ଡିସିମିଲ (ଏକ ଖାତା, ଦୁଇ ପ୍ଲଟରୁ)
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ ୪(କ) ଏବଂ ୫ ଓ ୬ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା/-ଆଡିସନାଲ ରିଭିଜନ କୋର୍ଟ ନଂ୪,
ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର

**Letter No-932**
**Dt. 15.05.2025**
ନୋଟିସ୍
ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଆଡିସନାଲ ରିଭିଜନ କୋର୍ଟ ନଂ୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଂ, ଭୁବନେଶ୍ୱର
ଓ.ଏସ.ଏସ. କେସ୍ ନଂ ୫୭୫/୨୦୨୩
ଉର୍ବଶୀ ମହାପାତ୍ର ............ ବାଦୀ/ ଦରଖାସ୍ତକାରୀ
ବନାମ
ସେଟଲମେଣ୍ଟ ଅଫିସର କଟକ ଓ ଅନ୍ୟମାନେ..... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ
୧) ଭୋଳାନାଥ ବାରିକ, ପିତା- ରତନା ବାରିକ,
ସା/ପୋ-ଘାଟିକିଆ, ଥାନା-ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
..... ପ୍ରତିବାଦୀ ନଂ୪(କ)
୨) କୁମର ବାରିକ, ପିତା-୰ ଉଦି ବାରିକ ଓରଫ ଭଜି ବାରିକ,
ସା/ପୋ- ଘାଟିକିଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା
ପ୍ରତିବାଦୀ ନଂ ୫
୨ ମଦନ ବାରିକ, ପିତା- ୰ ଉଦି ବାରିକ ଓରଫ ଭଜି ବାରିକ,
ସା-ଶଙ୍କରପୁର, ପୋ- ଘାଟିକିଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ ୬
ନୋଟିସ୍

ସିପିସି ଅର୍ଡର ନଂ ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ଉର୍ବଶୀ ମହାପାତ୍ର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ ୪(କ), ୫ ଓ ୬ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ ୪(କ) ଏବଂ ୫ ଓ ୬ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୨୧.୦୭.୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ବୃତ୍ତି**
ଜିଲ୍ଲା-ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ: ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନଂ ୨୫୮, ହାଲ୍ ପ୍ଲଟ୍ ନଂ ୧୯୮୫, ରକବା ଏ୦.୪୮୭ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୧୦ ଡିସିମିଲ। ଏହାର ସାବକ ଥାନା ନଂ ୪୦, ସାବକ ପ୍ଲଟ ନଂ ୭୭, ରକବା ଏ୦.୬୬୫ ଡିସିମିଲ ମଧ୍ୟରୁ ବିକ୍ରୟ ବୃତ୍ତି ଏ୦.୦୧୦ ଡିସିମିଲ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ ୪(କ) ଏବଂ ୫ ଓ ୬ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା/-ଆଡିସନାଲ ରିଭିଜନ କୋର୍ଟ ନଂ୪,
ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୯୧୯୪/ଭୁ.ଉ.କ., ଭୁବନେଶ୍ୱର ତା ୧୫.୦୫.୨୦୨୫ ରିଖ
SRA-134/88

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଘୁଡୁଡ଼ିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-384 କୁ ତାରା ନାୟକ, ସ୍ୱାମୀ-ବଙ୍ଗାଳି ନାୟକ, ଗ୍ରାମ-ସଦାନନ୍ଦପୁର, ପୋଷ୍ଟ-ସତ୍ୟବାଦି, ଥାନା-ସାକ୍ଷୀଗୋପାଳ, ଜିଲ୍ଲା-ପୁରୀ, ରାଜ୍ୟ-ଓଡ଼ିଶା ଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ତାରା ନାୟକ ଗତ ତା-୨୦.୦୭.୨୦୨୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. 16082 dated 06.09.2006. Legal heir certificate Misc.Case No. E-LHC/2024/27686 dated 13.03.2024** ଅନୁଯାୟୀ ତାରା ନାୟକଙ୍କର ଉତ୍ତରାଧିକାରୀ (୧) -ବଙ୍ଗାଳି ନାୟକ (ସ୍ୱାମୀ), (୨) ରବି ନାୟକ (ପୁତ୍ର), (୩) ଛବି ନାୟକ (ପୁତ୍ର), (୪) ରେବତି ନାୟକ (ବିବାହିତା କନ୍ୟା) ଓ (୫) ସେବତି ନାୟକ (ଅବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
CAD-446
OIPR 13033/11/0298/2526

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
A-183
Letter No. 2079 / Dt. 15.05.2025
GOVERNMENT OF ODISHA e-Procurement Notice
Bid Identification No. on line SECMID- 04 /2025-26
eemidcuttack@yahoo.co.in

| | | |
|---|---|---|
| 1. Name of work | :- | Construction of Check Dam under MATY Scheme in MI Sub-Division Athagarh. |
| 2. Total Number of work | :- | 01 (One) no. |
| 3. Estimated cost | :- | Rs. 35.27 lakhs. |
| 4. Tender paper Cost(Online) | :- | Rs.6,000/- |
| 5. Bid Security (Online) | :- | As per DTCN |
| 6. Period of Completion | :- | As per DTCN |
| 7. Availability of Bid Document | :- | From 20.05.2025, 10.00 AM to 02.06.2025 , 5.00 PM in website (www.tendersorissa.gov.in) |
| 8. Last date & Time of receipt | :- | 02.06.2025 at 5.00 PM through online Bid . |
| 9. Date of opening of Technical Bid documents | :- | 03.06.2025 - at 11.00 A.M in the office of the SE, M.I. Division, Cuttack. |
| 10. Date of Lottery, if required | :- | 11.06.2025 at 12.00 Noon in the office of the SE, M.I. Division, Cuttack |
| 11. Name and address of the OIT | :- | Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :- 0671-2443622 PINCODE :- 753004 |

Further details can be seen from the Government of Odisha Web-Site www.tendersorissa.gov.in
Sd/- Superintending Engineer
M.I. Division, Cuttack
OIPR 32121/11/0037/2526

**OFFICE OF THE MUNICIPAL COUNCIL: KEONJHARGARH**
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-04/2025-26
C-339
Letter No 3459 /KGM/ Date 16.05.2025
On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement
1- Nature of work- Civil Work.
2- No of Work- 6 Nos
3-Value of works: Rs. 5,64,400/- to 19,99,000/-
4-Date & Time of availability of Bid document in the portal:
From. 19.05.2025 at 11.00 A.M. up to 31.05.2025 at 5.30 P.M.
5-Date of Opening of bid in portal. 04.06.2025 at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality
Further details can be seen from Website: www.tendersorissa.gov.in
Sd/- Executive Officer,
Keonjhargarh Municipality
OIPR 13115/11/0028/2526

**ଓଡିଶା ସରକାର**
**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
A-186
ଇମେଲ – akp.irrigationdivision@gmail.com.
**'e' -Procurement Notice No. 03/ 2025-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : ନଦି ବଂଧ ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୨ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୬୫.୫୦ଲକ୍ଷ ରୁ ୮୩.୦୭ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ । |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| | II.ଅନଲାଇନ Biddingର ସମୟସୀମା | : ତା ୨୦.୦୫.୨୦୨୫ ଦିବା ୧୦ ଘଟିକା ରୁ ତା ୨୯.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂFinancial bidଖୋଲାଯିବାର ତାରିଖ ଓ ସମୟ। | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ ଙ୍କ କାର୍ଯ୍ୟାଳୟ ରେ ତା ୩୦.୦୫.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ତା ୦୬.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ। |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟ ରେ ପ୍ରଦାନ କରାଯାଇଛି www.tendersorissa.gov.in.
ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR 32548/11/0002/2526

C-330
WATCO
www.watcoodisha.in
Email ID : gmwatcosbp@gmail.com
**GOVERNMENT OF ODISHA**
**WATER CORPORATION OF ODISHA**
**OFFICE OF THE GENERAL MANGER, WATCO DIVISION, SAMBALPUR.**
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-tendering**
**Bid Identification No. GMWATCOSBP-03/2025-26 Dt. 15.05.2025**

| | | | |
|---|---|---|---|
| 01. | Name of the Work | : | 1 nos Works. |
| 02. | Type of Bid. | : | Single Bid System |
| 03. | Estimated Cost | : | Rs. 35.43 lakhs |
| 04. | Period of Completion | : | 3 (Three) Calendar Months. |
| 05. | Date & Time of availability of bid document in the portal | : | From 11.00 AM of dt. 19.05.2025 to 5.00 PM of 29.05.2025 |
| 06. | Last date / time of receipt of bids in the portal | : | 5.00 PM of 29.05.2025. |
| 07. | Date & Time of opening of technical bids | : | At 11.30 AM of 30.05.2025. |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in
Sd/-General Manager,
WATCO Division, Sambalpur
OIPR 13247/11/0012/2526

**GOVERNMENT OF ODISHA,**
**DEPARTMENTOF WATER RESOURCES**
A-175
**Office of the Executive Engineer, Mechanical Division, Khatiguda**
Email Address: exengeer123@gmail.com
**e-Procurement Notice- Bid Identification No.- EE/MDK-01/2025-26**

| | |
|---|---|
| 1. Name of Work :- | Painting of Upstream Side area of 03 nos. of Radial Crest Gates (out of 05 nos) of size 15.00 M x 12.50 M along with Rubber Seal Changing of Muran Masonry Dam for the Financial Year 2025-26. |
| 2. No. of Works :- | 01 (One) |
| 3. Category of Executers :- | SSI Units registered under DIC/ NSIC/ MSME for Irrigation Shutters/ Hydro-Mechanical gate |
| 4. Bid Identification No :- | EE/MDK-01/2025-26 |
| 5. Estimated Cost :- | Rs. 15,71,933/- |
| 6. Period of Completion :- | 01 (One) Calendar Month/ 30 days |
| 7. Date & Time of availability of Bid documents in the Portal :- | From 19/05/2025 (10:00 AM) to 28/05/2025 (05:00 PM) |
| 8. Last Date & Time of availability Of bid documents in the Portal :- | Dt. 28/05/2025 (up to 05:00 PM) |
| 9. Date & Place of Opening of Online Bids :- | Dt. 29/05/2025 (12:00 PM Onwards) in the O/o the Undersigned. |
| 10. Name of the Officer Inviting Tender :- | Executive Engineer, Mechanical Division, Khatiguda. |

Further details can be seen from the e-procurement portal https://tendersodisha.gov.in
Sd/-Executive Engineer
Mechanical Division,Khatiguda
OIPR 32511/11/0010/2526

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳା ୟୁଟ୍ୟୁବର..

ସେ ଜଣେ ଭାରତୀୟ ପାସ୍‌ପୋର୍ଟଧାରୀ ଏବଂ ୨୦୨୩ ମସିହାରେ ପାକିସ୍ତାନ ଗସ୍ତ ପାଇଁ ଭିସା ହାସଲ ନିମନ୍ତେ ଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନ ଅଫିସକୁ ଯାଇଥିଲେ। ସେଠାରେ ତାଙ୍କର ଦାନିସ ସହିତ ସାକ୍ଷାତ ହୋଇଥିଲା। ସେ ଦାନିସଙ୍କ ମୋବାଇଲ ନମ୍ବର ନେଇଥିଲେ ଓ ପରେ ତାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଥିଲେ। ଏହାପରେ ସେ ଦୁଇଥର ପାକିସ୍ତାନ ଯାଇଥିଲେ ଓ ସେଠାରେ ଅଲ୍ଲୀ ଅହବାନ ନାମକ ଜଣେ ବ୍ୟକ୍ତିଙ୍କୁ ସାକ୍ଷାତ କରିଥିବାର ପ୍ରମାଣ ମଧ୍ୟ ମିଳିଛି। ଏଥିପୂର୍ବରୁ ଜ୍ୟୋତି ୨୦୨୪ ମସିହାରେ ଓଡ଼ିଶାର ପୁରୀକୁ ଆସିଥିବା ମଧ୍ୟ ସୂଚନା ଦିଆଯାଇଛି।

### ଗଠିତ ହେଲା...

କିରଣ ରିଜିଜୁ କହିଛନ୍ତି। ଏହି ପ୍ରତିନିଧି ମାଧ୍ୟମରେ ବିଶ୍ୱ ଜାଣିବ ବଦମାସ୍ ପାକିସ୍ତାନର ସତ। କେମିତି ପାକିସ୍ତାନରୁ ଆତଙ୍କୀସ୍ତାନ ବନିଗଲାଣି ଦେଶ ତାହା ଜାଣିବ ସାରା ବିଶ୍ୱ । ଦେଶ ଭିତରେ ଆତଙ୍କବାଦୀଙ୍କୁ ପୋଷି କେମିତି ପାକିସ୍ତାନ ଭାରତ ବିରୋଧରେ ସେମାନଙ୍କୁ ମତାଉଛି ଆଉ ଆତଙ୍କୀ କେମିତି ଭାରତର ଲୋକଙ୍କୁ ହତ୍ୟା କରୁଛନ୍ତି ତାହା ଜାଣିବ ବିଶ୍ୱର ବଡ଼ ବଡ଼ ଦେଶ । ଭାରତ-ପାକିସ୍ତାନ ବିବାଦ ସହ ଅପରେସନ ସିନ୍ଦୂର ସତ ଜାଣିବ ସମଗ୍ର ବିଶ୍ୱ ।

### ଆଜି ଲଞ୍ଚ...

୪ଟି ରାଡାର ଉପଗ୍ରହ ଅନ୍ତର୍ଭୁକ୍ତ, ଯାହା ଗତ ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ଭାରତ-ପାକିସ୍ତାନୀ ସୀମାରେ ଉତ୍ତେଜନା ବଢ଼ିବା ସହ ଉଭୟପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିଥିଲା। ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି.ନାରାୟଣନ କହିଛନ୍ତି ଯେ ଦେଶର ସୁରକ୍ଷା ଏବଂ ନିରାପତ୍ତା ନିଶ୍ଚିତ କରିବା ପାଇଁ ଅତି କମ୍‌ରେ ୧୦ଟି ଉପଗ୍ରହ ଅହରହ କାର୍ଯ୍ୟ କରୁଛି। ଦେଶକୁ ଏହାର ୭ହଜାର କିଲୋମିଟର ସମୁଦ୍ର ଅଞ୍ଚଳ ଏବଂ ସମଗ୍ର ଉତ୍ତରାଞ୍ଚଳ ଉପରେ ନଜର ରଖିବାକୁ ପଡ଼ିବ ବୋଲି ସେ କହିଥିଲେ।

### ୪ ଜିଲ୍ଲାରେ..

୫ ଜିଲ୍ଲାପାଇଁ ଅରେଞ୍ଜ ଓ ୮ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହିସବୁ ଜିଲ୍ଲାରେ ପବନର ବେଗ ୫୦ରୁ ୬୦ କିମି ରହିବ ବୋଲି ବିଭାଗ ସୂଚନା ଦେଇଛି। ତେବେ କାଳବୈଶାଖୀ ସମୟରେ ବଜ୍ରାଘାତ ଲୋକଙ୍କ ପାଇଁ କାଳ ପାଲଟିଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୧୩ଜଣଙ୍କ ଜୀବନ ଯାଇଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଆରବ ସାଗରରେ କର୍ଣ୍ଣାଟକ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଯାଉଛି। ୨୧ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟିହେବ। ଏହା ଅଧିକ ଘନୀଭୂତ ହୋଇ ୨୨ତାରିଖ ବେଳକୁ ଲଘୁଚାପରେ ପରିଣତ ହେବ। ଏହା ଘନୀଭୂତ ହେବାପରେ ଉତ୍ତର ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତରଭାରତରେ କାଳବୈଶାଖୀର ପ୍ରକୋପ ଜାରି ରହିବ ବୋଲି ଆଇଏମ୍‌ଡି କହିଛି।

### ଭାରତ ଦେଇଛି...

ବାରମ୍ବାର ଫାଙ୍କି ଆସୁଥିଲା। ହେଲେ ଯେତେବେଳେ ଖୋଦ୍ ପାକ୍ ପ୍ରଧାନମନ୍ତ୍ରୀ ସତକୁ ସ୍ୱୀକାର କରିଛନ୍ତି, ତେଣୁ ସାରା ବିଶ୍ୱ ଜାଣିଲା ଯେ ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଲେ ଭାରତ କେମିତି ଶକ୍ତ ପ୍ରହାର ଦେଇପାରେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଗତ ୭ ତାରିଖରେ ଅପରେସନ ସିନ୍ଦୂର ଅଭିଯାନ ଆରମ୍ଭ କରିଥିଲା ଭାରତୀୟ ସେନା। ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାକୁ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଥିଲା। ଭାରତୀୟ ସେନାର ଏହି ଅପରେସନ ପରେ ଉଭୟ ଗୁଳିବର୍ଷଣ କରିବା ସହ ଡ୍ରୋନ ମାଧ୍ୟମରେ ଆକ୍ରମଣ କରିଥିଲା। ତେବେ ଭାରତୀୟ ସେନା ଏହାର କଡ଼ା ଜବାବ ଦେଇ ପାକ୍‌ର ୧୧ଟି ଏୟାରବେସ୍‌କୁ ଟାର୍ଗେଟ କରିଥିଲେ। ଏଥିରେ ଭୟଭୀତ ହୋଇ ଗତ ୧୦ ତାରିଖରେ ଅସ୍ତ୍ରବିରତି ପାଇଁ ପାକ୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ଉଭୟଦେଶର ଡିଜିଏମଓଙ୍କ ମଧ୍ୟରେ ଆଲୋଚନା ପରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା।

### ମାରାତ୍ମକ ନୁହେଁ...

କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । କିନ୍ତୁ ଏହା ଏତେ ମାରାତ୍ମକ ନୁହେଁ। ସାଧାରଣ ଥଣ୍ଡା,ଜ୍ୱର ଚିକିତ୍ସାରେ ଆକ୍ରାନ୍ତମାନେ ଭଲ ହେଉଥିବା ସେମାନେ କହିଛନ୍ତି। ତେବେ କୋଭିଡ ସଂକ୍ରମଣ ପ୍ରତି ଆମେ ସତର୍କ ରହିବା ସହ ଇନଫ୍ଲୁଏଞ୍ଜା ଟିକା ନେବାପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ଏହା ନୂଆ ଭାରିଆଣ୍ଟ ନୁହେଁ। ରୋଗ ପ୍ରତିରୋଧ କ୍ଷମତା କମିଗଲେ କରୋନା ସଂକ୍ରମଣ ହେଉଛି। ଏଥିଲାଗି ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟିଂ ଚାଲିଛି। ଭୟଭୀତ ହେବାର କୌଣସି କାରଣ ନାହିଁ । ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଏ ନେଇ ଯୋଗାଯୋଗରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ମଧ୍ୟ ନୂଆ ଭାରିଆଣ୍ଟ ନେଇ ରାଜ୍ୟ ସରକାର ଯୋଗାଯୋଗରେ ରହିଛନ୍ତି। କେନ୍ଦ୍ର ପକ୍ଷରୁ କୌଣସି ଗାଇଡଲାଇନ ଆସିଲେ ତାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ। ସୂଚନାଯୋଗ୍ୟ ଯେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ମହାମାରୀ ପୁଣିଥରେ ଏସିଆ ମହାଦେଶକୁ ଲେଉଟିଛି। ଫଳରେ ସ୍ୱାସ୍ଥ୍ୟ ଏଜେନ୍ସିମାନେ ସତର୍କ ରହିବା ସହ ସଚେତନ ହୋଇଯାଇଛନ୍ତି। ବହୁ ବିଶେଷଜ୍ଞ କହିଛନ୍ତି ଯେ ଏହା ସମ୍ଭବତଃ ନୂଆ ଲହରର ଚେତାବନୀ ହୋଇପାରେ। ଏ ନେଇ ସେମାନେ ଭାରତ ସରକାରଙ୍କୁ ମଧ୍ୟ ସତର୍କ କରାଇ ଦେଇଛନ୍ତି।




ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ସାମରିକ ସଂଘର୍ଷରେ, ବିଶ୍ୱ ଭାରତର ପ୍ରତିରକ୍ଷା ଉତ୍ପାଦର ଶକ୍ତି ଦେଖିଥିଲା। ଭାରତ ପାକିସ୍ତାନ ଉପରେ ୧୫ଟି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯାହା ୧୧ଟି ବାୟୁସେନା ଘାଟିକୁ ଧ୍ୱଂସ କରିଥିଲା। ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବ୍ରହ୍ମୋସର ଏହି ବିନାଶକାରୀ ସଫଳତା ବିଶ୍ୱକୁ ଦେଖାଇ ଦେଇଛି ଯେ ଭାରତ ଆଉ ବିଦେଶୀ ପ୍ରତିରକ୍ଷା ଉତ୍ପାଦ ଉପରେ ନିର୍ଭରଶୀଳ ନୁହେଁ ବରଂ ଦେଶରେ ତିଆରି ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶତ୍ରୁକୁ ପଛକୁ ହଟାଇ ପାରିବ। ଏହି ସଂଘର୍ଷ ପରେ ବିଶ୍ୱରେ ବ୍ରହ୍ମୋସର ଚାହିଦା ବଢ଼ିଯାଇଛି। ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି। ଇତି ମଧ୍ୟରେ ଫିଲିପାଇନ୍ସ ଭାରତରୁ ବ୍ରହ୍ମୋସ କିଣିବାକୁ ୨୦୨୨ରେ ୩୭.୪ କୋଟି ଡଲାରର ଏକ ଚୁକ୍ତି କରିଥିଲା ଓ ଭାରତ ଏହାର ଯୋଗାଣ ଆରମ୍ଭ କରିଦେଇଛି। ପ୍ରାୟ ୧୫ରୁ ଅଧିକ ଦେଶ ଏହାକୁ କିଣିବାକୁ ଆଗ୍ରହ ଦେଖାଇଛନ୍ତି।

# ଏଲ୍‌ଓସିରୁ ତଳକୁ ଯିବନି ବୁନ୍ଦାଏ ପାଣି: ମୋଦି



ନୂଆଦିଲ୍ଲୀ: ପାକିସ୍ତାନକୁ ପ୍ରତ୍ୟେକ ବୁନ୍ଦା ପାଣି ପାଇଁ ଆକୁଳ କରିବାକୁ ଭାରତ ପୁଣି ଥରେ ୱାଟର ଷ୍ଟ୍ରାଇକ୍ କରିବାକୁ ପ୍ରସ୍ତୁତ ହୋଇଛି। ପ୍ରଥମେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା ଏବଂ ଏବେ ଝେଲମ ନଦୀ ଉପରେ ତୁଲବୁଲ ପ୍ରକଳ୍ପକୁ ପୁନଃଆରମ୍ଭ କରିବା ସମ୍ପର୍କରେ ଖବର ଆସିଛି, ଯାହାକୁ ପାକିସ୍ତାନର ବିରୋଧ ପରେ ୧୯୮୭ ମସିହାରେ ବନ୍ଦ କରିଦିଆଯାଇଥିଲା। ତୁଲବୁଲ ନାଭିଗେସନ ପ୍ରକଳ୍ପକୁ ଉଲାର ବ୍ୟାରେଜ ପ୍ରକଳ୍ପ ମଧ୍ୟ କୁହାଯାଏ। ଏହା ୧୯୮୦ ଦଶକରେ ଆରମ୍ଭ ହୋଇଥିଲା। ଏହା ବାରାମୂଲାର ଉଲାର ହ୍ରଦର ମୁହାଣରେ ନିର୍ମିତ ହେବାକୁ ଥିବା ଏକ ନିୟନ୍ତ୍ରଣ ସଂରଚନା, ଯାହା ମାଧ୍ୟମରେ ଝେଲମ ନଦୀର ପ୍ରବାହକୁ ନିୟନ୍ତ୍ରଣ କରାଯାଇପାରିବ। ଏହା ଦ୍ୱାରା ଝେଲମ ନଦୀରେ ପାଣି ବନ୍ଦ କରି ପରିବହନକୁ ସହଜ କରାଯାଇପାରିବ। ୧୯୮୪ ମସିହାରେ, ଝେଲମ ନଦୀର ଉଲାର ହ୍ରଦର ମୁହାଣରେ କାମ ଆରମ୍ଭ ହୋଇଥିଲା। ବାମ କୂଳରେ କଂକ୍ରିଟ ପାଇଲିଂ ଏବଂ ଭିତ୍ତିଭୂମି କାର୍ଯ୍ୟ ସମାପ୍ତ ହେବା ପରେ ହିଁ ପାକିସ୍ତାନ ଆପତ୍ତି ଉଠାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସାରା ବର୍ଷ ନୌଚାଳନା ସୁବିଧା ଯୋଗାଇବା ଏବଂ ଶୀତଦିନେ ବିଦ୍ୟୁତ ଉତ୍ପାଦନ ବୃଦ୍ଧି କରିବା। ଏହାକୁ ଅନନ୍ତନାଗ, ଶ୍ରୀନଗର ଏବଂ ବାରାମୁଲ୍ଲା ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯିବାର ଥିଲା। ସିନ୍ଧୁ ଜଳ ଚୁକ୍ତିନାମା ଅନୁଯାୟୀ ଝେଲମରେ କୌଣସି ସଂରକ୍ଷଣ ଉପରେ ପାକିସ୍ତାନ ଆପତ୍ତି କରିଥିଲା। ୨ ଅକ୍ଟୋବର ୧୯୮୭ରେ ଭାରତ ପାକିସ୍ତାନର ଆପତ୍ତିକୁ ଗ୍ରହଣ କରି କାମ ବନ୍ଦ କରିଦେଲା। ସେବେଠାରୁ ପ୍ରକଳ୍ପଟି ସ୍ଥଗିତ ରହିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୩ ପର୍ଯ୍ୟାୟ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ସମାଧାନ ମିଳିନଥିଲା। ପାକିସ୍ତାନ ଦାବି କରିଥିଲା ଯେ ଏହା ଝେଲମରୁ ତାଙ୍କ ଅଞ୍ଚଳକୁ ପାଣି ପ୍ରବାହ ବନ୍ଦ କରିଦେବ। ପାକିସ୍ତାନ ଭୟ କରିଥିଲା ଯେ ନାଭିଗେସନ ଲକ ଏହାର ଟ୍ରିପଲ କେନାଲ ପ୍ରକଳ୍ପ (ଝେଲମ-ଚେନାବ ଏବଂ ଉପର ବାରୀ ଦୋଆବ କେନାଲ)କୁ କ୍ଷତି ପହଞ୍ଚାଇପାରେ। ଏହା ସହିତ, ସଂରକ୍ଷିତ ଜଳର ଅଂଶ ଉପରେ ନିୟନ୍ତ୍ରଣର ବିପଦ ଥିଲା। ବାମ କୂଳରେ କଂକ୍ରିଟ ପାଇଲିଂ ଏବଂ ଭିତ୍ତିଭୂମି କାର୍ଯ୍ୟ ଏପର୍ଯ୍ୟନ୍ତ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି।

# ବିମାନବନ୍ଦରରୁ ଧରାପଡ଼ିଲେ ୨ ଫେରାର ଆତଙ୍କୀ

ନୂଆଦିଲ୍ଲୀ: ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌ର ସ୍ଲିପର୍ ମଡ୍ୟୁଲ୍ ଲିଙ୍କ୍‌ରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା। ୨୦୨୩ ମସିହାରେ ପୁଣେରେ ଆଇଇଡି ବିସ୍ଫୋରକ ଉପକରଣ ପ୍ରସ୍ତୁତି ଏବଂ ପରୀକ୍ଷଣ ସହିତ ଲିଙ୍କ୍‌ରେ ଏମାନଙ୍କୁ ଗିରଫ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ବିମାନବନ୍ଦରରୁ ଗିରଫ ହୋଇଥିବା ଅଭିଯୁକ୍ତ ଅବଦୁଲ୍ଲା ଫୟାଜ ଶେଖ ଏବଂ ତଲହା ଖାନ ବୋଲି ଚିହ୍ନଟ କରାଯାଇଛି। ଦୁହେଁ ଇଣ୍ଡୋନେସିଆର ଜାକର୍ତ୍ତାରେ ଲୁଚି ରହିଥିଲେ। ଶୁକ୍ରବାର ରାତିରେ ସେମାନେ ଭାରତ ଫେରୁଥିବା ବେଳେ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୨ରେ ଇମିଗ୍ରେସନ ବ୍ୟୁରୋ ତାଙ୍କୁ ଅଟକ ରଖିଥିଲେ। ଏହା ପରେ ଏନ୍‌ଆଇଏ ଟିମ୍ ତାଙ୍କୁ ହେପାଜତକୁ ନେଇ ଗିରଫ କରିଥିଲା। ତଦନ୍ତ ସଂସ୍ଥା ଦ୍ୱାରା ଜାରି ଏକ ବିବୃତ୍ତିରେ ଏହା କୁହାଯାଇଛି। ଉଭୟ ଅଭିଯୁକ୍ତ ଦୁଇ ବର୍ଷରୁ ଅଧିକ ସମୟ ଧରି ଫେରାର ଥିଲେ। ମୁମ୍ବାଇର ଏନ୍‌ଆଇଏ ସ୍ୱତନ୍ତ୍ର କୋର୍ଟ ସେମାନଙ୍କ ବିରୁଦ୍ଧରେ ଜାମିନ ବିହୀନ ୱାରେଣ୍ଟ ମଧ୍ୟ ଜାରି କରିଥିଲେ। ଏନଆଇଏ ଉଭୟ ଅଭିଯୁକ୍ତଙ୍କ ଉପରେ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା ମଧ୍ୟ କରିଥିଲା। ବିବୃତ୍ତିରେ କୁହାଯାଇଛି ଯେ ୨୦୨୨-୨୩ ସମୟ ମଧ୍ୟରେ, ଅଭିଯୁକ୍ତମାନେ ଏହି ସ୍ଥାନଗୁଡ଼ିକରେ ବୋମା ତିଆରି ଏବଂ ତାଲିମ ସମ୍ପର୍କିତ ଏକ ୱାର୍କସପ୍ କରିଥିଲେ। ଏହା ସହିତ ସେମାନେ ପ୍ରସ୍ତୁତ କରିଥିବା ଆଇଇଡି ପରୀକ୍ଷା କରିବା ପାଇଁ ବିସ୍ଫୋରଣ ମଧ୍ୟ କରିଥିଲେ। ଏହି ଅଭିଯୁକ୍ତମାନଙ୍କ ଦ୍ୱାରା ରଚିତ ଏକ ଅପରାଧିକ ଷଡ଼ଯନ୍ତ୍ର ସହିତ ଜଡିତ। ଆଇଏସ୍‌ଆଇଏସ୍ ସହିତ ଜଡିତ ପୁଣେ ସ୍ଲିପର ସେଲ୍‌ର ଅନ୍ୟ ଆଠ ଜଣ ସଦସ୍ୟଙ୍କ ସହ ଏମାନଙ୍କ ଲିଙ୍କ୍ ଥିଲା।




ଯେଉଁମାନେ ପୂର୍ବରୁ ଗିରଫ ହୋଇସାରିଛନ୍ତି। ଏନ୍‌ଆଇଏ କହିଛି ଏହି ଅଭିଯୁକ୍ତମାନେ ଭାରତର ଶାନ୍ତି ଏବଂ ସାମ୍ପ୍ରଦାୟିକ ସଦଭାବନାକୁ ବିଗାଡ଼ିବା ଉଦ୍ଦେଶ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇବାକୁ ଷଡ଼ଯନ୍ତ୍ର କରିଥିଲେ। ଅଭିଯୁକ୍ତମାନେ ଆଇଏସ୍‌ଆଇଏସ୍‌ର ଏଜେଣ୍ଡା ଅନୁଯାୟୀ ହିଂସା ଏବଂ ଆତଙ୍କବାଦ ମାଧ୍ୟମରେ ଦେଶରେ ଇସଲାମିକ୍ ଶାସନ ପ୍ରତିଷ୍ଠା କରିବା ପାଇଁ ଭାରତ ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ। ଏନଆଇଏ କହିଛି ଯେ ଏହି ଦୁଇ ଜଣ ବ୍ୟକ୍ତି ପୁଣେର କୋନ୍ଧୱାରେ ଅବଦୁଲ୍ଲା ଫୟାଜ ଶେଖଙ୍କ ଭଡା ନେଇଥିବା ଘରେ ଆଇଇଡି ତିଆରିରେ ସମ୍ପୃକ୍ତ ଥିଲେ।

# ଧସିଲା ନିର୍ମାଣାଧୀନ କୋଠା

ନୂଆଦିଲ୍ଲୀ: ଦିଲ୍ଲୀ ପାହାଡ଼ଗଞ୍ଜ ଅଞ୍ଚଳରେ ଶନିବାର ଏକ ବଡ଼ ଦୁର୍ଘଟଣା ଘଟିଛି। ସ୍ଥାନୀୟ ଆରାକାଂସା ରୋଡ କୃଷ୍ଣା ହୋଟେଲ ନିକଟରେ ଏକ ନିର୍ମାଣାଧୀନ ବିଲ୍ଡିଂ ଧସିପଡିଛି। ସନ୍ଧ୍ୟା ପ୍ରାୟ ୬ଟା ୩୫ ମିନିଟରେ ଘଟିଥିବା ଏହି ଦୁର୍ଘଟଣାରେ ମୃତାହତ ନେଇ କୌଣସି ସୂଚନା ନାହିଁ। ତେବେ ନିର୍ମାଣ ସ୍ଥଳରେ ଥିବା ୩ ଜଣ ଶ୍ରମିକଙ୍କୁ ସକୁଶଳେ ଉଦ୍ଧାର କରାଯାଇଛି। ଶ୍ରମିକମାନେ ବିଲ୍ଡିଂର ବେସମେଣ୍ଟରେ କାମ କରୁଥିଲେ। ଏହି ସମୟରେ କଡ଼ରେ ଥିବା କାନ୍ଥ ଭାଙ୍ଗି ଯାଇଥିଲା। ଫଳରେ ୩ ଜଣ ଶ୍ରମିକ ଫଶି ଯାଇଥିଲେ। ଘର ଧସିପଡିବା ସୂଚନା ମିଳିବା ମାତ୍ରେ ଦିଲ୍ଲୀ ଦମକଳ ବିଭାଗର ୪ଟି ଗାଡ଼ି ତୁରନ୍ତ ଘଟଣା ସ୍ଥଳକୁ ପହଞ୍ଚିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା ପରେ ସିଏଟିଏସ୍ ଆମ୍ବୁଲାନ୍ସ ଦ୍ୱାରା ହସ୍ପିଟାଲ ପହଞ୍ଚା ଯାଇଛି।

# ଭାରତ-ପାକ୍ ଯୁଦ୍ଧବିରତି ପରେ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଖବରରେ ଅଛନ୍ତି। ପ୍ରତିଥର ପରି, ଏଥର କାରଣ ହେଉଛି ତାଙ୍କର ଆଉ ଏକ ୟୁ-ଟର୍ଣ୍ଣ। ଯାହା ତାଙ୍କୁ ପଲଟୁରାମ ବୋଲି ସାବ୍ୟସ୍ତ କରିଛି। ଏକ ନ୍ୟୁଜ୍ ୱେବସାଇଟକୁ ଦେଇଥିବା ସାକ୍ଷାତକାରରେ ସେ ଦାବି କରିଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଭଳି ପରିସ୍ଥିତିକୁ ରୋକିବାରେ ତାଙ୍କର କୂଟନୀତି ଏକ ବଡ଼ ଭୂମିକା ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଟ୍ରମ୍ପ ଏହାକୁ ତାଙ୍କର ସବୁଠାରୁ ବଡ଼ ସଫଳତା ମଧ୍ୟରେ ଗଣନା କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ମାତ୍ର ଦୁଇ ଦିନ ପୂର୍ବରୁ କତାରରେ ସେ କହିଥିଲେ ମୁଁ କହୁନାହିଁ ଯେ, ମୁଁ ମଧ୍ୟସ୍ଥତା କରିଛି, କିନ୍ତୁ ମୁଁ ନିଶ୍ଚିତ ଭାବରେ ସାହାଯ୍ୟ କରିଛି। ଏବେ ତାଙ୍କର ପରିବର୍ତ୍ତିତ ସ୍ୱର ତାଙ୍କ ଭୂମିକା ଉପରେ ପ୍ରଶ୍ନବାଚୀକୁ ଆହୁରି ଘନୀଭୂତ କରିଛି। ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଏତେ ତୀବ୍ର ହୋଇଯାଇଥିଲା ଯେ, ପରବର୍ତ୍ତୀ ପଦକ୍ଷେପ ଏନ୍ ଶବ୍ଦ, ଅର୍ଥାତ୍ ପରମାଣୁ ଯୁଦ୍ଧ ହୋଇପାରିଥାନ୍ତା। ସେ ସାକ୍ଷାତକାରରେ ଦାବି କରିଥିଲେ ଯେ, ଦୁଇ ଦେଶ ମଧ୍ୟରେ ବିବାଦ ବହୁତ ଗଭୀର ଆଡ଼କୁ ଗତି କରୁଥିଲା। ପରବର୍ତ୍ତୀ ପଦକ୍ଷେପ ପରମାଣୁ ଯୁଦ୍ଧ ହୋଇଥାନ୍ତା। ଆଉ ସମସ୍ତେ ଜାଣନ୍ତି ଏହା କେତେ ଭୟଙ୍କର। ସେ ଏହା ମଧ୍ୟ କହିଥିଲେ ଯେ, ଯଦି ସେ ହସ୍ତକ୍ଷେପ କରି ନଥାନ୍ତେ, ତେବେ ପରିସ୍ଥିତି ଆହୁରି ଖରାପ ହୋଇପାରିଥାନ୍ତା। ଭାରତ ସରକାର ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ପୂର୍ବରୁ ଖଣ୍ଡନ କରିସାରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ ଯେ, ଜମ୍ମୁ-କଶ୍ମୀର ସହ ଜଡିତ ସମସ୍ୟାଗୁଡ଼ିକର ସମାଧାନ କେବଳ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିଧାସଳଖ ଏବଂ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହେବ। ଭାରତୀୟ ସେନା ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଦୁଇ ଦେଶର ଡିଜିଏମଓ (ସୈନ୍ୟ ଅଭିଯାନର ମହାନିର୍ଦ୍ଦେଶକ)ଙ୍କ ମଧ୍ୟରେ ଆଲୋଚନା ପରେ ଯୁଦ୍ଧବିରତି ଉପରେ ସହମତି ପ୍ରକାଶ ପାଇଥିଲା। କୌଣସି ବାହ୍ୟ ମଧ୍ୟସ୍ଥତା ମାଧ୍ୟମରେ ଏହା ହୋଇ ନଥିଲା। ଆତଙ୍କବାଦୀମାନେ ପହଲଗାମରେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ। ଏହା ପରେ, ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା ଏବଂ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ଟାର୍ଗେଟ କରିଥିଲା। ଏହି ଅପରେସନରେ ପାକିସ୍ତାନ ଏବଂ ପିଓକେରେ ଥିବା ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ। ପ୍ରତିଶୋଧ ସ୍ୱରୂପ, ପାକିସ୍ତାନ ଭାରତ ଉପରେ ଡ୍ରୋନ୍ ଆକ୍ରମଣ ଏବଂ ସୀମାପାର ଗୁଳିବର୍ଷଣ ଆରମ୍ଭ କରିଥିଲା। ଭାରତ ପାକିସ୍ତାନର ରାଡାର ଷ୍ଟେସନ, ଏୟାରଫିଲ୍ଡ ଏବଂ ଯୋଗାଯୋଗ କେନ୍ଦ୍ର ଉପରେ ସଠିକ ଆକ୍ରମଣ ସହିତ ଜବାବ ଦେଇଥିଲା।

# ମୁମ୍ବାଇ ବିମାନବନ୍ଦର-ତାଜ୍ ହୋଟେଲକୁ ବୋମାରେ ଉଡାଇ ଦେବାକୁ ଧମକ



ମୁମ୍ବାଇ: ମୁମ୍ବାଇ ପୋଲିସ ଏକ ଧମକ ଭରା ଇମେଲ ପାଇଛି, ଯେଉଁଥିରେ ଛତ୍ରପତି ଶିବାଜୀ ମହାରାଜ ଆନ୍ତର୍ଜାତୀୟ ବିମାନବନ୍ଦର ଓ ପ୍ରସିଦ୍ଧ ତାଜ ମହଲ ପ୍ୟାଲେସ ହୋଟେଲରେ ବୋମା ବିସ୍ଫୋରଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଧମକ ଦେବା ଉଦ୍ଦେଶ୍ୟରେ କୁହାଯାଇଛି ଯେ ଭାରତ ସଂସଦ ଭବନ ଆକ୍ରମଣ ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କ ମୃତ୍ୟୁଦଣ୍ଡ ଅନ୍ୟାୟ ଥିଲା। ସୂଚନାଯୋଗ୍ୟ, ଏହି ଇମେଲ ଗୁରୁବାର ସକାଳେ ମୁମ୍ବାଇ ବିମାନବନ୍ଦର ପୋଲିସ ଥାନାର ସରକାରୀ ଇମେଲ ଆଇଡି (viduthalai_puli_vellum@outlook.com) କୁ ଆସିଥିଲା। ପୋଲିସ ତୁରନ୍ତ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ତଦନ୍ତ କରିଥିଲେ, ଯେଉଁଠାରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିବା ପରିପ୍ରେକ୍ଷିତିରେ ମୁମ୍ବାଇ ଉପରେ ପୂର୍ବରୁ ଏକ ସତର୍କତା ଜାରି ଥିଲା। ସୁରକ୍ଷା ଏଜେନ୍ସିମାନେ ସହରର ବିଭିନ୍ନ ସ୍ଥାନରେ ମକ ଡ୍ରିଲ ଚାଲାଇଥିଲେ। ଏହାକୁ ନେଇ ପୋଲିସ ଏହି ଇମେଲ ଆକାଉଣ୍ଟ ବ୍ୟବହାରକାରୀ ବିରୋଧରେ ମାମଲା ରୁଜୁ କରିଛନ୍ତି ଓ ତାଙ୍କର ଡିଜିଟାଲ ଫୁଟ ପ୍ରିଣ୍ଟ ଟ୍ରାକ କରିବା ପ୍ରୟାସ ଆରମ୍ଭ କରିଛନ୍ତି। ସୁରକ୍ଷା ବୃଦ୍ଧି ପାଇଁ ଏସଆରପିଏଫ ଓ ଆନ୍ତର୍ଜାତୀୟ ଏଜେନ୍ସିମାନେ ସହଯୋଗ କରୁଛନ୍ତି, ସମ୍ପୂର୍ଣ୍ଣ ସହରକୁ ଉଚ୍ଚ ଆଲର୍ଟ ମୋଡରେ ରଖାଯାଇଛି।

# ଦେଶଭକ୍ତି ରଙ୍ଗରେ ରଙ୍ଗୀନ ହେଲା ଛତିଶଗଡ଼



ରାୟପୁର: ଛତିଶଗଡ଼ରେ ରାଷ୍ଟ୍ରର ସୁରକ୍ଷା ପାଇଁ ନାଗରିକ କାର୍ଯ୍ୟକ୍ରମ ଏବଂ ଅପରେସନ୍ ସିନ୍ଦୂରର ବୀର ଗାଥାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଶନିବାର ସାରା ରାଜ୍ୟରେ ଭବ୍ୟ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ବୀର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ସହ ଭାରତୀୟ ସେନାର ସାହସ ଓ ପରାକ୍ରମକୁ ସବୁ ନାଗରିକ ସମ୍ମାନ ପ୍ରଦର୍ଶନ ସହ ଏହା ଆମ ଦେଶର ପ୍ରତୀକ ବୋଲି କହିଥିଲେ। ଏହି ଅବସରରେ ଯଶପୁର ଜିଲ୍ଲା ଦୁଲଦୁଲ୍ଲା ତହସିଲ ଅନ୍ତର୍ଗତ ଚରାଇଦାଣ୍ଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇଙ୍କ ନେତୃତ୍ୱରେ ଐତିହାସିକ ତ୍ରୀରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ଲୋକ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସହିଦ ପରିବାର ଲୋକଙ୍କୁ ସମ୍ମାନିତ କରିଥିଲେ। ସେ କହିଥିଲେ ଅପରେସନ୍ ସିନ୍ଦୂର ଆମ ଦେଶର ଏକତା ଓ ପ୍ରତୀକକୁ ବୁଝାଉଅଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ବିଳାସପୁରର ମିନି ଷ୍ଟାଡିୟମରେ ଆୟୋଜିତ ତ୍ରୀରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ଏହି ଯାତ୍ରାରେ ସାଂସଦ, ପୌରପାଳ, ଅଧିକାରୀ ଓ ସ୍ଥାନୀୟ ନାଗରିକ ସାମିଲ ହୋଇଥିଲେ। ସେହିପରି ସୁକ୍ମା ଜିଲ୍ଲା କିଙ୍ଗାବରମରେ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, ଜଙ୍ଗଲମନ୍ତ୍ରୀ କେଦାର କଶ୍ୟପ ଭବ୍ୟ ତ୍ରୀରଙ୍ଗା ଯାତ୍ରାର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସେଙ୍କୋଡର ଗ୍ରାମବାସୀ ଭାଗ ନେଇଥିଲେ। ସେହିପରି ରାଜନନ୍ଦଗାଓଁରେ ବିଧାନସଭା ଅଧ୍ୟକ୍ଷ ରମଣ ସିଂଙ୍କ ନେତୃତ୍ୱରେ ଭବ୍ୟ ତ୍ରୀରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଛତିଶଗଡ଼ର ବିଭିନ୍ନ ଜିଲ୍ଲା, ବ୍ଲକ୍ ଇତ୍ୟାଦିରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ବାଣିଜ୍ୟ



ଢାକା: ବାଂଲାଦେଶରେ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି। ଚିକେନ ଦର ହ୍ରାସ ପାଇଥିବାବେଳେ, ଅଣ୍ଡା ମହଙ୍ଗା ହୋଇଛି। ଢାକାର ପ୍ରମୁଖ ବଜାରରେ ଅଣ୍ଡା ପ୍ରତି ଡଜନ ୧୪୦-୧୪୫ ଟଙ୍କାରେ ବିକ୍ରି ହେଉଛି, ଯେତେବେଳେ ବ୍ରଏଲର ଚିକେନ କିଲୋ ପ୍ରତି ୧୬୦-୧୮୦ ଟଙ୍କାରେ ମିଳୁଛି। ଢାକାର ପ୍ରମୁଖ ପନିପରିବା ବଜାର ରାମପୁରା, ମାଲିବାଗ, ଖିଲଗାଓଁ ତାଲତାଲା ଏବଂ ସେଜୁନବାଗିଚାରେ ପରିସ୍ଥିତି କିଛିଟା ଭିନ୍ନ ଦେଖାଯାଉଛି। ଗୋଟିଏ ସପ୍ତାହ ମଧ୍ୟରେ ଅଣ୍ଡାର ମୂଲ୍ୟ ପ୍ରତି ଡଜନରେ ୧୦ ଟଙ୍କା ବୃଦ୍ଧି ପାଇଛି, ଯେତେବେଳେ ବ୍ରଏଲର ଚିକେନର ମୂଲ୍ୟ ୧୦ ରୁ ୨୦ ଟଙ୍କା ହ୍ରାସ ପାଇଛି। ସେହି ସମୟରେ ପନିପରିବା ଦର ଏବେ ବି ଅଧିକ ଅଛି। ଅଣ୍ଡାକୁ ଏକ ଶସ୍ତା ପ୍ରୋଟିନ୍ ଭାବ ଦେଶରେ ବିବେଚନା କରାଯାଉଥିଲା। ଏବେ ସାଧାରଣ ଲୋକଙ୍କ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି। ମାଲିବାଗ ବଜାରର ଅଣ୍ଡା ହୋଲସେଲଙ୍କ ଅନୁସାରେ ଚାଷୀମାନେ ବହୁତ ମାସ ଧରି କ୍ଷତି ସହୁଛନ୍ତି। ଏଥର ଯଦି ମୂଲ୍ୟ ଟିକେ ବୃଦ୍ଧି ପାଇଛି, ତେବେ ଏହା ସେମାନଙ୍କ ପାଇଁ ଜରୁରୀ ଥିଲା। ଅନେକ ଫାର୍ମ ବନ୍ଦ ହୋଇ ଯାଇଛି। ସାଧାରଣତଃ ବର୍ଷା ଋତୁରେ ଅଣ୍ଡାର ମୂଲ୍ୟ ବୃଦ୍ଧି ପାଏ, କିନ୍ତୁ ଏଥର ମୂଲ୍ୟ ବହୁତ ଦିନ ଧରି କମ୍ ରହିଥିଲା।

# ମହିଳା ନେତୃତ୍ୱାଧୀନ କ୍ଷୁଦ୍ର ଉଦ୍ୟୋଗକୁ ବେଦାନ୍ତର ପ୍ରୋତ୍ସାହନ




କଳାହାଣ୍ଡି,(ଭାସ୍କର ନ୍ୟୁଜ୍): ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ବ୍ୟବସାୟିକ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ, କଳାହାଣ୍ଡି ଜିଲ୍ଲାର ଗୁଣପୁର ଗ୍ରାମରେ ସକ୍ରିୟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତାର ହାତ ବଢ଼ାଇଛି। ଚପଲ ତିଆରି କରିବା, କାଗଜ ପ୍ଲେଟ୍ ଉତ୍ପାଦନ କରିବା, ଚାଉଳ ମିଲିଂ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଗ୍ରାମୀଣ ମହିଳାମାନଙ୍କ ପାଇଁ ରୋଜଗାରର ପନ୍ଥାକୁ ସୁଦୃଢ଼ କରିବା ସହିତ କ୍ଷୁଦ୍ର ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହି ଅଞ୍ଚଳର ମହିଳାମାନଙ୍କ ପାଇଁ ଦୀର୍ଘକାଳୀନ ଆର୍ଥିକ ସ୍ୱାଧୀନତାକୁ ସକ୍ଷମ କରିବା ପାଇଁ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି ବେଦାନ୍ତ ଆଲୁମିନିୟମ। କମ୍ପାନୀ ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୪୫ ଜଣ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଉପରେ ଏକ ବ୍ୟାପକ କର୍ମଶାଳାର ଆୟୋଜନ କରିଥିଲା। ଏହି କର୍ମଶାଳା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ମାର୍କେଟିଂ ଏବଂ ବିକ୍ରୟ ଦକ୍ଷତା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେଇଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ଗୁରୁତ୍ୱାରୋପ କରି କହିଥିଲେ, ବେଦାନ୍ତ ଆଲୁମିନିୟମରେ ମହିଳାମାନଙ୍କର ସମସ୍ତ ସ୍ୱପ୍ନ ସାକାର କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆମେ ପ୍ରତିଶୃତିବଦ୍ଧ। କଳାହାଣ୍ଡି ଏବଂ ସମଗ୍ର ଓଡ଼ିଶାରେ ଆମର ପଦକ୍ଷେପଗୁଡ଼ିକ ଲିଙ୍ଗ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ପୋଷଣ କରିବା ପ୍ରତି ଆମର ଉତ୍ସର୍ଗକୁ ପ୍ରତିଫଳିତ କରେ। ଏକଦା ଯେଉଁ ଅଞ୍ଚଳରେ ମହିଳାମାନେ ନିଜ ଜୀବନ ବଞ୍ଚାଇବା ପାଇଁ ସେମାନଙ୍କ ପିଲାମାନଙ୍କୁ ବିକ୍ରି କରିବା ଭଳି ହୃଦୟ ବିଦାରକ ବିକଳ୍ପ କରିବାକୁ ବାଧ୍ୟ ହେଉଥିଲେ, ସେମାନେ ଏବେ ଆତ୍ମବିଶ୍ୱାସୀ, ଆର୍ଥିକ ଭାବରେ ସ୍ୱାଧୀନ ଏବଂ ପରିବର୍ତ୍ତନକାରୀ ଭୂମିକାରେ ପାଦ ଦେଉଛନ୍ତି, ନିଜ ଜୀବନ ସମେତ ସମଗ୍ର ସମ୍ପ୍ରଦାୟର ଜୀବନକୁ ପରିବର୍ତ୍ତନ କରୁଛନ୍ତି। ବେଦାନ୍ତର ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକ କଳାହାଣ୍ଡିର ୬୭ଟି ଗାଁର ୧.୫ ଲକ୍ଷ ଲୋକଙ୍କ ଏବଂ ସାରା ଓଡ଼ିଶାରେ ୫ ଲକ୍ଷ ଲୋକଙ୍କ ଜୀବନକୁ ସ୍ପର୍ଶ କରିଛି।

# ମଡ୍ୟୁଲ୍ ଉତ୍ପାଦନରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଟାଟା ପାୱାର୍‌ର ସୋଲାର୍ ଉତ୍ପାଦନ ଶାଖା ଟିପି ସୋଲାର୍ କମ୍ପାନିର ଅକ୍ଷୟ ଶକ୍ତି ଅଭିବୃଦ୍ଧି ରଣନୀତିରେ ଏକ ପମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ତାମିଲନାଡୁର ତିରୁନେଲଭେଲିରେ ଥିବା ଟାଟା ସୋଲାର୍‌ର ଅତ୍ୟାଧୁନିକ ଉତ୍ପାଦନ କାରଖାନା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨୯୧ ମେଗାୱାଟ୍‌ର ସୋଲାର ମଡ୍ୟୁଲ୍ ଓ ୮୪୬ ମେଗାୱାଟ୍‌ର ସୋଲାର୍ ସେଲ୍ ଉତ୍ପାଦନ କରିବାର ମାଇଲଖୁଣ୍ଟ ହାସଲ କରିଛି। ଏହି କାରଖାନା ହେଉଛି ଭାରତର ଅନ୍ୟତମ ସବୁଠୁ ଉନ୍ନତ ସମନ୍ୱିତ ସୋଲାର୍ ଉତ୍ପାଦନ କାରଖାନା ଏବଂ ଆମଦାନି ନିର୍ଭରଶୀଳତା କମ୍ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଘରୋଇ ସୋଲାର ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରୁଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷରେ ୪୨୨ କୋଟି ଟଙ୍କାର ଉଲ୍ଲେଖନୀୟ ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ଏହି କାରଖାନାରେ ରହିଛି ଅତ୍ୟାଧୁନିକ ଟପ୍‌କନ୍ (ଟନେଲ୍ ଅକ୍ସାଇଡ୍ ପାସିଭେଟେଡ୍ କଣ୍ଟାକ୍ଟ) ଏବଂ ମୋନୋ ପିଆରସି (ପାସିଭେଟେଡ ଏମିଟର ଆଣ୍ଡ ରିଅଲ୍ ସେଲ୍) ପ୍ରଯୁକ୍ତି ଯାହା ଉଚ୍ଚ ଦକ୍ଷତା ସମ୍ପନ୍ନ ସୋଲାର ସେଲ୍ ଉତ୍ପାଦନକୁ ସକ୍ଷମ କରୁଛି। ଏଥିରେ ସମନ୍ୱିତ ହୋଇଥିବା ବାଇଫାସିଆଲ୍ ମଡ୍ୟୁଲ୍ ପ୍ରଯୁକ୍ତି ଶକ୍ତି ଉତ୍ପାଦକତାରେ ଉନ୍ନତି ଆଣୁଥିବା ବେଳେ ପ୍ୟାନେଲ୍‌ର ଉଭୟ ସାମ୍ନା ଓ ପଛ ପାର୍ଶ୍ୱରୁ ଶକ୍ତି ଉତ୍ପନ୍ନ କରିବାରେ ସହାୟକ ହୋଇ ଜମି ବ୍ୟବହାର ଓ ଦକ୍ଷତା ବ୍ୟବସ୍ଥାକୁ ସର୍ବାଧିକ କରିପାରୁଛି। କାରଖାନାରେ ଉତ୍ପାଦନ କରାଯାଉଥିବା ମଡ୍ୟୁଲ୍ ଘରୋଇ ବିଷୟବସ୍ତୁ ଆବଶ୍ୟକତା (ଡିସିଆର୍) ନିୟମକୁ ସମ୍ପୂର୍ଣ୍ଣ ପାଳନ କରି ଭାରତୀୟ ସୋଲାର ଡେଭେଲପରଙ୍କ ୟୁଟିଲିଟି ଓ ରୁଫ୍‌ଟପ୍ ସୋଲାର ଆବଶ୍ୟକତା ପୂରଣ କରୁଥିବା ବେଳେ ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ଆତ୍ମନିର୍ଭର ହେବାର ଜାତୀୟ ଆବଶ୍ୟକତାକୁ ସମର୍ଥନ କରୁଛି। ୟୁଏସ୍ ଇଣ୍ଟରନ୍ୟାସନାଲ୍ ଡେଭେଲପ୍‌ମେଣ୍ଟ ଫାଇନାନସ କର୍ପୋରେସନ୍ (ଡିଏଫ୍‌ସି)ଠାରୁ ୪୨୫ ନିୟୁତ ଡଲାର ନିବେଶ ହାସଲ ସହିତ ତିରୁନେଲଭେଲି କାରଖାନା ଏହାର ଅନ୍ତର୍ଭୁକ୍ତୀକରଣ ଶ୍ରମଶକ୍ତି ମଡେଲ୍ ପାଇଁ ପରିଚିତ ଯେଉଁଠାରେ ପାରିପାର୍ଶ୍ୱିକ ଅଞ୍ଚଳର ୮୦ ପ୍ରତିଶତରୁ ଅଧିକ ମହିଳାଙ୍କୁ ନିୟୋଜିତ କରାଯାଇଛି। ଏହି ପ୍ରଦର୍ଶନ ଏକ ସ୍ଥାୟୀ ଓ ଭବିଷ୍ୟତ ଲାଗି ପ୍ରସ୍ତୁତ ସ୍ୱଚ୍ଛ ଶକ୍ତି ଭିତିଭୂମି ବିକାଶ କରିବାରେ ଟାଟା ପାୱାରର ପ୍ରତିବଦ୍ଧତାକୁ ଦୋହରାଉଛି ଯାହା 'ଆତ୍ମନିର୍ଭର ଭାରତ' ଓ ଭାରତର ଦୀର୍ଘକାଳୀନ ଶକ୍ତି ପରିବର୍ତ୍ତନ ଲକ୍ଷ୍ୟ ସହିତ ସମନ୍ୱିତ ରହିଛି।

## ଯାଜପୁର ଜିଲ୍ଲାରେ ଟାଟା କରିବ ୬୩ହଜାର କୋଟିର ପ୍ରକଳ୍ପ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ମାସ ୨୨ ତାରିଖରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ ଓ ଉଦଘାଟନ। ଯାଜପୁର ଜିଲ୍ଲାରେ ୧୨ ପ୍ରକଳ୍ପର ଶିଳାନ୍ୟାସ ଓ ୪ ପ୍ରକଳ୍ପ ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ। କେବଳ ଟାଟାର ୬୩ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରାଯିବ। ଏହାଦ୍ୱାରା ୩୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେବଳ ଏମଓୟୁ ନ କରି କାର୍ଯ୍ୟ ଜାରି ରଖିଛନ୍ତି ଆମ ସରକାର। ଜେଏସଡବ୍ଲୁ ଓ ବେଦାନ୍ତ ବି ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଆଗକୁ ଗ୍ରାଉଣ୍ଡିଂ ହେବ। ଜଗତସିଂପୁରରେ ପୋସ୍କୋ ସ୍ଥାନରେ ଜେଏସଡବ୍ଲୁ ପ୍ଲାଣ୍ଟ କରୁଛି। କାମ ଆରମ୍ଭ ହେଲାଣି। ଏଏମଏନଏସ ପାରାଦ୍ୱୀପରେ କାମ ଆରମ୍ଭ କରିଛି। କେନ୍ଦ୍ରାପଡ଼ାରେ କାମ ଜାରି ରହିଛି ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ।

# ତିନି କାର୍ ବିକ୍ରୟକୁ ନେଇ ଚିନ୍ତାରେ ମାରୁତି ସୁଜୁକି




ନୂଆଦିଲ୍ଲୀ: ମାରୁତି ସୁଜୁକି କାରଗୁଡ଼ିକର ବିକ୍ରି ସବୁବେଳେ ଚାହିଦାରେ ରହିଥାଏ। କିନ୍ତୁ ଗତ କିଛି ମାସ ମଧ୍ୟରେ କମ୍ପାନୀର କିଛି କାରର ବିକ୍ରୟ ହ୍ରାସ ପାଇଛି। ଯେଉଁ କାରଗୁଡ଼ିକ ବହୁତ ଧୁମ୍‌ଧାମ୍‌ରେ ଲଞ୍ଚ ହୋଇଥିଲା, ସେଗୁଡ଼ିକର ବିକ୍ରୟରେ ତୀବ୍ର ହ୍ରାସ ଘଟିଛି। ଗତ ମାସରେ ମାରୁତି ସୁଜୁକିର ସେଲେରିଓ, ଏସ୍-ପ୍ରେସୋ ଏବଂ ସିଆଜର ବିକ୍ରିରେ ୭୧% ପର୍ଯ୍ୟନ୍ତ ବଡ଼ ହ୍ରାସ ଦେଖାଯାଇଥିଲା। ମାରୁତି ସୁଜୁକି ଏସ୍-ପ୍ରେସୋର କେବଳ ୭୨୬ ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ କମ୍ପାନୀ ଏହି କାରର ମୋଟ ୨୪୭୬ ୟୁନିଟ୍ ବିକ୍ରି କରିଥିଲା। ଏବେ ଏଥର କମ୍ପାନୀ ୧୭୫୦ ୟୁନିଟ୍ କମ୍ ବିକ୍ରି କରିପାରିଛି, ଯାହା ଫଳରେ ବିକ୍ରୟରେ ୭୦.୬୮% କ୍ଷତି ହୋଇଛି। ଏହା ବ୍ୟତୀତ ମାରୁତିର ସେଡାନ୍ ସିଆଜ୍‌ର ବିକ୍ରୟ ମଧ୍ୟ ବହୁତ ନିରାଶ କରିଥିଲା। ଗତ ମାସରେ କମ୍ପାନୀ ଏହି କାରର ମୋଟ ୩୨୧ ୟୁନିଟ୍ ବିକ୍ରି କରିଥିଲା। ଯେତେବେଳେ ଗତ ବର୍ଷ ସମାନ ସମୟରେ କମ୍ପାନୀ ୮୬୭ ୟୁନିଟ୍ ବିକ୍ରି କରିଥିଲା, ଯାହା ଯୋଗୁଁ ଏଥର କମ୍ପାନୀ ୫୬% କମ୍ ୟୁନିଟ୍ ବିକ୍ରି କରିପାରିଛି। ଏହା ବ୍ୟତୀତ ଗତ ମାସରେ ସେଲେରିଓର ୧୪୭୪ ୟୁନିଟ୍ ବିକ୍ରି ହୋଇଥିଲା। ଯେତେବେଳେ ଗତ ବର୍ଷ ଏପ୍ରିଲ ମାସରେ କମ୍ପାନୀ ଏହି କାରର ୩୨୨୦ ୟୁନିଟ୍ ବିକ୍ରି କରିଥିଲା। ଏପରି ପରିସ୍ଥିତିରେ, ଏଥର ଏହି କାରର ୧୭୪୬ ୟୁନିଟ୍ କମ୍ ବିକ୍ରି ହୋଇଛି ଏବଂ ବିକ୍ରୟରେ ୫୪% ହ୍ରାସ ଘଟିଛି। ମୂଲ୍ୟରେ ନିରନ୍ତର ବୃଦ୍ଧି ଯୋଗୁଁ ଗ୍ରାହକମାନେ ଏହି କାରଗୁଡ଼ିକଠାରୁ ନିଜକୁ ଦୂରେଇ ରଖିଛନ୍ତି।

# ତୁର୍କୀ ସହ ସବୁ ବ୍ୟବସାୟ ବନ୍ଦ କରିବାକୁ ନିଷ୍ପତ୍ତି

ନୂଆଦିଲ୍ଲୀ: ଭାରତର ଆତଙ୍କବାଦ ବିରୋଧ ଲଢ଼େଇରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଥିବା ତୁର୍କୀ ଓ ଅଜରବେଜାନକୁ ଚାରିଆଡୁ ଘେରିବାକୁ ଭାରତ ଉଦ୍ୟମ କରୁଛି। କେବଳ ସରକାରୀ ସ୍ତରରେ ନୁହେଁ, ବ୍ୟବସାୟୀ ଓ ବେସରକାରୀ ସ୍ତରରେ ମଧ୍ୟ ଏହି ଦୁଇ ଦେଶ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି। ରାଜ୍ୟଗୁଡ଼ିକରେ ମଧ୍ୟ ବିଭିନ୍ନ ସଂଗଠନ ଏହି ଦୁଇ ଦେଶକୁ ବିରୋଧ କରୁଛନ୍ତି। ତୁର୍କୀ ଓ ଅଜରବେଜାନ୍‌କୁ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ବୟକଟ୍ କରିଛନ୍ତି। ଦିଲ୍ଲୀରେ ଏନେଇ ଏକ ସର୍ବଭାରତୀୟ ବୈଠକରେ ନିଷ୍ପତ୍ତି ହୋଇଛି, ଯେଉଁଥିରେ ୨୪ଟି ରାଜ୍ୟର ପ୍ରତିନିଧି ଭାଗ ନେଇଥିଲେ। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି)ର ମହାସଚିବ ପ୍ରବୀଣ ଖଣ୍ଡେଲୱାଲ୍ କହିଛନ୍ତି ଯେ ତୁର୍କୀ ଓ ଅଜରବେଜାନ୍ ସହ ସବୁ ବ୍ୟବସାୟ ବନ୍ଦ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। କାରଣ ସେମାନେ ଭାରତ ବିରୋଧରେ ଲଢୁଥିବା ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଛନ୍ତି। ତେଣୁ ଏହି ଦୁଇ ଦେଶ ସହ କୌଣସି ଆମଦାନି ଓ ରପ୍ତାନି କାରବାର ହେବନାହିଁ। ଏସିଆର ସର୍ବବୃହତ ଫଳ ଓ ପନିପରିବା ପାଇକାରୀ ବଜାର ଦିଲ୍ଲୀର ଆଜାଦପୁର ମଣ୍ଡି ପକ୍ଷରୁ ତୁର୍କୀରୁ ସେଓ ଆମଦାନି ବନ୍ଦ କରାଯାଇଥିବା ଘୋଷଣା କରାଯାଇଛି। ରାଜଧାନୀ ଦିଲ୍ଲୀରେ ବ୍ୟବସାୟୀମାନେ ଏହି ଦୁଇ ଦେଶ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜାତୀୟ ଭାବନାକୁ ଆଘାତ ଦେଇଥିବାରୁ ସେମାନଙ୍କ ଜିନିଷର ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରୁଛନ୍ତି। ଭାରତୀୟ ବ୍ୟବସାୟୀ ମହାସଂଘ ଅଧୀନରେ ୪୦ ହଜାରରୁ ଅଧିକ ସଂଘ ଓ ୮ କୋଟିରୁ ଅଧିକ ଖୁଚୁରା ବ୍ୟବସାୟୀ ରହିଛନ୍ତି। ଅନ୍ୟପକ୍ଷରେ, ଭାରତୀୟ ବିମାନ କମ୍ପାନି ଇଣ୍ଡିଗୋ ଓ ତୁର୍କୀସ୍ ଏୟାରଲାଇନ୍ସ ମଧ୍ୟରେ ହୋଇଥିବା ଚୁକ୍ତିକୁ ଏୟାର ଇଣ୍ଡିଆ ପକ୍ଷରୁ ବିରୋଧ କରାଯାଇଛି। ଦୁଇ କମ୍ପାନୀ ମଧ୍ୟରେ ହୋଇଥିବା ଲିଜ୍ ବୁଝାମଣାକୁ ଆଉ ନ ବଢ଼ାଇବାକୁ ଏୟାର ଇଣ୍ଡିଆ ପକ୍ଷରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ କୁହାଯାଇଛି। ଗୌତମ ଆଦାନୀଙ୍କ କମ୍ପାନି ଆଦାନୀ ଗ୍ରୁପ୍ ମଧ୍ୟ ସେଲେବି ସହ ସମ୍ପର୍କ ଛିନ୍ନ କରିଛି।



ନୂଆଦିଲ୍ଲୀ: କ୍ରିକେଟର ଭଗବାନ ଭାବରେ ଜଣାଶୁଣା ସଚିନ ତେନ୍ଦୁଲକର ବିସିସିଆଇ ମୁଖ୍ୟାଳୟରେ ତାଙ୍କ ନାମରେ ଏକ ବୋର୍ଡ ରୁମ ଉଦଘାଟନ କରିଥିଲେ। ଏହାକୁ 'ଏସ୍ଆରଟି ୧୦୦' ନାମ ଦିଆଯାଇଛି। ଏଥିରେ ୧୦୦ଟି ଶତକ ଦେଖାଯାଇଛି। ବିସିସିଆଇ ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛି। ଏଥିରେ, ସଚିନ ତାଙ୍କର କିଛି ଶ୍ରେଷ୍ଠ ସ୍ମୃତି ବିଷୟରେ କହୁଥିବାର ଦେଖାଯାଇଥିଲା। ସଚିନଙ୍କ ବ୍ୟତୀତ ବିସିସିଆଇ ମୁଖ୍ୟାଳୟରେ ସୁନୀଲ ଗାଭାସ୍କରଙ୍କ ନାମରେ ଏକ କୋଠରୀ ମଧ୍ୟ ଅଛି। ଏହି ବିଶେଷ ଅବସରରେ, ସଚିନ ତେନ୍ଦୁଲକର କହିଥିଲେ, କ୍ରିକେଟ କ୍ଲବ ଅଫ ଇଣ୍ଡିଆର ଠିକ ସାମ୍ନାରେ ଏକ ଛୋଟ କୋଠରୀ ଥିଲା। ମୁଁ ଏବେ ବି ମନେ ରଖିଛି ଯେ ମୁଁ ୧୯୮୯ ମସିହାରେ ପ୍ରଥମ ଥର ପାଇଁ ପାକିସ୍ତାନ ଗସ୍ତ କରିଥିଲି। ଏହା ଥିଲା ବିସିସିଆଇର କାର୍ଯ୍ୟାଳୟ। ସେଠାରୁ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ବହୁତ ବଡ଼। ସଚିନ ତେନ୍ଦୁଲକର ଭାରତ ଦ୍ୱାରା ଜିତିଥିବା ଆଇସିସି ଟ୍ରଫିଗୁଡ଼ିକୁ ଦେଖି କହିଥିଲେ, ଏହି ଅମୂଲ୍ୟ ଟ୍ରଫିଗୁଡ଼ିକ ଏହି ସ୍ଥାନକୁ ଆହୁରି ସ୍ୱତନ୍ତ୍ର କରିଥାଏ। ଏହା ବିସିସିଆଇ ଅଧିକାରୀ ଏବଂ ଖେଳାଳିମାନେ ଦେଶକୁ ଏହି ମାଇଲଖୁଣ୍ଟରେ ପହଞ୍ଚାଇବାରେ କିପରି ଯୋଜନା ଏବଂ କାର୍ଯ୍ୟକାରୀ କରିପାରିଥିଲେ ତାହାର ପ୍ରତିଫଳନ। ତେଣୁ ଏଗୁଡ଼ିକ ସ୍ୱତନ୍ତ୍ର ମୁହୂର୍ତ୍ତ।'

### ଧୋନିଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର

# ଆଇପିଏଲ୍ ୨୦୨୬ ଖେଳିବେ ମାହି !




ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁଁ ଲିଗର ୧୮ତମ ସିଜିନକୁ ମଝିରେ ବନ୍ଦ କରିବାକୁ ପଡିଥିଲା। ଏହି ସିଜିନରେ ୫ ଥର ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଦର୍ଶନ ଭଲ ନଥିଲା। ଦଳଟି ଚଳିତ ସିଜିନରୁ ପୂର୍ବରୁ ବାଦ ପଡ଼ିସାରିଛି। ଚେନ୍ନାଇ ସୁପର କିଙ୍ଗସ ଚଳିତ ସିଜିନରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୨ଟି ମ୍ୟାଚ ମଧ୍ୟରୁ କେବଳ ୩ଟିରେ ଜିତିଛି। ଚେନ୍ନାଇକୁ ୬ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଚେନ୍ନାଇକୁ ଏବେ ୧୮ତମ ସିଜିନରେ ମାତ୍ର ୨ଟି ମ୍ୟାଚ ଖେଳିବାକୁ ପଡିବ। ସିଏସ୍କେ ମେ ୨୦ରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ଏହି ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚେନ୍ନାଇର ନିୟମିତ ଅଧିନାୟକ ଋତୁରାଜ ଗାୟକୱାଡ ଆଘାତ ଯୋଗୁଁ ଏହି ସିଜିନରେ ଖେଳି ନଥିଲେ। ଏବେ ପୁଣି ଥରେ ମହେନ୍ଦ୍ର ସିଂହ ଧୋନିଙ୍କୁ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ତଥାପି, ମାହିଙ୍କ ଅଧିନାୟକତ୍ୱରେ ମଧ୍ୟ ସିଏସ୍କେର ଭାଗ୍ୟ ପରିବର୍ତ୍ତନ ହୋଇନଥିଲା। ଆଇପିଏଲ ୨୦୨୫ ଶେଷ ହେବାକୁ ଯାଉଥିବାରୁ, ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଧୋନି ଆଗାମୀ ସିଜିନରେ ଖେଳିବେ କି ନାହିଁ। ଟିଓଆଇ ରିପୋର୍ଟ ଅନୁଯାୟୀ, ଧୋନି ମଧ୍ୟ ଆଇପିଏଲ୍ ୨୦୨୬ ଖେଳିବେ। ଧୋନି ନିଜେ ଫ୍ରାଞ୍ଚାଇଜ ମାଲିକମାନଙ୍କୁ କୌଣସି ସୂଚନା ଦେଇନାହାଁନ୍ତି ଯେ ଏହା ତାଙ୍କର ଶେଷ ସିଜିନ। ଧୋନି କହିଛନ୍ତି ଯେ ସେ କିଛି ମାସ ପରେ ଏ ବିଷୟରେ ନିଷ୍ପତ୍ତି ନେବେ। ତଥାପି ଧୋନି ଅଧିନାୟକ ରହିବାର ସମ୍ଭାବନା କମ। କହୁଣୀ ଆଘାତରୁ ସୁସ୍ଥ ହେବା ପରେ ଋତୁରାଜ ଗାୟକୱାଡଙ୍କୁ ଏହି ଦାୟିତ୍ୱ ଦିଆଯାଇପାରେ। ଗାୟକୱାଡଙ୍କ ଅଧିନାୟକତ୍ୱରେ ଚେନ୍ନାଇର ପ୍ରଦର୍ଶନ ଗତ ଦେଢ଼ ସିଜନରେ କିଛି ବିଶେଷ ହୋଇନାହିଁ। ମହେନ୍ଦ୍ର ସିଂହ ଧୋନି ହେଉଛନ୍ତି ଆଇପିଏଲରେ ସର୍ବାଧିକ ମ୍ୟାଚ ଖେଳିଥିବା ଖେଳାଳି। ଏପର୍ଯ୍ୟନ୍ତ ସେ ୨୭୬ ମ୍ୟାଚର ୨୪୧ ଇନିଂସରେ ୩୮.୪୬ ହାରରେ ଏବଂ ୧୩୭.୬୩ ଷ୍ଟ୍ରାଇକ ରେଟ ସହିତ ୫୪୨୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ଧୋନି ୨୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଆଇପିଏଲ୍ରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ଅଛନ୍ତି। ମାହି ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ ଖେଳିଛନ୍ତି। ଏହି ସମୟ ମଧ୍ୟରେ ଧୋନି ୧୪୦ଷ୍ଟ୍ରାଇକ ରେଟରେ ୧୮୦ ରନ କରିଛନ୍ତି।

## ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ



ନୂଆଦିଲ୍ଲୀ: ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଶୁକ୍ରବାର ତାଙ୍କ ଖେଳ ଜୀବନର ସବୁଠାରୁ ଶ୍ରେଷ୍ଠ ଥ୍ରୋ ଗୌରବ ଅର୍ଜନ କରିଥିବା ବେଳେ ତାଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ନୀରଜଙ୍କ ପ୍ରଶଂସା କରି ଏହା ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଶୃଙ୍ଖଳତାର ଫଳ ବୋଲି କହିଛନ୍ତି। ଏକ ଏକ୍ସ ପୋଷ୍ଟ୍ ଜରିଆରେ ମଧ୍ୟ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ଥର ପାଇଁ ୯୦+ ମିଟର ଅତିକ୍ରମ କରି ଦୀର୍ଘଦିନର ସ୍ୱପ୍ନକୁ ସାକାର କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଦୋହା ଡାଏମଣ୍ଡ୍ ଲିଗ୍ରେ ୨୭ ବର୍ଷୀୟ ନୀରଜ ୯୦.୨୩ ମିଟର୍ ଦୂରତାକୁ ଜାଭଲିନ୍ ଫିଙ୍ଗି ଏହି ଐତିହାସିକ କୃତିତ୍ୱ ଅର୍ଜନ କରିଛନ୍ତି। କିନ୍ତୁ ଏହି ନାଟକୀୟ ପ୍ରତିଯୋଗିତାରେ ନୀରଜଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଜର୍ମାନିର ଜୁଲିଏନ୍ ୱେବର ଶେଷ ମିନିଟ୍ ଥ୍ରୋରେ ୯୧.୦୬ ମିଟର ଫିଙ୍ଗି ବିଜୟ ଛଡ଼ାଇ ନେଇଛନ୍ତି। ତଥାପି ନୀରଜଙ୍କ ଏହି ସଫଳତା ତାଙ୍କୁ ଅପୂର୍ବ ସଫଳତା ଦେଇଥିବାରୁ ସେ ବଡ଼ ଉପଲବ୍ ?ଧି ପାଇଛନ୍ତି। ଇତିହାସରେ ସେ ୨୫ତମ ଖେଳାଳି ଭାବେ ୯୦+ ମିଟର ସଫଳତା ଅର୍ଜନ କରିଛନ୍ତି। ଏସିଆରେ କିନ୍ତୁ ପାକିସ୍ତାନର ଅର୍ସଦ ନଦୀମ (୯୨.୯୭ ମିଟର) ଏବଂ ଚାଇନିଜ୍ ତାଇପେର ଚାଓ ଟାଇସୁନ୍ ଚେଙ୍ଗ୍ (୯୧.୩୬)ଙ୍କ ପରେ ତୃତୀୟ ହୋଇଛନ୍ତି। ଶୁକ୍ରବାର ନୀରଜ ପ୍ରଥମ ଥ୍ରୋରେ ୮୮.୩୪ ମିଟର୍ ଫିଙ୍ଗିବା ପରେ ଦ୍ୱିତୀୟଟିରେ ବିଫଳ ହୋଇଥିଲେ। ତୃତୀୟରେ କିନ୍ତୁ ୯୦.୨୩ ମିଟର୍ ଫିଙ୍ଗି ଇତିହାସ ରଚିଥିଲେ। ଚତୁର୍ଥରେ ୮୦.୫୬, ପଞ୍ଚମରେ ବିଫଳ, ଷଷ୍ଠରେ ୮୮.୨ ମିଟର୍ ଫିଙ୍ଗିଥିଲେ। ଦୋହା ଡାଏମଣ୍ଡ୍ ଲିଗ୍ ପୂର୍ବରୁ ନୀରଜ ୬ ଥର ୮୯+ ମିଟର୍ ଏବଂ ୧୭ ଥର ୮୮+ ମିଟର୍ ସୀମା ଟପି ମଧ୍ୟ କେବେ ୯୦ ମିଟର୍ ଛୁଇଁନଥିଲେ। ଅନ୍ୟପକ୍ଷରେ ଦୋହା ଡାଏମଣ୍ଡ୍ ଲିଗ୍ରେ ସାମିଲ ଥିବା ଓଡ଼ିଆ ପୁଅ କିଶୋର ଜେନା ଖରାପ ଫର୍ମକୁ ଜାରି ରଖି ନିଜ ଚତୁର୍ଥ ଥ୍ରୋରେ ୭୪.୮୦ ମିଟର୍ ସହ ଶୀର୍ଷ ୮ ବାହାରେ ରହିଥିଲେ।

## ବର୍ଷା ଯୋଗୁଁ ରଦ୍ଦ ହେଲା କୋଲକାତା-ବେଙ୍ଗାଲୁରୁ ଆଇପିଏଲ୍ ମ୍ୟାଚ୍



ବେଙ୍ଗାଲୁରୁ : ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଆଜି ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୫୮ତମ ମ୍ୟାଚ ବର୍ଷା କାରଣରୁ ରଦ୍ଦ ହୋଇଯାଇଛି । ପ୍ରବଳ ବର୍ଷା କାରଣରୁ ଟସ୍ ମଧ୍ୟ ପଡ଼ି ପାରିନଥିଲା । ଏହା ଫଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ କୋଲକାତା ନାଇଟରାଇଡର୍ସ (କେକେଆର) ପଏଣ୍ଟ ଭାଗ କରିଛନ୍ତି । ଗୋଟିଏ ପଏଣ୍ଟ ପାଇବା ପରେ ମୋଟ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ନିଜ ସ୍ଥାନକୁ ସୁଦୃଢ କରିଛି ଆରସିବି । ଅନ୍ୟପକ୍ଷରେ କେକେଆର ୧୨ ପଏଣ୍ଟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି । ଏହା ସହିତ କେକେଆର ପ୍ଲେଅଫ୍ ଖେଳିବା ଆଶା ଶେଷ ହୋଇଯାଇଛି । ସୂଚନାଯୋଗ୍ୟ ଯେ ପାକିସ୍ତାନ ଉପରେ ଭାରତର ଅପରେସନ ସିନ୍ଦୁରଯୋଗୁଁ ଆଇପିଏଲ ଟୁର୍ଣ୍ଣାମେଣ୍ଟକୁ ପ୍ରାୟ ୧୦ ଦିନ ପାଇଁ ସ୍ଥଗିତ ରଖାଯାଇଥିଲା । ଏହା ପରେ ବିସିସିଆଇ ପକ୍ଷରୁ ଆଇପିଏଲର ଅବଶିଷ୍ଟ ମ୍ୟାଚ ପାଇଁ ନୂଆ ତାରିଖ ଘୋଷଣା କରାଯାଇଥିଲା ।

## ନୀରଜ ଚୋପ୍ରାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତର ଷ୍ଟାର ଜାଭେଲିନ ଥ୍ରୋ ଷ୍ଟାର ଖେଳାଳି ଓ ଅଲମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଦୋହା ଡାଇମଣ୍ଡ ଲିଗରେ ୯୦.୨୩ ମିଟରର ଐତିହାସିକ ଥ୍ରୋ କରିବା ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମାଝୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ନୀରଜ ଚୋପ୍ରାଙ୍କ ଏହି ଉପଲବ୍ଧିକୁ ଭାରତୀୟ ଆଥଲେଟିକ୍ସଙ୍କ ପାଇଁ ଗୌରବଶାଳୀ କ୍ଷଣ କହିବା ସହ କହିଛନ୍ତି ଯେ, ଏହା ୯୦ମିଟରର ପ୍ରତିଷ୍ଠିତ ସୀମାକୁ ପାର କରିଥିବା ଏକ ଗୌରବଶାଳୀ କ୍ଷଣ ଅଟେ । ସେ ଲେଖିଛନ୍ତି ଯେ, ଭାରତର ସୁନା ପୁଅ ଓ ଅଲମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଦୋହା ଡାଇମଣ୍ଡ ଲିଗରେ ୯୦.୨୩ ମିଟରର ଚମତ୍କାର ଥ୍ରୋ କରି ୯୦ ମିଟରର ଐତିହାସିକ ସୀମାର ପାର କରିବାକୁ ନେଇ ଶୁଭେଚ୍ଛା । ଏହା ଭାରତୀୟ ଆଥଲେଟିକ୍ସ ପାଇଁ ଗର୍ବର କ୍ଷଣ ଅଟେ । ଓଡ଼ିଶା ପୂରା ଦେଶ ସହିତ ଏହି ଅଦ୍ଭୁତ ଉପଲବ୍ଧିର ଉତ୍ସବ ମନାଉଛନ୍ତି ।

## ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଆଜୀବନ ସଦସ୍ୟା ପ୍ରୀତିନନ୍ଦା କାନୁନଗୋ, ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଓ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଯୁବ ଖେଳାଳି ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ଗଦାଧର ବେହେରା ଉପସ୍ଥିତ ଥିଲେ ଓ ଉଦଘାଟନୀ ମ୍ୟାଚରେ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ - ଇ କମ୍ବାଇଣ୍ଡ ସ୍କୁଲ - ଏ କୁ ୧୧୧ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଇ ଟିମ ୩୦ ଓଭରରେ ୬ ଟି ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଚନ୍ଦନ କୁମାର ସିଂ ୯୬, ଅଭିଷେକ ଶର୍ମା ୪୬ ଓ ସତ୍ୟମ ସୁନ୍ଦର ସେନାପତି ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ମନ୍ମନ ସାନ୍ତରା ୩ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଏ ଟିମ ୨୦. ୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ଅବିନାଶ ଦାସ ୫୨ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ଦାସ ଓ ଲଳିତ ମହାପାତ୍ର ୩ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଚନ୍ଦନ କୁମାର ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ ଓ ବିଭିନ୍ନ ବିଦ୍ୟାଳୟରେ ୭ମ ରୁ ୧୦ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କୁ ନେଇ ଗଠିତ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ ୧୩ ଦିନ ଧରି ଅନୁଷ୍ଠିତ ହେବା ସହିତ ଚଳିତ ମାସ ୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ

## ଏସୀୟ ଅଭିଜ୍ଞତା ନେଇ ଫେରିଲେ ଆର୍ଯ୍ୟନ, ରଞ୍ଜିତ



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ହାଣ୍ଡବଲ ପ୍ରଚାର ପ୍ରସାରରେ ବହୁ ପଛରେ ପଡିଥିଲେ ମଧ୍ୟ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆନ୍ତର୍ଜାତିୟସ୍ତର ପହଞ୍ଚିପାରିଥିବା ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି ଓମାନରୁ ପ୍ରଚୁର ଅଭିଜ୍ଞତା ନେଇ ଫେରିଛନ୍ତି । ଏହି ଏସିୟ ପୁରୁଷ ବୀଚ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତମାସ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଓମାନର ମସକଟଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ଆର୍ଯ୍ୟନ ବ୍ରାହ୍ମିନ ୨୦୨୨ରେ ଯୁବ ବିଚ ହାଣ୍ଡବଲ (ଇରାନ) ଭାରତୀୟ ଦଳରେ ଏକ ମାତ୍ର ଓଡିଶା ଖେଳାଳୀ ଭାବେ ଅଂଶଗ୍ରହଣ କରିଥିଲେ । ଆର୍ଯ୍ୟନ ଓ ରଞ୍ଜିତଙ୍କୁ କାଲି ବିମାନ ବନ୍ଦରରେ ଓଡିଶାର ହ୍ୟାଣ୍ଡବଲ ଖେଳାଳି ଓ ପ୍ରଶଂସକମାନେ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ପାଛୋଟି ଆଣିଥିଲେ ।

## ଷଷ୍ଠ ଦିନରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନର ପ୍ରଥମ ମ୍ୟାଚ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଫ୍ରେଣ୍ଡସ ଉଇନାଇଟେଡ଼ ଫୁଟବଲ କ୍ଲବ, ଗୋପୀବଲ୍ଲଭପୁର ଶିମିଳିପାଳ ଫୁଟବଲ କ୍ଲବ, ଭୋଲାଗଡ଼ିଆ କୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି ଫାଇନାରେ ପ୍ରବେଶ କରିଛି ଓ ଦ୍ୱିତୀୟ ମ୍ୟାଚରେ ୨ୟ ସେମିଫାଇନାଲରେ ଝାଞ୍ଜିଡ଼ାପାଳ ଫୁଟବଲ କ୍ଲବ ରୟାଲ ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଓ ପିତାମ୍ବର ମୁର୍ମୁ ଏକ ମାତ୍ର ଗୋଲ କରିଥିଲେ ଓ ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ ଓ ଏହି ଅବସରରେ ବରିଷ୍ଠ ଖେଳାଳି ଲଲାଟେନ୍ଦୁ ବେହେରା, ମନୋରଞ୍ଜନ ଜୀଉ, ସୋମନାଥ ସିଂହ ଓ ପ୍ରତାପ ବେହେରା ମୁଖ୍ୟ ଆୟୋଜକ ଲୋହିତ ଦାଶ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଫାଓ ଉପ ସଭାପତି ଅସିତ ପତି, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ସେଙ୍ଗଲ ଦା, ଯଦୁନାଥ ମାଝୀ, କୁମାର ରଞ୍ଜନ ପଣ୍ଡା, ନନ୍ଦଲାଲ ମହାପାତ୍ର, କୈଳାଶ ବେହେରା, ବିଜୟ କୁମାର ଦାସ (ମଣ୍ଟୁ ଦା), ହରିଶ ଷଡ଼ଙ୍ଗୀ, ତ୍ରୈଲୋଚନ ପାତ୍ର, ତପନ କୁମାର ସିନ୍ହା, ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ, ସୁକେନ୍ଦୁ ଦାସ ଉପସ୍ଥିତ ଥିଲେ ଓ ଆସନ୍ତା କାଲି ୧ମ ଫାଇନାଲ ମ୍ୟାଚ କିସାନ ବ୍ରଦର୍ସ ଫୁଟବଲ କ୍ଲବ ଓ ଫ୍ରେଣ୍ଡସ ଉଇନାଇଟେଡ଼, ଗୋପୀବଲ୍ଲଭପୁର ଏବଂ ୨ୟ ଫାଇନାଲ ମ୍ୟାଚ ରୟାଲ ଫୁଟବଲ କ୍ଲବ, ଝାଞ୍ଜିଡ଼ାପାଳ ଓ ଭେଟେରାନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ଓ

e-Procurement Cell
OFFICE OF THE EXECUTIVE ENGINEER
SPECIAL WORKS DIVISION
BUILDING CONSTRUCTION DEPARTMENT, RANCHI.

VERY VERY SHORT TERM NOTICE INVITATION QUOTATION
Quotation Reference No:EE/BCD/Special Work Division BCD, Ranchi/NIQ-05/2025-26
( Rate Purpose Only)

E- quotations are invited for the work of **Construction of Proposed Jharkhand Guest House at Puri Odisha for the year of 2025-2026** for supply fitting and fixing for all materials from Reputed Shop Keepers, Manufacturers, Suppliers, tree plant Suppliers, Retailers, Distributors, Registered B.C.D. Contractors and other for following items. They should quote their rates for unit mentioned in the table. If they do not deals all of the below mentioned items. Then they are allowed to quote their rate for part of the items which ever they deals. The rates should be exclusive of all types of Taxes, GST, Contractor's Profit and overhead charges etc. but inclusive of Royalty. All Rates should be exclusive of Labour Cess.

Term and Condition
1. The quotationer shall furnish pan, GST registration no.
2. The rate quoted by quotationer shall be firm and final.
3. The undersigned reserves the right to accept or reject/cancel any or all quotations without assigning any reason thereof.

नोट:–
1. वेबसाईट में ई–कोटेशन प्रकाशन की तिथि 26.05.2025 के अपराह्न 3:00 बजे।
2. वेबसाईट में ई–कोटेशन अपलोड की अंतिम तिथि 02.06.2025 के अपराह्न 3:00 बजे तक।
3. ई–कोटेशन खोलन की तिथि एवं समय 03.06.2025 अपराह्न 3:30 बजे।
4. ई–कोटेशन आमंत्रित करने वाले पदाधिकारी का नाम एवं पता कार्यपालक अभियंता, विशेश कार्य प्रमण्डल, भवन निर्माण विभाग, राँची।
5. ई–कोटेशन प्रकोश्ठा का दूरभाष सं0–7903899611

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

Nodal Officer
e-Procurement Cell, Office of the Executive Engineer
Special Works Division, BCD, Ranchi

PR 352780 Building (25-26)_D

ई–प्रोक्योरमेंट सेल
पेयजल एवं स्वच्छता विभाग झारखण्ड, राँची

अति अल्पकलीन ई–प्रोक्योरमेंट निविदा
(द्वितीय आमंत्रण)

अल्पकालीन निविदा सूचना संख्या – DHN-1 /03/2025-26    दिनांक:–17.05.2025

| क्र0 | विवरणी | ग्रुप नं0 | संख्या | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|
| 1 | Replacement of Rotten Riser Pipe of 32 mm dia., Connecting rods, C.I Cylinders (wherever required) etc. under D.W.& S. Division No-1, Dhanbad, on Turn Key Basis for the Year 2025-26 under DMFT | RRP/GOV | 160 vnn | 23.5956 | 0.48 | 5000.00 |
| | | RRP/KAN | 140 vnn | 20.64615 | 0.42 | 5000.00 |
| | | RRP/KAL | 145 vnn | 21.38351 | 0.44 | 5000.00 |
| 2 | कार्य पूर्ण करने की अवधि | 45 Days | | | | |
| 3 | वेबसाइट पर निविदा प्रकाशन की तिथि | 19.05.2025 .समय 04:00 बजे अपराहन् | | | | |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025 समय 05:00 बजे अपराहन् तक | | | | |
| 5 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025 समय 05:00 बजे अपराहन् तक | | | | |
| 6 | तकनीकी बिड खोलने की तिथि एवं समय | 28.05.2025 समय 05:00 बजे अपराहन् | | | | |
| 7 | तकनीकी बिड खोलने का स्थान | कार्यपालक अभियंता का कार्यालय, पेयजल एवं स्वच्छता प्रमण्डल सं.1, धनबाद। | | | | |
| 8 | निविदा आमंत्रित करने वाले पदाधिकारी का नाम/पदनाम | रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबादं | | | | |
| 9 | प्रोक्योरमेंट पदाधिकारी का सम्पर्क संख्या | 0326-3148874 | | | | |
| 10 | ई–प्रोक्योरमेंट सेल का हेल्पलाईन संख्या | 0651-2480345 | | | | |

नोट – 1. केवल ई निविदा ही स्वीकार किये जायेंगे।
2 प्राक्कलित की राशि घट–बढ सकती है, तदनुसार परिमाण विपत्र में अंकित प्राक्कलित राशि के आधार पर अग्रधन की राशि एवं परिमाण विपत्र का मूल्य मान्य होगा।
3. अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

कार्यपालक अभियंता, पेयजल एवं स्वच्छता प्रमण्डल
संख्या–01, धनबाद।

PR.NO.352821 Drinking Water and Sanitation(25-26):D

Office of the Executive Engineer, Drinking Water & Sanitation Division, Sahibganj

Very Short Term Tender e-Procurement Notice (8th Call)

e-Tender Reference No. :- **DWSD/SAHIBGANJ- 11/2024-25**    Date- 16.05.2025

| Sl. | Name of Work | Name of Scheme | Group No. | Model No. | No. of Schemes | No. of FHTC | Estimated Cost (In Lac) | Earnest Money (In Lac) | Cost of BOQ (In Rs.) | Month |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | | 7 | 8 | 9 | 10 |
| 1 | 1. Construction of rural water supply Scheme with 1.0 HP DC Solar motor pump complete set &Construction of DT/GPT/HYDT/HYGPT (as applicable) Bore wellfor Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 2. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. **(Model-3)** **3.**Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ Areas which is not included in MVS and no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand.**(Model-4)** | Topara Group of SVS | SVS-03 | 1B | 21 | 616 | 193.38 | 3.90 | 10000.00 | 6 Months |
| 2 | Date & Time of Publication of Tender on website | | 19.05.2025/ 06:00 P.M | | | | | | | |
| 3 | Last Date & Time for receipt of Bid | | 24.05.2025/ 05:00 P.M | | | | | | | |
| 4 | **Last date/ time of Online submission of Earnest Money and Cost of BOQ**(As per Letter No.-120, dated-03.10.2023 of Secretary to Govt., Information Technology & e - Governance Department, Govt. of Jharkhand) | | 24.05.2025/ 05:00 PM | | | | | | | |
| 5 | Date & Time of Opening of Tender | | 26.05.2025 / 05:00 PM | | | | | | | |
| 6 | Name & address of office inviting tender | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 7 | Name & address of Opening officer | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 8 | Contact No. of Procurement Office | | 9264195681 | | | | | | | |
| 9 | Helpline No. of e-procurement cell | | 9264195681 | | | | | | | |

Note:-
- No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated cost may be increase or decrease.

Executive Engineer
Drinking Water and Sanitation, Division Sahibganj

PR 352744 Drinking Water and Sanitation (25-26)_D



## କୋକିଳ କଣ୍ଠି

✶ ଜଗଦୀଶ ସାହୁ

ରସାଳ ତୋଟାରେ କୋଇଲି ଗାଉଛି
ଧରିଛି ପଞ୍ଚମ ତାନ
ତୁମେ ସେହିପରି ମଧୁର କଣ୍ଠରେ
ସଙ୍ଗୀତ କରୁଛ ଗାନ ।

ତୁମରି କଣ୍ଠରେ କି ଯାଦୁ ରହିଛି
ସଭିଏଁ ପାଆନ୍ତି ଭଲ
ତୁମରି ସଙ୍ଗୀତ ଶୁଣିବା ପାଇଁକି
ଧାଇଁଥାନ୍ତି ପଲପଲ
ଅମୃତ ଝରା ସେ ଗୀତ ଶୁଣିବାକୁ
ଟାଣି ହୋଇଯାଏ କାନ ।

ଦେବୀ ସରସ୍ୱତୀ କୃପାବଳେ ତୁମେ
ନିଶ୍ଚୟ କରିବ ନାଆଁ
ତୁମ ପାଇଁ ଦିନେ ପ୍ରସିଦ୍ଧ ହୋଇବ
ତୁମ ଦେଶ ତୁମ ଗାଆଁ
କରୁଣାର ହାତ ବଢ଼ାଇବେ ନିଶ୍ଚେ
କୃପାମୟ ଭଗବାନ ।

ବୀଣାଜିଣା କଣ୍ଠେ ସବୁ ପରକାର
ଗୀତ ତୁମେ ଗାଇପାର
ଦେଖିବ ନିଶ୍ଚୟ ପ୍ରସିଦ୍ଧି ଲଭିବ
ଏହା ନୁହେଁ ପାଣିଗାର
ତୁମ ପାଇଁ ତୁମ ପିତାମାତାଙ୍କର
ନିଶ୍ଚୟ ବଢ଼ିବ ମାନ ।

ଓଡ଼ିଶା ଭାସ୍କର, ଭୁବନେଶ୍ୱର
ଫୋ : ୨୫୮୭୮୦୨



# ନିଃଶବ୍ଦ ଯନ୍ତ୍ରଣା



**ଅନସୂୟା ପଣ୍ଡା**

ବାହାହେବା ପ୍ରସଙ୍ଗ ଆସିବା ମାତ୍ରେ ନିହାରିକା ତା' ମନର ଇଚ୍ଛା ବୋଉକୁ ସ୍ପଷ୍ଟ ଶୁଣେଇ ଦେଇଥିଲା। ସେ ଭଲ ପାଠୁଆ ପିଲାଟିଏକୁ ବାହା ହେବ। କଳା-ଗୋରା, ଗରିବ-ଧନୀ ଏ ସବୁ କଥା ମୁଣ୍ଡରେ ଆଣି ପୁରେଇବନି। ଆଉ ସେ ସମସ୍ତଙ୍କ ଭଳିଆ ଏକୁଟିଆ ରହିବନି, ବାହାରେ କେଉଁଠି। ସେ ବଧୂ ନିରୁପମା ପରି ପରିବାରର ସଂସ୍କାରୀ ବୋହୂଟିଏ ହେବ। ଭଗବାନ ବଡ ଦୟାଳୁ। ଆମେ ଯେବେ କିଛି ଭାବୁ, ସେ ତଥାସ୍ତୁ କରିଦିଅନ୍ତି। ସେ ନିହାରିକାର ଇଚ୍ଛାରେ ମନ୍ତୁରା ପାଣି ଛିଞ୍ଚି ବୋଧହୁଏ ତଥାସ୍ତୁ କରି ଦେଲେ। ସ୍ୱାମୀ ମିଳିଲେ ଖୁବ୍ ସୁନ୍ଦର, ମନଲାଖି, ତା' ସହ ଉଚ୍ଚ ଶିକ୍ଷିତ। ମନ ତୃପ୍ତିରେ ଭରିଗଲା। ଗାଁର କନକ ମାଉସୀ ସବୁବେଳେ କହନ୍ତି, ନିଜ ଇଚ୍ଛାର ଜିନିଷ ସବୁ କେବେ କେହି ଏକାବେଳେ ପାଏନି। ନିଜେ ନିଜେ ଭାବି ହସିଲା। ମନେ ମନେ କହିଲା ନିହାରିକା,"ମାଉସୀ ଦେଖ! ମୁଁ କେମିତି ମୋ ରୁଚିରେ ସବୁ ପାଇଯାଇଛି। ଘର ବର ସ୍ୱାମୀ ପରିବାର ସବୁ ମୋ ଇଚ୍ଛାନୁରୂପର। ତୁମ ବାଣୀ ମୋ ପାଇଁ କାଟୁ କଲାନି।"

ବାହାଘର ଭଲରେ ସରିଗଲା। ଘରେ କିଛି କରୁ ନଥିବା ନିହାରିକା, ତା' ସାଧ ମତେ ଏଠି କାମ କଲା। ଦେଖିଲା ଦୁରରୁ ରଙ୍ଗୀନ ଦିଶୁଥିବା ସହର ଭିତରେ ଅନେକ ଆବର୍ଜନା। ଯେଉଁଠି ପାଦ ରଖିଲା, ପ୍ରତୀତ ହେଲା ଶିଉଳିଆ। ହେଲେ ମନ ଉଣା କଲାନି। ସମୟ ଏକ ବିଶାଳ ସ୍ରୋତ। ବିବାହର ଅଷ୍ଟମଙ୍ଗଳା ଦିନ ଘରୁ ଆସିବା ବେଳେ ଇଚ୍ଛା ହେଉଥିଲା, ବୋଉର କାନି ଜାବୁଡ଼ି ଧରି କହିବ ଆଉ ଶାଶୁଘରକୁ ଆସିବିନି। ମନରେ ସ୍ୱପ୍ନାୟିତ ଭାବନା। କିନ୍ତୁ ଆଖିରେ ବାସ୍ତବତାକୁ ଭେଟିଲା ପରେ ନିହାରିକାର ମନ ଭିତରେ କେମିତି ଗୋଟେ ନିଃଶବ୍ଦ ଯନ୍ତ୍ରଣା ଗୋଡୋଉଥିଲା। କଟକଣାର ନାଳି ଆଖି ତା' ଅଝଟ ମନର କୋମଳ ଚିନ୍ତାଧାରାକୁ ମସୃଣ କରି ଚାଲିଥିଲା। ସ୍ୱାମୀଙ୍କୁ କହିଦେଇଥିଲା ସେ ଏଇଠି ନଣନ୍ଦ, ଦିଅର, ତଥା ଶାଶୁଶ୍ୱଶୁରଙ୍କ ସହ ରହିବ। ଏକ ସଂଭ୍ରାନ୍ତ ଯୁଗ୍ମ ପରିବାର ଲାଗି ଏକ ନାନ୍ଦନିକ ଭୂମି ପ୍ରସ୍ତୁତ କରିବ। ବିରାଡି କପାଳକୁ ଶିକା ଛିଣ୍ଡିଲା ପରି ସ୍ୱାମୀ ମହାଶୟ ଖୁସି ହେଇଗଲେ। ଆତ୍ମତୃପ୍ତିରେ ନିହାରିକାକୁ କୁଣ୍ଢେଇ ପକେଇଲେ। ସ୍ୱାମୀର ଖୁସି ଦେଖି, ବହୁତ ଆନନ୍ଦ ହେଲା। ସକାଳ ଉଠିବାଠାରୁ ଶୋଇବା ଯାଏ ଘର କାମ। ସମସ୍ତେ ଖୁସି ହେଉଥାନ୍ତି। ଘରକୁ ବନ୍ଧୁବାନ୍ଧବ ଆସିଲେ, ସେମାନେ ସତରେ କି ମିଛରେ ଯାହାବି ହେଉ ନିହାରିକାର ଶାଶୁଙ୍କୁ କହନ୍ତି ମୀନା,"ତୁ ସତରେ ବଡ ଭାଗ୍ୟବାନ। ନହେଇଥିଲେ ଏ ଯୁଗରେ ଏମିତି ବୋହୂ ପାଇ ନଥାଆନ୍ତୁ।" ସମସ୍ତେ ଶୋଇଲେକି ନାହିଁ,ମଶାବତୀ ଲଗେଇବା, ମଶାରୀ ଟଙ୍ଗା ସବୁ ବୁଝିବା ପରେ ନିଜ ବିଛଣାକୁ ଯାଏ ନିହାରିକା। ଶାଶୂଙ୍କୁ ପ୍ରତିଦିନ ମୋଡି ଘଷି ଦିଏ। ସମସ୍ତେ ଉଠିବା ବେଳକୁ ଉଠି ବାସୀ କାମ ବି ସାରି ଦେଇଥାଏ। ପ୍ରଶଂସାର ମଦିରା ଅନେକ କାମ ହାସଲ କରିପାରେ। ଠିକ୍ ସେମିତି ଶାଶୂ ଖୁବ୍ ନାନ୍ଥ କରି କାମ ଆଦାୟ କରନ୍ତି। ସେଥିରେବି ବୋକି ନିହାରିକା ଖୁସି। ସତରେ କ'ଣ ସେ ବୋକି ଥିଲା ? ନା ! ସେ ନିଜର ବୋଲି ଭାବି ମଟାଳି ହେଇଯାଇଥିଲା ସେ ଘରର ମାଟିରେ। ସ୍ୱାମୀ ମାସକୁ ଥରେ ଦୁଇଦିନ ପାଇଁ ଆସନ୍ତି। ଯେମିତି ଛୁଟି ସମୟ ସରେ, ପୁଣି ଚାଲିଯାଆନ୍ତି। ଶାଶୂଙ୍କୁ କାମ ବେଶି କରେଇ ଦିଏନି। କହେ, ତୁମେ ଦୁଇ ଝିଅଙ୍କ ସାଙ୍ଗରେ ଗପ ଫୋନରେ। ମତେ କ'ଣ କରିବି ଖାଲି କୁହ, ମୁଁ ସବୁ କରିଦେବି। ସତରେ ବିବାହ ମଣିଷକୁ ଶୃଙ୍ଖଳିତ ଜୀବନ ଦେଇଥାଏ, ଧୀରେ ଧୀରେ ଦାୟିତ୍ୱବୋଧକୁ ଶିଖାଇଥାଏ। ହଠାତ୍ ଦିନେ ଶାଶୂଙ୍କର ଫୋନ୍ କାମ ଦେଲାନି। ନିହାରିକାକୁ ଦେଖିବାକୁ ଦେଲେ। ନିହାରିକା ଦେଖୁ ଦେଖୁ ହଠାତ୍ ରେକର୍ଡିଂଟା ମାରିଦେଲା । ଦେଖିଲା ନଣନ୍ଦ କହୁଛନ୍ତି, "ଭଲ ହେଲା ମାଆ! ତତେ ଗୋଟେ କାମବାଲୀ ସୁରୁଖୁରୁରେ ମିଳିଯାଇଛି। ଭାଇ ତ ତା'ର ପଇସା ଲୋଭରେ ଏପଟେ ଦୀପିକାକୁ ଧରି ଲିଭ୍ ଇନ୍ ନାଟ କରୁଛି। ଏମିତିବି ଅଜବ ଝିଅ ଏ ଯୁଗରେ ଅଛନ୍ତି।" ନିହାରିକାର ଶାଶୂ କହୁଥାନ୍ତି, "ଦେଖୁନୁ! ଚାକିରି ଖଣ୍ଡେ କରିଥିଲା। ତାକୁ ଛାଡି ଏଠି କାମ କରୁଛି। ତା' ଭାଗ୍ୟ। ବନିଶୀ କଣ୍ଟାର ଜିଅଳ ସାଜି ସ୍ୱାମୀଙ୍କୁ ବଶକୁ ଆଣିଲେ ଭଲ। ଏବେ ତୁମେ ସବୁ ଚୁପ୍ କର। ଯଦି ଶୁଣିଦେବ ତୋ ଭାଇର ଅସଲ କାରନାମା, ତେବେ ସବୁ ସରିଗଲା।" ଅସ୍ଥିରତାରେ ନିହାରିକାର ମୁଣ୍ଡ ଘୂରେଇ ଦେଲା। ତା ବଧୂ ନିରୁପମାର ନିଶା ଉତୁରିଗଲା। ଲାଗିଲା ଦରଦହୀନ ସମୟର କ୍ରୀଡନକ ସାଜି ମିଛ କୁହୁଡିରେ ପହଁରୁଛି।ଅବିଶ୍ୱାସର ବାଲିଚରରେ,ତା' ମୁଣ୍ଡ ଭିତରେ, ଛାତି ଭିତରେ ପୁଳା ପୁଳା ଯନ୍ତ୍ରଣା। ଏମିତି ପରିସ୍ଥିତିରେ କ'ଣ କରିବ ଜାଣି ପାରିଲାନି। କାହାକୁ ଏ କଥା କହିବ ? କୋହ ସବୁକୁ ଢୋକି ଆଖିବନ୍ଦ କରି ବସିଲା କିଛି ସମୟ। ଲାଗିଲା ଚାରିପଟେ ନିଶ୍ଛିଦ୍ର ଅନ୍ଧକାର। ବୋଉକୁ ତ ସେ ହିଁ କହିଥିଲା, ଉଚ୍ଚ ଶିକ୍ଷିତ ବାହା ହେବ। ମନ ଭିତରେ କିଏ ଯେପରି କହୁଥିଲା, "ତୁ ଛିନ୍ନମସ୍ତା! ତୁ ସବୁ ପାରିବୁ! ତୁ କ୍ରାନ୍ତିର ମଶାଲ ଜାଳି ଅନ୍ଧାରକୁ ଅବଦମିତ କରିପାରିବୁ। ସବୁ ଦୁଃଖର ଶେଷ ଅଛି। ନୂତନ ନିଜସ୍ୱ ପୃଥିବୀଟିଏ ସୃଷ୍ଟି କର।" ଯଥାର୍ଥ ପ୍ରତିକାର ଲାଗି ସକାଳୁ ଉଠି କଲେଜ ଯିବା ପାଇଁ ରେଡି ହେଇଗଲା। ପୂର୍ବ ଦିଗରେ ଆକାଶର ନାଳିମା। ସଫଳତାର ରଙ୍ଗ ଲାଲ। କିଛି ନ ଜାଣିଥିବାର ସ୍ୱାଭାବିକ ଅଭିନୟ କଲା। ଛଳ ଅଭିନୟକୁ ଅଭିନୟରେ ହିଁ ପରାସ୍ତ କରା ଯାଇପାରିବ। ଶାଶୂ ତଟସ୍ଥ ହେଇ ଚାହିଁଥିଲେ ଆଉ ପଚାରୁଥିଲେ, "ନିହାରିକା! କୁଆଡେ ତୁ ବାହାରିଛୁ ମା' ?"
-ବୋଉ ଘର କାମ ସବୁ ସାରିଦେଇଛି ଆଜିର। ମୁଁ ଆଜିଯାଏ ଛୁଟି ନେଇଥିଲି। ଆଜି ଜଏନ୍ କରିବି କଲେଜରେ। ଫେରୁ ଫେରୁ ସଞ୍ଜ ହେବ। ବାକି କାମ ତୁମର। ସମ୍ଭ୍ରମତାର ସହ ଶାଶୁଙ୍କୁ ଉତ୍ତର ଦେଲା।
ଅବିଶ୍ୱାସର ବିଷାଦକୁ ମନରେ ଲେସି ଘରୁ ବାହାରିଗଲା। ଗୋଡ ଉଠୁ ନଥାଏ। ତଥାପି ତାକୁ ଏ ଚକ୍ରବ୍ୟୂହରୁ ମୁକୁଳିବାକୁ ପଡିବ। ବସି ପଡିଲା ବସରେ। ଭାବୁଥିଲା ବିଭୁ ସାର୍ ତା ପଛରେ ପଡ଼ିଥିଲେ। ମୋତେ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ଭଲ ଷ୍ଟୁଡେଣ୍ଟ ନୁହନ୍ତି ବୋଲି ମୁଁ ନାହିଁ କରି ଦେଇଥିଲି। ନିଜ ନିଷ୍ପତ୍ତି ଉପରେ ପଶ୍ଚାତ୍ତାପ କରୁଥିଲି। ଏ ପର୍ଯ୍ୟନ୍ତ ବି ସେ ଅବିବାହିତ। ଏ ଭିତରେ କେତେବେଳେ କଲେଜରେ ଆସି ପହଞ୍ଚି ଯାଇଥିଲି। ସେଠି ତାକୁ ଦେଖି ଦୌଡି ଆସିଲେ କେତେଜଣ ବାନ୍ଧବୀ। ପ୍ରଶ୍ନବାଣରେ ନୟାନ୍ତ କଲେ। ସେ ନୀରବ ରହି ଶୀତଳ ହସଟିଏ ହସି ଦେଇ ଚାଲିଲା ବିଭୁ ସାର୍ଙ୍କ ପାଖକୁ। ବିଭୁ ସାର୍ ଆଶ୍ଚର୍ଯ୍ୟ ମିଶା କଣ୍ଠରେ କହିଲେ ଯାହା ହେଉ ଏତେ ଦିନ ପରେ ଆମେ ସବୁ ମନେ ପଡିଲୁ। ବିଭୁ ସାରଙ୍କୁ ଦେଖି, ଲୁହ ଅଟକୁ ନଥିଲା ନିହାରିକାର। ଟିକିଏ ଦମ୍ଭ ପାଇଲା ପରି ଅନୁଭବ କଲା। ତଳକୁ ମୁହଁ କରି ଠିଆ ହୋଇ ନିହାରିକା କହୁଥିଲା, "ସରି ସାର। ମୁଁ ମଣିଷ ଆଉ ସୁଖ ବଦଳରେ ଅଙ୍ଗାର ସମ ଉଚ୍ଚ ଶିକ୍ଷିତ ଟ୍ୟାଲେଣ୍ଟେଡ୍ ଲୋକକୁ ବାଛିଥିଲି। ଚରିତ୍ର କଥା କେବେ ଭାବି ନଥିଲି । ଅସ୍ତିତ୍ୱ ଶୂନ୍ୟ ଶିକ୍ଷିତ ଅଥଚ ନିଦରଦୀ ପରିବାରକୁ ପାଇ ଜୀବନ ମୋର ସର୍ବଶ୍ୱାନ୍ତ।" ଅବିଶ୍ୱାସନୀୟ ସମୟ ଚୋଟରେ ନିହାରିକା ଅବୁଝା ମନ ଭିତରୁ ଭ୍ରମର ପରଦା ସବୁ ହଟି ଯାଉଥିଲା। ଦୃଢ ମନା ହୋଇ ଅଡୁଆ ସମ୍ପର୍କକୁ ଛାଡପତ୍ର ପାଇଁ ସ୍ୱଷ୍ଟାକ୍ଷରରେ ଆବେଦନ କରି ନିଜର ଶୈକ୍ଷିକ କ୍ୟାରିଅର୍ ଗଢିବାକୁ ଲାଗିଲା। ଆଉ ପଛକୁ ଚାହିଁନି।

*ବୁର୍ଲା, ସମ୍ବଲପୁର*
*୯୪୩୯୨୧୧୯୭୧*




## ମଧୁମାଳତୀ

✶ନଳିନୀ ଦାଶ

ମଧୁମାଳତୀ ତୁ ଚପଳମତୀ ଲୋ
ନିଦାଘ ଯାଉଛୁ ସହି
ଶୋଭାର ପସରା ମେଲାଇ ଦେଇଛୁ
ଦିଶୁଛି ସୁନ୍ଦର ମହୀ ।

ଧଳା ଗୋଲାପିର ରଙ୍ଗ ତୋର ଦେହ
ଲତାରେ ତୁ ଫୁଟିଥାଉ
ଜଗତରେ ତୋର ମଧୁର ମହକ
ନିତି ତୁ ଛୁଟାଇ ଦେଉ ।

ଆକାଶ କୂରେ ଜହ୍ନ ଉଇଁଗଲେ
ଜୋଛନା ଦିଅନ୍ତି ଢ଼ାଳି
ବାସନାରେ ତୋର ଛୁଇଁ ଯାଏ ମନ
ଚଉଦିଗ ଯାଏ ଖେଳି
ସଞ୍ଜ ସକାଳରେ ଲାଗି ହେଉଥାଉ
ଦେବାଦେବୀଙ୍କର ଶିରେ
ଜୀବନ ତୋହର ସାର୍ଥକ ହୁଅଇ
ଜନମି ଏ ଧରଣୀରେ ।

ବଇଶାଖ ମାସ ଖରା ଛୁଉଁନାହିଁ
ପବନ ଦୋଳିରେ ଝୁଲି
ନିଦାଘ ସହୁଛୁ ମହକ ବାଣ୍ଟୁଛୁ
ବରଷା ବସନ୍ତ ଭୁଲି ।

ମଧୁମାଳତୀ ଲୋ ଚନ୍ଦନ ପରାୟେ
ଖରା ତେଜ ମାଖି ହୋଇ
ସାରା ଜଗତକୁ ଖୁସି ଦେଉଅଛୁ
ବନ ଉପବନେ ଥାଇ ।

ମହୁମାଛି ଉଡି ତୋ ଉପରେ ବସି
ମହୁ ନେଇଥାଏ ଶୋଷି
ଛିଟ ପ୍ରଜାପତି ଉଡିଉଡି ଯାଏ
ଆନନ୍ଦ ମନରେ ହସି ।

କଳା ଭଅଁରଟା ଚାରିପାଖେ ଘୁରେ
ତୋର ମହକରେ ଆସି
ଧରଣୀ କୋଳରେ ମଧୁବର୍ଷା କରି
ଦେଉଅଛୁ ନିତି ଖୁସି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୭୬୪୯*

## ଗାଆଁ ମଣିଷ...

✶ ରାମଚନ୍ଦ୍ର ବେହେରା

ରାତି ପରେ ଦିନ ମାସ ପରେ ବର୍ଷ
ବହିଚାଲେ ଅବିଶ୍ରାନ୍ତେ
ବିକାଶର ଲକ୍ଷ୍ୟ ହୃଦୟେ ଜାବୁଡି
ଖଟଇ ଯେ ବିନା ସର୍ତ୍ତେ
କ୍ଳାନ୍ତହୀନ ଶ୍ରମ ଦେଇ
ଧରଣୀ ବୁକୁରେ ଝାଳ ଯେ ନିଗାଡେ
ଗାଆଁର ମଣିଷ ସେଇ।

ତା' ଜୀବନେ କେବେ ଆସେନି ସକାଳ
କୋମଳ କିରଣ ଧରି
ଭଗ୍ନ କୁଟିଆକୁ ସୀମିତ ସମ୍ବଳେ
ପାରେନି ଛପର କରି
ଯାହାମିଳେ ଶ୍ରମଦାନେ
ଶାଗ ପଖାଳକୁ ହରଷେ ଖାଇ ସେ
କାଳ କାଟେ ଖୁସି ମନେ।

ତା'ପାଇଁ ହସଇ ଗାଆଁ ବିଲବାଡି
ଫଳଇ ଫସଲ ସୁନା
ତା'ପାଇଁ ଚମକେ ସହର ବଜାର
ଆଧାରିକ ସଂରଚନା
ସେ ଆଜି ଅବହେଳିତ
ଅନ୍ୟ ପାଇଁ ସାଜେ ଜୀଇଁବାର ସ୍ରୋତ
ଦୁଃଖ ସହି ଅପ୍ରମିତ।

ଗାଆଁର ମଣିଷ ଲୋଡେନି ଜୀବନେ
ଐଶ୍ୱର୍ଯ୍ୟ ସମ୍ପଦ ସୁଖ
ତା' ଫଟା ବସନେ ଛପି ରହିଥାଏ
ଅନେକ ଅକୁହା ଦୁଃଖ
ପ୍ରଗତିର ବାର୍ତ୍ତାବହ
ନିଜ କଷଣକୁ ହୃଦୟେ ସାଇତି
ଜଗତକୁ ବାଣ୍ଟେ ସ୍ନେହ।

ଆସ ସୁଧିଜନେ ତା' କୋମଳ ପ୍ରାଣେ
ଦେବାନାହିଁ ପ୍ରବଂଚନା
ତା' ଦୁଃଖ କଷଣେ ସହଭାଗୀ ହୋଇ
ଦେବା ସଦା ଆଶ୍ୱାସନା
ବୁଝିବା ତା' ମନ କୋହ
ଦେଶ ପାଇଁ ଯିଏ ଦେଉଛି ଜୀବନ
ପୋଛିଦେବା ତା'ର ଲୁହ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*

## ଦିଗାଲ ବାବୁଙ୍କର ଅବସର ଅନ୍ତରାଳେ

✶ ଡ. ଦୀପକ କୁମାର ମିଶ୍ର



ଅବିଶ୍ରାନ୍ତ ପରିଶ୍ରମକୁ କାନ୍ଧରେ ବୋହି
ସଂଘର୍ଷର ଖନ୍ଦା ଅତିକ୍ରମ କରି
ନିଦ, ଭୋକ, ଦକ ଆଦିଙ୍କୁ
କଞ୍ଚି ମାରି କିଳି
ଏକ ଦୀର୍ଘ ଅବଧିକୁ ଦୀର୍ଘଶ୍ୱାସଟେ ମାରି
ଶାନ୍ତିରେ ଶେଷ କରିଦେବା ହିଁ
ବୋଧେ ଚାକିରିର
ଶ୍ରେଷ୍ଠ ପୁରସ୍କାର ।

ଚାକିରିର ଚକା ଭଉଁରୀରେ
ଚକ୍କର କାଟି କାଟି ଥକି ପଡ଼ିଥିବା
ଏଇ ଆମ ଦିଗାଲ ବାବୁଙ୍କ ଓଠରେ ଥିଲା
ଚେନାଏ ମୁଚୁକୁନ୍ଦ ହସ,
ଜୀବନର କିଛି ବିରୋଧାଭାସ
ଅଳ୍ପ କିଛି ମାନ ଅଭିମାନ,
ଏଇ ଯେମିତି
କୋହର କଦମତାଲ
କାହାକୁ ଦେଖାଇ ନପାରିବାର
ଅଶୁଣା ବୃଥା ଅଭିଯୋଗ ।

କହିଲେ, ମୁହଁ ପୋଛି
ନିଦରେ ବିଳିବିଳେଇ ହୋଇ ବି
ବ୍ୟକ୍ତି ଅବ୍ୟକ୍ତିଙ୍କ ସହ ସାଲିସ କରି
ଝାଳନାଳ ହୋଇ
ଜୀବନକୁ ବଞ୍ଚିବା ନାଁରେ
ଲମ୍ବା ଫିତାରୁ କିଛି କିଛି କାଟି
ଫିଙ୍ଗିଦେବା କଥା ହିଁ

ସଫଳ ଅବସର କାହାଣୀର
ଲମ୍ବା ଇତିବୃତ୍ତ ।

ଘର କରିନାହାନ୍ତି ଦିଗାଲ ବାବୁ
ଦଶଦିଗରେ ଛ' କୋଡ଼ି ଚିନ୍ତା
ଘେରି ଘେରି ବୁଲି
ଭୁଲି ଯାଇଛନ୍ତି ତାଙ୍କର ନିଜର ଆସ୍ଥାନ ।

ଯାହା ହେଉ ସମସ୍ତେ କହିଲେ
ଦିଗାଲ ବାବୁ ଭଲଲୋକ,
ମୁଣ୍ଡ ଟୁଙ୍ଗାରି କହିଲି....
ଭଲଲୋକର ଜୀବନ ସାରା ସାଲୁବାଲୁ
କଷ୍ଟ ଆଉ କଷ୍ଟ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*



## ନଦୀ

✶ ସଦାଶିବ ବିଶ୍ୱାଳ

ନଦୀ...
ବୁନ୍ଦା ବୁନ୍ଦା ବର୍ଷା ଜଳ ବହି
ଟିକିଟିକି ଝରଣା ସାଥିରେ ନେଇ
ତଳକୁ ତଳକୁ ଧାଏଁ
ସାଗର ଭେଟିବା ପାଇଁ।

ନଦୀ..
ପଥରେ ପାହାଡ଼ ଘନ ଜଙ୍ଗଲ
ବନ୍ଧୁର ପଥ ଭେଦି
ଦିଗହରା ଗତିଶୀଳ ସଦା
ଜାଣେନା ଅନ୍ତ କେଉଁଠି
ସଦା ଦୁର୍ବାର ଗତି।

ନୀଡ ଖୋଜି ଯାତ୍ରା ଶ୍ରାନ୍ତ ଗତି
ସାଗର ପ୍ରାନ୍ତେ ଯାଇ
ଭୟରେ ସାଗରେ ଦେଖିଇ
କିନ୍ତୁ ଆତୁର ମିଶିବା ପାଇଁ।

ଅୟରାମ୍ଭେ ନଦୀ ବୋଲି ପରିଚୟ
ଖୋଜେ ପରିଚୟ ସାଗରେ ଯାଇ
ସାଗରେ ମିଶି ଅନୁଭବ କରେ
ମହାସାଗର ଯାଇଛି ହୋଇ ।

*କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ*
*ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର*
*ଅଙ୍ଗାରୁଆ, କେଉଁଝର*

## ଏଇତ ଜୀବନ

✶ ଶାନ୍ତିଲତା ସାହୁ



କେବେ ଖରା ଛାଇ କେବେ ସେ ଅଝଟ
କେବେ ସେ ଖିଆଲି ଖେଳ
କେବେ ମତୁଆଲା ଝଡ଼ର ଇଗଲ୍
ଋତୁର ବସନ୍ତ ବେଳ।

କେବେ କାଶତଣ୍ଡୀ ଝରା ବଉଳ ସେ
ଶେଫାଳୀର ଭାଗ୍ୟ କଥା
କେବେ ଅଶିଣର ପ୍ରଜାପତି ସିଏ
ବନ୍ଦୀ କଏଦୀର ବ୍ୟଥା।

କେବେ ପଞ୍ଜୁରୀର କଥା କୁହା ଶାରୀ
ବାଲି ବନ୍ଧେ ଜଳଛବି
କେବେ କେଉଁଠି ସେ ଅଟକି ଯିବ ଯେ
ହୁଏନା ସେ କଥା ଭାବି।

କେଉଁଠି କାଦୁଅ ପଙ୍କ ପୁଷ୍କରିଣୀ
କେଉଁଠି ମହୁଲ ଫୁଲ
ବେଳ ଅବେଳର ହିସାବ ରଖେନା
ଜୀବନ ଅମୂଲ ମୂଲ।

ଅଢେଇ ଦିନିଆ ଦାନା ପାଣି କଥା
କସା ଖଟା ପିତା କେତେ
ଏଇତ ଜୀବନ ହିସାବ ନିକାଶ
ମାଣ ପୁରିଗଲେ ସତେ।

ସେରକ ପୁରିଲା ମାଣକ ପୁରିଲା
ବଢ଼ିଲା ଝାଞ୍ଜିର ତାତି
ଝାଞ୍ଜି ଚାଲିଯିବା ଝାଞ୍ଜିର ବାଟରେ
ଘୋଟି ଯିବ କାଳ ରାତି
ଘୋଟି ଯିବ କାଳ ରାତି

*ଭୁବନେଶ୍ୱର-୦୨*

## ଭୁଲି ତ ପାରୁନି

✶ ଦାଶରଥୀ ଶତପଥୀ



ଭୁଲି ତ ପାରୁନି
ଭୁଲି ପାରିବିନି
ସେହି ପିଲାଦିନ
ସେହି ସାଙ୍ଗସାଥି ମେଳ
ସବୁ ଏବେ ମନେପଡୁଛି
ମନର ଆଇନାରେ
ତୁମେ ଦେଖା ଦିଅ
ତୁମେ ସେହି ସ୍ମୃତି ଜହ୍ନ
ତୁମେ ମୋ ଆକାଶେ ନୀଳ କଇଁଟିଏ
ବୁଝି ଅବୁଝାଏ ମନ
ତୁମେ ମୋ ପାଇଁ ପ୍ରେମର ସ୍ୱାକ୍ଷର
ତୁମ ପ୍ରେମ ଚୀର ଅମର
ମଧୁର ଭିତରେ ମାଦକତା ଥାଏ
ଥାଏ କେବେ ରାଗରୁସା
ସବୁ ଭୁଲିହୁଏ
ଭୁଲି ହୁଏନାହିଁ ତୁମ ମିଠାମିଠା କଥା
ପ୍ରେମର ପରଶ, ପ୍ରେମ ଆଲିଙ୍ଗନ
ସବୁ ସେହି ମଧୁରତା ।

*ପ୍ରାକ୍ତନ ଆୟୁକ୍ତ ଓ ସଚିବ, ଓଡ଼ିଶାବିଧାନସଭା*
*ମୋ- ୯୪୩୮୦୮୧୭୧୩*



## ଦୁଃଖ ରୂପୀ ବନ୍ଧୁ

✶ସଙ୍ଗୀତା ଦିପ

ହେ ଦୁଃଖ ରୂପୀ ଦରଦୀ ବନ୍ଧୁ ତୁମେ
ସାଜିଛ ସଂସାର ସାର,
ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେ ତୁମେ
ଗୋଟେ ସୁନ୍ଦର ଉପହାର ।।

ଭଲ ପାଇବା ମାନେ ଦିଅ ଶିଖେଇ
ତୁମରି ଉଦାହରଣ,
ସୁଖ ରୂପୀ ବନ୍ଧୁକୁ ବୁଝେଇ ଦିଅ
ଜୀବନର ସମିକରଣ ।।

ଜୀବନ ଗଣିତ ରେ ଦୁହେଁ ସମ ଭାଗୀ
ଦୁଃଖ ପରେ ସୁଖର ବେଳ,
ତୁମେ ତୁଳାଅ ଅତି ସୁନ୍ଦର ଦାୟିତ୍ୱ
ସେ କାହିଁକି କରେ ଛଳ ?।।

ଏ ଗଣିତ ନୁହେଁ ସହଜ ସୁନ୍ଦର
ନା ଅଟଇ ପୁଣି ସରଳ,
ଦୁଃଖ ସୁଖ ଦୁହେଁ ମିଶାଣ ହେଲେ
କେଡ଼େ ସୁନ୍ଦର୍ ହେବ ଫଳ ।।

ହେଲେ ପ୍ରତ୍ୟେକ ସମୟେ ତୁମ ପରି
କିଏ ହେବ ସମତୁଲ,
ବନ୍ଧୁର ବନ୍ଧୁତା କେଡ଼େ ଜେ ସୁନ୍ଦର
ବୁଝୁ ଏ ଦୁନିଆ ମୂଳ ।।

*ବରଗଡ଼ ହାଟପଦା*
*ଫୋନ୍ .୭୯୯୧୦୬୫୩୩୮*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କରଞ୍ଜିଆ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ୫୩ ନମ୍ବର ରାଜ୍ୟ ରାଜପଥ କେନ୍ଦୁଝିଆଣି ଶିଶୁମନ୍ଦିର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ଦୁଇ ଗୁରୁତର। ଗୁରୁତରଙ୍କୁ ପ୍ରଥମେ କରଞ୍ଜିଆ ଚିକିତ୍ସାଳୟ ଏବଂ ପରେ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ। ଠାକୁରମୁଣ୍ଡାରୁ ୧୫ କିମି ଦୂର କେନ୍ଦୁଝିଆଣୀ ଶିଶୁ ମନ୍ଦିର ନିକଟରେ ଥିବା ହମ୍ପ ଅତିକ୍ରମ କରିବା ବେଳେ ପିକପ ଭେନକୁ ପଛପଟୁ ପିଟିଲା କାର ପୁଣି କାରକୁ ପଛପଟୁ ଆସୁଥିବା ପିକଅପ ପିଟି ହେବାରୁ କାରରେ ଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ଆହତଙ୍କୁ କରଞ୍ଜିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥିତି ଅତି ଗୁରୁତର ହେବାରୁ କେନ୍ଦୁଝର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ନିଜ ହ୍ୟୁଣ୍ଡାଇ କାରରେ ସ୍ୱାମୀ, ସ୍ତ୍ରୀ କଟକରୁ କରଞ୍ଜିଆ ଆସୁଥିଲେ। ଗୁରୁତର ଆହତ ରମାକାନ୍ତ ପଣ୍ଡା ଓ କବିତା ପଣ୍ଡା ଉଭୟ ସ୍ୱାମୀ ସ୍ତ୍ରୀ, ନିଜ ଶ୍ୱଶୁର ଘର ଜରଡ଼ାଖୋଲା କେନ୍ଦୁଝରରେ ନିଜ ସମ୍ପର୍କୀୟଙ୍କ ଶ୍ରାଦ୍ଧକାର୍ଯ୍ୟରେ ଯୋଗ ଦେଇ ଆସୁଥିବା ବେଳେ ମାତ୍ର ଆଉ ୨୫କିମି ପରେ କରଞ୍ଜିଆ ପହଞ୍ଚିବାକୁ ଥିବାବେଳେ କେନ୍ଦୁଝିଆଣୀରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଦେବୋତ୍ତର ବିଭାଗ ପକ୍ଷରୁ ରଥଯାତ୍ରା-୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା, (ଭାସ୍କର ନ୍ୟୁଜ): ଚଳିତବର୍ଷ ବାରିପଦା ରଥଯାତ୍ରା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବୋତ୍ତର ବିଭାଗ ପକ୍ଷରୁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ରଥ ଯାତ୍ରା ସମନ୍ୱୟ କମିଟିର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଶ୍ରୀ ବଳଭଦ୍ର, ଶ୍ରୀ ଶ୍ରୀ ଜଗନ୍ନାଥ ଓ ମା ଶୁଭଦ୍ରାଙ୍କ ଭକ୍ତିପୂତ ନୈବେଦ୍ୟ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବକ୍ତା ଭାଗବତ ପଣ୍ଡା ସ୍ୱାଗତ ଜଣାଇ ବୈଠକ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନାୟକ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଚଳିତ ବର୍ଷ ବାରିପଦା ରଥ ଯାତ୍ରା ପୂର୍ବବର୍ଷ ଭଳି ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ଯଥାରୀତିରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲ୍ଲାପାଳ ଡ. ପରିଡା ବାରିପଦା ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଚଳିତ ବର୍ଷ ରଥଯାତ୍ରା-୨୦୨୫ ପାଳନ ସମ୍ପର୍କିତ ପ୍ରସ୍ତୁତ କାର୍ଯ୍ୟସୂଚୀର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ, ଦେବୋତ୍ତର ବିଭାଗ ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ ପୂର୍ବକ ବ୍ୟବସ୍ଥିତ ଢଙ୍ଗରେ ସୁପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି। ସମ୍ପ୍ରତି ଅନୁଯାୟୀ ଶ୍ରୀ ଶ୍ରୀ ହରିବଳଦେବେ ଜାଉ ମହାପ୍ରଭୁ, ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ଶୁଭଦ୍ରାଙ୍କ ରଥ ନିର୍ମାଣ ଏବଂ ବାରିପଦା ଦେବୋତ୍ତର ଅଧିନସ୍ଥ ଅନ୍ୟାନ୍ୟ ରଥ ନିର୍ମାଣ ପାଇଁ ଆବଶ୍ୟକ ପରିମାଣ କାଠ ବନଖଣ୍ଡ ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁରଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ବନବିଭାଗ ଏସିଏଫ/ରେଞ୍ଜ ଅଧିକାରୀଙ୍କ ସହଯୋଗରେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ବାରିପଦା ରଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବା ଏବଂ ନିୟମିତ ବ୍ୟବଧାନରେ ରଥ ନିର୍ମାଣ କାର୍ଯ୍ୟ ପରିଦର୍ଶନ ପାଇଁ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ବାରିପଦାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାରିପଦା ଦେବୋତ୍ତର ବିଭାଗ ଅଧିନସ୍ଥ ସମସ୍ତ ରଥ ନିର୍ମାଣ ପାଇଁ ଆବଶ୍ୟକ ପରିମାଣର କାଠ ଯୋଗାଇ ଦେବା ଏବଂ କାଠର ସଦୁପଯୋଗ ଓ ସାଇତି ରଖାଯିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦିଆଯାଇଛି। ଶ୍ରୀ ଶ୍ରୀ ହରିବଳଦେବ ଜାଉ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ରାଧାମୋହନ ମନ୍ଦିର, ମାଉସୀମା ବାଡ଼ି ସଂସ୍କାର ଦେଉଳ ରଙ୍ଗ ଦେବା ଆଦି ଅନୁସଙ୍ଗିକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ଉପନିର୍ଦ୍ଦେଶକ ଖଣି, ମୟୂରଭଞ୍ଜଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରଥ ଟଣା ପାଇଁ ଆବଶ୍ୟକ ପରିମାଣର ଦଉଡି ରାଜ୍ୟ ନଡ଼ିଆକତା ନିଗମଙ୍କ ନିକଟରୁ ଯଥା ଶୀଘ୍ର ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି। ରଥ ଯାତ୍ରା ସମୟରେ ରଥ ବଡ଼ଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ ଓ ଟ୍ରାଫିକ ନିୟନ୍ତ୍ରଣ, ରଥ ଟଣା ସମୟରେ ଏନସିସି, ଏନଏସଏସ, ୟୁଥ ରେଡକ୍ରସ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଯୁବ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା, ଅସାମାଜିକ ଲୋକଙ୍କ କାର୍ଯ୍ୟ କଳାପକୁ ତଦାରଖ କରିବା ପାଇଁ ବଡଦାଣ୍ଡରେ ସିସି କ୍ୟାମେରା ବ୍ୟବସ୍ଥା କରିବା ପାଇଁ ପୋଲିସ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ସେବା ଶିବିର ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ସହ ହୋଟେଲ, ଅସ୍ଥାୟୀ ଜଳଖିଆ ଦୋକାନ ଗୁଡିକରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ମାନ, ଗୁଣବତ୍ତା ନିୟମିତ ଯାଞ୍ଚ ଓ ତଦାରଖର ବ୍ୟବସ୍ଥା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର ଫୁଡ଼ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆକସ୍ମିକ ଦୁର୍ଘଟଣା/ଅଗ୍ନି କାଣ୍ଡ ମୁକାବିଲା ପାଇଁ ଆବଶ୍ୟକୀୟ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ପାଇଁ ଅଗ୍ନିଶମ ସେବା ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସହର ଓ ବଡଦାଣ୍ଡ ଅଂଚଳର ସ୍ୱାସ୍ଥ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା, ବଡଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା, ସମସ୍ତ ମଦ ଦୋକାନ ଗୁଡିକୁ ବନ୍ଦ ରଖାଯିବା ଓ ନିୟମିତ ତଦାରଖ ତଥା ଚଢ଼ାଉ କରାଯିବା ଆଦି ଦିଗ ପ୍ରତି ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେବେ। ସମସ୍ତ କାର୍ଯ୍ୟ ସୁପରିଚାଳନା କରିବା ପାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ବଡଦାଣ୍ଡରେ ମହାପ୍ରଭୁ ଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ ଓ ସନ୍ଧ୍ୟାରେ ପାଲା, ଦାସକାଠିଆ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦିଆଯାଇଥିବାବେଳେ ଏବଂ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ଦଳ ଦ୍ୱାରା ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ରଥଯାତ୍ରା ଉପଲକ୍ଷେ ବାହାରୁ ଆସୁଥିବା ଦୋଳି, ମିନା ବଜାର ଇତ୍ୟାଦି ପାଇଁ ଏନଓସି ପ୍ରଦାନ କରାଯିବାରେ ନିୟମକୁ କଡାକଡ଼ି ପାଳନ କରାଯିବା ସହିତ ଉଠା ଦୋକାନୀ ମାନଙ୍କୁ ଆବଶ୍ୟକୀୟ ଜାଗା ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଆବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥି ସହିତ ଅନ୍ୟାନ୍ୟ ପ୍ରସଙ୍ଗ କ୍ରମରେ ବାରିପଦା ଦେବୋତ୍ତର ଅଧିନସ୍ଥ ପେରିଫେରିଆଲ ଅଞ୍ଚଳରେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠ ତଥା ରଥ ଯାତ୍ରା ପାଇଁ ଆନୁସଙ୍ଗିକ ସହାୟତା ପ୍ରଦାନ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରଥ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଅବରୋଧ କରିଥିବା ଜାଗା ଖାଲି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବାରିପଦା ରଥଯାତ୍ରା -୨୦୨୫ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ୨୫ଜୁନ ଅଧିବାସ, ୨୬ ଜୁନ୍ ନେତ୍ର ଲାଗି ଓ ୨୭ଜୁନରେ କଳସ ଓ ରଥ ପ୍ରତିଷ୍ଠା, ଶ୍ରୀ ଶ୍ରୀ ମା ଅଂଶିକା ଠାକୁରାଣୀଙ୍କ ଦାଣ୍ଡାର ରଥ ପ୍ରଦକ୍ଷିଣ ଚକାଛନ୍ଦା, ଛେରା ପହଁରା, ରଥକୁ ମହାପ୍ରଭୁମାନଙ୍କ ଶ୍ରୀ ଗୁଣ୍ଡିଚା ପହଣ୍ଡି ବିଜେ ଅପରାହ୍ନରେ ଆୟୋଜିତ କରାଯିବ। ସେହିପରି ୨୮ଜୁନରେ ରଥଟଣା, ୨୯ ଜୁନରେ ରଥଟଣା ଏବଂ ପରେ ମହାପ୍ରଭୁ ମାନଙ୍କ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ପହଣ୍ଡି ବିଜେ ହେବ। ୩୦ ଜୁନରେ ୪ ଜୁଲାଇ ପର୍ଯ୍ୟନ୍ତ ଆଡପ ମଣ୍ଡପରେ ପ୍ରତ୍ୟେକ ମହାପ୍ରଭୁମାନଙ୍କ ବେଶ ଦର୍ଶନ ହେବ। ୧ ଜୁଲାଇରେ ହେରା ପଞ୍ଚମୀ ଭେଟ ଓ ବିପରୀତଣୀ ବ୍ରତ, ୫ ଜୁଲାଇରେ ଦକ୍ଷିଣା ବେଶ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ, ଚକା ଛନ୍ଦା, ରଥ ଉପରେ ଉତ୍କଳ ଶ୍ରୀ ଜାଉମାନଙ୍କ ବାହୁଡ଼ା ପହଣ୍ଡି ବିଜେ ହେବ। ୬ ଜୁଲାଇରେ ରଥଟଣା, ୭ ଜୁଲାଇରେ ରଥଟଣା, ଲକ୍ଷ୍ମୀ ଭେଟ ଓ ଶ୍ରୀ ମନ୍ଦିରକୁ ମହାପ୍ରଭୁ ମାନଙ୍କର ନୀଳାଦ୍ରୀ ବିଜେ ପହଣ୍ଡି। ସେହିପରି ଶ୍ରୀ ଶ୍ରୀ ସାନ ଜଗନ୍ନାଥ ମହାପ୍ରଭୁ ବିଜେଙ୍କ ରଥଯାତ୍ରା କାର୍ଯ୍ୟସୂଚୀ ଅନୁଯାୟୀ ରଥ ଟଣା: ତା ୨୯-୦୬-୨୦୨୫ ରିଖ, ତା ୩୦-୦୬-୨୦୨୫ ରିଖରୁ ତା ୦୪-୦୭-୨୦୨୫ ରିଖ ଆଡପ ମଣ୍ଡପରେ ପ୍ରତ୍ୟେକ ମହାପ୍ରଭୁମାନଙ୍କ ବେଶ ଦର୍ଶନ ଏବଂ ୭ଜୁଲାଇରେ ରଥଟଣା ଅନୁଷ୍ଠିତ ହେବ। ବାରିପଦା ରଥଯାତ୍ରାର ସ୍ୱତନ୍ତ୍ର ତଥା ନିଆରା ପରମ୍ପରା ଅନୁଯାୟୀ ମା ଶୁଭଦ୍ରାଙ୍କ ରଥକୁ କେବଳ ମହିଳାମାନଙ୍କ ଦ୍ୱାରା ଟଣା ଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ବେଳେ ଇନର କର୍ଡନରେ ଆବଶ୍ୟକ ସଂଖ୍ୟକ ମହିଳା ପୋଲିସ କର୍ମଚାରୀ ନିୟୋଜିତ କରାଯାଇ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭାଗୀୟ ଅଧିକାରୀ ତଥା ଦେବୋତ୍ତର ବିଭାଗର ସେବାୟତ ମାନଙ୍କ ସକ୍ରିୟ ସହଯୋଗ କାମନା କରାଯାଇଛି। ଚଳିତ ବର୍ଷ ବାରିପଦା ରଥ ଯାତ୍ରା ପାଇଁ ଆନୁମାନିକ ୬୧ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ବାରିପଦା ଦେବୋତ୍ତର ଅଧିନସ୍ଥ ପେରିଫେରିଆଲ ରଥଯାତ୍ରା ପାଇଁ ୮ ଲକ୍ଷ ୦୫ ହଜାର ଟଙ୍କାର ବ୍ୟୟ ଅଟକଳ ଆକଳନ ସହିତ ସମୁଦାୟ ୬୯ ଲକ୍ଷ ୩୨ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବାରିପଦା ପୌର ପାଳିକା ତରଫରୁ ରଥ ଯାତ୍ରା ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ସ୍ପଷ୍ଟ କରାଯାଇଛି। ଆଜିର ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପଣ୍ଡିତ, ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦେଇ ରଥ ଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଉପଜିଲ୍ଲାପାଳ ଦେବୋତ୍ତର ବିଭାଗ ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରିଟିଶ ଅମଳର ଉପ-ଡାକଘର ଚାଲିଛି ଭଡ଼ାଘରେ



ଗୋପ, (ଭାସ୍କର ନ୍ୟୁଜ): ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପରିବହନ କରୁଥିବା କେନ୍ଦ୍ର ସରକାରଙ୍କ ଡାକବିଭାଗ ଅନେକ ସ୍ଥାନରେ କୋମାରେ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧାକୁ ଆଖି ଆଗରେ ରଖି ସମସ୍ତ ବିଭାଗର ସରକାରୀ କାର୍ଯ୍ୟାଳୟ ଗୁଡିକୁ କୋଟିକୋଟି ଟଙ୍କା ବ୍ୟୟ ବରାଦରେ ନବୀକରଣ କରିବା ସହ ସ୍ଥାୟୀ କୋଠା ନିର୍ମାଣ କରୁଥିବା ବେଳେ ବ୍ରିଟିଶ ଅମଳର ଉପ-ଡାକଘର ଏବଂ ଗ୍ରାମୀଣ ଡାକଘର କାର୍ଯ୍ୟାଳୟ ପ୍ରତି ଦୃଷ୍ଟି ନଦେବା ଏବଂ ଏବେ ବି ଉକ୍ତ କାର୍ଯ୍ୟାଳୟ ଭଡା ଘରେ ଚାଲିବା ପରିତାପର ବିଷୟ ହୋଇଛି। ଏହି କାର୍ଯ୍ୟାଳୟ ଗୁଡିକର ସ୍ଥାୟୀ ଗୃହ ନଥିବାରୁ କର୍ମଚାରୀମାନେ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଭଡା ଘର ଯୋଗୁଁ ବାରଦୁଆର ଶୁଙ୍ଘି ପିଣ୍ଡା ହେଉଥିବା ଦେଖିବାକୁ ମିଳୁଛି। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଗୋପ ବ୍ଲକରେ। ଗୋପ ବ୍ଲକର ଗୋପ ଉପ-ଡାକଘର କାର୍ଯ୍ୟାଳୟ ପ୍ରାୟ ଶହେ ବର୍ଷ ହେବ ଭଡା ଘର ଚାଲିଥିବା ବେଳେ ଉକ୍ତ କାର୍ଯ୍ୟାଳୟ ଅଧିନରେ ଥିବା କୁଶୁପୁର, ଗଣେଶ୍ୱରପୁର, ଶିଶୋ, ଆଳିଚର, ନାଗପୁର, ନାରୁଅ, ମଲ୍ଲଗ୍ରାମ, ଖଡିଶ ତମ୍ପାଳୋ, ଭଇରିପୁର, ଗଡରୁପାସ ଆଦି ୧୧ ଗୋଟି ଗ୍ରାମୀଣ ଡାକଘର ମଧ୍ୟ ବର୍ଷବର୍ଷ ଧରି ଭଡାଘରେ ଚାଲିଛି। ସେହିପରି ବୀରତୁଙ୍ଗ ଉପ ଡାକଘର ସମେତ ତା ଅଧିନରେ ଥିବା ଗଡକରମଳା, ଏରବଙ୍ଗ, ମହଲପଡା ୩ ଟି ଗ୍ରାମୀଣ ଡାକଘର ଭଡାରେ ଚାଲିଥିବା ବେଳେ ଗୋପ ବ୍ଲକରେ ଥିବା ସାରଡା, ଜୁଣେଇ, ଛଇତନା ପରି ଅନେକ ଗ୍ରାମୀଣ ଡାକଘର ମଧ୍ୟ ଭଡାରେ ଚାଲିଛି। ସେଥିମଧ୍ୟରୁ ଅନେକ ଡାକଘର ଅସୁରକ୍ଷିତ ଭାବେ ମଧ୍ୟ ଚାଲିଛି। ଗୋପ ବଜାରରେ ଦୀର୍ଘବର୍ଷ ହେବ ଚାଲିଥିବା ଗୋପ ଉପ ଡାକଘର କାର୍ଯ୍ୟାଳୟ ଭଡାରେ ଚାଲିଥିବାରୁ ସେ ଅନେକ ସ୍ଥାନ ପରିବର୍ତ୍ତନ କରି ସାରିଥିବା ବେଳେ ଏବେ ମଧ୍ୟ କୌଣସି କାରଣବଶତଃ ସ୍ଥାନ ପରିବର୍ତ୍ତନ କରିବ ବୋଲି ଶୁଣିବାକୁ ମିଳୁଛି। ସେହିପରି ଦୀର୍ଘବର୍ଷ ହେବ ଚାଲିଥିବା ନୂଆ ଖୋଲମରା ପଞ୍ଚାୟତ ଲଳିତାପହଣ୍ଡି ଗ୍ରାମୀଣ ଡାକଘର ଉକ୍ତ ପଂଚାୟତ କାର୍ଯ୍ୟାଳୟରେ ଚାଲୁଥିବା ବେଳେ କୌଣସି କାରଣକୁ ନେଇ ଗତ ମାସରେ ଉକ୍ତ ଡାକଘର ଏକ ବରଗଛ ତଳେ ବିପଦପୂର୍ଣ୍ଣ ଭାବେ କିଛିଦିନ ଚାଲିବା ପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ସମସ୍ତ ଡାକଘର ଚିଠିପତ୍ର, ପାର୍ସଲ, ଟେଲିଗ୍ରାମ୍ ଆଦି ନେଣ ଦେଣ ସମେତ ଜନସାଧାରଣଙ୍କ ଅର୍ଥକୁ ବିଭିନ୍ନ ଯୋଜନାରେ ସଞ୍ଚିତ କରି ରଖିବା ବ୍ୟାଙ୍କିଂ ସିଷ୍ଟମ ଦ୍ୱାରା ଟଙ୍କା ନେଣଦେଣ ପରି ଗୁରୁଦାୟିତ୍ୱ ତୁଲାଉଥିବା ବେଳେ ସରକାର କ'ଣ ପାଇଁ ଏପରି କାର୍ଯ୍ୟାଳୟ ଗୁଡିକ ନିମନ୍ତେ ସ୍ଥାୟୀ ଗୃହ ଯୋଗାଉ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ନିମନ୍ତେ ଗୋପ ଅଂଚଳବାସୀ ଦାବି କରିଛନ୍ତି।

# ଦ୍ୱାଦଶତମ ଆର୍ଟ ଅଫ୍ ଗିଭିଂ ପାଳିତ



କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ କଣାସଠାରେ କଣାସ ମହାବିଦ୍ୟାଳୟର ପରିସରରେ ଶନିବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବୁରଧର ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶତମ ଆର୍ଟ ଅଫ୍ ଗିଭିଂ ପର୍ବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥୀଭାବେ ମହା ବିଦ୍ୟାଳୟର ପ୍ରତିଷ୍ଠିତା ସଭ୍ୟ ବିଶିଷ୍ଟ ଶିକ୍ଷାବିତ ମହେନ୍ଦ୍ର କୁମାର ରଣସିଂହ ଯୋଗଦେଇ ତାଙ୍କର ସାରଗର୍ଭକ ଅଭିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥୀଭାବେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ମହାଭାରତରୁ ଅନେକ ଉଦାହରଣ ଦେଇଦେବାର ଆନନ୍ଦ ବିଷୟରେ ଆଲୋକପାତ କରିଥିଲେ। ଛୁଆଳସିଂହ ଆର୍ଟ ଅଫ୍ ଗିଭିଂର ଉଦଯୋଗୀ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ନରବର୍ଚ୍ଛନ ସେବା ଉପରେ ଆଲୋକପାତ କରିଥିଲେ। ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସଭାରେ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ପ୍ରଭାସ ମଙ୍ଗରାଜ, ପ୍ରମୋଦ ହୋତା, ଗଙ୍ଗାଧର ମହାପାତ୍ର, ଗଦାଧର ଶତପଥୀ, ପ୍ରେମାନନ୍ଦ ଜାଲି ଯୋଗଦେଇ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ମହା ବିଦ୍ୟାଳୟର ଦୁଇ ଶହରୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବଡ଼ଚଣା ବିଜେଡି ବ୍ଲକ ସ୍ତରୀୟ ନୂତନ କର୍ମକର୍ତ୍ତା ଘୋଷଣା

ବଡ଼ଚଣା, (ଭାସ୍କର ନ୍ୟୁଜ): ବଡଚଣାରେ ବିଜୁ ଜନତା ଦଳ ତାର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଆଜି ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କାର୍ଯ୍ୟଳୟ ଠାରେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଓ ଦଳର ନବ ନିଯୁକ୍ତ ସଭାପତି ତାପସଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ବଡଚଣା ବ୍ଲକ୍ ସ୍ତରୀୟ କର୍ମକର୍ତ୍ତା ମାନଙ୍କ ନାମ ଓ ଏକ ଦକ୍ଷ ଅଭିଜ୍ଞ ପରାମର୍ଶ ଦାତା କମିଟି ସଭ୍ୟମାନଙ୍କର ନାମ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଏଥିରେ ପରାମର୍ଶ ଦାତା କମିଟି ସଭାପତି ଭାବେ ପ୍ରହଲ୍ଲାଦ ନନ୍ଦ, ସଂଯୋଜକ ଜ୍ଞାନରଞ୍ଜନ ସାହୁ, ତାପସ ଚନ୍ଦ୍ର ରାୟ, କୈଳାସ ଚନ୍ଦ୍ର ରାଉତ, ଶୁକ୍ରମଣି ପୂର୍ତ୍ତି, ଭାଗ୍ୟଧର ମଲ୍ଲିକ, ଗଣେଶ୍ୱର ବରାଳ, ସିମନ୍ଦିନୀ ଜେନା, ନିରଞ୍ଜନ ସେନାପତି, ବିଭାସ୍ ଚନ୍ଦ୍ର ନନ୍ଦ, ବିପିନ ବିହାରୀ ଜେନା, ଅମର ପ୍ରସାଦ ମହାନ୍ତି, ଜୟଶ୍ରୀ ସାମଲ, ଅନନ୍ତ ଚନ୍ଦ୍ର ଷେଣ୍ଡ, ଧନେଶ୍ୱର ବେହେରା, କିଶୋର ଚନ୍ଦ୍ର ବେହୁରୀଆ, ନିରଞ୍ଜନ ବିଶ୍ୱାଳ, ଉମେଶ ସାମଲ, ତ୍ରୈଲୋକ୍ୟ ନାଥ ଜେନା, ଗଗନ ବିହାରୀ ସ୍ୱାଇଁ, ପ୍ରବୀର କୁମାର ସାମଲ, କୁଳମଣି ବାରିକ୍, ବିବେକ ରଞ୍ଜନ ସୁବୁଦ୍ଧି, କିଶୋର ଚନ୍ଦ୍ର ରାଉତ, ଉମେଶ ଚନ୍ଦ୍ର ଜେନା, ସତ୍ୟ ପ୍ରକାଶ ଦାସ, ଶେଖ୍ ମୋଇନ୍ ଅହମ୍ମଦ, ଗଣେଶ୍ୱର ସାମଲ, ସଚିଦା ନନ୍ଦ ସ୍ୱାଇଁ ଉପ ସଭାପତି ଭାବେ ମନ୍ମଥ କେଶରୀ ସାହେବ୍ ରାୟ, ରମେଶ ଚନ୍ଦ୍ର ପୃଷ୍ଟି, ବିବେକ ରଞ୍ଜନ ସୁବୁଦ୍ଧି, ଦିଲୀପ କୁମାର ସାମଲ ବଡ଼ଚଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଧାରଣ ସମ୍ପାଦକ ଭାବେ ମାନଗୋବିନ୍ଦ ସେଠୀ, ଶ୍ରୀକାନ୍ତ ସାମଲ, ଧୁଳେ ଶ୍ୱର୍ ଦାସ, ଦେବେନ୍ଦ୍ର କୁମାର ଜେନା, ଉଜ୍ଜଳ ପ୍ରଦୀପ ନାରାୟଣ ବିଦ୍ୟାଧର ମହାପାତ୍ର, ଜଗନ୍ନାଥ ମୁଦୁଲି, ରାମଚନ୍ଦ୍ର ସ୍ୱାଇଁ, ପ୍ରମୋଦ ଜେନା, ଦିଲୀପ କୁମାର ରାଉତ, ରବିନ୍ଦ୍ର କୁମାର ପ୍ରଧାନ, ପବନେଶ୍ୱର୍ ଜେନା, ବାସୁଦେବ ସ୍ୱାଇଁ, ଯୁଗଳ କିଶୋର ଖିଲାର, ବଲକ ସ୍ତରୀୟ ସମ୍ପାଦକ ଭାବେ ଖଗେଶ୍ୱର ସାହୁ, କ୍ଷୀତିଶ ନାୟକ, ବିନୟ ପୃଷ୍ଟି, ମହମ୍ମଦ ମୁନସର, ସାଗରିକା ବିହାରୀ, ଜୟନ୍ତୀ ସ୍ୱାଇଁ, ନିରଞ୍ଜନ ମହାନ୍ତି, ବିଚିତ୍ର ଜେନା, ମୋହନ ଖିର୍ଲା, ଭବାନୀଶଙ୍କର ସାହୁ, ନିତ୍ୟାନନ୍ଦ ମହାନ୍ତି, ପ୍ରହଲ୍ଲାଦ ବାରିକ, ବିଚିତ୍ରା ନନ୍ଦ ନାୟକ, ରମାକାନ୍ତ ଖୁଣ୍ଟିଆ, ବରଦା ପ୍ରସାଦ ରକ୍ଷୟ। ପବିତ୍ର ଆଚାର୍ଯ୍ୟ, ସଂଗ୍ରାମ ମହାନ୍ତି, ଦେବାଶିଷ ବିଶ୍ୱାଳ, ରଞ୍ଜନ ମହାରଣା, କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ସାମଲ ମନୋନୀତ ହୋଇଛନ୍ତି ଏହି ସାମ୍ବାଦିକ ସମ୍ମିଳନୀରେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ଗଣେଶ୍ୱର ବରାଳ, ଅମର ମହାନ୍ତି, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ରବିନ୍ଦ୍ର ପ୍ରଧାନ, ସଞ୍ଜୀବ ସାମଲ, ବିଚିତ୍ର ନାୟକ, ଧନେଶ୍ୱର ବେହେରା, ଜ୍ଞାନରଞ୍ଜନ ସାହୁ, ସ୍ନେହାଶିସ ମହାପାତ୍ର ଦମୟନ୍ତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓ ଜିଲ୍ଲା ସଙ୍ଗଠନ ତରଫରୁ ଯେଉଁ ଦାୟିତ୍ୱ ଦିଆଯାଇଛି, ବଡ଼ଚଣା ବ୍ଲକ ବିଜେଡିକୁ ମଜବୁତ କରିବା ପାଇଁ କ୍ୟାପଟେନ ରାଜନାରାୟଣ ମହାପାତ୍ର ଅଣ୍ଟା ଭିଡ଼ି ଥିବା ଜଣାପଡିଛି। ଚଳିତ ନିର୍ବାଚନରେ ସ୍ୱତନ୍ତ୍ର ଭାବରେ ରାଜ୍ୟ ଏବଂ ବଡ଼ଚଣା ପରି ନିର୍ବାଚନ ମଣ୍ଡଳୀରେ ଆଜିକୁ ୧୯୯୦ ମସିହା ଠାରୁ ଅଣ ଦଳ ଠାରୁ ଦୂରେଇ ରଖି ଆଜି ପର୍ଯ୍ୟନ୍ତ କ୍ଷମତାରେ ଥିଲେ। ୨୦୦୪ ମସିହାରେ ଦଳୀୟ ନିଷ୍ପତ୍ତି ଭୁଲ୍ ଯୋଗୁଁ କଂଗ୍ରେସ ହାତକୁ ଯାଇଥିଲା। ଏହି ନିର୍ବାଚନରେ ଦଳ ପରାଜିତ ହେବା ପରେ ବଡ଼ଚଣା ବ୍ଲକ ବିଜେଡି ସ୍ଥାଣୁ ପାଲଟି ଯାଇଛନ୍ତି, କର୍ମୀମାନେ ହତାଶ ହୋଇଯାଇ ଥିବା ଦେଖାଦେଇଥିବା ଜଣାପଡିଥିଲା। ବର୍ତ୍ତମାନ ଗୋଟିଏ ପରେ ଗୋଟିଏ କମିଟି ଘୋଷଣା ହେବାପରେ ବଡ଼ଚଣା ବିଜେଡି ସତେଜ ହେବା ଓ କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ବ୍ଲକ ବିଜେଡିରେ ଦବଦବା ବଢୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

# ଆରୁହା ପଞ୍ଚାୟତର ଗମନାଗମନ ସୁବିଧାରେ ଯୋଡିହେବ ନୂଆ ଅଧ୍ୟାୟ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତ ଆରୁହା ଗାଁରୁ ଜଳେଶ୍ୱର ପୌରାଞ୍ଚଳକୁ ସିଧା ସଳଖ ଗମନାଗମନ ବ୍ୟବସ୍ଥାରେ ଆସିବ ନୂଆ ରୂପାନ୍ତିକାରଣ। ଆରୁହା ଗାଁରେ ପହଞ୍ଚିବ ସମସ୍ତ ସରକାରୀ ଗାଡ଼ି।ବଦଳିବ ସାର୍ବଜନୀନ ମୌଳିକ ବ୍ୟବସ୍ଥାର ଚେହେରା। ଏହି ଉଦ୍ଦେଶ୍ୟ ନେଇ ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସସି ସୌଭାଗ୍ୟ ଦାସଙ୍କ ନିର୍ଦ୍ଦେଶରେ ସହକାରୀ ଯନ୍ତ୍ରୀ ଶ୍ୟାମଲ କିସ୍କୁଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟାହ୍ନ ସମୟରେ ପହଞ୍ଚି ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି।ସୂଚନାରୁ ପ୍ରକାଶ ଯେ ଆଜକୁ ବହୁବର୍ଷ ଧରି ଜଳେଶ୍ୱର-ପଶ୍ଚିମବାଡ ରାସ୍ତାର ଆରୁହା ବଡିଆସାହି ଛକ ଠାରୁ ଜଳେଶ୍ୱର ପୌରାଞ୍ଚଳର ଅଲାଲପୁର ସୁସାଇଟି ଅଫିସ, ଭାୟା ମାଜୀଣା ସାହି, ସନ୍ତୁସି ମନ୍ଦିର ଓ ବକୁଳ ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ ପାଇଁ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ, ପ୍ରମିଳା ସାମଲ, ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ସହ ସମସ୍ତ ଗ୍ରାମବାସୀ ତଥା ଅନ୍ୟାନ୍ୟ ପଞ୍ଚାୟତର ପଞ୍ଚାୟତବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବିଭାଗୀୟ ମନ୍ତ୍ରୀଙ୍କୁ ତଥା ଜଳେଶ୍ୱର ପଞ୍ଚାୟତ ସମିତି ବୈଠକରେ ଲିଖିତ ଆପତ୍ତି ଅଭିଯୋଗ ଜଣାଇବା ପରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାରମ୍ଭିକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ରାସ୍ତା ହେବା ଦ୍ୱାରା ସମସ୍ତଙ୍କ ସୁବିଧା ହେବ ବୋଲି ଦାବି ହୋଇଛି। ବିଜେପି ନେତା ବ୍ରଜମୋହନ ପ୍ରଧାନ ଓ ସହକାରୀ ଯନ୍ତ୍ରୀ ଶ୍ୟାମଲ କିସ୍କୁ ବହୁ ଶୀଘ୍ର ଏହାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# କେନ୍ଦ୍ରାପଡ଼ା କଲେଜ ସିସିରୋଡ ନିର୍ମାଣରେ ଦୁର୍ନୀତି



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସିମେ□ଙ୍କ୍ରିଟ ରାସ୍ତା ନିର୍ମାଣ ଦୁର୍ନୀତିର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ବୈଷୟିକ ଟିମ କଲେଜ ପରିସରରେ ଶନିବାର ପହଞ୍ଚି ତଦନ୍ତ କରିଛନ୍ତି। ଡିଏସପି ଭିଜିଲାନ୍ସ ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ନେତୃତ୍ୱରେ ଏହି ବୈଷୟିକ ଟିମ ମହାବିଦ୍ୟାଳୟ ପରିସରରେ ପହଞ୍ଚି ସିମେଣ୍ଟ କଂକ୍ରିଟ ରାସ୍ତାର ଭିନ୍ନଭିନ୍ନ ସ୍ଥାନକୁ ମେସିନ ସହାୟତାରେ ଖୋଳି ସାମ୍ପୁଲ ସଂଗ୍ରହ କରିଥିଲେ। ଏହି ଟିମରେ ରାଜ୍ୟ ସରକାରଙ୍କ ମାନ ନିଶ୍ଚିତତା ବିଭାଜନ କାର୍ଯ୍ୟାଳୟର ଭ୍ରାମ୍ୟମାଣ ପରୀକ୍ଷଣ ଯାନରେ ଆସିଥିବା ଯନ୍ତ୍ରୀ ଓ ଟେକ୍ନିସିଆନମାନେ ସିସିରୋଡର ଭିନ୍ନ ଭିନ୍ନ ସ୍ଥାନକୁ ଖୋଳି ସେଠାରୁ ସାମ୍ପୁଲ ସଂଗ୍ରହ କରିଥିଲେ। ସେହି ରାସ୍ତା ନିର୍ମାଣରେ ପ୍ରାୟ ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଲ କରି ଉଠାଇ ନିଆଯାଇଥିବା ପୁରାତନ ଛାତ୍ର ପ୍ରତାପ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ପଠାଇ ଦେବା ସହ ତାହା ଉପରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ କରାଯାଇଛି। ଭିଜିଲାନ୍ସ ଡିଏସ୍‌ପି ପୁହାଣ ପୂର୍ବରୁ ମଧ୍ୟ କଲେଜ ପରିସରକୁ ଆସି ସେହି ରାସ୍ତାର ମାପଚୁପ କରିବା ସହ କେତେକ ତଥ୍ୟ ସଂଗ୍ରହକରି ଫେରି ଯାଇଥିଲେ। ସେହି ରାସ୍ତା ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କୁ ପୂର୍ବରୁ ନୋଟିସ ପଠାଯାଇଥିଲା ଓ ସେ ଶନିବାର ତଦନ୍ତ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ସୂଚନା ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ଭିଜିଲାନ୍ସ ବିଭାଗ ପକ୍ଷରୁ କଲେଜକୁ ବିଭିନ୍ନ ସମୟରେ ରେକର୍ଡପତ୍ର ମଗାଯାଇଥିଲେ ମଧ୍ୟ କଲେଜ ସହଯୋଗ ନକରିବା ଓ ରେକର୍ଡପତ୍ର ନଦେବାରୁ ତଦନ୍ତ ଆଗେଇ ପାରୁନଥିଲା। କିନ୍ତୁ ବର୍ତ୍ତମାନର ଅଧ୍ୟକ୍ଷ ଭିଜିଲାନ୍ସ ବିଭାଗକୁ ଆବଶ୍ୟକ ସହଯୋଗ କରିବା ଯୋଗୁଁ ତଦନ୍ତ ଆଗେଇ ଚାଲିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଅଧ୍ୟାପକ ଗୋପାଳ ବେହେରା କଲେଜ ଅଧ୍ୟକ୍ଷ ଥିବାବେଳେ ଏହି ନିମ୍ନମାନର ସିସିରୋଡ ନିର୍ମାଣ କରାଯାଇଥିଲା।

# ଢେଙ୍କାନାଳରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ କିଟ୍, କିସ୍, କିମ୍ସ ଓ କଳିଙ୍ଗଟିଭିର ପ୍ରତିଷ୍ଠାତା ଡଃ. ଅଚ୍ୟୁତ ସାମନ୍ତଙ୍କ ପ୍ରତିଷ୍ଠିତ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡଃ. ପୁଷ୍ପଲତା ରଥ, ସମାଜସେବୀ ସୁକାନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ଡଃ. ସମୀର କୁମାର ସାହୁ, ଶିକ୍ଷାବିତ୍ ଡଃ. ଦେବୀ ପ୍ରସାଦ ମିଶ୍ର, କଳା ଶିକ୍ଷକ ପରେଶ ଚନ୍ଦ୍ର ପଟ୍ଟନାୟକ, ନାଟ୍ୟକାର ଅବନୀ ମିଶ୍ର ପ୍ରମୁଖ ଯୋଗଦାନ କରି ଡଃ ଅଚ୍ୟୁତ ସାମନ୍ତଙ୍କୁ ଏଭଳି କାର୍ଯ୍ୟକ୍ରମ ପାଇଁ ଉଚ୍ଚ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଥିଲେ। ସେହିଭଳି ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକ, ବରିଷ୍ଠ କବି ଓ ସାହିତ୍ୟିକ ବାହାଦୂର ପାଟସାହାଣୀ, ଥିଙ୍କର୍ସ ଫୋରମ୍‌ର ବରିଷ୍ଠ ସଦସ୍ୟ ସୁନିଲ୍ କୁମାର ନନ୍ଦ, ସମାଜସେବୀ ଶୈଳବାଳା ମିଶ୍ର, ସମାଜସେବୀ ଶେଷଦେବ ରାଉତ ପ୍ରମୁଖ ଆଜିର ନେଭର ଗୁଡ୍ ବା ପଡୋଶୀଙ୍କ ସହ ସୁ-ସମ୍ପର୍କ ସ୍ଥାପନ ଉପରେ ନିଜ ନିଜର ମତବ୍ୟକ୍ତ କରିବା ସହ ଏଭଳି କାର୍ଯ୍ୟକ୍ରମ ପାଇଁ ଡଃ. ସାମନ୍ତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଡଃ. ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ଆର୍ଟ ଅଫ୍ ଗିଭିଂକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଜୀବନର ଏକ ଦର୍ଶନ ଯାହାକୁ କିଟ, କିସ୍, କିମ୍ସ ଏବଂ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ବିଶ୍ୱରେ ଶାନ୍ତି ଏବଂ ଖୁସିକୁ ପ୍ରୋତ୍ସାହିତ କରିବା ପାଇଁ ୧୨ ବର୍ଷ ଧରି ପ୍ରୟାସ ଆରମ୍ଭ କରିଛନ୍ତି। ଆର୍ଟ ଅଫ ଗିଭିଂ ଓଡ଼ିଶା, ଭାରତ ସମେତ ବିଶ୍ୱର ୧୨୦ରୁ ଅଧିକ ଦେଶରେ ବର୍ଷା ପହଁଚାଇବା ସହ ଏହି ଦିବସକୁ ପାଳନ କରାଯାଉଛି। ଚଳିତ ବର୍ଷ ଆର୍ଟ ଅଫ୍ ଗିଭିଂ ବିଷୟବସ୍ତୁ ନେବର ଗୁଡ୍ (ପଡୋଶୀଙ୍କ ସହ ସୁ-ସମ୍ପର୍କ ସ୍ଥାପନ କରିବା) ବାର୍ତ୍ତା ରହିଛି। ସେହିଭଳି ଶନିବାର ସକାଳେ ଗୋବିନ୍ଦପୁର ସ୍ଥିତ ଦୟାନନ୍ଦ ଶର୍ଭିସ ମିଶନ ଶିଶୁ ଗୃହ, ଅନାଥ ଆଶ୍ରମ ଶିସୁଗୃହ, ବରିଷ୍ଠ ନାଗରିକ ଗୃହ, ଜରାଶ୍ରମ ଅନେବାସୀ, ଶ୍ୟାମାଚରଣପୁର ଠାରେ ଥିବା ଆଦୃତା ଶିଶୁ ଗୃହରେ ଅନ୍ତେବାସୀ ମାନଙ୍କୁ ନେଇ ଶ୍ରଦ୍ଧାର ସହ ଛୋଟ ଉପହାର ଦେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍, କିସର କର୍ମକର୍ତ୍ତା ଯୋଗଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ଅଥୟ କୁମାର ସାହୁ ପରିଚାଳନା କରିଥିବା ବେଳେ କିଟ୍‌ର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିରଞ୍ଜନ ରଥ ଓ ରାଜେନ୍ଦ୍ର ଜେନାଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ଆଜୀବନ ସଦସ୍ୟ ନିରଞ୍ଜନ ରଥ ଏବଂ କୋଷାଧ୍ୟକ୍ଷ ଭାବେ ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ନିର୍ବାଚିତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ଉଭୟ ରଥ ଓ ଜେନା ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱର ବିମାନବନ୍ଦରରେ ବିଭିନ୍ନ ଅନଷ୍ଠାନ ପକ୍ଷରୁ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ସଭାପତି ରାମକୃଷ୍ଣ ମହାରଣା, ମୁଖ୍ୟ ପରାମର୍ଶଦାତା ଯୁଗଳ କିଶୋର ମହାରଣା, ଭୁବନେଶ୍ୱର ମହାନଗର ଶାଖା ସଭାପତି ଲମ୍ବୋଦର ମହାରଣା, ସାଧାରଣ ସମ୍ପାଦକ ପ୍ରଭାକର ମହାରଣା, ଯୁଗ୍ମ ସମ୍ପାଦକ ସୁବ୍ରତ ମହାରଣା, କୋଷାଧ୍ୟକ୍ଷ ଅଶୋକ କୁମାର ମହାରଣା, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ଓଝା, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ କମିଟି ସଦସ୍ୟ ରାମହରି ମହାରଣା ଏବଂ କାର୍ଯ୍ୟକାରୀ ସମିତି ସଦସ୍ୟ ବରେନ୍ଦ୍ର କୁମାର ମହାରଣା ଯୋଗ ଦେଇଥିଲେ। ସେହିପରି ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ, କାଦୁଆ ଆଶ୍ରମ, ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍, ବିଶ୍ୱ ଓଡ଼ିଆ ପରିବାର, ଆଠଗଡ଼ ନେହରୁ ଯୁବ କେନ୍ଦ୍ର, ଧବଳେଶ୍ୱର ୟୁଥ୍ ଆସୋସିଏନ, ଗୋମଙ୍ଗଳ ସମିତି, ଭୁବନେଶ୍ୱର, ଆଠଗଡ଼ ହନୁମାନ କୃପା ପରିଷଦ, ସ୍ୱର୍ଗଧାମ କଟକର ଶରତ ସାହୁଙ୍କ ସମେତ ବାଳକୃଷ୍ଣ ମହାପାତ୍ର, ତୁଳସୀରାମ ଜଗତ, ସୌରଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସମବାୟ ବାଣିଜ୍ୟିକ ମହାସଂଘ ସଭାପତି କବିତା ମଞ୍ଜରୀ ପରିଡ଼ା, ଉତ୍କଳ ଷ୍ଟୁଡେଣ୍ଟ ଆସୋସିଏସନ ପକ୍ଷରୁ ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ସାମଲ, ସତ ପ୍ରକାଶ ମିଶ୍ର, ଜନ୍ମେଜୟ ରଥ, ବିଶ୍ୱସ୍ୱରୂପ ନାୟକ, ସାଗର କୁମାର ସାହୁ, ଦିବ୍ୟ ସିଂହ, ରାଜା ରାଉତରାୟ, ହେମାନନ୍ଦ ମହାନ୍ତ, ରାଜ୍ୟ ସମାଜସେବୀ ମହାସଂଘ, ଓଡ଼ିଶା ପକ୍ଷରୁ ସଭାପତି ନାରାୟଣ ସାହୁ, ସମ୍ପାଦକ ସାଗର ଦାଶ, ଗଣମାଧ୍ୟମ ସଂଯୋଜକ ରଞ୍ଜୁକ୍ତା ବେହେରା ଓ ଦିଲୀପ ଜେନା ପ୍ରମୁଖ ରାଷ୍ଟ୍ରୀୟ ସମ୍ପାଦକ ରଥ ଓ କୋଷାଧ୍ୟକ୍ଷ ଜେନାଙ୍କୁ ସ୍ୱାଗତ କରିଥିଲେ।

# ଥଇଥାନ ଦାବିରେ ଜରଡା ଗ୍ରାମବାସୀଙ୍କ ଖଣିବନ୍ଦ ଆନ୍ଦୋଳନ

କଣିହାଁ, (ଭାସ୍କର ନ୍ୟୁଜ): ପ୍ରସ୍ତାବିତ ପଥରମୁଣ୍ଡା ପୁନର୍ବସତି ସ୍ଥାନରେ ଥଇଥାନ କରିବା ପାଇଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ ଶୁକ୍ରବାର ଠାରୁ ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ପ୍ରଶାସନ ଓ ଏମସିଏଲ୍ ସମସ୍ୟା ସମାଧାନ ନିମିତ୍ତ ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁ ନଥିବାରୁ ଗ୍ରାମର ମହିଳାମାନେ ସାମ୍ନାକୁ ଆସି ଧାରଣାରେ ସାମିଲ ହୋଇଛନ୍ତି। ଫଳରେ କଣିହାଁ କୋଇଲା ଖଣିରୁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଛି। ଏମସିଏଲ ମ୍ୟାନେଜମେଣ୍ଟ, ପ୍ରଶାସନ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିବା ବେଳେ କୌଣସି ସମାଧାନ ହୋଇନଥିବାରୁ ଖଣିବନ୍ଦ ଆନ୍ଦୋଳନ ଜାରି ରହିଛି। ସୂଚନାଯୋଗ୍ୟ ଯେ, ପ୍ରସ୍ତାବିତ ପଥରମୁଣ୍ଡା ବିସ୍ଥାପନ ସ୍ଥାନରେ ଥଇଥାନ ଦାବିରେ ଜରଡା ଗ୍ରାମବାସୀ କଣିହାଁ କୋଇଲାଖଣି ମେନ୍ ଗେଟ୍ ସମ୍ମୁଖରେ ବସି ରହି ଧାରଣା ଦେଇଛନ୍ତି।

# ଅସୁରକ୍ଷିତ ଚକଶୁଳିଆପଦା ବର୍ଡର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସୀମାନ୍ତରେ ଥିବା ଚକ ଶୁଳିଆପଦା ସୀମା ଦେଇ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଓ ପଶ୍ଚିମ ବଙ୍ଗରୁ ଓଡ଼ିଶା ମଧ୍ୟକୁ ଦିନରାତି ଯାନ ବାହନ ଯାତାୟାତ କରୁଛି। ସବୁବେଳେ ଖୋଲା ମେଲା ପଡିଛି ସାମନ୍ତ। କାହାରି ଉପରେ କାହାରି ନଜର ନାହିଁ। ଏଠାରେ ଯାତ୍ରୀମାନେ ବସିବାପାଇଁ ବିଶ୍ରାମଗାର ନାହିଁ, ପିଇବା ପାଣି ରସୁବିଧା ନାହିଁ.ରାତି ତମାମ ସମ୍ପୂର୍ଣ୍ଣ ଅନ୍ଧାର ରହୁଛି ବର୍ଡର। ଏଠାରେ ଖଣ୍ଡିଏ ଆଲୁଅର ବ୍ୟବସ୍ଥା ମଧ୍ୟ ଏଯାଏଁ ହୋଇପାରିନାହିଁ। ଏଠାରୁ ଛୋଟ ବଡ଼ ଚୋରୀ ଲାଗୁ ରହୁଛି। ଦୁଇ ନମ୍ବରୀ ଜିନିଷ ଏରାସ୍ତାରେ ଏପଟରୁ ସେପଟ ସେପଟରୁ ଏପଟକୁ ଆସୁଥିବା ସୂଚନା ରହିଛି। ଶହ ଶହ ଗୋରୁ ଓଡ଼ିଶାରୁ ପଶ୍ଚିମବଙ୍ଗ କୁ ଯାଉଥିବା ପୁରାଖବର ରହିଛି। ପୋଲିସ ପକ୍ଷରୁ ବର୍ଡରେ ନିୟମିତ ଚେକିଂ ବ୍ୟବସ୍ଥା କରାଗଲେ ଖୁବ୍ ଭଲ ହୁଅନ୍ତା ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି ଓ ପ୍ରଶାସନ ପକ୍ଷରୁ ବର୍ଡରରେ ପିଇବା ପାଣି, ବିଶ୍ରାମ ଗାର, ଓ ଗୋଟେ ସଲର ଲାଇଟ ର ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି।

# ଡ୍ରିଷ୍ଟ୍ରିବ୍ୟୁଟର ଲାଇସେନ୍ସରେ ନକଲି ପାଣି ପାଉଚ୍ ଫ୍ୟାକ୍ଟ୍ରି

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଗାଁ ଗହଳିରେ ବେଧଡ଼କ ଭାବେ ଚାଲିଛି ପାନୀୟ ଜଳ ବିକ୍ରି। କେଉଁଠି ପାଣି ପାଉଚ୍ ବିକ୍ରି ହେଉଛି ତ' କେଉଁଠି ପାଣି ବଟଲ୍, ପୁଣି କେଉଁଠି ଜାରକିନ୍ ପାଣି। ବିଶୁଦ୍ଧ ପାଣି ଓ ସଫା ପାଣି ଦେଖି ଗାଁ ଗହଳିଆ ଲୋକମାନେ ଢ଼କ-ଢ଼କ କରି ପିଇ ଯାଉଛନ୍ତି। କେହି କେବେ ଏହି ପାଣିର ମାନ ହେଉ ଅବା ଅସଲି-ନକଲି ଉପରେ ତନଖି ମଧ୍ୟ କରୁନାହାନ୍ତି, ଲୋକମାନେ ନିଜର କ୍ଷୁଧା ହେଉ ଅବା ତୃଷା ମେଣ୍ଟାଇବା ପାଇଁ ପାଣି ବ୍ୟବହାର କରୁଥିବା ବେଳେ ଅସଲି ବ୍ରାଣ୍ଡ ଭିତରେ ନକଲି ବ୍ରାଣ୍ଡର ପାଣି ଏବେ ଗାଁ ଗହଳି ଦୋକାନ ବଜାରରେ ବେଧଡ଼କ ଭାବେ ବିକ୍ରି ହେଉଛି। କେତେକ ଲୋକ ନିଜ ନିଜର ଘରେ ଗୋଟିଏ ଗୋଟିଏ ମିନି ପାଣି ଫ୍ୟାକ୍ଟ୍ରି ଖୋଲି ବେଧଡ଼କ ଭାବେ ବ୍ୟବସାୟ କରୁଛନ୍ତି। ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ ଙ୍କ କହିବା ଅନୁସାରେ ଖୋର୍ଦ୍ଧା ଜିଲ୍ଲାର ନାଚୁଣୀ ନିକଟସ୍ଥ ଗୋରଡାଝରୀ ଗ୍ରାମରେ ସନ୍ତୋଷ ନନ୍ଦ ନାମକ ଜଣେ ବ୍ୟକ୍ତି ପାଣି ଡିଷ୍ଟ୍ରିବ୍ୟୁସନ୍ କରିବା ପାଇଁ ଲାଇସେନ୍ସ ନେଇଛନ୍ତି, ହେଲେ ପାଣି ପ୍ରସ୍ତୁତ କରିବା ପାଇଁ କୌଣସି ଲାଇସେନ୍ସ ନେଇନାହାଁନ୍ତି, ମାତ୍ର ଗୋଟିଏ ଘରେ ପାଣି ପ୍ରସ୍ତୁତ ମେସିନ ଲଗାଇ ବେଆଇନ ଭାବେ ପାନୀୟ ଜଳ ପ୍ରସ୍ତୁତ କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ସନ୍ତୋଷ ନନ୍ଦ ଙ୍କର ପାଣି ଡିଷ୍ଟ୍ରିବ୍ୟୁସନ୍ କରିବା ଲାଇସେନ୍ସ କୁ ରଦ୍ଦ କରିବା ସହିତ ପ୍ରସ୍ତୁତ ହୋଇ ବିକ୍ରି ଉଦ୍ଦେଶ୍ୟରେ ଥିବା ପାଣି ପାଉଚ୍ ସବୁକୁ ନଷ୍ଟ କରିଛନ୍ତି, ତତ୍-ସହିତ ବେଆଇନ କାର୍ଯ୍ୟ ପାଇଁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଡିପ୍-ସିପ୍ ନାଁରେ ପାଣି ପାଉଚ୍ ଲେବୁଲ୍ ପ୍ୟାକେଟ୍ ମାର୍କେଟରେ ବିକ୍ରି ହେଉଥିଲା, ଯାହାକି ରେଜିଷ୍ଟ୍ରେସନ ହୋଇନଥିବା ଜଣାପଡିଛି, ତେଣୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ କହିଛନ୍ତି। ଖୁବଶୀଘ୍ର ବିଭିନ୍ନ ସ୍ଥାନରେ ଏପରି ଧରପଗଡ଼ କରାଯିବ ବୋଲି ଟାଙ୍ଗୀ ଫୁଡ୍ ସେଫ୍ଟି ଅଧିକାରୀ ଦେବାଶିଷ ବଳ କହିଛନ୍ତି।

## ଅମଠାରେ ପାଣି ପାଇଁ ସଂଘର୍ଷ

# ରାଜରାସ୍ତାକୁ ଓହ୍ଲାଇଲେ ମହିଳା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନଈନାଳ ,ପୋଖରୀ ସବୁ ଶୁଖିଗଲାଣି । ଏମିତିକି ମହିଳାମାନେ ବାଲିଚୁଆଁ ଖୋଳି ନେଉଥିବା ପାଣି ମଧ୍ୟ ଶୁଖିଗଲାଣି । ହରିଜନ ପଡାବାସୀ ପାଣି ପାଇଁ ଏବେ ଛଟପଟ ହେଉଥିବା ବେଳେ ଅନ୍ୟ ପଡାମାନଙ୍କରେ ପାଣି ଯୋଗାଇ ଦିଆଯାଉଛି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ଦେଲେ ନାହିଁ ବୋଲି ନିର୍ବାଚିତ ସରପଞ୍ଚ ପଡାବାସୀଙ୍କୁ ପାଣି ଯୋଗାଇ ଦେଉନଥିବା ନେଇ ପଡ଼ାବାସୀ ଅଭିଯୋଗ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅମଠା ଗ୍ରାମରେ । ଗ୍ରାମର ମହିଳାମାନେ ପ୍ରତିଦିନ ପାଣି ପାଇଁ ସଂଘର୍ଷ କରୁଛନ୍ତି । ବସୁଧା ଅଛି ହେଲେ କାମରେ ଆସୁନାହିଁ। ଘରକୁ ଘର ପାଣି ସପ୍ଲାଇ ହୋଇଛି, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇକି ଭାଙ୍ଗି ମଧ୍ୟ ଗଲାଣି । ହେଲେ ଦିନେ ବି ପାଣି ଟୋପେ ପାଇନାହାନ୍ତି । ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନକୁ ଜଣାଇଲେ ମଧ୍ୟ କେହିବି କର୍ଣ୍ଣପାତ କରୁନାହାନ୍ତି । ଏ ନେଇ ଫରଙ୍ଗ ସରପଞ୍ଚଙ୍କୁ କହିବାରୁ ତମ ପଡ଼ାବାସୀ ମତେ ଭୋଟ ଦେଇନାହାନ୍ତି ସେଥିପାଇଁ ପାଣି ଦିଆହେବନାହିଁ ବୋଲି କହିଥିଲେ ବୋଲି ଅମଠା ଗ୍ରାମର ହରିଜନ ପଡ଼ାବାସୀଙ୍କ ଠାରୁ ପ୍ରକାଶ ପାଇଛି । ଏପଟେ ସରପଞ୍ଚ ପ୍ରତିନିଧିତ୍ୱ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ପଚାରିବାରୁ ଏସବୁ ମିଥ୍ୟାକଥା ବୋଲି ସେ ଖଣ୍ଡନ କରିଥିଲେ । ସେହିଭଳି ମେଗା ପ୍ରୋଜେକ୍ଟ ପକ୍ଷରୁ ପ୍ରତିଘରେ ପାଇପ ବିଛାଇ ପାଣି କନେକସନ କରାଯାଇଛି, କିନ୍ତୁ କେବେ ବି ପାଣି ଟୋପେ ପାଇ ନାହାନ୍ତି। ଗୋଲାମୁଣ୍ଡା ବ୍ଲକରେ ନିର୍ମାଣ ହେଉଥିବା ମେଗା ପ୍ରୋଜେକ୍ଟ କଥା ନ କହିଲେ ସରେ । ବ୍ଲକର ୨୮ ଟି ପଞ୍ଚାୟତର ୧୨୧ ଗାଁ ବଳଦରେ ୧୨ଟି ଗାଁ କୁ ପାଣି ଯୋଗାଇ ଦିଆଯାଇଛି । ହେଲେ ଦୁର୍ଭାଗ୍ୟବଶତଃ ଅମଠା ଗ୍ରାମର ହରିଜନ ପଡାକୁ ପାଣି ଯାଉନଥିବାରୁ ଆଜି ଶତାଧିକ ମହିଳା ଗରା, ମାଠିଆ, ବାଲ୍ଟି ରଖି ବୃନ୍ଦାବାହାଲରୁ ଜାରିଙ୍ଗ କୁ ସଂଯୋଜକ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୬ ଘଣ୍ଟା ଯାଏଁ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଗୋଲାମୁଣ୍ଡା ଗ୍ରାମ୍ୟ ଜଳଯୋଗାଣ ଏଇଇ ରିତା ରାଣୀ କିସାନ ଆସି ବୁଝାସୁଝା କରି ପାଣି ଟ୍ୟାଙ୍କରର ଯୋଗେ ଜଳ ଯୋଗାଇଦେବା ସାଙ୍ଗେ ସାଙ୍ଗେ ସପ୍ତାହ ମଧ୍ୟରେ ମେଗା ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ଏହି ରାସ୍ତା ରୋକ ରେ ଯମୁନା ବାଗ, ମୁକ୍ତା ସୁନାନୀ, ଯଶୋଦା ଠାକୁର, ସୁରଙ୍ଗିନୀ ତାଣ୍ଡି, ଅହଲ୍ୟା ସୁନାନୀ, ସିନେ ହରିଜନ, ସଭ୍ୟ ବିହାରୀ, ଦୁଖୀ ତାଣ୍ଡି,ନିରମତି ସୁନାନୀ,ପୂର୍ଣ୍ଣମୀ ବେନୂଆ,କୁନ୍ତୀ ବିହାରୀ,ରାଜମତି ସୁନାନୀ,ମମତା ଠାକୁର,ପ୍ରତିମା ସେନାପତି ଓ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ ।

# ୨୦ରୁ ଖୋଲିବ ରବି ଧାନ ମଣ୍ଡି

ଭବାନୀପାଟଣା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାରେ ଆସନ୍ତା ୨୦ ତାରିଖରୁ ରବି (ଡାଲୁଆ) ଧାନ ପାଇଁ ମଣ୍ଡି ଖୋଲିବ। ଏହା ପୂର୍ବରୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଭବାନୀପାଟଣା ସ୍ଥିତ ଟାଉନ ହଲଠାରେ ଏକ ଜରୁରି ବୈଠକ କରିଛନ୍ତି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡ଼ିଓ, ଆରଏମ୍‌ସି କର୍ମଚାରୀ, ପାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ। ବିଗତ ଦିନରେ ଧାନ କ୍ରୟରେ ଉପୁଜିଥିବା ସମସ୍ୟାର ଯେପରି ପୁନରାବୃତ୍ତି ନହେବ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଧାନ ଜିଲ୍ଲାରେ ଯେମିତି ବିକ୍ରି ନ ହେବ ସେଥିପ୍ରତି ସଜାଗ ରହିବାକୁ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଜିଲ୍ଲାପାଳ କହିଥିଲେ। ଏହାସହ ବାହାର ରାଜ୍ୟରୁ ଧାନ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ମେ' ୨୦ରୁ ଜିଲ୍ଲାର ୧୪୫ ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୮୮ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ ପାଇଁ ନିର୍ଦ୍ଧାରିତ କରାଯାଇଛି। ମିଲର୍ସ ଚାଷୀଙ୍କୁ ଆବଶ୍ୟକ ବ୍ୟାଗ୍ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସାଧାରଣ ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୦୦ ଏବଂ ଗ୍ରେଡ ଏ' ଏଫ୍‌ଏକ୍ୟୁ ଧାନ କୁଇଣ୍ଟାଲ ପିଛା ୨,୩୨୦ ସହିତ ଏମ୍‌ଏସ୍‌ପି ୮୦୦ ଟଙ୍କା ସର୍ବମୋଟ କୁଇଣ୍ଟାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ପାଇବେ। ୮୮ ମିଲର୍ସଙ୍କ ମଧ୍ୟରୁ ଉଷୁନା ଚାଉଳ ପାଇଁ ୭୦ ଥିବାବେଳେ ଅରୁଆ ଚାଉଳ ପାଇଁ ୧୮ ଅଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ, ଜରୁରିକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଗତ ଦିନର ଛତିଶଗଡ ରାଜ୍ୟରୁ ବେଆଇନ ଭାବରେ ଧାନ ଆଣି ଏଠାରେ କିଛି ପାକ୍ସ ଓ ବଜାର କମିଟି କର୍ମଚାରୀ ମିଶି ତାହାକୁ ବିକ୍ରି କରିଥିବା ଅଭିଯୋଗ ଆସିବା ପରେ ଚଳିତବର୍ଷ କଳାହାଣ୍ଡି ଓ ଛତିଶଗଡ ସୀମାରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଏହା ପରେ ମଧ୍ୟ କୌଣସି କର୍ମଚାରୀ ଏଥିରେ ସମ୍ପୃକ୍ତ ରହିଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି।

# ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ଧର୍ମଗଡ, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସଭାଗୃହରେ ଧର୍ମଗଡ ତହସିଲ ତରଫରୁ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଧର୍ମଗଡ ଉପଜିଲ୍ଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରମୁଖ ପ୍ରଥମ ପର୍ଯ୍ୟାୟରେ ଧର୍ମଗଡ ତହସିଲର ଖଇରପଦର, କିର୍କିକାନି, କାଙ୍କେରୀ, ଧର୍ମଗଡ (ଗ୍ରାମାଞ୍ଚଳ) ରାଜସ୍ୱ ନିରୀକ୍ଷକ ଅଞ୍ଚଳର ମୋଟ ୫୭ ଜଣ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରେକର୍ଡ କିପର ଗୋପାଳ ମେହେର ପରିଚାଳନା କରିଥିବା ବେଳେ ବଡବାବୁ ସୁନୀଲ କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ରେଭେନ୍ୟୁ ସୁପରଭାଇଜର ରଂଜିତ କୁମାର ରାଉତ, ସିନିୟର କ୍ଲର୍କ ଆଶିଷ କୁମାର ପଣ୍ଡା, ସତ୍ୟବାନ ନାଏକ, ନାଜିର ହରି ମେହେର, ଡିଇଓ କିରଣ କରଆଁ, ଚନ୍ଦ୍ରକାନ୍ତ ଦୁରିଆ, ବିକାଶ କୁମାର ନାଏକ ସମେତ ସମସ୍ତ ଆର୍‌ଆଇ ଏବଂ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

# ପିଚୁ ପ୍ଲାଣ୍ଟ ପାଇଁ ବଢୁଛି ଜନଅସନ୍ତୋଷ



ନର୍ଲା , (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ରୁପ୍ରାରୋଡ ପଞ୍ଚାୟତ ଲାଖଗୁଡା ନିକଟରେ ଥିବା ଏକ ପିଚୁ ପ୍ଲାଣ୍ଟ ଯୋଗୁ ଜନ ଅସନ୍ତୋଷ ପ୍ରକାଶପାଉଛି । ପ୍ଲାଣ୍ଟରୁ ନିର୍ଗତ ଦୁର୍ଗନ୍ଧମୟ କଳା ଧୂଆଁ ଆକାଶ ଓ ପାରିପାର୍ଶ୍ୱିକକୁ କଳା ଧୂମମୟ କରିପକାଉଛି । ଯାହା କି ମୁଖ୍ୟ ରାସ୍ତାରୁ ୨୦ ରୁ ୩୦ ମିଟର ବ୍ୟବଧାନରେ ଅବସ୍ଥିତ। ଯାହା ଫଳରେ ରାସ୍ତାରେ ଯିବା ଆସିବା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ଲାଣ୍ଟରେ ଗଚ୍ଛିତ ବଜରି ଓ ଧୂଳି କଣା ଉଡି ନାକ, କାନ, ଆଖିରେ ପଡି ଲୋକେ ରୋଗାକ୍ରାନ୍ତ ହୋଇ ଆସିଥିବା ବେଳେ ଆଖପାଖ ଅଞ୍ଚଳର ଚାଷ ଜମି ନଷ୍ଟ ହେଉଛି ଓ ଅନେକ ଦୁର୍ଘଟଣା ଘଟୁଛି । ପ୍ଲାଣ୍ଟ ଚାରିପଟେ ଉଚ୍ଚ ପାଚେରି ମଧ୍ୟ ନିର୍ମାଣ କରାଯାଇ ନାହିଁ କି ଗଚ୍ଛିତ ବଜୁରି ଗୁଣ୍ଡ ଓ ଧୂଳିରେ ପାଣି ମଧ୍ୟ ସିଞ୍ଚନ କରାଯାଉନାହିଁ । ପାଖରେ ଲାଖଗୁଡା ଓ ମାଳିପଡା ସମ୍ମୁଖରେ ସାନ୍ଦୁଲ ନଦୀ, ନିକଟରେ ଐତିହାସିକ ଦୁର୍ଗ ଅସୁରଗଡ ଅଛି । ଏହି ପ୍ଲାଣ୍ଟଟି ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଣାଙ୍କ ସମୟରୁ ଚାଲୁଥିବାବେଳେ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଣା ମଧ୍ୟ ଏନ୍‌ଓସି ଦେଇନଥିବା ପ୍ରକାଶ କରିଥିଲେ । ବର୍ତ୍ତମାନର ସରପଞ୍ଚ ହେମନ୍ତ ଭୋଇ ମଧ୍ୟ ଏନଓସି ଦେଇନଥିବା କିଛି ମାସ ପୂର୍ବେ ପ୍ରକାଶ କରିଥିଲେ । ସ୍ଥାନୀୟ ସରପଞ୍ଚଙ୍କ ବିନା ଏନ୍‌ଓସି ଓ ପ୍ରଦୂଷଣ ବିଭାଗ କିପରି ପରମିସନ ଦେଲେ । ଯଦି ପରମସନ ଦିଆଗଲା ତାହା ହେଲେ ଗାଇଡଲାଇନ କାହିଁକି ମାନୁନାହିଁ। ଚାଷ ଜମି କନଭରସେନ ମଧ୍ୟ ହୋଇନଥିବା ବେଳେ ଏହି ପ୍ଲାଣ୍ଟ କିଭଳି ସ୍ଥାପନ ହୋଇଛି ଏହା ନେଇ ପ୍ରଶ୍ନ ସୃଷ୍ଟି ହେଉଛି । ଏ ନେଇ କିଛି ମାସ ତଳେ ନର୍ଲାର ପୂର୍ବତନ ତହସିଲଦାର ଶଙ୍କର ବାଗଙ୍କୁ ମଧ୍ୟ ଲୋକେ ଲିଖିତ ଅଭିଯୋଗ କରିଥିଲେ । ଏତିକି ନୁହେଁ ଏକ ମାସ ପୂର୍ବରୁ ମଧ୍ୟ ନର୍ଲା ପୋଲିସରେ ଲାଖଗୁଡା ମହିଳା ଓ ପୁରୁଷ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ସବୁ ଫସର ଫାଟି ଯାଉଛି । ଏତିକି ନୁହେଁ ଏହି ପିଚୁ ପ୍ଲାଣ୍ଟରୁ ଅନେକ ସ୍ଥାନରେ ନିର୍ମିତ ହେବାକୁ ଥିବା ରାସ୍ତା ପାଇଁ ବଜରି ମିଶ୍ରିତ ପିଚୁ ସପ୍ଲାଇ କରି ପଇସା ଉପାର୍ଜନ କରୁଥିବା ବେଳେ ରୁପ୍ରାରୋଡ ଦେଇ ଯାଉଥିବା ଗାଡ଼ି ଅନେକ ଲୋକଙ୍କର ଘର ସମ୍ମୁଖରେ ଥିବା ଡ୍ରେନର ପ୍ଲେଟ ଉପରେ ଚଢାଇ ଭାଙ୍ଗି ଦେଉଛନ୍ତି । ଏଥିରୁ ଜଣା ପଡୁଛି ଯେ ଡ୍ରାଇଭର ବିନା ଲାଇସେନ୍ସଧାରୀ ଓ ମଦ୍ୟପାନ କରି ଚଳାଉଥିବା ଜଣାପଡୁଛି । ଏହା ଉପରେ ଅଙ୍କୁଶ ନ ଲଗାଇଲେ ଅତି ଶୀଘ୍ର ପ୍ଲେଟ ବଦଳରେ ଜନସାଧାରଣଙ୍କ ମୁଣ୍ଡ ଗଡିବ ବୋଲି ଚର୍ଚ୍ଚା ହେଉଛି । ଗାଡିଗୁଡିକ ଚାଲିବା ଯୋଗୁଁ ଧୂଳି ଉଠୁଛି ହେଲେ ରାସ୍ତା ପାଣି ମଧ୍ୟ ସିଞ୍ଚନ ମଧ୍ୟ କରାଯାଉନାହିଁ । ଏଥିରୁ ଜଣାପଡୁଛି ଯେ ଏହା ପ୍ଲାଣ୍ଟ ପଛରେ କାହାର ଛତ୍ରଛାୟା ଅଛି ଅଥବା ଲେଣଦେଣ ହେଉଥିବ ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

# ଟପ୍ପର ଅନିକେତଙ୍କୁ ସମ୍ବର୍ଦ୍ଧନା



ଜୁନାଗଡ, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସାମ୍ବାଦିକ ସଙ୍ଘ ପକ୍ଷରୁ ଜୁନାଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଙ୍ଘର ସଭାପତି ଖଗେଶ୍ୱର ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସଂଘର ପୂର୍ବତନ ସଭାପତି ହିମାଂଶୁ ଶେଖର ବରାଡ଼, ସନ୍ତୋଷ ସିଂହଦେଓ,ରବିଶଙ୍କର ସୁନାନୀ, ନରେନ୍ଦ୍ର କ୍ଷିତି ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଜୁନାଗଡ଼ ଆଦର୍ଶବିଦ୍ୟାଳୟ ଛାତ୍ର ଅନିକେତ ପଣ୍ଡା ସିବିଏସ ସି ଦଶମ ଶ୍ରେଣୀରେ କଳାହାଣ୍ଡି ଟପ୍ପର ହୋଇଥିବାରୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ପାଦକ ରବିଶଙ୍କର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ରଜନୀକାନ୍ତ ମିଶ୍ର, ସଂଘର ବରିଷ୍ଠ ସୁନ୍ଦର ମୋହନ ଛତ୍ରିଆ, ଆଦିତ୍ୟ ମହାନ୍ତି, କୁମାରମଣି ଦୁର୍ଗା, ସୁନୀଲ ସିଂ, ବ୍ୟୋମକେଶ ପୁରୋହିତ, ରାକେଶ ବେମାଲ, ଭୋକରଧନ ଧଙ୍ଗଡାମାଝୀ, ରୋହିତ ବାଗ, ଅଂଶୁମାନ ଯୋଶୀ ଏବଂ ଛାତ୍ର ଅନିକେତ ପଣ୍ଡାଙ୍କ ବାପା ନରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ




ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଦ୍ୱାଦଶ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି । ଧର୍ମଗଡ଼ ସ୍ଥିତ ଚାରିଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ମହାବିଦ୍ୟାଳୟକୁ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ସମ୍ମାନିତ ଅତିଥି ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର, ପୂର୍ବତନ ପଞ୍ଚାୟତ କଲେଜ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ଯଶୋଦା ଅନାଥ ଆଶ୍ରମର ପରିଚାଳକ ଶ୍ୟାମସୁନ୍ଦର ଜାଲ, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଶ୍ୟାମସୁନ୍ଦର ମାଝୀ, ଅଧ୍ୟାପକ ସରୋଜ ପଣ୍ଡା, କିସର ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । କିସ୍ ବିଦ୍ୟାଳୟର କୁନିକୁନି ଛାତ୍ରୀ ମାନଙ୍କ ଦ୍ୱାରା ନାଚ, ଗୀତର ପ୍ରତିଯୋଗିତା ହୋଇଥିଲା କୃତୀ ଛାତ୍ରୀମାନଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକବଂକିମ ମୁଣ୍ଡ ସଭା ପରିଚାଳନା କରିଥିବା ବେଳେ କିସର ମେନେଜମେଣ୍ଟ ଷ୍ଟାଫ ସିଧାନ୍ତ ମାଝୀ, କିସର ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ପୁରୋହିତ, କଳିଙ୍ଗ ଟିଭି ସାମ୍ବାଦିକ ଆଶୁତୋଷ ରାଉତ, କିସ ଅଭିଭାବକ ସଙ୍ଘର ସଭାପତି ରୁକୁରାମ ଶବର, ବନମାଳୀ ଭୋଇ, ଇନ୍ଦ୍ରିଜିତ ନାଏକ, ପ୍ରବିତ୍ର ମୋହନ ଶବର, ଡୋଲେଶ୍ୱର ଶବର ପ୍ରମୁଖ ସହଯୋଗ କରିଥିଲେ। ଅଚ୍ୟୁତ ସାମନ୍ତଙ୍କର ଏଭଳି ମହତ କାର୍ଯ୍ୟକ୍ରମକୁ ସମସ୍ତ ଅତିଥିଗଣ ପ୍ରଶଂସା କରିଥିଲେ ।

# ୧୦ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପାତ୍ର



## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ


କେସିଙ୍ଗା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ମୁଖ୍ୟ ଦ୍ୱାର ଭାବେ କେସିଙ୍ଗା ପରିଚିତ । ହେଲେ କେସିଙ୍ଗା ଅଞ୍ଚଳର ଉନ୍ନତି ଯେଉଁ ଭଳି ହେବା କଥା ତାହା ହେଉନଥିବା ଅଭିଯୋଗ ହେଉଛି । ରାଜ୍ୟର ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ କେସିଙ୍ଗା ରେଲୱେ ଷ୍ଟେସନ ଠାରୁ ସିଧାସଳଖ ଭାବେ ଦୈନିକ ଟ୍ରେନ ସୁବିଧା ନହେବା, କୋଣାର୍କ ସୂତାକଳକୁ ପୁନରୁଦ୍ଧାର କରିବାରେ ସରକାରଙ୍କ ଆନ୍ତରିକତା ଅଭାବ, କେସିଙ୍ଗା ସହର ଉପଖଣ୍ଡ ଦେଇ ବାଇପାସ୍ ରାସ୍ତା ନିର୍ମାଣ ପ୍ରତି ସରକାରଙ୍କ ଦୃଷ୍ଟିନପଡ଼ିବା ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କେସିଙ୍ଗା ଅଞ୍ଚଳକୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି । କେସିଙ୍ଗା ସହର ତଥା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସଚେତନ ନାଗରିକ ମଞ୍ଚ ତରଫରୁ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଠାରେ ଦୃଷ୍ଟିଆକର୍ଷଣ କରାଯାଇ ତାହାର ସମାଧାନ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି । ହେଲେ ଦାବିଗୁଡ଼ିକ ପ୍ରତି ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେନେଇ ଅଞ୍ଚଳବାସୀଙ୍କ ପାଖରେ କୌଣସି ସୂଚନା ନଥିବା ଜଣାପଡିଛି । ଯାହାକୁ ନେଇ ସଚେତନ ନାଗରିକ ମଞ୍ଚର ଆବାହକତ୍ୱରେ ଆଗାମୀ ଦିନରେ ଗଣତାନ୍ତ୍ରିକ ବିଧି ବିଧାନ ଅନୁସାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । ପ୍ରକାଶ ଯୋଗ୍ୟ ଯେ, ଦୀର୍ଘ ୪୦ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ କରାଯିବାକୁ ନେଇ ସଚେତନ ନାଗରିକ ମଞ୍ଚ ପ୍ରଥମ ଦାବି ଉପସ୍ଥାପନ କରାଯାଇଛି । ସେହିପରି କେସିଙ୍ଗା ରେଲୱେ ଷ୍ଟେସନ ଠାରୁ ରାଜଧାନୀ ଭୁବନେଶ୍ୱରକୁ ଦୈନିକ ସିଧାସଳଖ ଟ୍ରେନ୍ ସୁବିଧା, କେସିଙ୍ଗା ସହରରେ ଟ୍ରାଫିକ ବ୍ୟବସ୍ଥାରେ ନିୟନ୍ତ୍ରଣ ପାଇଁ କେସିଙ୍ଗା ସହର ଉପକଣ୍ଠ ଦେଇ କନ୍ତେଶିର ଠାରୁ ଯୋଲକୋ ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ, କେସିଙ୍ଗାକୁ ଏକ ବୃହତ୍ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନ ସହିତ କନ୍ତେଶିର, ସିରୋଲ ଏବଂ ଲଇତରା ଗ୍ରାମ ପଞ୍ଚାୟତ ଗୁଡିକୁ ଏଥିରେ ସାମିଲ କରିବା, କେସିଙ୍ଗାର ତୁର୍ଲାଖମନ ଠାରେ ହେବାକୁ ଥିବା ବହୁମୂଖୀ ତେଲ ବ୍ୟାରେଜର ସୁପ୍ତ ଅବସ୍ଥା କଟାଯାଇ ତୁରନ୍ତ କାର୍ଯ୍ୟକାରୀ କରିବା, ପରଲସିଙ୍ଗା, ବାଲସି ଏବଂ ସିରୋଲ ଗ୍ରାମ ପଞ୍ଚାୟତକୁ ନେଇ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରାଯିବା, କେସିଙ୍ଗା ସହରର ମଧ୍ୟ ଭାଗରେ ଥିବା ବୁଢ଼ାଡଙ୍ଗର ପାହାଡ଼ର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ତାହାର ପାଦଦେଶରେ ଥିବା ୱାର୍ଡ ନମ୍ବର ୧୦,୧୧ ଏବଂ ୧୨ ଅଞ୍ଚଳର ଲୋକଙ୍କ ପାଇଁ ଆବାସର ବ୍ୟବସ୍ଥା, କେସିଙ୍ଗା ଠାରେ ଥିବା ରେଲୱେ ମେଲ୍ ସର୍ଭିସ୍ କୁ ବଲାଙ୍ଗୀର କୁ ସ୍ଥାନାନ୍ତରଣ ବାତିଲ, କେସିଙ୍ଗା ସହରର ମଧ୍ୟ ଭାଗରେ ରହିଥିବା ତେଲ,ରେତ ଏବଂ ସୁନ୍ଦର ନଦୀର ସଙ୍ଗମ ପୀଠକୁ ପର୍ଯ୍ୟଟନସ୍ଥଳୀ ରୂପେ ଘୋଷଣା ଏବଂ ଉନ୍ନତିକରଣ କରିବା ଏବଂ ମଞ୍ଜୁରିପ୍ରାପ୍ତ କେସିଙ୍ଗା ଭବାନୀପାଟଣା ରେଳ ଲାଇନ୍ କୁ ଚଳିତ ଆର୍ଥିକ ବର୍ଷ ଠାରୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବାକୁ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି । ଆସନ୍ତା ୧୫ ଦିନ ଭିତରେ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୂରଣ ନହେଲେ ଗଣତାନ୍ତ୍ରିକ ବିଧି ବିଧାନ ଅନୁସାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କେସିଙ୍ଗା ସଚେତନ ନାଗରିକ ମଞ୍ଚ ତରଫରୁ ସରକାରଙ୍କ ଠାରେ ଚେତାବନୀ ଦିଆଯାଇଛି। ମଞ୍ଚ ପକ୍ଷରୁ ଦଶ ଦଫା ଦାବି ଉପସ୍ଥାପନ ପ୍ରସ୍ତୁତ କରି କେସିଙ୍ଗା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର କଳାହାଣ୍ଡି ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି । ତତ୍ ସହିତ ଏହାର ଏକ କପି କେସିଙ୍ଗା ଆଦର୍ଶ ଥାନା ଆଇଆଇସି ଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ନେଇ କେସିଙ୍ଗା ସଚେତନ ନାଗରିକ ମଞ୍ଚର ସଭାପତି ଉତ୍ତର ମହଲା ପ୍ରକାଶ କରିଛନ୍ତି।

# ରାଶିଫଳ


ରବିବାର, ୧୮ ମଇ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବ ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କ ଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ। ଶାରୀରିକ ଆରାମ ମିଳିବ। ଆୟରେ ନିଶ୍ଚିତତା ରହିବ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଞ୍ଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ।



ଜ୍ୟୋତିଷ ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯